# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 6/2024 Page 18 ₹ 7.00 | SAMBALPUR

୫୦ଶ ଭାଗ ୪୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 44 ମୂଲ୍ୟ ₹୭/-





ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ Bhubaneswar, Saturday, January 6/2024


## ସ୍ୱାତୀ ମାଲିୱାଲ୍ ଏଏପିର ରାଜ୍ୟ ସଭା ପ୍ରାର୍ଥୀ

**ନୂଆଦିଲ୍ଲୀ,୫।୧:** ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ୍‌ଙ୍କୁ ଏଏପି ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ରାଜ୍ୟ ସଭାରେ ଦିଲ୍ଲୀରୁ ୩ ଆସନ ଖାଲି ହେବାକୁ ଯାଉଥିବାବେଳେ ଏଥିପାଇଁ ଜାନୁଆରୀ ୧୯ରେ ନିର୍ବାଚନ ହେବ। ବର୍ତ୍ତମାନର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ, ସୁଶୀଲ କୁମାର ଗୁପ୍ତା ଏବଂ ନାରାୟଣ ଦାସଗୁପ୍ତାଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଚଳିତ ମାସ ୨୭ରେ ଶେଷ ହେବାକୁ ଯାଉଛି। ସଞ୍ଜୟ ସିଂ ଏବଂ ନାରାୟଣ ଦାସଗୁପ୍ତାଙ୍କୁ ପୁନର୍ବାର ରାଜ୍ୟ ସଭାକୁ ପଠାଇବା ନିମନ୍ତେ ଦଳ ନିଷ୍ପତ୍ତି ନେଇଛି।



## ଦାଉଦ୍‌ଙ୍କ ସମ୍ପତ୍ତି ନିଲାମ ହେଲା

**ମୁମ୍ବାଇ,୫।୧:** ଭାରତର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍‌ଙ୍କ ପରିବାର ସଦସ୍ୟଙ୍କ ନାଁରେ ଥିବା ୨ଟି ସମ୍ପତ୍ତି ଶୁକ୍ରବାର ନିଲାମ ଜରିଆରେ ବିକ୍ରି ହୋଇଛି। ତସ୍କର ଏବଂ ବିଦେଶୀ ବିନିମୟ ଅପରେଟରଙ୍କ (ସମ୍ପତ୍ତି ଜବତ) ଆଇନ ଅନୁଯାୟୀ ଦାଉଦ୍‌ଙ୍କ ମହାରାଷ୍ଟ୍ରର ରତ୍ନଗିରି ଜିଲା ମୁମ୍ବକେ ଗ୍ରାମରେ ଥିବା ୪ଟି ସମ୍ପତ୍ତିର ନିଲାମ ଡାକିଥିଲେ। ୨ଟି ଜମି ପାଇଁ କେହି ବିଡ୍ ଦାଖଲ କରି ନ ଥିଲେ। ଅନ୍ୟ ୨ଟି ଜମିକୁ ଜଣେ ବ୍ୟକ୍ତି କିଣିଛନ୍ତି। ୧୭୦.୯୮ ବର୍ଗମିଟରର କୃଷି ଜମି୨.୦୧ କୋଟିରେ ଏବଂ ୧୭୩୦ ବର୍ଗମିଟରର ଅନ୍ୟ ଏକ ଜମି ୩.୨୮ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି।

# ତଦନ୍ତକାରୀ ଇଡି ଅଫିସରଙ୍କୁ ଆକ୍ରମଣ

### ରାଶନ ଦୁର୍ନୀତି
### ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ପାଇଁ ଭାଜପା, କଂଗ୍ରେସର ଦାବି

**କୋଲକାତା,୫।୧**

ରାଶନ ବଣ୍ଟନ ଦୁର୍ନୀତିର ତଦନ୍ତ କରିବାକୁ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାକୁ ଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଫିସରଙ୍କ ଉପରେ ଆକ୍ରମଣ ହୋଇଛି। ଏହାକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ଭାଜପା ଏବଂ କଂଗ୍ରେସ ଦାବି କରିଥିବାବେଳେ କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ଉସୁକାଉଥିବା ଶାସକ ଟିଏମ୍‌ସି କହିଛି।

ରାଶନ ବଣ୍ଟନ ଦୁର୍ନୀତିରେ ସମ୍ପୃକ୍ତ ଟିଏମ୍‌ସି ନେତା ଶେଖ୍ ସାଜହନଙ୍କ ସନ୍ଦେଶଖଲି ବାସଭବନକୁ ତଦନ୍ତ କରିବାକୁ ଇଡି ଅଧିକାରୀମାନେ ଯାଇଥିଲେ। ଏହି ସମୟରେ ଶେଖ୍‌ଙ୍କ ସମର୍ଥକମାନେ ଇଡି ଅଧିକାରୀଙ୍କୁ ଆକ୍ରମଣ କରିବା ସହ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଇଡିର ୨ ଅଧିକାରୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରାଶନ ଦୁର୍ନୀତିରେ ପଶ୍ଚିମବଙ୍ଗ ମନ୍ତ୍ରୀ ଜ୍ୟୋତିପ୍ରିୟୋ ମଲ୍ଲିକ ଗିରଫ ହୋଇଥିବାବେଳେ ସାଜହନ ହେଉଛନ୍ତି ତାଙ୍କର ଘନିଷ୍ଠ ସହଯୋଗୀ।

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ସୁରକ୍ଷା ଓ ଅନ୍ୟାନ୍ୟ ସମ୍ବଳ ଯୋଗାଇଦେବା ଜରୁରୀ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନୀତୀଶ ପ୍ରମାଣିକ କହିଛନ୍ତି। ଏହି ଆକ୍ରମଣ କେବଳ ପଶ୍ଚିମବଙ୍ଗରେ ଘଟିନାହିଁ, ଏହା ରାଷ୍ଟ୍ରର ସଂଘୀୟ ଢାଞ୍ଚା ଉପରେ ଆକ୍ରମଣ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। କ'ଣ ପାଇଁ ପଶ୍ଚିମବଙ୍ଗରେ ବାରମ୍ବାର ଏଭଳି ଘଟଣା ଘଟୁଛି ବୋଲି ପ୍ରମାଣିକ ପ୍ରଶ୍ନ କରିଛନ୍ତି। ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ନିମନ୍ତେ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖିଛନ୍ତି। କେନ୍ଦ୍ରୀୟ ସଂସ୍ଥାର ତଦନ୍ତ ପ୍ରକ୍ରିୟାର ସତ୍ୟନିଷ୍ଠତାକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମୁତୟନ ନିମନ୍ତେ ମଧ୍ୟ ମଜୁମଦାର ଦାବି କରିଛନ୍ତି। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ତୃଣମୂଳ କଂଗ୍ରେସ ଶାସନରେ ଆଇନ ଶୃଙ୍ଖଳା ଲୋପ ପାଇଯାଇଛି। ତେଣୁ ପଶ୍ଚିମବଙ୍ଗରେ ତୁରନ୍ତ ରାଷ୍ଟ୍ରପତି ଶାସନ ଲାଗୁହେବା ଆମେ ଦାବି କରୁଛୁ ବୋଲି ଅଧୀର କହିଛନ୍ତି।



ଆହତ ଇଡ଼ି ଅଫିସରଙ୍କୁ ହସ୍ପିଟାଲ ନିଆଯାଉଛି।

## ଫେଣ୍ଟାନିଲ ଇଞ୍ଜେକ୍ଶନ ବଦଳରେ ପାଣି :୧୦ ରୋଗୀ ମୃତ

**ୱାଶିଂଟନ,୫।୧**

ଆମେରିକାର ଓରେଗନ୍ ହସ୍ପିଟାଲକୁ ଯୋଗାଇଦିଆଯାଉଥିବା ଯନ୍ତ୍ରଣା ଉପଶମ ଇଞ୍ଜେକ୍ଶନ ଫେଣ୍ଟାନିଲ୍ ଇଣ୍ଟ୍ରାଭେନସ୍ (ଆଇଭି) ସ୍ଥାନରେ ଜଣେ ନର୍ସ ଷ୍ଟେରିଲାଇଜ୍ ହୋଇ ନ ଥିବା ଟ୍ୟାପ୍ ପାଣିକୁ ଇଞ୍ଜେକ୍ଶନ ଭାବେ ରୋଗୀଙ୍କୁ ଦେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଫେଣ୍ଟାନିଲ୍ ଆଇଭିର ଅପବ୍ୟବହାର କରାଯାଇଥିବାବେଳେ ଏହାକୁ ଲୁଚାଇବାକୁ ଯାଇ ନର୍ସ ରୋଗୀଙ୍କୁ ଇଞ୍ଜେକ୍ଶନ ଦେବାରେ ପାଣି ବ୍ୟବହାର କରୁଥିଲେ। ମେଡ୍‌ଫୋର୍ଡସ୍ଥିତ ଆସାଣ୍ଟେ ରୋଗ୍ୟୁ ରିଜିଅନାଲ ମେଡିକାଲ ସେଣ୍ଟରରେ ଏହି ଘଟଣା ଘଟିଛି। ପୋଲିସ ଏବେ ଫେଣ୍ଟାନିଲ୍ ଆଇଭି ଚୋରିର ତଦନ୍ତ ଚଳାଇଛି। ହସ୍ପିଟାଲର ଜଣେ ପୂର୍ବତନ କର୍ମଚାରୀ ଉକ୍ତ ଇଞ୍ଜେକ୍ଶନକୁ ଚୋରି କରିଥିବା ବିଶ୍ୱାସ କରି କର୍ତ୍ତୃପକ୍ଷ ଗତ ମାସରେ ପୋଲିସକୁ ଜଣାଇଥିଲେ। ୨୦୨୨ ଆରମ୍ଭରୁ ହସ୍ପିଟାଲରେ ଫେଣ୍ଟାନିଲ୍‌ର ବାଟମାରଣା ହେଉଥିବାବେଳେ ଏହାକୁ ଲୁଚାଇବା ପାଇଁ ରୋଗୀଙ୍କୁ ନର୍ସ ଷ୍ଟେରିଲାଇଜ୍ ହୋଇ ନ ଥିବା ଟ୍ୟାପ୍ ପାଣିକୁ ଇଞ୍ଜେକ୍ଶନ ଭାବେ ଦେଉଥିଲେ। ଫଳରେ ସଂକ୍ରମିତ ହୋଇ ରୋଗୀଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଛନ୍ତି।

## ଭବିଷ୍ୟତ ମିଶନ ପାଇଁ ବ୍ୟାଟେରି ପରୀକ୍ଷା କଲା ଇସ୍ରୋ

**ବେଙ୍ଗାଲୁରୁ,୫।୧**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ଏହାର ଭବିଷ୍ୟତର ଇନ୍ଧନ ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ବ୍ୟାଟେରିର ସଫଳ ପରୀକ୍ଷା କରିଛି। ପ୍ରସ୍ତାବିତ ମହାକାଶ କେନ୍ଦ୍ରକୁ ଶକ୍ତି ଯୋଗାଇବାରେ ଏହି ଫୁଏଲ୍ ସେଲ୍ ସହାୟକ ହେବା ସହ ସାମାଜିକ କାର୍ଯ୍ୟରେ ମଧ୍ୟ ଏହାକୁ ଲଗାଯାଇପାରିବ। ଜାନୁଆରୀ ୧ରେ ପିଏସ୍‌ଏଲ୍‌ଭି-ସି୫୮ରେ ମହାକାଶକୁ ପଠାଯାଇଥିବା ପିଏସ୍‌ଏଲ୍‌ଭି ଅର୍ବିଟାଲ ଏକ୍ସପେରିମେଣ୍ଟାଲ ମଡ୍ୟୁଲ୍ (ପିଓଇଏମ୍)ରେ ଉକ୍ତ ୧୦୦ ୱାଟ୍ ଶ୍ରେଣୀର ପଲିମର ଇଲେକ୍ଟ୍ରୋଲାଇଟ୍ ମେମ୍ବ୍ରେନ୍ ଫୁଏଲ୍ ସେଲ୍‌କୁ ପରୀକ୍ଷା କରାଯାଇଛି। ଏହା ମହାକାଶ କେନ୍ଦ୍ରରେ ଶକ୍ତିର ଉତ୍ସ ହେବା ସହ ଉଭୟ ଶକ୍ତି ଓ ବିଶୁଦ୍ଧ ଜଳ ଯୋଗାଇପାରିବ। ପିଓଇଏମ୍‌ରେ ସ୍ୱଳ୍ପ ସମୟର ପରୀକ୍ଷାରେ ଉଚ୍ଚ ଚାପଯୁକ୍ତ ପାତ୍ରରେ ଥିବା ଅମ୍ଳଜାନ ଓ ଉଦ୍‌ଜାନରୁ ୧୮୦ ୱାଟ୍ ଶକ୍ତି ମିଳିଥିଲା।

## କଂଗ୍ରେସ ବିଧାୟକଙ୍କ ଘରୁ ୫ କୋଟି ଟଙ୍କା, ବିଦେଶୀ ଅସ୍ତ୍ର ଜବତ



**ଚଣ୍ଡିଗଡ଼,୫।୧**

ହରିୟାଣାର ଜଣେ କଂଗ୍ରେସ ବିଧାୟକ ଓ ଅନ୍ୟ ଜଣେ ପୂର୍ବତନ ବିଧାୟକଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରି ନଗଦ ୫ କୋଟି ଟଙ୍କା ସହ ୧୦୦ ବୋତଲରୁ ଅଧିକ ମଦ, ବିଦେଶୀ ଅସ୍ତ୍ର ଏବଂ ୩୦୦ ଗୁଳି ଜବତ କରିଛି। ବେଆଇନ ଖଣି ମାମଲାରେ ଇଡି ଅଧିକାରୀମାନେ କଂଗ୍ରେସ ବିଧାୟକ ସୁରେନ୍ଦ୍ର ପନୱର, ଆଇଏନ୍‌ଏଲ୍‌ଡିର ପୂର୍ବତନ ବିଧାୟକ ଦିଲବାଗ ସିଂ ଏବଂ ସେମାନଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କରିଥିଲେ। ଗୁରୁବାର ୧୫ରୁ ୨୦ ଜଣ ଇଡି ଅଧିକାରୀ ବିଧାୟକ ତଥା ଖଣି ବ୍ୟବସାୟୀ ପନୱରଙ୍କ ଏକାଧିକ ସ୍ଥାନରେ ଥିବା ଘରେ ଚଢ଼ାଉ କରିବା ସହ ତାଙ୍କ ପରିବାର ଓ କର୍ମଚାରୀମାନଙ୍କୁ ଫୋନ୍‌କୁ ଜବତ କରିଥିଲେ। ଚଢ଼ାଉବେଳେ ନଗଦ ଅର୍ଥ, ମଦ ଓ ଅସ୍ତ୍ରଶସ୍ତ୍ର ବ୍ୟତୀତ ୪ରୁ ୫ କିଲୋଗ୍ରାମ ସୁନା ବିସ୍କୁଟ୍ ଜବତ ହୋଇଛି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ Bhubaneswar, Saturday, January 6/2024



**ପାରୋଲ୍‌ରେ ପିଷ୍ଟୋରିଅସ୍**

ଦକ୍ଷିଣ ଆଫ୍ରିକୀୟ ଆଥ୍‌ଲେଟ ଓସ୍କାର ପିଷ୍ଟୋରିଅସ୍ ଜେଲ୍‌ରୁ ପାରୋଲରେ ଆସିଛନ୍ତି।

୧୨

୧୩

**କରିନାଙ୍କ କନ୍ନଡ ଡେବ୍ୟୁ**

ଯଶ୍‌ଙ୍କ ଆଗାମୀ ଫିଲ୍ମ 'ଟକ୍ସିକ୍' ଜରିଆରେ ଅଭିନେତ୍ରୀ କରିନା କପୁର ଖାନ୍ ତାଙ୍କ କନ୍ନଡ ଡେବ୍ୟୁ କରିବାକୁ ଯାଉଛନ୍ତି।



# ତଥ୍ୟ ଲୁଚାଇ ଦୋଷ ଲଦାଲଦି

## ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା: ମୃତଦେହ ଚିହ୍ନଟରେ ବିଭ୍ରାଟ

**ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ବିସ୍ଫୋରଣ ଘଟଣାରେ ଗୁରୁତର ବିଭ୍ରାଟ ଦେଖିବାକୁ ମିଳିଛି। ହସ୍ପିଟାଲ ପକ୍ଷରୁ ଗତ ୩୦ ତାରିଖରେ ମୃତ ଘୋଷଣା ହୋଇଥିବା ଜଣେ ଆହତ ଦିଲ୍ଲୀପ ସାମନ୍ତରାୟ ୫ ଦିନ ପରେ ଜୀବିତ ଥିବା ଜଣାପଡ଼ିଛି। କିନ୍ତୁ ଏହି ୫ଦିନ ମଧ୍ୟରେ ଦିଲ୍ଲୀପଙ୍କ ଘରେ ବିରାଟ ବଡ଼ ଅନର୍ଥ ଘଟିଯାଇଛି। ପରିବାର ଲୋକେ ଅନ୍ୟଜଣେ ଆହତଙ୍କ ମୃତଦେହ ପାଇ ଦାହ କରିଦେଇଥିବାବେଳେ ଏହି ବିଭ୍ରାଟ ବିଷୟରେ ଅଜ୍ଞ ଥିବା ଦିଲ୍ଲୀପଙ୍କ ଗର୍ଭବତୀ ସ୍ତ୍ରୀ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଦେଇଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ, ପୋଲିସ ଓ ପରିବାରବର୍ଗ କିଭଳି ମୃତଦେହକୁ ଚିହ୍ନଟ କରିପାରିଲେ ନାହିଁ ଏବଂ ତାହାକୁ ସତ୍କାର କରିଦିଆଗଲା ସେନେଇ ବିରାଟ ପ୍ରଶ୍ନ ସୃଷ୍ଟି ହୋଇଛି। ଆରମ୍ଭରୁ ତଥ୍ୟ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ଅଭିଯୋଗ ହେଉଥିବାବେଳେ ହସ୍ପିଟାଲ ଓ ପୋଲିସ ଦୋଷ ଲଦାଲଦି ହେଉଛନ୍ତି। ଅନ୍ୟପକ୍ଷରେ ହାଇଟେକ୍ ହସ୍ପିଟାଲର ତ୍ରୁଟିକୁ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି।**

**ଭୁବନେଶ୍ୱର,୫।୧(ସତ୍ୟଜିତ୍ ରାଉତ)**

ଗତ ୨୯ ତାରିଖରେ ହାଇଟେକ୍ ହସ୍ପିଟାଲରେ ଘଟିଥିଲା ଉକ୍ତ ବିସ୍ଫୋରଣ। ଏଥିରେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲ୍ଲୀପ ସାମନ୍ତରାୟ, କଟକ ଜିଲା ଗୋବିନ୍ଦପୁର ଥାନା କୁଳବ୍ରାହ୍ମଣସାଇଲୋ ଗାଁର ଜ୍ୟୋତିରଞ୍ଜନ ମଲ୍ଲିକ, ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୀମାଞ୍ଚଳ ବିଶ୍ୱାଳ ଏବଂ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଶ୍ରୀତମ ସାହୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉକ୍ତ ହସ୍ପିଟାଲରେ ହିଁ ଚିକିତ୍ସା କରାଯାଉଥିଲା। ଗତ ୩୦ ତାରିଖରେ ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ମୃତଦେହର ବ୍ୟବଚ୍ଛେଦ ହେବା ପରେ ଦିଲ୍ଲୀପଙ୍କ ପରିବାରବର୍ଗ ତାହାକୁ ସତ୍କାର କରିଦେଇଥିଲେ। କିନ୍ତୁ ସ୍ୱାମୀଙ୍କ ମୃତ୍ୟୁ ଖବରରେ ମ୍ରିୟମାଣ ହୋଇ ଦିଲ୍ଲୀପଙ୍କ ଗର୍ଭବତୀ ସ୍ତ୍ରୀ ସୌମ୍ୟାଶ୍ରୀ ଜୀବନ ହାରିଦେଇଥିଲେ। ଗତ ୩ ତାରିଖରେ ଶ୍ରୀତମଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଥିବାବେଳେ ଆଉ ଦୁଇଜଣ ଆହତ ଚିକିତ୍ସାଧୀନ ଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ଆହତ ଗୁରୁବାର ନିଜକୁ ଦିଲ୍ଲୀପ ବୋଲି ପରିଚୟ ଦେବା ପରେ ହଇଚଇ ସୃଷ୍ଟି ହୋଇଥିଲା। ପ୍ରକୃତରେ ୩୦ ତାରିଖରେ ମୃତ୍ୟୁ ଘଟିଥିବା ଆହତ ଜଣକ ଜ୍ୟୋତିରଞ୍ଜନ ଥିଲେ ବୋଲି କୁହାଯାଉଛି। ଫଳରେ ଜ୍ୟୋତିରଞ୍ଜନ ଜୀବିତ ଥିବା ଜାଣି ୫ ଦିନ ହେଲା ଆଶ୍ୱସ୍ତ ଥିବା ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଦୁଇ ବର୍ଷ ହେଲା ବିବାହ ଡୋରରେ ବାନ୍ଧି ହୋଇଥିବା ସ୍ତ୍ରୀ ଅର୍ପିତା କାନ୍ଦି କାନ୍ଦି ଚେତା ହରାଉଛନ୍ତି। ହାଇଟେକ୍‌ରେ ଘଟିଥିବା ଏହି ଟ୍ରାଜେଡିକୁ ନେଇ ରାଜ୍ୟରେ ବଡ଼ ଚର୍ଚ୍ଚାର ବିଷୟ ହୋଇଛି। କାହା ଭୁଲ୍ ପାଇଁ ଏଭଳି ବଡ଼ ତ୍ରୁଟି ଘଟିଲା ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଦିଲ୍ଲୀପଙ୍କ ମୃତ୍ୟୁ ସୂଚନା ଦିଆଯାଇ ନ ଥାନ୍ତା, ଆଜି ବି ତାଙ୍କ ସ୍ତ୍ରୀ ସୌମ୍ୟାଶ୍ରୀ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥାନ୍ତେ। ଭୁଲ୍ ସୂଚନା ଦିଆଯିବାରୁ ଅକାଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହେବାସହ ତାଙ୍କ ଗର୍ଭସ୍ଥ ସନ୍ତାନ ମଧ୍ୟ ମା ପେଟରେ ଆଖି ବୁଜିଦେଇଛନ୍ତି। ଦିଲ୍ଲୀପଙ୍କ ପରିବାର ହସ୍ପିଟାଲ ଓ ପୋଲିସକୁ ଦୋଷ ଦେଉଥିବା ବେଳେ ଜ୍ୟୋତିରଞ୍ଜନଙ୍କ ପରିବାର ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ଜ୍ୟୋତିରଞ୍ଜନଙ୍କ ପରିବାର ଲୋକେ ଧାରଣାରେ ବସି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, କ୍ଷତିପୂରଣ ଏବଂ ନ୍ୟାୟ ମାଗିଛନ୍ତି। ଜ୍ୟୋତିରଞ୍ଜନଙ୍କ ବାପା ରମେଶ ମଲ୍ଲିକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ତ୍ରୁଟି ବିରୋଧରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି।

ଅନ୍ୟପକ୍ଷରେ ଘଟଣା ଦିନ ହାଇଟେକ୍ ହସ୍ପିଟାଲ ସିଓଓ ଜ୍ୟୋତିର୍ମୟ ପଣ୍ଡା କହିଥିଲେ, ସମସ୍ତ ଆହତଙ୍କ ଉନ୍ନତମାନର ଚିକିତ୍ସା କରାଯାଉଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏପରିକି ଆହତମାନେ ଖୁବଶୀଘ୍ର ସୁସ୍ଥ ହୋଇଯିବେ ବୋଲି ସିଓଓ କହିଥିଲେ। ହେଲେ ପରେ ହସ୍ପିଟାଲ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଶୁକ୍ରବାର ହସ୍ପିଟାଲ ସିଇଓ ସ୍ମିତା ପାଢ଼ୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆହତମାନେ ବିସ୍ଫୋରଣରେ ଗୁରୁତର ହେବାରୁ ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ସେମାନେ ଭେଣ୍ଟିଲେଟରରେ ରହିଥିଲେ। ପରିବାରବର୍ଗ ମୃତଦେହ ଚିହ୍ନଟ କରିପାରିନାହାନ୍ତି। ଏହି ଘଟଣାରେ ହସ୍ପିଟାଲର କୌଣସି ଭୁଲ ନାହିଁ। ଆମ ପକ୍ଷରୁ ଯେଉଁ ସୂଚନା ଏବଂ ପଦକ୍ଷେପ ଗ୍ରହଣ କରାଯିବା କଥା ତାହା କରିଛୁ। ଅଧିକ ସ୍ପଷ୍ଟ ପାଇଁ ଡିଏନ୍‌ଏ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଆହତମାନେ ଜଗନ୍ନାଥ ରେଫ୍ରିଜେଶନ ତରଫରୁ କାମ କରୁଥିଲେ। ପାୟଲ ରେଫ୍ରିଜେଶନର ବରିଷ୍ଠ କର୍ମଚାରୀ ସଞ୍ଜୟ ସାହୁ (ବାଦଲ)ଙ୍କ ଆହତଙ୍କ ପରିଚୟ ତଥ୍ୟ ଦେଇ ହସ୍ପିଟାଲରେ ପଞ୍ଜୀକରଣ ଫର୍ମପୂରଣ କରିଥିଲେ ବୋଲି ସିଇଓ ପଣ୍ଡା କହିଛନ୍ତି। ହସ୍ପିଟାଲର ମାନସିକ ରୋଗ ବିଭାଗ ମୁଖ୍ୟ ଡାକ୍ତର ଅମ୍ରିତ ପାଢୀଯୋଶୀ କହିଛନ୍ତି, ଆହତଙ୍କୁ ତୃତୀୟ ପକ୍ଷ ପ୍ରଥମେ ଚିହ୍ନଟ କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ** ପରିବର୍ତ୍ତନର ପ୍ରସ୍ତୁତି




# ଅପହୃତ ଜାହାଜକୁ ଉଦ୍ଧାର କଲା ନୌସେନା



**ନୂଆଦିଲ୍ଲୀ,୫।୧**

ସୋମାଲିଆ ଉପକୂଳରୁ ୧୫ ଭାରତୀୟଙ୍କ ସମେତ ୨୧ ନାବିକ ଥିବା ଲାଇବେରିଆର ଏକ ପଣ୍ୟବାହୀ ଜାହାଜକୁ ଗୁରୁବାର ସନ୍ଧ୍ୟାରେ ଅପହରଣ କରାଯାଇଥିଲା। ଭାରତୀୟ ନୌସେନା ସମସ୍ତ ନାବିକଙ୍କୁ ନିରାପଦର ସହ ଉଦ୍ଧାର କରିଛି। ନୌସେନା ସ୍ଥିତି ଅନୁଧ୍ୟାନ କରିବା ସହ କର୍ମଚାରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ନିମନ୍ତେ ସେଠାକୁ ଆଇଏନ୍‌ଏସ୍ ଚେନ୍ନାଇ ଯୁଦ୍ଧଜାହାଜ ପଠାଇଥିଲା। ଗୁରୁବାର ସନ୍ଧ୍ୟାରେ ମାଲ୍‌ବାହୀ ଜାହାଜ ଏମ୍‌ଭି ଲିଲା ନର୍‌ଫକ୍ ଅପହରଣ ସମ୍ପର୍କରେ ନୌସେନାକୁ ଖବର ମିଳିଥିଲା। ୫ରୁ ୬ ଜଣ ସଶସ୍ତ୍ର ବ୍ୟକ୍ତି ବୋଟ୍‌ରେ ଆସି ଜାହାଜକୁ ଅପହରଣ କରିନେଇଥିବା ନୌସେନାକୁ ବ୍ରିଟେନ୍‌ର ସାମୁଦ୍ରିକ ବାଣିଜ୍ୟ ଅପରେଶନ୍ସ (ୟୁକେଏମ୍‌ଟିଓ) ପୋର୍ଟାଲ ଜରିଆରେ ଜଣାଇ ଦିଆଯାଇଥିଲା। ନୌସେନା ବିମାନ ଉକ୍ତ ଜାହାଜ ଉପରେ ନଜର ରଖିବା ସହ ଏହାର କର୍ମଚାରୀମାନଙ୍କ ସହ ଯୋଗାଯୋଗ ସ୍ଥାପନ କରିଥିଲା। ନୌସେନା କମାଣ୍ଡୋମାନେ ଆରବ ସାଗରରେ ଥିବା ଲାଇବେରିଆ ଜାହାଜରେ ପ୍ରବେଶ କରି ୧୫ ଭାରତୀୟଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳେ ଜାହାଜରେ ଅପହରଣକାରୀ ନ ଥିଲେ ବୋଲି କମାଣ୍ଡୋମାନେ ଜଣାଇଛନ୍ତି।

## ଶିକ୍ଷାନୁଷ୍ଠାନ ବଦଳାଇପାରିବେ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ର

### ଆବେଦନ ଆରମ୍ଭ, ଗାଇଡ୍‌ଲାଇନ ଜାରି

**ଭୁବନେଶ୍ୱର, ୫।୧(ଅସମାପିକା ସାହୁ)**

ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ର ଚାହିଁଲେ ନିଜ ଶିକ୍ଷାନୁଷ୍ଠାନ ବଦଳାଇପାରିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୁଯୋଗ ଦେବା ସହ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଯେଉଁ ଛାତ୍ରୀଛାତ୍ର ଗୋଟିଏ ଉଚ୍ଚ ମାଧ୍ୟମିକ ସ୍କୁଲରୁ ଅନ୍ୟ ସ୍କୁଲକୁ ବଦଳି ଚାହୁଁଥିବେ ସେମାନେ ବିଭାଗର ୱେବସାଇଟ୍ www.samsodisha.gov.inରେ ଆବେଦନ କରିପାରିବେ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇ ସମସ୍ତ ସରକାରୀ ଓ ବେସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଗାଇଡ୍‌ଲାଇନ୍ ଅନୁସାରେ, ଛାତ୍ରୀଛାତ୍ରମାନେ ଯେଉଁ ଶିକ୍ଷାନୁଷ୍ଠାନକୁ ବଦଳି ହେବାକୁ ଚାହୁଁଥିବେ ସେଠାରେ ସିଟ୍ ଖାଲି ଥିବା ଆବଶ୍ୟକ। ଅଭିଭାବକଙ୍କ ବଦଳି/ଅବସର/ମୃତ୍ୟୁ କିମ୍ବା ଛାତ୍ରୀଙ୍କ ବାହାଘର କିମ୍ବା କୌଣସି ଗୁରୁତର ସ୍ୱାସ୍ଥ୍ୟଜନିତ ରୋଗ ଥିଲେ ☞ପୃଷ୍ଠା-୮

# ରାଜ୍ୟରେ ୧୩ ଲକ୍ଷ ନୂଆ ଭୋଟର

### ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

**ଭୁବନେଶ୍ୱର,୫।୧(ଅନିଲ ଦାସ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦। ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୮ ଲକ୍ଷ ୫୦ ହଜାର ୯୪୯ଜଣ ଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧କୋଟି ୬୩ଲକ୍ଷ ୮୨ହଜାର ୩୧। ଯୁବ ଭୋଟର (୧୮-୧୯ବର୍ଷ)ଙ୍କ ସଂଖ୍ୟା ୭ଲକ୍ଷ ୫୪ ହଜାର ୯୪୬। ଏଥିସହିତ ରାଜ୍ୟରେ ମହିଳା ଓ ପୁରୁଷ ଭୋଟରଙ୍କ ମଧ୍ୟରେ ଲିଙ୍ଗଗତ ଅନୁପାତରେ ମଧ୍ୟ ଆଖିଦୃଶିଆ ବୃଦ୍ଧି ହୋଇଛି। ପ୍ରତି ୧ ହଜାର ପୁରୁଷ ଭୋଟରଙ୍କ ମଧ୍ୟରେ ୯୭୨ ଜଣ ମହିଳା ମତଦାତା ଅଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରତି ୧ ହଜାର ପୁରୁଷରେ ୯୪୬ ମହିଳା ଥିଲେ। ୨୦୨୩ ଚିଠା ଭୋଟର ତାଲିକାରେ ଏହା ୯୬୩ ଥିଲା।

ଶୁକ୍ରବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୪ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ୨୦୨୩ ଅକ୍ଟୋବର ୨୭ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା। ଏହି ଭୋଟର ତାଲିକାରେ ସଂଶୋଧନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା। ସଂଶୋଧିତ ଭୋଟର ତାଲିକାରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୩ କୋଟି ୨୬ ଲକ୍ଷ ୫୫ ହଜାର ୨୧୩ରୁ ବୃଦ୍ଧି ପାଇ ୩ କୋଟି ୩୨ଲକ୍ଷ ୩୬ହଜାର ୩୬୦ ହୋଇଛି। ସଂଶୋଧିତ ଭୋଟର ତାଲିକାରେ ପୁରୁଷ ଭୋଟରଙ୍କ ସଂଖ୍ୟାରେ ପ୍ରାୟ ୨.୨୦ ଲକ୍ଷ ବୃଦ୍ଧି ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟାରେ ପ୍ରାୟ ୩.୬୨ ଲକ୍ଷ ବୃଦ୍ଧି ହୋଇଛି। ତେବେ କିନ୍ନର(ତୃତୀୟ ଲିଙ୍ଗ) ଭୋଟରଙ୍କ ସଂଖ୍ୟା ୩୪୦୬ରୁ ୩୩୮୦କୁ ହ୍ରାସପାଇଛି।

୨୦୨୩ ଚିଠା ଭୋଟର ତାଲିକାରେ ଯୁବ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୮୪ହଜାର ୧୪୮ ଥିବାବେଳେ ଏବେ ଚୂଡ଼ାନ୍ତ ତାଲିକାରେ ଏହା ୭ ଲକ୍ଷ ୫୪ହଜାର ୯୪୬କୁ ବୃଦ୍ଧିପାଇଛି। ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ମଧ୍ୟ ୪.୬୫ ଲକ୍ଷରୁ ୪.୫୭ ଲକ୍ଷକୁ ହ୍ରାସପାଇଛି। ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ୭.୮୭ ଲକ୍ଷରୁ ୬.୮୫ ଲକ୍ଷକୁ ହ୍ରାସପାଇଛି। ସେ କହିଛନ୍ତି ଯେ ଚଳିତ ଭୋଟର ତାଲିକା ସଂଶୋଧନ ବେଳେ ଯୁବ ଭୋଟର ଓ ମହିଳା ଭୋଟର ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ ଏହା ସଫଳ ହୋଇଛି। ଚଳିତ ସଂଶୋଧନରେ ମୋଟ ୧୨ ଲକ୍ଷ ୯୭ହଜାର ୯୫୪ଜଣ ନୂଆ ଭୋଟର ଯୋଡ଼ି ହୋଇଛନ୍ତି ଓ ସେଥିରେ ୧୮-୧୯ ବର୍ଷର ୪ ଲକ୍ଷ ୭୬ ହଜାର ୯୬୯ଜଣ ଭୋଟରଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଗ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲେ ମଧ୍ୟ ଯେଉଁ ଯୋଗ୍ୟ ନାଗରିକ ଚାହିଁବେ ଭୋଟର ତାଲିକାରେ ନିଜର ନାମ ଯୋଡ଼ିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁହିତା ଦି' କୁଳକୁ ହିତା**
**ଦୁହିତା ଦି' କୁଳକୁ ପିତା।**

ସାଧାରଣତଃ କନ୍ୟାଟି ବିଭା ହୋଇ ଶାଶୁଘରକୁ ଆସିବା ପରେ ପରିବାରର ସମସ୍ତ ସଦସ୍ୟଙ୍କ ମନ ନେଇ ଚଳିବାକୁ ହୋଇଥାଏ। ନିଜର ଗୁଣ ତଥା ଆଚାର ବ୍ୟବହାରରେ ଶାଳୀନତା ରକ୍ଷା କରିବା ସହ ସମସ୍ତଙ୍କୁ ଆପଣାର କରିବା ଉଚିତ ହୋଇଥାଏ। ଏପରି କରିବା ଫଳରେ ସେ ଉଭୟ ବାପଘର ଓ ଶାଶୁଘରେ ସୁନାମ ଅର୍ଜନ କରିଥାଏ ନଚେତ୍ ନିନ୍ଦା ଓ ଅପବାଦ ପାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦଇବ ଦଉଡ଼ି ମଣିଷ ଗାଈ**
**ଯେଣିକି ଓଟାରି ତେଣିକି ଯାଇ।**

ମଣିଷ ସବୁବେଳେ ସମୟର ଅଧୀନ। ସମୟ ବା ପରିସ୍ଥିତି ତାକୁ ଯେଉଁଆଡ଼କୁ ନେଇଯାଏ ସେ ସେଇଆଡ଼କୁ ଯିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

ସଇଁତଳା, ୫।୧
(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ଥାନା ତୁଷ୍ଟାପାଲି ଗାଁର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପରିବାର ପକ୍ଷରୁ ଗୁରୁବାର ରାତିରେ ଏନେଇ ଥାନାରେ ଏତଲା ଦିଆଯାଇଛି। ଏହି ଘଟଣାରେ ତିନିଜଣ ଯୁବକ ସମ୍ପୃକ୍ତ ଥିବା ସେମାନେ ପୋଲିସକୁ ଜଣାଇଛନ୍ତି। ନାବାଳିକାଙ୍କ ପରିବାରବର୍ଗଙ୍କୁ ନ୍ୟାୟ ପାଇଁ ସଇଁତଳା ଥାନାରେ ବଜରଙ୍ଗ ଦଳ ସଦସ୍ୟମାନେ ମଧ୍ୟ ରୁଣ୍ଡ ହୋଇ ଦାବି ଜଣାଇଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ବୋଲି ସଇଁତଳା ଥାନା ପୋଲିସ ଓ ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଜଣାଇଛନ୍ତି।

ଗତ ୨ ତାରିଖରେ ସଇଁତଳା ଅଞ୍ଚଳର ଜଣେ ନାବାଳିକା ଶୌଚ ପାଇଁ ନିକଟସ୍ଥ ନଦୀ କୂଳକୁ ଯାଇଥିଲେ। ପରେ ଏକ ବୁଦା ପାଖରେ ଅଚେତ ଅବସ୍ଥାରେ ପଡ଼ିଥିବା ପରିବାର ଲୋକେ ଖବର ପାଇଥିଲେ। ପରିବାର ଲୋକେ ଝିଅକୁ ଉଦ୍ଧାର କରି ସଇଁତଳା ଡାକ୍ତରଖାନାକୁ ଆଣିଥିଲେ ହେଲେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଉଦ୍ଧାର ସମୟରେ ଝିଅ ମୁହଁରୁ ଫେଣ ବାହାରୁଥିବା ପରିବାର ଲୋକଙ୍କ ପକ୍ଷରୁ କୁହାଯାଇଛି। ବଲାଙ୍ଗୀର ଟାଉନ୍ ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ପରିବାର ଲୋକେ ସଇଁତଳା ଥାନାରେ ପହଞ୍ଚି ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ।

# ଆଜି ଓଡ଼ିଶା ଆସୁଛନ୍ତି କଂଗ୍ରେସର ନବନିଯୁକ୍ତ ପ୍ରଭାରୀ

ଭୁବନେଶ୍ୱର, ୫।୧ (ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଓଡ଼ିଶା ନିମନ୍ତେ ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଶୁକ୍ରବାର ରାଜ୍ୟ ଗସ୍ତରେ ଆସିବେ। ତାଙ୍କର ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ଭୁବନେଶ୍ୱର ବିମାନବନ୍ଦରଠାରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବା ପରେ ତାଙ୍କୁ ସେଠାରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନ ପର୍ଯ୍ୟନ୍ତ ଅଣାଯିବ। କଂଗ୍ରେସ ଭବନଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ପରେ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍‌ରେ ପିସିସି କାର୍ଯ୍ୟାଳୟଠାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ସମୟରେ ପିସିସି ପଲିଟିକାଲ ଆଫେୟାର୍ସ କମିଟି ବୈଠକ ଓ ସନ୍ଧ୍ୟା ୬ଟା ସମୟରେ ୨୦୧୭ ଓ ୨୦୨୨ ନିର୍ବାଚନର ନିର୍ବାଚିତ ଜିଲା ପରିଷଦ ସଭ୍ୟ ଓ ଏନ୍‌ଏସି / ମ୍ୟୁନିସିପାଲିଟି / ମହାନଗର ନିଗମର ନିର୍ବାଚିତ କାଉନ୍‌ସିଲର / କର୍ପୋରେଟରଙ୍କ ବୈଠକରେ ଅଜୟ କୁମାର ଯୋଗଦେବେ। ସେହିପରି ୭ ତାରିଖରେ ସେ ଏକାଧିକ ବୈଠକ କରିବାକୁ ଥିବାବେଳେ ଏକ ମିଶ୍ରଣ ପର୍ବ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୮ ତାରିଖରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ଦେଶ , ରାଜ୍ୟ ସଙ୍କଟମୟ ପରିସ୍ଥିତିରେ ଗତି କରୁଛି:କଂଗ୍ରେସ

**ଭୁବନେଶ୍ୱର, ୫।୧(ସୁନିତ୍ ମିଶ୍ର):** ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ରାଜ୍ୟ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ (କେକେସି)ର କାର୍ଯ୍ୟକାରୀ କମିଟି ବୈଠକ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଦେଶ ଓ ରାଜ୍ୟ ଏକ ସଙ୍କଟମୟ ପରିସ୍ଥିତିରେ ଗତି କରୁଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ଅଖିଳ ଭାରତ କଂଗ୍ରେସ କମିଟି ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ସାଧାରଣ ଶ୍ରମିକ, କର୍ମଚାରୀ, ବେକାର ଯୁବତୀଯୁବକମାନଙ୍କ ପାଇଁ ଏକ ଆହ୍ୱାନ ହେବ। ନୂତନ ଭାବେ ୫୦ରୁ ଉର୍ଦ୍ଧ୍ୱ ମହିଳା, ଯୁବକ କଂଗ୍ରେସରେ ଯୋଗଦେଇଥିବାରୁ ସେମାନଙ୍କୁ ପିସିସି ସଭାପତି ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଶେଷକରି ମୟୂରଭଞ୍ଜ ଜିଲାରୁ ୧୫ ଜଣ ଓ ଭଦ୍ରକ, ଯାଜପୁରରୁ କଂଗ୍ରେସରେ ଯୋଗଦେଇଥିବା କର୍ମୀମାନଙ୍କୁ କେକେସିରେ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




# ବଡ଼ଠାକୁରଙ୍କ ପରିକ୍ରମା ପ୍ରକଳ୍ପ, ବଡ଼ ମେଡିକାଲର ରୂପାନ୍ତରଣ ଥିଲା ମୁଖ୍ୟମନ୍ତ୍ରୀଙ୍କ ବଡ଼ ସ୍ୱପ୍ନ: ପାଣ୍ଡିଆନ

ଭୁବନେଶ୍ୱର/କଟକ,୫।୧
(ଅନିଲ ଦାସ/କାର୍ତ୍ତିକ ସାହୁ)

 କଟକ ଜିଲାରେ ବିଜେଡିର ସ୍ଥିତି ମଜଭୁତ ରହିଛି। ଜିଲାର ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ଜିତିକି ଆସିବ। ୨୦୧୪ ଓ ୨୦୧୯ ନିର୍ବାଚନରେ କେଉଁ ନିର୍ବାଚନମଣ୍ଡଳୀରେ କେତେ ମାର୍ଜିନରେ ଜିତିଛନ୍ତି ତାହା ଜଣାଅଛି। ଏବେ ୨୦୨୪ରେ ରେକର୍ଡ ମାର୍ଜିନରେ ଜିତି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ହେବ। ଯେଉଁ ବୁଥ୍‌ରେ ପୂର୍ବ ମାର୍ଜିନରୁ ଅଧିକ ଭୋଟ୍ ଅର୍ଥାତ୍ ୫୦ ପ୍ରତିଶତରୁ ଅଧିକ ଭୋଟ କରିକି ଦେଖାଇବେ ସେମାନଙ୍କୁ ନବୀନ ନିବାସ ଡକାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯିବ। ସେମାନଙ୍କ କାମ ମଧ୍ୟ ଜୋରଦାର ହେବ ବୋଲି ଦିନିକିଆ କଟକ ଗସ୍ତରେ ଯାଇଥିବାବେଳେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ସଭାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି।

ପାଣ୍ଡିଆନ କହିଛନ୍ତି, ବଡ଼ଠାକୁରଙ୍କ ପରିକ୍ରମା ପ୍ରକଳ୍ପ ଏବଂ ବଡ଼ ମେଡିକାଲର ରୂପାନ୍ତରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ବଡ଼ ସ୍ୱପ୍ନ ଥିଲା। କଟକ ଏସ୍‌ସିବି ମେଡିକାଲର ରୂପାନ୍ତରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଚାହୁଁଥିଲେ, ଚିକିତ୍ସା ପାଇଁ କେହି ଓଡ଼ିଶା ବାହାରକୁ ନ ଯାଆନ୍ତୁ। ଏମ୍‌ସ ପ୍ଲସ୍ ଭଳି ଏସ୍‌ସିବିକୁ କରିବାକୁ ଚାହୁଁଥିଲେ। ଏବେ ଏହାକୁ ଭାରତରେ ୧ନମ୍ବର ବଡ଼ ହସ୍‌ପିଟାଲ କରିଛନ୍ତି। ଆସନ୍ତା ଶହେ ବର୍ଷ ପାଇଁ ଯୋଜନା କରି ମୁଖ୍ୟମନ୍ତ୍ରୀ ଏପରି ରୂପାନ୍ତରଣ କରିଛନ୍ତି।

କଟକର ମେରୁଦଣ୍ଡ ତାଳଦଣ୍ଡା କେନାଲକୁ ନୂଆ ରୂପ ଦିଆଯିବା ସୂଚନା ଦେଇ ପାଣ୍ଡିଆନ କହିଛନ୍ତି ଯେ ଥରେ କେନ୍ଦ୍ରାପଡ଼ାରୁ ହେଲିକପ୍ଟରରେ ଆସିଲା ବେଳେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ କଥା କହିଥିଲେ। ତାଳଦଣ୍ଡା କେନାଲର ଐତିହ୍ୟ ଓ କେମିତି ବ୍ରିଟିଶ ଅମଳରେ ଜାହାଜ ଚଳପ୍ରଚଳ କରୁଥିଲା ସେ ସମ୍ପର୍କରେ ବଖାଣିଥିଲେ। ତେବେ ତାଳଦଣ୍ଡା କେନାଲ ସଙ୍କୁଚିତ ଓ ଦୂଷିତ ହୋଇ ରହିଥିବା ଯୋଗୁ ତାଙ୍କ ମନ ଭିତରେ କେଉଁଠି ନା କେଉଁଠି ଦୁଃଖଥିବା ଜଣାପଡୁଥିଲା। ତାଳଦଣ୍ଡା କେନାଲ ସଫା ହୋଇପାରିଲେ ସେ ବହୁତ ଖୁସିହେବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଖିରେ ନିଜ ଜନ୍ମମାଟି କଟକ ପ୍ରତି ପ୍ରଚଣ୍ଡ ଭଲପାଇବା ସ୍ପଷ୍ଟ ବାରି ହୋଇପଡୁଥିଲା। ଏଠାରେ ପହଞ୍ଚିବା ପରେ ତାଳଦଣ୍ଡା କେନାଲ ସଫା କରିବାକୁ ସ୍ଥାନୀୟ ନେତୃବୃନ୍ଦ ଓ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ମାତ୍ର ଗୋଟିଏ ବର୍ଷ ଭିତରେ ତାଳଦଣ୍ଡା କେନାଲ ଏବେ ପ୍ୟାରିସ୍, ଭେନିସ ଭଳି ଲାଗୁଛି। ସେଠାରେ ରାତିରେ ବୋଟିଂ ଚାଲିଛି ବୋଲି କହିଥିଲେ କାର୍ତ୍ତିକ ପାଣ୍ଡିଆନ।



କଟକ ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ବାଦାମବାଡ଼ି ବସ୍‌ଷ୍ଟାଣ୍ଡକୁ ନେତାଜୀ ବସ୍ ଟର୍ମିନାଲ କରାଯାଇଛି। କଟକ ଚଣ୍ଡୀମନ୍ଦିରର ରୂପାନ୍ତରଣ ଚାଲିଛି। ସାରା ରାଜ୍ୟରେ କଟକରେ ହିଁ ସବୁଠୁ ବେଶି ରୂପାନ୍ତରଣ କରାଯାଇଛି। ପ୍ରତି ପଞ୍ଚାୟତକୁ ଲକ୍ଷ୍ମୀ ଯୋଜନାରେ ସରକାରୀ ବସ୍ ଗଡ଼ିବ ଏବଂ ୬ଟି ଜିଲାରେ ଲକ୍ଷ୍ମୀବସ୍ ଗଡ଼ିଲାଣି। କଟକରେ ଫେବୃଆରୀ ଶେଷ ସୁଦ୍ଧା ଯୋଜନାର ଶୁଭାରମ୍ଭ କରାଯିବ। ମହିଳା ଓ ଛାତ୍ରୀଛାତ୍ରମାନେ ମାତ୍ର ୫ଟଙ୍କାରେ ଲକ୍ଷ୍ମୀବସ୍‌ରେ ଯାତାୟାତ କରିପାରିବେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ ନେଇ ସଚେତନତା ସୃଷ୍ଟି କରିବା ଲାଗି ପାଣ୍ଡିଆନ ନିଜ ଦଳର ଛାତ୍ର ଓ ଯୁବ ସଂଗଠନକୁ ଆହ୍ୱାନ ଦେଇଛନ୍ତି। ଆମ ବ୍ୟାଙ୍କ ଯୋଜନାରେ କଟକ ଜିଲାର ସବୁ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା ମିଳିବ। ୫-ଟିରେ ସମସ୍ତ ସ୍କୁଲ ଓ କଲେଜର ରୂପାନ୍ତରଣ କରାଯାଉଛି ବୋଲି ସେ କହିଛନ୍ତି।

ଜିଲାରେ ବହୁ ବିକାଶମୂଳକ କାର୍ଯ୍ୟ ଚାଲିଛି। ଆନ୍ତରିକତାର ସହ ସେ ସବୁର ଠିକ୍ ତଦାରଖ କଲେ ୧୦ ବର୍ଷ ଭିତରେ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ପାଣ୍ଡିଆନ କହିଛନ୍ତି।

■ **ରେକର୍ଡ ମାର୍ଜିନରେ ଜିତିଲେ ସମ୍ମାନିତ କରିବେ ମୁଖ୍ୟମନ୍ତ୍ରୀ**
■ **ଆଜିଠାରୁ ଆରମ୍ଭ ହେବ ବିଏସ୍‌କେୱାଇ- ନବୀନ କାର୍ଡ ପଞ୍ଜୀକରଣ**

ଗ୍ରାମାଞ୍ଚଳ ପରେ ସହରାଞ୍ଚଳ ଲୋକେ ଓ ସରକାରୀ କର୍ମଚାରୀ ପର୍ଯ୍ୟାୟକ୍ରମେ ବିଏସ୍‌କେୱାଇ-ନବୀନ କାର୍ଡ ପାଇବେ। କଟକ ବାଲିଯାତ୍ରା ଉପର ପଡ଼ିଆରେ ସେ ଏହି ସୂଚନା ଦେଇଛନ୍ତି। ଏବେ ଗ୍ରାମାଞ୍ଚଳରେ ସମସ୍ତଙ୍କୁ ବିଏସ୍‌କେୱାଇ-ନବୀନ କାର୍ଡ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଶନିବାରଠାରୁ ଏଥିପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରାଯିବ। ଏହି ପଞ୍ଜୀକରଣ ଚଳିତ ମାସ ୧୬ ତାରିଖ ଯାଏ ଚାଲିବ। ପ୍ରତି ପଞ୍ଚାୟତରେ ବାକି ରହିଥିବା ଲୋକଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ୫-ଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

କଟକ ବାଲିଯାତ୍ରା ତଳ ପଡ଼ିଆରେ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ୫-ଟି ଅଧ୍ୟକ୍ଷ ଗୁରୁମନ୍ତ୍ର ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ସେ କହିଛନ୍ତି।

ଛାତ୍ରୀଛାତ୍ରମାନେ ଏବେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛନ୍ତି। ସଫଳତା ପାଇବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବାର ଅଛି। ହେଲେ କେବଳ ଭଲ ପାଠ ପଢ଼ିଲେ ସଫଳତା ପାଇବେନି, ସଫଳତା ପାଇବାକୁ ହେଲେ ସମସ୍ତ କ୍ଷେତ୍ରରେ ସଫଳତା ହାସଲ କରିବାକୁ ପଡ଼ିବ। ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡ଼ିବ। ସେଥିଲାଗି ଏ ନୂଆ-ଓ କାର୍ଯ୍ୟକ୍ରମ ବୋଲି ପାଣ୍ଡିଆନ କହିଛନ୍ତି।

ଶାରୀରିକ ବ୍ୟାୟାମ ସହ ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ମଧ୍ୟ ଆବଶ୍ୟକ। ମାନସିକ ସ୍ୱାସ୍ଥ୍ୟ ପାଇଁ ଦିନକୁ ୧୫ ମିନିଟ ଧ୍ୟାନ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ କଠିନ ପରିଶ୍ରମ ଆବଶ୍ୟକ। ଦିନରାତି ଯିଏ ଏକା କରି ଖଟିବ ସିଏ ଉପରକୁ ଯିବ। ସିଏ ସଫଳତା ହାସଲ କରିବ। ସଫଳତାର କାରଣ କଠିନ ପରିଶ୍ରମ, ଏହାର କୌଣସି ବିକଳ୍ପ ନାହିଁ ବୋଲି ପାଣ୍ଡିଆନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଜିଲାର ୧୪୦ଟି କଲେଜରୁ ୧୮ହଜାରରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ମୃଦୁଳା ଗର୍ଗ ପାଇବେ 'ନୀଳିମାରାଣୀ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର,୫।୧(ଶର୍ମିଷ୍ଠା ପାଣିଗ୍ରାହୀ)

**୭ରେ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ'**

କାଦମ୍ବିନୀ ସାହିତ୍ୟ ଏକାଡେମୀ ପକ୍ଷରୁ ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ' ଆସନ୍ତା ୭ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ବିଶିଷ୍ଟ ଲେଖିକା ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪' ପ୍ରଦାନ କରାଯିବ। ସେହିଭଳି ବିଶିଷ୍ଟ କଥାକାର ତଥା ବରିଷ୍ଠ ପ୍ରଶାସକ ବିଜୟ ନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ', 'ସୁଲେଖା'ର ସମ୍ପାଦକ ସଦାଶିବ ମିଶ୍ର ଏବଂ 'ଗୋଧୂଳି'ର ସମ୍ପାଦିକା ବିମଳା ସିଂହଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ତୁଳସୀ ଓଝା, ସୁକାମିନୀ ନନ୍ଦ ଓ ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୪'ରେ ସମ୍ବର୍ଦ୍ଧିତ କରାଯିବ। ବିଶିଷ୍ଟ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିବେ। ଉଦ୍‌ଘାଟନୀ ଅଧିବେଶନରେ ବିଶିଷ୍ଟ ଭାରତୀୟ ଲେଖିକା ଅନୀତା ଅଗ୍ନିହୋତ୍ରୀ, ବିଶିଷ୍ଟ ଭାରତୀୟ କବି ଓ ସମ୍ପାଦକ ସୁବୋଧ ସରକାର, ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ ଏବଂ ଲୋକପ୍ରିୟ ଅଭିନେତା ଅଭୟ ବର୍ମା ପ୍ରମୁଖ ଅତିଥି ଭାବରେ ଯୋଗଦେବେ। ଏହି ଅବସରରେ ପ୍ରଜ୍ଞା ପାରମିତା ରଥ, ମିୟୋଗ ରଞ୍ଜନ ପାତ୍ର, ବେଦପ୍ରକାଶ ନାୟକ, ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ ଓ ଆଶିଷ କୁମାର ମିଶ୍ରଙ୍କୁ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପ୍ରଦାନ କରାଯିବ। ସେହିଭଳି ଶିଶୁ ସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା ଏବଂ ବାବା ରାମନାରାୟଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସ ରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ 'କୁନିକଥା ପ୍ରିୟଲେଖକ ସମ୍ମାନ' ଓ 'କୁନିକଥା କୁନିପ୍ରତିଭା ପୁରସ୍କାର' ପ୍ରଦାନ କରାଯିବ। 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ସମ୍ପାଦିକା ଡ. ଇତି ସାମନ୍ତ ଏ ନେଇ ସୂଚନା ଦେଇଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ଯୁଆଡେ ଯାଆନ୍ତୁ ଖାଲିହାତରେ ଫେରିବେ ନାହିଁ। ଗୁରୁଙ୍କ ଦୃଷ୍ଟିରୁ କାର୍ଯ୍ୟସିଦ୍ଧି, ସନ୍ତାନଙ୍କ ଉନ୍ନତି ଏବଂ ଫଳପ୍ରଦ ଆଲୋଚନା ମଧ୍ୟ କରିପାରନ୍ତି। କୌଣସି କାମ ସକାଶେ ସକାଳୁ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଲାଭ କରିବେ। କିନ୍ତୁ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**ବୃଷ**
ଚନ୍ଦ୍ରଙ୍କ କୋଣସ୍ଥାନରେ ଶନି ଥିବାରୁ ସନ୍ତାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବହାର କିମ୍ବା ଚାଲିଚଳଣରେ ବ୍ୟତିକ୍ରମ ଚିନ୍ତାଜନକ ହୋଇପାରେ। ବନ୍ଧୁ ଆବଶ୍ୟକତା ସମୟରେ ଦୂରେଇ ରହିବେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ପରିବାରର ବ୍ୟୟବହୁଳତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ**
ଧନାଧିପ ଚନ୍ଦ୍ର ସପ୍ତମାଧିପତିଙ୍କ ଦୃଷ୍ଟି ପ୍ରଭାବରେ ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ସହ ଅର୍ଥଲାଭ ନିଶ୍ଚିତ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। ଅସାବଧାନତା କିମ୍ବା ଅନ୍ୟମନସ୍କତା ପରିହାର କରି ଯାନବାହନରେ ସତର୍କତା ବିଧେୟ।

**କର୍କଟ**
ଆଜି କଲ୍ୟାଣ ଚନ୍ଦ୍ର ହେତୁ ଲୋକସମ୍ପର୍କ ବୃଦ୍ଧି, କାର୍ଯ୍ୟ ସିଦ୍ଧି ଓ ମାନସିକ ଶାନ୍ତି ଅନୁଭବ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କରେ ଶିଥିଳତା ପରିଲକ୍ଷିତ ହେବାରୁ ବିରସମନା ରହିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବା ଯୋଗୁ ନୈରାଶ୍ୟତା ଦୂରହେବ।

**ସିଂହ**
ତୃତୀୟଚନ୍ଦ୍ର ଓ ବୃହସ୍ପତିଙ୍କ ପ୍ରଭାବରୁ ମନ ବୁଝିଲାଭଳି କଥା କହି ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ଯୋଡ଼ି ପାରିବେ। କିନ୍ତୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଘଟିପାରେ। ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**କନ୍ୟା**
ବୃହସ୍ପତିଙ୍କ ବ୍ୟତୀତ ରାହୁ ଓ କେତୁଙ୍କ ମଧ୍ୟସ୍ଥ ସମସ୍ତ ଗ୍ରହଙ୍କ କୁପ୍ରଭାବରୁ କାର୍ଯ୍ୟ ଶୃଙ୍ଖଳିତ ହେବନାହିଁ , ଫଳରେ ମନ ବିଚଳିତ ହେବ। କଠୋର କଥା କହି ବନ୍ଧୁଙ୍କ ରୋଷର ଶିକାର ହୋଇପାରନ୍ତି। ଘରର ବରାଦାନୁଯାୟୀ ଜିନିଷ କ୍ରୟ କରି ଖର୍ଚ୍ଚାନ୍ତ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ତୁଳା**
ଅନୁକୂଳଗ୍ରହସ୍ଥିତି ହେତୁ ଅଭିଳାଷ ପୂରଣ ହେବ ଏବଂ ମାନସିକ ଅସ୍ଥିରତା ଦୂର ହୋଇଯିବ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସହକର୍ମୀଙ୍କ ସହ ପାଇବାକୁ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବା ସାଙ୍ଗକୁ ଦୁଶ୍ଚିନ୍ତା ବୃଦ୍ଧିପାଇବ।

**ବିଛା**
ଆଜି ମନ ଚାହୁଁଥିଲେ ମଧ୍ୟ ନିରୁତ୍ସାହିତଜନିତ କାମଟି ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ସାମାଜିକ ସ୍ତରରେ ସମ୍ପର୍କୀୟଙ୍କ ସହ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପରିବାରରେ ସନ୍ଦେହଜନିତ କେତେକ ବିଶୃଙ୍ଖଳା ଦେଖାଯିବ। ବ୍ୟବସାୟରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ।

**ଧନୁ**
ଗ୍ରହମାନଙ୍କ ଅନୁକୂଳ ଅବସ୍ଥିତିରୁ ସୁଯୋଗର ସଦ୍‌ବ୍ୟବହାର କରିପାରିବେ। ମୂଳା ନକ୍ଷତ୍ର ସକାଶେ ନିକଟସ୍ଥ ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନ ଦୁଃଖ ରହିବ। ଆର୍ଥିକ ପରିସ୍ଥିତି, ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ସମ୍ପର୍କରେ ମଉଳି ଯାଇଥିବା ଆଶା କଅଁଳି ଉଠିବ। ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ମକର**
କେନ୍ଦ୍ରସ୍ଥ ଗୁରୁ ଓ ଚନ୍ଦ୍ରଙ୍କ ଲାଗି ଅସଜଡ଼ା ପରିସ୍ଥିତିକୁ ଉପସ୍ଥିତ ବୁଦ୍ଧି ଯୋଗୁ ସଜାଡ଼ିନେବେ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତିମାନେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିଚାଲିବେ। ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି।

**କୁମ୍ଭ**
ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାମକୁ ବିବାଦୀୟ କରିବା ସହ ଅସମ୍ପୂର୍ଣ୍ଣ ରଖିଦେଇପାରେ। ବନ୍ଧୁମାନଙ୍କ ପରାମର୍ଶକ୍ରମେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କିନ୍ତୁ ସାମୟିକ ଆର୍ଥିକ ଅନଟନ ଋଣ ପରିଶୋଧକୁ ବିଳମ୍ବିତ କରିପାରେ। ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି, ବନ୍ଧୁରେ କଳହ ମାନସିକ ଦୁଶ୍ଚିନ୍ତାର କାରଣ ହେବ।

**ମୀନ**
ଚନ୍ଦ୍ର ଏବଂ ରାହୁ ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ମନରେ ଏବଂ ଶରୀରରେ ଅସୁସ୍ଥତା ଅନୁଭବ କରିପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଅବଶ୍ୟ ସ୍ଥଗିତ କାମକୁ ପୂରା କରିବେ ଓ ବ୍ୟବସାୟିକ ଦିଗଟି ସନ୍ତୋଷଜନକ ରହିବ। ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି।

ଆଜି ଜାନୁଆରୀ ୬ ତାରିଖ, ପୌଷ କୃଷ୍ଣ ଦଶମୀ, ଶନିବାର, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୫୩ ଗତେ ଘ.୦୯।୦୯ ମଧ୍ୟେ, ଘ.୧୨।୧୩ ଗତେ ଘ.୦୧।୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୯ ମି. ଗତେ ଘ.୧୦।୩୦ ମି. ମଧ୍ୟେ ରାହୁକାଳ ।

DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୬/୨୦୨୪ | Bhubaneswar, Saturday, January 6/2024 | ପୃଷ୍ଠା-୧





ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ନୂଆ ଭାରତକୁ ମିଳିଲା ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଶକ୍ତି

୧ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ଦ୍ୱାରା ସୃଷ୍ଟି ହେଲା ରୋଜଗାର ଓ ସ୍ୱରୋଜଗାରର ଅନେକ ସୁଯୋଗ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

ଆମ ସଂକଳ୍ପ ବିକଶିତ ଭାରତ

CBC 22201/13/0099/2324




# ୩୦ ନା ୩୧ ବାସ୍ତବତା କ'ଣ

**ପ୍ରାୟ ୨୩ ବର୍ଷ ପୂର୍ବରୁ ଶିଳାନ୍ୟାସ ହୋଇଥିବା ବଲାଙ୍ଗୀର ଜିଲାର ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘବର୍ଷ ଭିତରେ ପ୍ରାୟତଃ ସବୁବେଳେ ସରକାରୀ ସ୍ତରରୁ କୁହାଯାଉଥିଲା ଯେ, ଲୋୟର ସୁକ୍‌ତେଲ ଡ୍ୟାମ୍‌ର ଉଚ୍ଚତା ୩୦ ମିଟର ହେବ। ମାତ୍ର ବୁଧବାର ପ୍ରକଳ୍ପ ଉଦ୍‌ଘାଟନ ବେଳେ କୁହାଯାଇଛି ଯେ, ଡ୍ୟାମ୍ ଉଚ୍ଚତା ୩୧ ମିଟର। ୩୦ ମିଟର ଡ୍ୟାମ୍ ଉଚ୍ଚତାରେ ଜିଲାର ପ୍ରଭାବିତ ୨୯ଟି ଗାଁରୁ ୧୫ଟି ସମ୍ପୂର୍ଣ୍ଣ, ୧୪ଟି ଆଂଶିକ ଭାବେ ବୁଡ଼ିବ ଏବଂ ଏଥିଯୋଗୁ ୫୮୩ ହେକ୍ଟର ଜଙ୍ଗଲ ଜମି, ୩୯୩୭.୮ ହେକ୍ଟର ରୟତି ଏବଂ ୭୮୬ ଏକର ସରକାରୀ ଜମି ପ୍ରଭାବିତ ହେବ ବୋଲି କୁହାଯାଉଥିଲା। ଏବେ ଡ୍ୟାମ୍ ଉଚ୍ଚତା ୩୧ ମିଟର କୁହାଯାଇଥିବାରୁ ଏହାର ପ୍ରଭାବ କ'ଣ ରହିବ।**




ବଲାଙ୍ଗୀର ଜିଲା ମାଗୁରବେଡ଼ାସ୍ଥିତ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ।

ବଲାଙ୍ଗୀର, ୫ା୧
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରଠାରୁ ପ୍ରାୟ ୨୦ କିଲୋମିଟର ଦୂର ମାଗୁରବେଡ଼ାଠାରେ ଗତ ବୁଧବାର ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ଉଦ୍‌ଘାଟନ କରି ବଲାଙ୍ଗୀର ଜିଲା ବିକାଶରେ ଏହା ନୂଆ ଯୁଗ ଆଣିବ ବୋଲି କହିଥିଲେ। ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ ହେଉଛି ଆୟତନ ଆକାରରେ ରାଜ୍ୟର ନବମ ବୃହତ୍ ବନ୍ଧ। ଏହାର ଉଚ୍ଚତା ୩୧ ମିଟର। ଏହି ସଭାରେ ଆହୁରି ସୂଚନା ଦିଆଯାଇଥିଲା ଯେ, ଏହି ପ୍ରକଳ୍ପର ଲମ୍ବ ୧୪୧୦ ମିଟର। ଏଥିରେ ୨୫୫ ମିଟର ଲମ୍ବ ସ୍ପିଲୱେ ଏବଂ ୧୨ଟି ଜଳ ନିର୍ଗମନ ଗେଟ୍ ରହିଛି। ୨୭୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ସୁକ୍‌ତେଲ ପ୍ରକଳ୍ପରୁ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୧ ଲକ୍ଷ ଏକର ଜମି ଜଳସେଚିତ ହେବ ଏବଂ ୮୦ ହଜାର ଚାଷୀ ଉପକୃତ ହେବେ। ଏହି ପ୍ରକଳ୍ପରୁ ଜିଲାର ବଲାଙ୍ଗୀର ଓ ପାଟଣାଗଡ଼ ସହରାଞ୍ଚଳର ୭୦ ହଜାର ଲୋକଙ୍କୁ ପାନୀୟ ଜଳ ମଧ୍ୟ ଯୋଗାଇ ଦିଆଯିବ। ☞ପୃଷ୍ଠା–୮

# ରକ୍ତ ବିକ୍ରି ମନା

**ଗାଇଡ୍‌ଲାଇନ୍ ଜାରି କଲା ଡିସିଜିଆଇ**

ଭୁବନେଶ୍ୱର, ୫ା୧
(ଅସମାପିକା ସାହୁ)

ଏବେ ରକ୍ତ ଆଉ ବିକ୍ରି ହୋଇପାରିବ ନାହିଁ। କେବଳ ରକ୍ତ ଯୋଗାଇବା ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ଆଦାୟ କରାଯିବ। ଏନେଇ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ଗାଇଡ୍‌ଲାଇନ୍ ଜାରି କରିବା ସହ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖିଛନ୍ତି। ଏପରିକି ରକ୍ତ ସଂଗ୍ରହ କେନ୍ଦ୍ରରେ ଆଦାୟ ହେଉଥିବା ଅନ୍ୟାନ୍ୟ ଦେୟକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି।

ସୂଚନାଯୋଗ୍ୟ, ଜଣେ ବ୍ୟକ୍ତି ରକ୍ତ ଦାନ କଲେ, ତାହା ସିଧାସଳଖ ଅନ୍ୟ ବ୍ୟକ୍ତିଙ୍କୁ ଦିଆଯାଇ ନ ଥାଏ। ସଂଗୃହୀତ ରକ୍ତରୁ ବିଭିନ୍ନ ଉପାଦାନ ରେଡ୍ ବ୍ଲଡ୍ ସେଲ୍, ପ୍ଲେଟ୍‌ଲେଟ୍ ଓ ପ୍ଲାଜ୍‌ମା ପୃଥକୀକରଣ କରାଯାଇଥାଏ। ଏଥିପାଇଁ ଯେତିକି ଟଙ୍କା ଖର୍ଚ୍ଚ ତା'ର ଦୁଇ ତିନିଗୁଣା ଟଙ୍କା ଆଦାୟ କରାଯାଇଥାଏ। ବିଶେଷ କରି ଘରୋଇ ହସ୍ପିଟାଲଗୁଡ଼ିକ ଚଢ଼ା ଦରରେ ରକ୍ତ ବିକ୍ରି କରିଥାନ୍ତି। ୩ ହଜାରରୁ ୮ହଜାର ଟଙ୍କା ପର୍ଯ୍ୟନ୍ତ ନେଇଥାନ୍ତି। ରକ୍ତ ଅଭାବ ସମୟରେ ଓ ବିରଳ ରକ୍ତର ଆବଶ୍ୟକ ବେଳେ ଆହୁରି ଅଧିକ ଦରରେ ବିକ୍ରି କରାଯାଇଥାଏ ବୋଲି ଅଭିଯୋଗ ଆସିବା ପରେ ଡିସିଜିଆଇ ଏଭଳି କଟକଣା ଲଗାଇଛନ୍ତି। ଡିସିଜିଆଇ ରାଜୀବ ସିଂହ ରଘୁବଂଶୀ କହିଛନ୍ତି, ରକ୍ତ ବିକ୍ରି କରିବା ପାଇଁ ନୁହେଁ। ନୂଆ ଗାଇଡ୍‌ଲାଇନ ଅନୁସାରେ, ରକ୍ତ ଯୋଗାଇବା ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ଆଦାୟ କରାଯିବ। ଏହା ୨୫୦ ରୁ ୧,୫୫୦ ଟଙ୍କା ଭିତରେ ରହିବ।





DSPL-514

ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶା ସରକାର

ଅଗ୍ରାଧିକାର କ୍ଷେତ୍ରରେ ଋଣ ପ୍ରଦାନ ନିମନ୍ତେ
ଅଗ୍ରଣୀ ବ୍ୟାଙ୍କମାନଙ୍କୁ
ମୁଖ୍ୟମନ୍ତ୍ରୀ ପୁରସ୍କାର

ପୁରସ୍କାର ପ୍ରଦାନ କ୍ଷେତ୍ର
କୃଷକମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ
କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ
ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ





ପ୍ରତ୍ୟେକ କ୍ଷେତ୍ର ପାଇଁ ପୁରସ୍କାର ରାଶି
ପ୍ରଥମ ପୁରସ୍କାର ₹୫ ଲକ୍ଷ
ଦ୍ୱିତୀୟ ପୁରସ୍କାର ₹୩ ଲକ୍ଷ
ତୃତୀୟ ପୁରସ୍କାର ₹୨ ଲକ୍ଷ

ଅର୍ଥ ବିଭାଗ

ମୁଖ୍ୟ ଅତିଥି
ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସ୍ଥାନ: କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ
୬ ଜାନୁଆରୀ ୨୦୨୪, ସନ୍ଧ୍ୟା ୫.୦୦

OIPR-05001/13/0020/2324

# ପରିବର୍ତ୍ତନର ପ୍ରସ୍ତୁତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀର ପ୍ରମୁଖ ସରକାରୀ ବିଭାଗଗୁଡ଼ିକରେ ଆମୂଳଚୂଳ ପରିବର୍ତ୍ତନ କରିବାକୁ କେନ୍ଦ୍ର ପ୍ରସ୍ତୁତ ହେଉଥିବା ସହ ପ୍ରଶାସନର ପୁନର୍ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶୁଣିବାକୁ ମିଳୁଛି। ଦିଲ୍ଲୀ ସରକାର ଏବଂ ମ୍ୟୁନିସିପାଲିଟି କର୍ପୋରେଶନ ଅଫ୍ ଦିଲ୍ଲୀ (ଏମ୍‌ସିଡି) ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିକୁ ନେଇ ଏକ ପରିବର୍ତ୍ତନକାରୀ ପୁନର୍ଗଠନ ବିଷୟରେ ବିଭାଗୀୟ ବ୍ୟକ୍ତିମାନେ ସୂଚନା ଦେଇଛନ୍ତି । ମୁଖ୍ୟ ସଚିବ(ସିଏସ୍)ଙ୍କ ତୃତୀୟ ନ୍ୟାଶନାଲ କନ୍‌ଫରେନ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତି ଆଗାମୀ ଅଦଳବଦଳର ଉତ୍ସୁକତାକୁ ଆହୁରି ବଢ଼ାଇଦେଇଛି। ଗୁଜବ ହେଉଛି ଯେ ଏହି ଅଦଳବଦଳରେ ଏଜିଏମ୍‌ୟୁଟି କିମ୍ବା କେନ୍ଦ୍ରୀୟ କ୍ୟାଡର ମଧ୍ୟରେ ଥିବା ଅନେକ ଆଇଏଏସ୍ ଅଧିକାରୀଙ୍କ ସ୍ଥାନାନ୍ତର ଏବଂ ପଦୋନ୍ନତି ସାମିଲ ରହିବ। ସୂତ୍ରରୁ ଜଣାଯାଇଛି, ଅଦଳବଦଳର ଝଟକା ଦିଲ୍ଲୀ ସୀମା ଟପି ପୁଡୁଚେରୀ ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳକୁ ବ୍ୟାପିଯିବ। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ଶେଷ ସୁଦ୍ଧା ୧୯୮୮ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧରମପାଲଙ୍କ ଅବସର ପରଠାରୁ ବିନା ପରାମର୍ଶଦାତାରେ ଚଣ୍ଡିଗଡ଼ର ପ୍ରଶାସନ ଚାଲିଆସୁଛି। ଏହି ଅଦଳବଦଳରେ ସମାନ ବ୍ୟାଚ୍ ଓ କ୍ୟାଡରର ଦିଲ୍ଲୀ ମୁଖ୍ୟ ଶାସନ ସଚିବ ନରେଶ କୁମାର ଏବଂ ଜମ୍ମୁ-କଶ୍ମୀର ମୁଖ୍ୟ ସଚିବ ଅରୁଣ କୁମାର ମେହେଟାଙ୍କ ଆସନ୍ନ ଅବସରକୁ ସମାଧାନ କରାଯାଇପାରିବ। ୬ ମାସ କାର୍ଯ୍ୟକାଳ ସମ୍ପ୍ରସାରଣକୁ ନେଇ କୁମାର ସୁପ୍ରିମକୋର୍ଟରେ ନ୍ୟାୟିକ ସଙ୍କଟର ସମ୍ମୁଖୀନ ହୋଇଥିଲାବେଳେ ଜମ୍ମୁ-କଶ୍ମୀରରେ ୧୯୮୯ ବ୍ୟାଚ ଏଜିଏମ୍‌ୟୁଟି କ୍ୟାଡର ଆଇଏଏସ୍ ଅଧିକାରୀ ଅତୁଲ ଦୁଲ୍ଲୋଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। କିନ୍ତୁ ଚଣ୍ଡିଗଡ଼ ପରାମର୍ଶଦାତାଙ୍କ ପଦବୀରେ ବର୍ତ୍ତମାନ ୨୦୦୦ ବ୍ୟାଚ୍ ହରିୟାଣା କ୍ୟାଡର ଆଇଏଏସ୍ ଅଧିକାରୀ ନୀତିନ ଯାଦବ ଅବସ୍ଥାପିତ ହେବା ଘଟଣାକୁ ବୁଝିବା କଷ୍ଟକର, ଯାହା ନିଶ୍ଚିତ ଭାବରେ ପରିବର୍ତ୍ତନର ଅନିଶ୍ଚିତତା ବଢ଼ାଇଦେବ।

### ନିଯୁକ୍ତିରେ ଶିଥିଳତା

ହାଇଦ୍ରାବାଦ ପୋଲିସ କମିଶନ ସୀମା ମଧ୍ୟରେ ମହିଳାମାନଙ୍କୁ ଷ୍ଟେଶନ ହାଉସ ଅଫିସର (ଏସ୍‌ଏଚ୍‌ଓ) ଭାବେ ନିଯୁକ୍ତି ଦେବା ଭଳି ପ୍ରଶଂସିତ ପଦକ୍ଷେପରୁ ତେଲଙ୍ଗାନା ପୋଲିସ ବିଭାଗ ହଟିଯାଇଥିବା ଜଣାପଡ଼ିଛି, କାରଣ ଏସ୍‌ଏଚ୍‌ଓଙ୍କ ମଧ୍ୟରୁ ଅନେକଙ୍କୁ ବିଭିନ୍ନ ଦାୟିତ୍ୱରେ ନିଯୁକ୍ତ କରାଯାଇଛି। ହାଇଦ୍ରାବାଦର ପୂର୍ବତନ ପୋଲିସ କମିଶନର ସି.ଭି. ଆନନ୍ଦ ପ୍ରଥମ ମହିଳା ଏସ୍‌ଏଚ୍‌ଓଙ୍କୁ ନିଯୁକ୍ତ କରିଥିଲେ। ୨୦୨୨ ଅନ୍ତର୍ଜାତୀୟ ମହିଳା ଦିବସରେ କମିଶନର ଆନନ୍ଦଙ୍କ ଉପସ୍ଥିତିରେ ମଧୁଲଥା ଲାଲାଗୁଡ଼ା ପୋଲିସ ଷ୍ଟେଶନର ଦାୟିତ୍ୱ ଗ୍ରହଣ କରି ପ୍ରଥମ ମହିଳା ଏସ୍‌ଏଚ୍‌ଓ ଭାବରେ ଇତିହାସ ସୃଷ୍ଟି କରିଥିଲେ। ପରେ ମହିଳା ଏସ୍‌ଏଚ୍‌ଓଗୁଡ଼ିକର ସଂଖ୍ୟା ୫କୁ ବୃଦ୍ଧି ପାଇଥିଲା। ହାଇଦ୍ରାବାଦ ସିଟି ପୋଲିସର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ବିତରଣ ହୋଇଥିବା ବୁକ୍‌ଲେଟ ଏପର୍ଯ୍ୟନ୍ତ ସମସ୍ତ ୫ଜଣଙ୍କୁ ଏସ୍‌ଏଚଓ ଭାବରେ ତାଲିକାଭୁକ୍ତ କରିଥିଲେ ବି ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବଦଳି କରାଯାଇଛି। ବୋଲାରମ ପୋଲିସ ଷ୍ଟେଶନରେ ଅବସ୍ଥାପିତ ଲକ୍ଷ୍ମୀ ମାଧବୀଙ୍କୁ ପରେ ସେଣ୍ଟ୍ରାଲ କ୍ରାଇମ ଷ୍ଟେଶନ (ସିସିଏସ୍)କୁ ସ୍ଥାନାନ୍ତର କରାଯାଇଥିଲା। ଲାଙ୍ଗର ହାଉସର ଏସ୍‌ଏଚ୍‌ଓ ମାଧବୀଲଥାଙ୍କୁ ସଚିବାଳୟରେ ସୁରକ୍ଷା ଅଧିକାରୀ ଭାବରେ ନିଯୁକ୍ତ କରାଯାଇଥିବାବେଳେ ଆଫଜଲଗୁଞ୍ଜର ପୂର୍ବତନ ଏସ୍‌ଏଚ୍‌ଓ ଚିତ୍ତି ବୁରା ନଗର ପୋଲିସର ଟାସ୍କଫୋର୍ସକୁ ବଦଳି ହୋଇଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମତ ଯେ, ଅନେକ ଗ୍ରାମୀଣ ପୋଲିସ ଷ୍ଟେଶନ ବର୍ତ୍ତମାନ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଛି। ତେବେ ମହିଳା ଏସ୍‌ଏଚ୍‌ଓଙ୍କ ବଦଳିକୁ ରାଜନୈତିକ ଚାପ, କ୍ୟାରିୟର ରେକର୍ଡ ଯାଞ୍ଚ କିମ୍ବା କାର୍ଯ୍ୟ ସମ୍ବନ୍ଧୀୟ ଚାପରୁ ଆସିଥିବା ଅନୁରୋଧ କାରଣରୁ କରାଯାଇଥିବା ସେ କହିଛନ୍ତି।

### କେନ୍ଦ୍ରୀୟ ସୁରକ୍ଷାବଳରେ ନୂଆ ନେତୃତ୍ୱ

ଗତ ସପ୍ତାହରେ ଏହି ସ୍ତମ୍ଭରେ ପ୍ରମୁଖ କେନ୍ଦ୍ରୀୟ ପୋଲିସ ସଂଗଠନରେ ଶୀର୍ଷ ପଦବୀ ପାଇଁ ନିଯୁକ୍ତି ଘୋଷଣାରେ ବିଳମ୍ବକୁ ନେଇ ବାବୁମାନଙ୍କ ଚିନ୍ତା ବଢୁଥିବା ଦର୍ଶାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ୨୦୨୩ ବର୍ଷର ଶେଷଦିନଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ରାଜସ୍ଥାନ କ୍ୟାଡରର ଆଇପିଏସ୍ ଅଧିକାରୀ ନୀନା ସିଂଙ୍କୁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ପୂର୍ଣ୍ଣକାଳୀନ ମହାନିର୍ଦ୍ଦେଶକ(ଡିଜି) ଭାବେ ନିଯୁକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନରେ ଡିଜି ପଦବୀ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ମହିଳା ଆଇପିଏସ୍। ସେହିଭଳି ଅନିଶ ଦୟାଲ ସିଂଙ୍କୁ ସିଆର୍‌ପିଏଫ୍‌ର ମହାନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଥିବାବେଳେ ବର୍ତ୍ତମାନ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଥିବା ରାହୁଲ ରାସଗୋତ୍ରା ଭାରତ-ତିବ୍ବତୀୟ ସୀମା ପୋଲିସ ଫୋର୍ସ (ଆଇଟିବିପି)ର ନୂତନ ମହାନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଛନ୍ତି। ଏଥିସହ ଆଇବି ଅଧିକାରୀ ବିବେକ ଶ୍ରୀବାସ୍ତବଙ୍କୁ ଅଗ୍ନିଶମ ସେବା, ନାଗରିକ ପ୍ରତିରକ୍ଷା ଡିଜି ଭାବରେ ନିଯୁକ୍ତି ଦିଆଯାଇଛି । ଯଦିଓ ବିଳମ୍ବ ହୋଇଛି, ଏହି ନିଯୁକ୍ତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାବାହିନୀ ମଧ୍ୟରେ ନେତୃତ୍ୱର ଏକ ରଣନୈତିକ ପୁନର୍ଗଠନର ସଂକେତ ଦେଇଛି। ଏହି ଅଭିଜ୍ଞ ଅଧିକାରୀଙ୍କ ନିଯୁକ୍ତିରୁ ବୁଝାପଡୁଛି ଯେ, ଜାତୀୟ ସୁରକ୍ଷା ଦାବିଗୁଡ଼ିକ ପୂରଣ କରିବା ପାଇଁ ଉକ୍ତ ସୁରକ୍ଷାବାହିନୀଗୁଡ଼ିକୁ ଦୃଢ଼ କରିବା ଉପରେ କେନ୍ଦ୍ର ଧ୍ୟାନ ଦେଇଛି।

Email: dilipcherian@gmail.com

# ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ



ବୃହସ୍ପତି ସାମଲ

ନିଜ ଦେଶ ପ୍ରତି ଉତ୍ତରଦାୟିତ୍ୱର ନିଦର୍ଶନ ସ୍ୱରୂପ ଯୁବପିଢ଼ି ସପ୍ତାହକୁ ୭୦ ଘଣ୍ଟା କାମ କରିବା ଉଚିତ ବୋଲି ନିକଟ ଅତୀତରେ ଇନ୍‌ଫୋସିସର ସହସଂସ୍ଥାପକ ନାରାୟଣ ମୂର୍ତ୍ତି ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ମତ ରଖିବା ପରେ ବିବାଦ ସୃଷ୍ଟି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କର ସପ୍ତାହକୁ ତିନି ଦିନ କାମ ଠିକ୍ ରହିବ ବୋଲି ମତ ଦେବା ପରେ ଶ୍ରମିକ ଓ କର୍ମଚାରୀମାନଙ୍କର ଦୈନିକ କାର୍ଯ୍ୟ ନିର୍ଘଣ୍ଟକୁ ନେଇ ଏବେ ଅନେକ ଆଲୋଚନା, ପର୍ଯ୍ୟାଲୋଚନା। ଶ୍ରମିକ ଓ କର୍ମଚାରୀଙ୍କ ଦୈନିକ କାର୍ଯ୍ୟ ନିର୍ଘଣ୍ଟର ଅବଧି ସମ୍ପର୍କରେ ବିଶେଷ ଆଲୋଚନାକୁ ଯିବା ପୂର୍ବରୁ ଐତିହାସିକ ମେ' ଦିବସର କଥା ଆଲୋଚନା ହେବା ସ୍ୱାଭାବିକ। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେତେବେଳେ ଆମେରିକାର ଚିକାଗୋ ସହର ଏକ ଶିଳ୍ପନଗରୀ ଭାବେ ଗଢ଼ିଉଠୁଥିଲା, ପୁଞ୍ଜିପତି ମାଲିକମାନଙ୍କର ଦାଉରେ ଶ୍ରମିକମାନେ ୧୬ରୁ ୨୦ ଘଣ୍ଟା ଖଟୁଥିଲେ। ଗୋଟିଏ ପଟେ ପୁଞ୍ଜିବାଦୀ ମାଲିକାନାର ଅକଥନୀୟ ଅତ୍ୟାଚାର ଓ ଅନ୍ୟପକ୍ଷରେ କାର୍ଯ୍ୟସ୍ଥଳୀରେ ଶ୍ରମିକମାନଙ୍କର ଦୀର୍ଘ ସମୟ ଖଟଣିରୁ ସୃଷ୍ଟ ସାମାଜିକ ଅସ୍ଥିରତା ଜନମାନସକୁ ବିଚଳିତ କରୁଥିଲା ବେଳେ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆମେରିକାନ ଫେଡେରେଶନ ଅଫ୍ ଲେବର ୧୮୮୬ ମେ' ପହିଲାରୁ ଦିନକୁ ସର୍ବାଧିକ ଆଠ ଘଣ୍ଟା କାମ କରିବାର ଦାବିକରି ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ଆରମ୍ଭ କଲା। ୪ ମେ' ୧୮୮୬ରେ ଚିକାଗୋ ସହରର ହେମାର୍କେଟ ସ୍କୋୟାରରେ ଗଣହତ୍ୟାର ଯେଉଁ ରକ୍ତରଞ୍ଜିତ ଘଟଣା ଘଟିଗଲା, ତାହା ସମଗ୍ର ବିଶ୍ୱର ଶ୍ରମିକଶ୍ରେଣୀ ପାଇଁ ଇତିହାସ ରଚିଲା। ଦୈନିକ ଆଠ ଘଣ୍ଟା କାମ କରିବାର ଦାବିକରି ଆଠଜଣ ମୃତ୍ୟୁବରଣ କଲେ, ଯାହାଙ୍କ ଭିତରୁ ଚାରି ଜଣ ଫାଶୀ ପାଇଥିଲେ, ସତୁରିରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ କ୍ଷତାକ୍ତ ହେବା ସହିତ ଶହେରୁ ଊର୍ଦ୍ଧ୍ୱଙ୍କୁ ବନ୍ଦୀ କରାଯାଇଥିଲା। ପୁଞ୍ଜିବାଦୀ ପ୍ରୋତ୍ସାହିତ ପୋଲିସ ଜୁଲମକୁ ବେଖାତିର କରି ଏହି ଆନ୍ଦୋଳନ ପୃଥିବୀର ଅନ୍ୟାନ୍ୟ ଦେଶକୁ ବ୍ୟାପିଗଲା।

ଆଠଘଣ୍ଟିଆ କାର୍ଯ୍ୟ ଦିବସ ପାଇଁ ବିଶ୍ୱବ୍ୟାପୀ ଦାବି କ୍ରମଶଃ ଜୋରଦାର ହେଲା ଏବଂ ୧୯୮୯ରେ ଫ୍ରାନ୍ସ ବିପ୍ଳବର ଶତବାର୍ଷିକୀ ଅବସରରେ ମେ' ପହିଲାକୁ ବିଶ୍ୱ ଶ୍ରମିକ ଦିବସ ଭାବେ ପାଳନ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଗଲା। ଦିନକୁ ସର୍ବାଧିକ ଆଠ ଘଣ୍ଟା କାମ କରିବାର ଦାବିକୁ ମନେପକାଇ ସେବେଠାରୁ ଯଦିଓ ମେ' ଦିବସ ପାଳିତ ହେଉଛି, ଏ ପ୍ରସଙ୍ଗ ଆଜି ବି ବିବାଦୀୟ। ୧୯୪୨ରେ ଭାଇସରାୟଙ୍କ ପରିଷଦରେ ବାବା ସାହେବ ଆମ୍ବେଡ଼କର ଭାରତରେ ପ୍ରଥମେ



ଏହି ଆଠ ଘଣ୍ଟିଆ କାର୍ଯ୍ୟଦିବସ କଥା ଉଠାଇଥିଲେ। ପରିଶେଷରେ ଭାରତୀୟ କାରଖାନା ଅଧିନିୟମ ୧୯୪୮ ଏକ ଶ୍ରମ ଆଇନ ହିସାବରେ ଗୃହୀତ ହେଲା ପରେ ଭାରତରେ ଆଠ ଘଣ୍ଟିଆ କାର୍ଯ୍ୟଦିବସ ଯଦିଓ ଲାଗୁହୋଇଛି, ବହୁ କ୍ଷେତ୍ରରେ ଆଜି ମଧ୍ୟ ଶ୍ରମିକମାନେ ଆଠ ଘଣ୍ଟାରୁ ବହୁ ଅଧିକ ସମୟ କାମ କରୁଛନ୍ତି। ଉଭୟ ସରକାରୀ କାର୍ଯ୍ୟାଳୟର ସଂଗଠିତ ଶ୍ରମିକ-କର୍ମଚାରୀ ଓ ବେସରକାରୀ ଏବଂ ଘରୋଇ କ୍ଷେତ୍ରର ଅସଂଗଠିତ ଶ୍ରମିକମାନଙ୍କ ଦୁର୍ଦ୍ଦଶା ଆଜି ପ୍ରାୟ ସମାନ।

ଉଦାହରଣ ଛଳରେ ଡାକ କର୍ମଚାରୀଙ୍କ କଥା ଆଲୋଚନା କରାଯାଇପାରେ। ୧୯୯୦-୯୧ରୁ କେନ୍ଦ୍ର ସରକାରଙ୍କ ନବ୍ୟ ଉଦାରବାଦ ନୀତିରେ ଧୀରେ ଧୀରେ ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ବ୍ୟବସାୟୀକରଣକୁ ପ୍ରାଧାନ୍ୟ ଦିଆଗଲା। ନିଜର ଚିରାଚରିତ ଡାକ କାରବାର, ସଞ୍ଚୟ ଯୋଜନା ଓ ଜୀବନ ବୀମା ବ୍ୟତୀତ ମହଜୁଦା କର୍ମଚାରୀଙ୍କୁ ନେଇ ବିଭିନ୍ନ ଡିଜିଟାଲ ସେବା ସହ ରେଳ ଯାତ୍ରୀ ପଞ୍ଜୀକରଣ, ପେନସନଭୋଗୀଙ୍କୁ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରଦାନ, ଗଙ୍ଗାଜଳ ବିକ୍ରି, ପାସପୋର୍ଟ ସେବା, ଆଧାର ସଂଶୋଧନ ଓ ପଞ୍ଜୀକରଣ ଏବଂ ଗୋଟେ ସାଧାରଣ ସେବା କେନ୍ଦ୍ର ହିସାବରେ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ ଭାରତ), ଶ୍ରମଯୋଗୀ ମନ-ଧନ ଯୋଜନା, ଲଘୁ ବ୍ୟାପାରୀ ମନ-ଧନ ଯୋଜନା, ଫସଲ ବୀମା ଯୋଜନାରେ ସେବା ଯୋଗାଇଦେବାକୁ ନିଷ୍ପତ୍ତି ନେଇଥିଲା। ଏହା ସହ ବିଜୁଳି, ପାଣି, ଗ୍ୟାସ ବିଲ୍ ଓ ସାଧାରଣ ବୀମା ପ୍ରିମିୟମ ଅସୁଲି, ଟେଲିଫୋନ, ଡିଟିଏଚ୍, ଟାଟା ସ୍କାଏ ଭଳି ଟେଲିଭିଜନ କେବୁଲ ରିଚାର୍ଜ, ଉଡାଜାହାଜ, ରେଳ, ବସ୍ ଟିକେଟ ବୁକିଂ ଭଳି ଶହ ଶହ ସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ। ଅନ୍ୟ ପକ୍ଷରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରା, ଘର ଘର ତ୍ରିରଙ୍ଗା, ମୋ ମାଟି ମୋ ଦେଶ, ଅମୃତ କଳସ ଯାତ୍ରା ଭଳି ଅନେକ ଯୋଜନାର ପ୍ରଚାର ପ୍ରସାର ପାଇଁ ଡାକ ବିଭାଗର କର୍ମଚାରୀ ବିଶେଷ ଭାବେ ୩ରୁ ୫ଘଣ୍ଟା ପାଇଁ ସମୟାନୁପାତିକ ଭତ୍ତା (ବେତନ ନୁହେଁ) ଭିତ୍ତିରେ ନିୟୋଜିତ ଗ୍ରାମୀଣ ଡାକ ସେବକମାନେ ରବିବାର ଓ ଛୁଟିଦିନ ସହ ଦିନକୁ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାମ କରିବାକୁ ବାଧ ହେଉଛନ୍ତି। ପାଞ୍ଚ ଦିନିଆ ସପ୍ତାହ ଦାବିକୁ ସରକାର ଅଗ୍ରାହ୍ୟ କରିସାରିଥିବା ବେଳେ ବ୍ୟାଙ୍କ ଓ ବୀମା ଉଦ୍ୟୋଗ ଭଳି ଡାକଘରର କର୍ମଚାରୀମାନଙ୍କୁ ଦ୍ୱିତୀୟ ଓ ଚତୁର୍ଥ ଶନିବାର ଛୁଟି ମଧ୍ୟ ମିଳେ ନାହିଁ। ଏହି ବୈଷମ୍ୟ ଅନେକ କେନ୍ଦ୍ର ସରକାରୀ ଅନୁଷ୍ଠାନରେ ଦୃଶ୍ୟମାନ। ସାମଗ୍ରିକ ଭାବେ ଯଦି କେନ୍ଦ୍ର ସରକାରୀ କାର୍ଯ୍ୟାଳୟର ଅବସ୍ଥା ଆଲୋଚନା କରାଯାଏ, ତେବେ ୧୯୮୩ରୁ ନୂତନ ପଦବୀ ସୃଷ୍ଟିକୁ ବନ୍ଦ କରିବା, ଏପ୍ରିଲ ୨୦୦୩ରୁ ମାର୍ଚ୍ଚ ୨୦୦୯ ମଧ୍ୟରେ ସିଧାସଳଖ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଖାଲି ପଦବୀର ଦୁଇ ତୃତୀୟାଂଶକୁ ଉଚ୍ଛେଦ କରିବା ଏବଂ ସମ୍ପ୍ରତି ଅନ୍ୟୂନ ୧୫ଲକ୍ଷ ଖାଲି ପଡ଼ିଥିବା ପଦବୀକୁ ପୂରଣ ନ କରିବା ଦ୍ୱାରା କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକମାନେ ଅତ୍ୟଧିକ କାମର ଚାପକୁ ମୁଣ୍ଡରେ ବୋହି ଦୈନିକ ଆଠ ଘଣ୍ଟା କାମ କରିବାର ଅଧିକାର ହରେଇ ସାରିଲେଣି।

ରାଜ୍ୟ ସରକାରୀ କର୍ମଚାରୀମାନଙ୍କର ଅବସ୍ଥା ମଧ୍ୟ ତଦ୍ରୂପ। ଲକ୍ଷ ଲକ୍ଷ ପଦବୀ ଖାଲିପଡ଼ିଥିବା ବେଳେ ଏବେ ନିୟମିତ ଚାକିରି କମ୍। ଅନେକ ଦପ୍ତରରେ କଣ୍ଟ୍ରାକଚୁଆଲ ଓ ଆଉଟସୋର୍ସିଂ କର୍ମଚାରୀ ବେଶି, ଯାହାଙ୍କର ଦୁର୍ବଳ ଚାକିରି ସର୍ତ୍ତାବଳୀ ସେମାନଙ୍କୁ ଆବଶ୍ୟକତାଠାରୁ ଅଧିକ ସମୟ କାମ କରିବା ପାଇଁ ବାଧ କରୁଛି। ଆଇଟି ସେକ୍ଟରର କଥା ନ କହିବା ଭଲ। କିଛି ଅଧିକ ଅର୍ଥ ଲୋଭରେ କର୍ମଚାରୀମାନଙ୍କର ଦିନରାତି ଖଟଣି। ଅତ୍ୟଧିକ କାମର ଚାପ ସହ କର୍ମକ୍ଷେତ୍ରରେ ଦୀର୍ଘ ସମୟ ଉପସ୍ଥିତିରୁ ଏବର ଯୁବପିଢ଼ି ଏକ ଅବ୍ୟବସ୍ଥିତ ସାମାଜିକ ଓ ବିଶୃଙ୍ଖଳିତ ପାରିବାରିକ ଜୀବନ ଜିଇବାକୁ ବାଧ ହେଉଥିବାରୁ ଛାଡ଼ପତ୍ର ଏବଂ ଆତ୍ମହତ୍ୟା ପ୍ରବଣତାଭଳି ସାମାଜିକ ବ୍ୟାଧି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୨୦୨୨ର ଏକ ସର୍ବେକ୍ଷଣ ଅନୁଯାୟୀ ୫୧ ପ୍ରତିଶତ କର୍ମଚାରୀ ଅତ୍ୟଧିକ କାମର ଚାପରେ ବିଚଳିତ ଏବଂ ତନ୍ମଧ୍ୟରୁ ୩୯ ପ୍ରତିଶତର ପାରିବାରିକ ଜୀବନ ନକାରାତ୍ମକ ଭାବେ ପ୍ରଭାବିତ।

ଭାରତ ସରକାର ବର୍ତ୍ତମାନ ୪୪ଟି ଶ୍ରମ ଆଇନକୁ ଉଚ୍ଛେଦ ଓ ସଙ୍କୁଚିତ କରି ମାଲିକ ଓ ନିଯୁକ୍ତିଦାତାଙ୍କୁ ସୁହାଇଲା ଭଳି ଦୈନିକ ୧୨ ଘଣ୍ଟାର ଶ୍ରମ ଦାନ ସହ ୪ଟି ଶ୍ରମ କୋଡ୍ ଲାଗୁ କରିବାକୁ ତତ୍ପର। ନେଦରଲାଣ୍ଡ, ଜର୍ମାନୀ, ନରୱେ, ଡେନମାର୍କ, ଫ୍ରାନ୍ସ, ସ୍ଲୋଭେନିଆ, ବେଲ୍‌ଜିୟମ, ସୁଇଜରଲାଣ୍ଡ, ସୁଇଡେନ ଓ ଅଷ୍ଟ୍ରିଆ ଭଳି ପୃଥିବୀର ଅନେକ ଦେଶ ସପ୍ତାହକୁ ଯଥାକ୍ରମେ ମାତ୍ର ୨୭.୫, ୨୭.୭୫, ୨୮, ୨୮.୨, ୨୯.୭, ୩୧, ୩୧.୫, ୩୧.୭୫, ୩୨.୧ ଓ ୩୨.୫ ଘଣ୍ଟା କାମ କରୁଥିବା ବେଳେ ଭାରତର କର୍ମଚାରୀମାନେ ସପ୍ତାହକୁ ୭୦ ଘଣ୍ଟା ଅର୍ଥାତ ଦିନକୁ ଅନ୍ୟୂନ ୧୨ ଘଣ୍ଟା କାମ କରିବାକୁ ନାରାୟଣ ମୂର୍ତ୍ତିଙ୍କ ପରାମର୍ଶ ଭାରତୀୟ କାରଖାନା ଅଧିନିୟମ ୧୯୪୮ର ପରିପନ୍ଥୀ, ମାନବାଧିକାରକୁ କ୍ଷୁଣ୍ଣ କରିବା ସହ ପୁଞ୍ଜିବାଦକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଅତ୍ୟନ୍ତ ନିନ୍ଦନୀୟ।

ମୋ:୯୪୩୭୦୨୨୬୬୯

# ପିଲାଙ୍କୁ ନେଇ ସୃଜନ ଦୁନିଆ



ଯଶସ୍ୱିନୀ ପଟ୍ଟନାୟକ

ସୃଜନଶୀଳତା ପ୍ରତ୍ୟେକଙ୍କର ଅନ୍ତର୍ନିହିତ ସ୍ୱତନ୍ତ୍ରତାର ଝଲକ। ଏହା ଈଶ୍ୱର ପ୍ରଦତ୍ତ ନିଶ୍ଚୟ। ତେବେ ଅନେକ କ୍ଷେତ୍ରରେ ଦେଖାଯାଏ ମାତାପିତାମାନେ ସୃଜନଶୀଳତାକୁ ପ୍ରାଥମିକ ସମୟରୁ ବୁଝିପାରି ନଥାନ୍ତି , ଯାହାର ଫଳସ୍ୱରୂପ ସେମାନେ ଏହାର ପ୍ରାସଙ୍ଗିକତା ବୁଝିଲାବେଳକୁ ଅନେକ ବିଳମ୍ବ ହୋଇଯାଇଥାଏ। କିନ୍ତୁ ସୃଜନଶୀଳତା ଏକ ପିଲାର ଆସନ୍ତା ସମୟ ପାଇଁ ତା' ଭବିଷ୍ୟତର କର୍ମଦକ୍ଷତା ଓ ଦୈନନ୍ଦିନ ଜୀବନର ଶୃଙ୍ଖଳା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ସୃଜନଶୀଳତା ଦ୍ୱାରା ଜଣେ ନିଜ ଜୀବନର ମାର୍ଗଦର୍ଶନର ପ୍ରଥମ ସୋପାନକୁ ଅତିକ୍ରମ କରିପାରିବ। ନିଜ ପିଲାଙ୍କ ସଫଳତା ପାଇଁ କେଉଁ ମାତାପିତା ଖୁସି ବା ନହୁଅନ୍ତି। ସମସ୍ତେ ନିଜ ପିଲାଙ୍କ ସଫଳତା ପାଇଁ ଗର୍ବ କରିବା ସ୍ୱାଭାବିକ। କିନ୍ତୁ ଦେଖାଯାଇଥାଏ ଅଧିକାଂଶ ମାତାପିତା ସେମାନଙ୍କର ପିଲାଙ୍କ ଭବିଷ୍ୟତ ନେଇ ଯତ୍ନଶୀଳ ହୋଇଥିଲେ ମଧ୍ୟ ସେମାନଙ୍କ ସୃଜନଶୀଳତା ପ୍ରତି ନଜର ଅନ୍ଦାଜ କରିଥାନ୍ତି। ଦେଖାଯାଇଥାଏ ପିଲାମାନେ ପ୍ରାୟତଃ ଜିଜ୍ଞାସୁ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ସେମାନେ ବହୁ ପ୍ରଶ୍ନ ପଚାରିଥାନ୍ତି। ବେଳେବେଳେ କୌତୂହଳବଶତଃ ଅନ୍ୟମାନଙ୍କର ଜ୍ଞାନର ପରିସୀମା ମାପିବା ପାଇଁ ମଧ୍ୟ ପ୍ରଶ୍ନ କରିଥାନ୍ତି। ତେବେ ଏଥିରୁ ସେମାନଙ୍କୁ ପ୍ରଗଳ୍ଭ ଭାବରେ ବିବେଚନା କରି ବିରକ୍ତି ପ୍ରକାଶ ନ କରି ବରଂ ଉତ୍ସାହିତ କରନ୍ତୁ। ସେମାନଙ୍କୁ ସଂକ୍ଷିପ୍ତରେ ନୁହେଁ ବରଂ ବିଶେଷ ଭାବରେ ପ୍ରଶ୍ନଟିର ଉତ୍ତର ପ୍ରଦାନ କରନ୍ତୁ। ଯଦି ଆପଣ ସେ ପ୍ରଶ୍ନର ଉତ୍ତର ଜାଣି ନଥାନ୍ତି, ତେବେ ସେମାନଙ୍କ ପ୍ରଶ୍ନୋତ୍ତର ଶୈଳୀକୁ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରନ୍ତୁ। ସମ୍ପ୍ରତି ବ୍ୟସ୍ତମୟ ଜୀବନ ଭିତରେ ମାତାପିତାମାନେ ସେମାନଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରି ନଥାନ୍ତି। କିନ୍ତୁ ଏହା ଠିକ୍ ନୁହେଁ। ଯାହାବି ହେଲେ ସେମାନଙ୍କ ପାଇଁ କିଛି ସମୟ ବାହାର କରି ସେମାନଙ୍କ ସହ ସମୟ କାଟିବା କଥା। ସବୁବେଳେ ମନେ ରଖିଥାନ୍ତୁ ଆପଣ ସେମାନଙ୍କୁ ଯେତେ ଅଧିକ ସମୟ ଦେବେ ସେମାନଙ୍କ ସୃଜନଶୀଳତାର ବିକାଶ ସେତେ ଅଧିକ ହେବ।

ସମ୍ପର୍କ ଅଧିକ ନିବିଡ଼ କରିବା ପାଇଁ ଓ ପରସ୍ପର ମଧ୍ୟରେ ଭାବଗତ ସମ୍ପର୍କ ସୃଷ୍ଟି ସକାଶେ ପିଲାମାନଙ୍କ ସହ ବେଳେ ବେଳେ ସେମାନଙ୍କ ଚିନ୍ତନ ସହ ସମଭାଗୀ ହୋଇ ଛୋଟିଆ ଆଲୋଚନା କରନ୍ତୁ। ଅଧିକାଂଶ ମାତାପିତା ପିଲାଙ୍କ ସହ କେବଳ ଉପଦେଶ ବା ପରାମର୍ଶ ଦେବା ସମୟରେ କଥାବାର୍ତ୍ତା କରିଥାନ୍ତି। କିନ୍ତୁ ବିଭିନ୍ନ ବିଷୟରେ ସେମାନଙ୍କ ସହ ଆଲୋଚନା କଲେ ସେମାନଙ୍କ ସୃଜନଶୀଳତା ବଢ଼ିବ ବୋଲି ସେମାନେ ସମ୍ଭବତଃ ଭୁଲିଯାଇଥାନ୍ତି। ଏହି ସମୟରେ ସେମାନଙ୍କୁ ଆବଶ୍ୟକସ୍ଥଳେ ପରାମର୍ଶ ଦେବା ବ୍ୟତିରେକେ ସେମାନଙ୍କୁ କହିବା ପାଇଁ ସମ୍ପୂର୍ଣ୍ଣ ସୁଯୋଗ ଦିଅନ୍ତୁ। ସେମାନଙ୍କ ଉପରେ ନିଜ ମତକୁ ଲଦି ଦେବାକୁ ଆଦୌ ଚେଷ୍ଟା କରନ୍ତୁ



ନାହିଁ। ସମୟାନୁସାରେ ପିଲାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ସୁଯୋଗ ଦେଇ ସେମାନଙ୍କୁ ସାହସୀ ଓ ସ୍ୱାବଲମ୍ବୀ ହେବାର ବାର୍ତ୍ତାଦେଇ ସେମାନଙ୍କ ଉପରେ ଭରସା ରଖନ୍ତୁ। ଦେଖାଯାଇଥାଏ ଆମେ ସବୁବେଳେ ପିଲାମାନଙ୍କ ପାଇଁ ନିଜେ ହିଁ ନିଷ୍ପତ୍ତି ନେଇଥାଉ। ସେମାନଙ୍କ ପାଇଁ କେଉଁଟା ଠିକ୍ ବା ଭୁଲ୍ ଆମେ ଭଲ ଭାବେ ଜାଣୁ ବୋଲି ବିଶ୍ୱାସ କରୁ। ସାରା ଜୀବନ ତ ଆମେ ସେମାନଙ୍କ ପାଇଁ ନିଷ୍ପତ୍ତି ନେଇପାରିବା ନାହିଁ। ତେଣୁ ଏ ଦାୟିତ୍ୱ ତାଙ୍କ ଉପରେ ଛାଡ଼ି ଦିଆଗଲେ ଭଲ ହେବ। ତେବେ ଆପଣ ଏଥିରେ ଦିଗ୍‌ଦର୍ଶକର ଭୂମିକା ନିର୍ବାହ କରିପାରିବେ। ପିଲାମାନଙ୍କୁ ଶୋଇବା ସମୟରେ ବା ଅବସର ସମୟରେ ସେମାନଙ୍କ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ପାଇଁ ବିଭିନ୍ନ ଗପ କୁହନ୍ତୁ।

ପିଲାମାନଙ୍କୁ ସକାଳେ କିମ୍ବା ସାନ୍ଧ୍ୟଭ୍ରମଣରେ ବୁଲାଇ ନେବାର ଅଭ୍ୟାସ କରାନ୍ତୁ। ଏହି ସମୟରେ ସେମାନଙ୍କୁ ବୃକ୍ଷଲତା ସମ୍ବନ୍ଧୀୟ, ପରିବେଶ ସୁରକ୍ଷା ସମ୍ପର୍କିତ କିମ୍ବା ବଗିଚାର ଯତ୍ନ ସମ୍ପର୍କିତ କିଛି କାହାଣୀ କୁହନ୍ତୁ। ଗୃହପାଳିତ ପଶୁପକ୍ଷୀଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସାହିତ କରିବା ସହ ମଝିରେ ମଝିରେ ବିଭିନ୍ନ ଚିଡ଼ିଆଖାନା ଓ ପାର୍କକୁ ସେମାନଙ୍କୁ ବୁଲାଇ ନିଅନ୍ତୁ। ଏହାଦ୍ୱାରା ପିଲାମାନେ ପ୍ରକୃତି ସହ ମିଶିବାର ସୁଯୋଗ ପାଇପାରିବେ। ପିଲାମାନଙ୍କୁ ଖେଳନା ଦେବା ସମୟରେ ସେମାନଙ୍କୁ ବିଶେଷକରି ବିଜ୍ଞାନ ଚିନ୍ତନ ଉଦ୍ରେକକାରୀ ଖେଳନା କିମ୍ବା କିଛି ଭଲ ପୁସ୍ତକ ପଢ଼ିବା ସମ୍ପର୍କରେ ଜାଣିବାର ସୁଯୋଗ ଦିଅନ୍ତୁ। ଏହାଦ୍ୱାରା ସେମାନଙ୍କ କଳ୍ପନା ଶକ୍ତିର ବିକାଶ ହେବା ସମ୍ଭବ ହେବ। ପିଲାମାନଙ୍କୁ ନିଜେ ନିଜର ଶ୍ରେଣୀଗତ ବିଜ୍ଞାନ ପ୍ରକଳ୍ପ କିମ୍ବା ଦଳଗତ ଆଲୋଚନା ପାଇଁ ଉତ୍ସାହିତ କରନ୍ତୁ। ବେଶି ସମୟ ଟିଭି ଦେଖାରେ ସୁଯୋଗ ନ ଦେଇ ବରଂ ସେମାନଙ୍କୁ କିଛି ସମୟ ଇଣ୍ଟରନେଟ୍‌ରେ ବିଜ୍ଞାନ, ଐତିହାସିକ କାହାଣୀ, ଲୋକ ପରମ୍ପରା ଓ ପର୍ଯ୍ୟଟନ, ଭ୍ରମଣ କାହାଣୀଠାରୁ କ୍ରୀଡ଼ା ସମ୍ପର୍କିତ ଘଟଣାବଳୀ ବା ପୌରାଣିକ ଲୋକକଥା କିଛି ଜାଣିବାର ସୁଯୋଗ ଦିଅନ୍ତୁ। ଛୋଟ ସମୟରୁ ସେମାନଙ୍କୁ ନିଜେ ନିଜେ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ଶିକ୍ଷା ଦିଅନ୍ତୁ। ସବୁବେଳେ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା ଜାଗ୍ରତ କରାନ୍ତୁ। ଆଜିକାଲି ଅନେକ ଶିକ୍ଷାୟତନରେ ପ୍ରାୟତଃ ପିଲାମାନଙ୍କ ସୃଜନଶୀଳତା ପାଇଁ ବହୁ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ଏହା ନିଶ୍ଚିନ୍ତ ଖୁସିର କଥା। ତେବେ ଅନେକ ମାତାପିତା ତଥାକଥିତ ବଜାରର ବା ସୋସିଆଲ ମିଡ଼ିଆର କୌଣସି ସୂଚନା ପାଇ ପିଲାମାନଙ୍କୁ ଗଢ଼ିତୋଳିବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ଓଡ଼ିଆରେ ଏକ କଥା ଅଛି ସବୁ ଚକ୍ ଚକ୍ କରୁଥିବା ଜିନିଷ ସୁନା ହୋଇ ନ ଥାଏ। ତେଣୁ ବଜାରରେ ଭେଳିକି ସୃଷ୍ଟି କରୁଥିବା ଚିକ୍‌ମିକିଆ ପ୍ରଲୋଭନୀୟ ବସ୍ତୁଠାରୁ ମୁହଁ ଫେରାଇ ବାସ୍ତବବାଦୀ ଦୁନିଆର ଜୀବନ ଚିତ୍ର ସେମାନଙ୍କୁ ପିଲାଦିନରୁ ହିଁ ଶିଖାନ୍ତୁ। ଦେଖିବେ ଶିଶୁଟି ବାସ୍ତବରେ ସୃଜନଶୀଳ ଲାଭ କରି ନିଜ ଜୀବନକୁ ଦିବ୍ୟମୟ କରିବା ପାଇଁ ପ୍ରେରଣା ପାଇପାରିବ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**

## ଏଇ ଭାରତରେ

ଆସାମର ଗାଁଗୁଡ଼ିକରେ ପିଲାମାନଙ୍କ ପାଇଁ ଲାଇବ୍ରେରି ଖୋଲୁଛନ୍ତି ଋତୁପର୍ଣ୍ଣା ନେଓଗୀ। ଏହି ଲାଇବ୍ରେରିରୁ ପିଲାମାନେ ମାଗଣାରେ ବହି ନେଇ ପଢ଼ିବାର ସୁବିଧା ପାଉଛନ୍ତି। ଋତୁପର୍ଣ୍ଣା ସୋସିଆଲ ୱାର୍କ କ୍ଷେତ୍ରରେ ଶିକ୍ଷାଲାଭ କରିବା ପରେ ଆସାମର ବିଭିନ୍ନ ସୋସିଆଲ ୱାର୍କ ସୋସାଇଟିରେ କାମ କଲେ। ପାଉଥିବା ଦରମାରୁ ସଞ୍ଚିତ କରି ସେ ବହି କିଣିଲେ ଓ ୨୦୨୦ରେ ସେ ନିଜ ଗାଁରେ 'କିତାପେ କଥା କୋଇ' ନାମକ ଏକ ଲାଇବ୍ରେରି ଖୋଲିଥିଲେ। ପ୍ରଥମେ ଏଥିରେ ୬୦୦ ବହି ଥିଲା ଓ ବର୍ତ୍ତମାନ ସେଠାରେ ୧୨୦୦ ବହି ଅଛି। ଏବେ ୨ଟି ଗାଁରେ ସେ ଲାଇବ୍ରେରି ଖୋଲିସାରିଛନ୍ତି ଓ ୨୦୦ରୁ ଅଧିକ ପିଲାଙ୍କୁ ପଢ଼ିବାରେ ସାହାଯ୍ୟ କରୁଛନ୍ତି। 'ଅକାମ ଫାଉଣ୍ଡେଶନ' ମାଧ୍ୟମରେ ସେ ଲାଇବ୍ରେରି ଖୋଲୁଛନ୍ତି। ଏହି ସମୟରେ ସାରାଦେଶରେ ଲକ୍‌ଡାଉନ୍ ହୋଇଥିବାରୁ ସେ ସୋସିଆଲ ମିଡିଆରେ ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏବେ ମଧ୍ୟ ଅନେକ ସମୟରେ ବିଭିନ୍ନ ଗାଁକୁ ଯାଇ ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ଲିଙ୍ଗଗତ ଭେଦଭାବ ଦୂର କରିବା ଲାଗି ୪୦ରୁ ଅଧିକ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରିସାରିଲେଣି। ଆଗକୁ ଆଉ କେତୋଟି ଗାଁରେ ଲାଇବ୍ରେରି ଖୋଲିବା ଯୋଜନା ଚୂଡ଼ାନ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଜାନୁଆରୀ ୧୯୭୫

- ତ୍ରିଭେନ୍ଦ୍ରମ୍‌ଠାରୁ ୪୩ କିଲୋମିଟର ଦୂରବର୍ତ୍ତୀ ଥୋଟିକାଟ୍ ନିକଟରେ ଗୋଟିଏ ଦ୍ରୁତଗାମୀ ବସ୍ ସହିତ ଏକ ଟେମ୍ପୋ ଧକ୍କା ହେବା ଫଳରେ ୧୩ ଜଣଙ୍କ ମୃତ୍ୟୁ।
- ଖରିଫ ଶସ୍ୟ ପ୍ରତିଯୋଗିତାରେ ମହାରାଷ୍ଟ୍ରର ଶଙ୍କର କୃଷ୍ଣ ପାୱାର ଓ ମଧ୍ୟପ୍ରଦେଶର ସାଏବଲାଲଙ୍କୁ କୃଷି ପଣ୍ଡିତ ଉପାଧି ପ୍ରଦାନ।
- ଲବଣ ସତ୍ୟାଗ୍ରହର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହେନ୍ଦ୍ର ଶତପଥୀଙ୍କ ୭୦ ବର୍ଷ ବୟସରେ ପରଲୋକ।

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | | | 4 |
| | | | | | 4 | | 8 | |
| | | | | | | | 7 | |
| | 8 | 7 | | | 9 | 2 | | |
| 2 | | | | 1 | | 8 | 5 | |
| 6 | | 1 | | 2 | | | | |
| | | 2 | 3 | 4 | 1 | | | 7 |
| | | 6 | | | 8 | | | |
| | | | 7 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 1 | 5 | 9 | 3 | 6 | 4 | 2 |
| 3 | 9 | 6 | 4 | 2 | 1 | 5 | 7 | 8 |
| 5 | 4 | 2 | 7 | 6 | 8 | 3 | 1 | 9 |
| 1 | 8 | 9 | 3 | 5 | 4 | 7 | 2 | 6 |
| 4 | 6 | 5 | 9 | 7 | 2 | 8 | 3 | 1 |
| 7 | 2 | 3 | 8 | 1 | 6 | 9 | 5 | 4 |
| 9 | 3 | 4 | 1 | 8 | 5 | 2 | 6 | 7 |
| 2 | 1 | 7 | 6 | 3 | 9 | 4 | 8 | 5 |
| 6 | 5 | 8 | 2 | 4 | 7 | 1 | 9 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟିକସ ଅର୍ଥର ଅପବ୍ୟୟ

ମହାଶୟ,

ସରକାର ସର୍ବାଙ୍ଗୀନ ବିକାଶକୁ ଉପେକ୍ଷା କରି ମନ୍ଦିର, ମସଜିଦ ଏବଂ ଗୀର୍ଜାଘରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ହଜାର ହଜାର କୋଟି ଟିକସ ଅର୍ଥ ଅପବ୍ୟୟ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଗରିବଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରିବା ହେଉଛି ପ୍ରକୃତ ଈଶ୍ୱର ଆରାଧନା। ଏସବୁ ଅର୍ଥରେ ପ୍ରତ୍ୟକ ପଞ୍ଚାୟତରୁ ୧୦/୧୫ ଜଣ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆବାସିକ ଶିକ୍ଷାନୁଷ୍ଠାନରେ ରଖି ସମସ୍ତ ଖର୍ଚ୍ଚ ବହନ ପୂର୍ବକ ସେମାନଙ୍କୁ ଉଚ୍ଚଶିକ୍ଷା ଦିଆଯାଇପାରନ୍ତା। ଆଉ ୨/୩ ଗୋଟି ନଦୀବନ୍ଧ ନିର୍ମାଣ କରାଯାଇ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ କରାଯାଇଥା'ନ୍ତା। ଦୁର୍ଗମ ଅଞ୍ଚଳରେ ଗମନାଗମନ ଭିତ୍ତିଭୂମିର ବିକାଶ ହୋଇ'ଥାନ୍ତା। ଶସ୍ତା ଭୋଟ ରାଜନୀତିରେ ଟିକସ ଅର୍ଥର ଅନାବଶ୍ୟକ ଖର୍ଚ୍ଚ କରିବା ରାଜ୍ୟ ବିକାଶରେ ବାଧକ ହୋଇଛି। ଆଦୌ ସରକାରୀ ଚାକିରି ପାଇନଥିବା ପ୍ରତ୍ୟେକ ଶିକ୍ଷିତ ପରିବାରରୁ ଜଣକୁ ଚାକିରି ଦେବାର ବ୍ୟବସ୍ଥା କରିବା ଉଚିତ। ଶିକ୍ଷିତ ବେକାରଙ୍କ ଆତ୍ମନିଯୁକ୍ତି ଓ ସ୍ୱରୋଜଗାର ପାଇଁ ସେମାନଙ୍କୁ ଅନ୍ତତଃ ୧୦ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରାଗଲେ ସେମାନେ ଉପକୃତ ହୋଇପାରନ୍ତେ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଣିଷ ନ ମାରି ଜୀଇଁପାରେ ଏଥି ନର
ସେହି କଥା ତୁମେ କହିଲ ଥରକୁ ଥର।
କହିଲ, 'ଜାଗରେ ସକଳ ଆହତ' ହତ
'ଜାଗିଉଠ ଆରେ ଏ ଭବର ଭବିଷ୍ୟତ।'
ଦୀନବେଶ ଘେନି ଦୁଇ ହାତ କରି ଖାଲି
ଦୁନିଆ ଭିତରେ ତୁମେଟି ଜାଣିଲ ଚାଲି!
-(ତୁମେଟି ଚାଲିବା ଜାଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦୂରଦର୍ଶୀ ନେତୃତ୍ୱ, ମାର୍ଗଦର୍ଶନର ପ୍ରତିଫଳନ



ଅଗଣିତ ଓଡ଼ିଆ ତଥା କୋଟିବ୍ରହ୍ମାଣ୍ଡର ମହାନାୟକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କର ଦର୍ଶନ ସକାଶେ ବିଶ୍ୱର କୋଣ ଅନୁକୋଣରୁ ବର୍ଷସାରା ଶ୍ରୀମନ୍ଦିରକୁ ଭକ୍ତଙ୍କର ଭିଡ଼ ଲାଗିଥାଏ। ଅଗଣିତ ଭକ୍ତ ଯେମିତି ବିନା ବାଧାବିଘ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁଲଭ ଦର୍ଶନ ପାଇପାରିବେ ସେହି ଲକ୍ଷ୍ୟ ନେଇ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହା ଏବେ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ନାଗାର୍ଜୁନ ବେଶ, ନବକଳେବର ଆଦି ଭଳି ସ୍ୱତନ୍ତ୍ର ଉତ୍ସବରେ ଲୋକାରଣ୍ୟ ପାଲଟି ଥାଏ ଶ୍ରୀକ୍ଷେତ୍ର ପୁରୀ। ଲକ୍ଷଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ବିଭିନ୍ନ ମାନବୀୟ ଲୀଳାଖେଳା କରନ୍ତି ନୀଳାଦ୍ରୀଶ। ଦୁଃଖର ବିଷୟ ଅନେକ ଥର ଅନିୟନ୍ତ୍ରିତ ଭିଡ଼ ଯୋଗୁଁ ସୃଷ୍ଟ ଦଳାଚକଟା ଶ୍ରୀମନ୍ଦିରର ପବିତ୍ର ଭକ୍ତିମୟ ପରିବେଶକୁ ଶୋକାକୁଳ କରିଛି। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ସୁବ୍ୟବସ୍ଥିତ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଜଷ୍ଟିସ ବିମଳ ପ୍ରସାଦ ଦାସ କମିଶନ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ମୃଣାଳିନୀ ପାଢ଼ୀ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତିନିଜଣିଆ ଖଣ୍ଡପୀଠ ମନ୍ଦିର ସୁରକ୍ଷା ଓ ସଂସ୍କାର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ଏହି ସବୁ ପରାମର୍ଶକୁ ଆଧାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬।୮।୨୦୧୯ରେ ଏକ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିଥିଲେ। ଯେହେତୁ ଶ୍ରୀକ୍ଷେତ୍ର ପୁରୀରେ ଭକ୍ତଙ୍କ ଅସଂଖ୍ୟ ଭିଡ଼ ବଢ଼ି ଚାଲିଥିଲା, ଅନେକ ସମୟରେ ପରିସ୍ଥିତି ଅଣାୟତ୍ତ ହେଉଥିଲା ତେଣୁ ଯେଉଁଭଳି ଭାବେ ଭକ୍ତ ଶ୍ରୀ ମହାପ୍ରଭୁଙ୍କ ଦର୍ଶନ ସୁରୁଖୁରୁରେ ପାଇପାରିବେ, ତାଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହାସିକ ନିଷ୍ପତ୍ତି ନେଇଥିଲେ। ଯେମିତି ପ୍ରତିଟି ସାମୂହିକ ସ୍ୱାର୍ଥକୁ ସାକାର କରିବା ପାଇଁ ଅନେକ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହୁଏ, ସେହିକ୍ରମରେ ପୁରୀବାସୀ ଅକୁଣ୍ଠ ଚିତ୍ତରେ ସମର୍ଥନ ଜଣାଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଉଥିବା ସ୍ଥାନରେ ଅନେକ ବ୍ୟକ୍ତିଗତ ଓ ବ୍ୟବସାୟିକ ସମ୍ପତ୍ତି ପୂର୍ବରୁ ରହି ଆସିଥିଲା। ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପାଇଁ ପ୍ରାୟ ୧୩୨ ବାସଗୃହରେ ବସବାସ କରୁଥିବା ୨୮୦ ପରିବାରର ୬୬୩ ଜଣଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା, ସେଇଠିମଧ୍ୟ ୨୮ ଗୋଟି ଲଜ୍, ୪୪୦ ଦୋକାନ ଆଦି ରହିଥିଲା। ଏହି ସମସ୍ତଙ୍କୁ ସରକାର ୪୦୩ କୋଟି ଟଙ୍କା ଖର୍ଚ୍ଚ କରି ଉଚିତ୍ କ୍ଷତିପୂରଣ ପ୍ରଦାନ କରିଥିଲେ। ଆହୁରି ମଧ୍ୟ ମଠଗୁଡ଼ିକର ଗାଦି ଘର, ପୂଜା ସ୍ଥାନ ଓ ଆସ୍ଥାନକୁ ଅକ୍ଷୁର୍ଣ୍ଣ ରଖାଯାଇ କେବଳ ସେମାନଙ୍କ ମାଲିକାନାରେ ଥିବା ବ୍ୟବସାୟିକ ସମ୍ପତ୍ତିକୁ ଅଧିଗ୍ରହଣ କରାଯାଇ ସେମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଇଥିଲା। ସେମାନଙ୍କ ଆୟର ଉତ୍ସ ଯେପରି ଅବ୍ୟାହତ ରହିବ ସେଥିପାଇଁ ସରକାର ବିଶେଷ କ୍ଷତିପୂରଣ ଦେଇଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା ଏବଂ ବ୍ୟବସାୟୀମାନଙ୍କ ବ୍ୟବସାୟିକ ଅନୁଷ୍ଠାନ ପୁନଃକାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଉଥିଲେ। ସେହି ଆୟ ଉପରେ ଲାଗୁ ହେଉଥିବା ଆୟକରକୁ ମଧ୍ୟ ସରକାର ଭରଣା କରୁଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ସମସ୍ୟାର ସମାଧାନ ପାଇଁ ଏକ ହେଲ୍ପଡେସ୍କ ନିରନ୍ତର କାର୍ଯ୍ୟ କରିଛି। ଏହି ଅଞ୍ଚଳରେ ଥିବା ବଜାରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହି ସମସ୍ତ କାର୍ଯ୍ୟରେ ପୁରୀବାସୀଙ୍କ ଜଗନ୍ନାଥଙ୍କ ପ୍ରତି ଥିବା ଅନାବିଳ ଶ୍ରଦ୍ଧା ଓ ଭକ୍ତି ସମର୍ଥନ ରୂପରେ ପରିକ୍ରମା ପ୍ରକଳ୍ପର ପରିକଳ୍ପନା ଦିନରୁ ହିଁ ରହିଆସିଥିଲା। ତେଣୁ ଏକ ରେକର୍ଡ ସମୟ ମଧ୍ୟରେ ଜମି ଅଧିଗ୍ରହଣ ହୋଇପାରିଥିଲା। ଏହି ସମସ୍ତ ବ୍ୟକ୍ତିଙ୍କ ତ୍ୟାଗ ଓ ଜଗନ୍ନାଥ ଭକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ ଏବଂ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜୋରସୋରରେ ଆଗେଇଥିଲା। ୨୪ ନଭେମ୍ବର ୨୦୨୧ରେ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେହିଦିନ ସମଗ୍ର ବିଶ୍ୱ ଜଗନ୍ନାଥ ଭକ୍ତିରେ ପୁଲକିତ ହୋଇ ଉଠିଥିଲା। ପ୍ରକଳ୍ପକୁ ବିରୋଧ କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଦାଲତଙ୍କ ଦ୍ୱାରସ୍ଥ ହେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା, ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷଙ୍କ ବିଭିନ୍ନ ବୟାନକୁ ବିଭ୍ରାନ୍ତିକର ଭାବେ ଉପସ୍ଥାପିତ କରିଥିଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ପ୍ରୟାସକୁ କଡ଼ା ଭାଷାରେ ଭର୍ତ୍ସନା କରିବା ସହ ଆର୍ଥିକ ଦଣ୍ଡ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିକୂଳତା ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବାକୁ ଯାଉଛି। କୋଟି କୋଟି ଓଡ଼ିଆ ଆସନ୍ତା ୧୭ ତାରିଖର ଲୋକାର୍ପଣ ଉତ୍ସବକୁ ଚାହିଁ ରହିଛନ୍ତି। ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏହି ପ୍ରକଳ୍ପ ଦେବ ଅନନ୍ୟ ଆଧାତ୍ମିକ ଉପଲବ୍ଧି ଓ ଦିବ୍ୟ ଅନୁଭବ। ଓଡ଼ିଆ ଅସ୍ମିତାର ଆଦ୍ୟ ଉତ୍ସ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ ମାର୍ଗଦର୍ଶନ ଫଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ଫଳବତୀ ହେବାକୁ ଯାଉଛି। ଓଡ଼ିଆଙ୍କ ସାଂସ୍କୃତିକ ଓ ଆଧାତ୍ମିକ ପୁନଃଜାଗରଣ ଦିଗରେ ଏହା ହେବ ଏକ ମାଇଲଖୁଣ୍ଟ।

**ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**










## ପ୍ରକଳ୍ପର ନିୟମିତ ଅନୁଧ୍ୟାନ କରୁଛନ୍ତି ୫-ଟି ଅଧ୍ୟକ୍ଷ

ପରିକ୍ରମା ପ୍ରକଳ୍ପ ଅଧୀନ ବିଭିନ୍ନ କାର୍ଯ୍ୟ ଏକ ସଙ୍ଗରେ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ କାର୍ଯ୍ୟକୁ ନିୟମିତ ଭାବେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସମୀକ୍ଷା କରୁଛନ୍ତି। ପ୍ରତ୍ୟେକ ଶନିବାର ପ୍ରତ୍ୟୁଷରୁ ପାଣ୍ଡିଆନ୍ ପୁରୀ ଗସ୍ତକରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି। ଏପରି କି ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟକୁ କିପରି ସମୟ ପୂର୍ବରୁ ଶେଷ କରାଯାଇପାରିବ ସେନେଇ ଆଲୋଚନା କରୁଛନ୍ତି। ବିଶେଷକରି ଭକ୍ତମାନେ କିପରି ଭାବେ ବିନା ବାଧାରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ତା'ଉପରେ ପାଣ୍ଡିଆନ୍ ଗୁରୁତ୍ୱ ଦେଇ ଆସୁଛନ୍ତି। ମହାପ୍ରଭୁଙ୍କ ଜଣେ ସେବକ ବୋଲି ନିଜକୁ ଭାବି ପାଣ୍ଡିଆନ୍ କାମ କରିଚାଲିଥିବା ପ୍ରକାଶ କରନ୍ତି।

## ୧୭ରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ

୨୦୨୧ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଶ୍ରୀମନ୍ଦିର ପ୍ରକଳ୍ପ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଆସନ୍ତା ୧୭ତାରିଖରେ ଲୋକାର୍ପଣ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀମନ୍ଦିରର ୭୫ମିଟର ବ୍ୟାସାର୍ଦ୍ଧରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ୯୪୩କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆସନ୍ତା ୧୭ରେ ଲୋକାର୍ପିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟର ତଦାରଖ ଜାରି ରଖିଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ଓ ଦେଶର ଶତାଧିକ ମନ୍ଦିରକୁ ନିମନ୍ତ୍ରଣ କରାଯାଇଛି। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ପ୍ରସ୍ତୁତିକୁ ବ୍ୟାପକ କରାଯାଉଛି।









## ବହୁ ସୁବିଧା ହୋଇଛି



ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆଙ୍କ ମଉଡମଣି। ପୂର୍ବରୁ ଅନେକ ଥର ଶ୍ରୀମନ୍ଦିର ଯାଇଛି। ସବୁବେଳେ ଯାତାୟତ, ମନ୍ଦିର ପ୍ରବେଶ ବେଳେ ଅସୁବିଧା ହେଉଥିଲା। ଏବେ ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ ଚାଲିଛି। ନିକଟରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ର ଯାଇଥିଲି। ପୂର୍ବରୁ ଐତିହ୍ୟ କରିଡର ସମ୍ପର୍କରେ କେବଳ ଶୁଣିଥିଲି। ଏବେ ଏହା ସମ୍ପର୍କରେ ଜାଣିବାକୁ ପାଇଲି। ଭକ୍ତଙ୍କ ନିମନ୍ତେ ବହୁ ସୁବିଧା କରାଯାଇଛି। ଏଥିରେ ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା ରହିଛି। ସ୍ୱଇଚ୍ଛାରେ, ବିନା କୌଣସି ସମସ୍ୟାରେ ଶ୍ରୀମନ୍ଦିର ଦର୍ଶନ କରିହେବ। ଆଗରୁ ଏହା ସମ୍ଭବ ନ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପାର୍କିଂ। ଶ୍ରୀମନ୍ଦିର ଯିବା ଲାଗି ଆଉ ପୁରୀ ସହର ଭିତରକୁ ଯିବାକୁ ପଡ଼ିବ ନାହିଁ। ସିଧାସଳଖ ଭାବେ ଶ୍ରୀସେତୁ ଦେଇ ଶ୍ରୀମନ୍ଦିର ନିକଟକୁ ଯାଇହେବ। ଏହାଦ୍ୱାରା ବଡ଼ଦାଣ୍ଡରେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଭକ୍ତମାନେ ଉପକୃତ ହେବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

- ପ୍ରବୀଣା ପଟ୍ଟନାୟକ, ଅଧାପିକା, ବକ୍ସି ଲେନ, ଖୋର୍ଦ୍ଧା



## ଐତିହ୍ୟର ରୂପ ନେଇଛି ପରିକ୍ରମା ପ୍ରକଳ୍ପ

ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବାରେ ରାଜ୍ୟ ସରକାରଙ୍କ ଉଚ୍ଚାଭିଳାଷୀ ଯୋଜନା ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଶ୍ରୀମନ୍ଦିର ହେରିଟେଜ୍ କରିଡର ପ୍ରକଳ୍ପ। ୨୦୨୧ ନଭେମ୍ବର ୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ଏହି ପ୍ରକଳ୍ପ ଆସନ୍ତା ୧୭ତାରିଖରେ ଏହା ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଛି। ଧୁମ୍‌ଧାମରେ ଏହି ପ୍ରକଳ୍ପର ଉଦ୍‌ଘାଟନ ହେବାକୁ ଯାଉଛି। ଏଥିପାଇଁ ପୁରୀ ସହର ତଥା ବଡ଼ଦାଣ୍ଡର ରୂପ ରେଖ ସମ୍ପୂର୍ଣ୍ଣ ବଦଳି ଯାଇଛି। ଭକ୍ତମାନଙ୍କ ସୁବ୍ୟବସ୍ଥିତ ଦର୍ଶନ ସହ ଶ୍ରଦ୍ଧାଳୁମାନଙ୍କୁ ଏକ ଭିନ୍ନ ଅନୁଭୂତି ଦେବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟ କରାଯାଇଛି। ଶ୍ରୀମନ୍ଦିରର ପ୍ରାୟ ୭୫ ମିଟର ବ୍ୟାସାର୍ଦ୍ଧରେ ବିଭିନ୍ନ ସୁବିଧା ଏବଂ ଭିତ୍ତିଭୂମି ସୃଷ୍ଟି କରାଯିବା ଏହି ପ୍ରକଳ୍ପର ମୁଖ୍ୟ ବୈଶିଷ୍ଟ୍ୟ ଅଟେ।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବିଲ୍ଡିଂ ପୁନଃ ନିର୍ମାଣ, ୬୦୦କ୍ଷମତା ବିଶିଷ୍ଟ ଶ୍ରୀମନ୍ଦିର ଅଭ୍ୟର୍ଥନା କେନ୍ଦ୍ର, ରଘୁନନ୍ଦନ ଲାଇବ୍ରେରୀ ସମେତ ଜଗନ୍ନାଥ ସଂସ୍କୃତି କେନ୍ଦ୍ର, ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର, ବଡ଼ଦାଣ୍ଡ ଐତିହ୍ୟ ରାସ୍ତାଘାଟ, ଶ୍ରୀମନ୍ଦିର ସୁବିଧା କେନ୍ଦ୍ର, ଶ୍ରୀସେତୁ, ଶ୍ରୀମାର୍ଗ, ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ, ବହୁତଳ କାର୍ ପାର୍କିଂ, ମ୍ୟୁନିସିପାଲ୍ ମାର୍କେଟର ଉନ୍ନତୀକରଣ, ସ୍ୱର୍ଗଦ୍ୱାର ଉନ୍ନତୀକରଣ, ପ୍ରମୋଦ ଉଦ୍ୟାନ, ଗୁରୁକୁଳମ୍, ମହୋଦଧି ମାର୍କେଟ, ସମୁଦ୍ର କୂଳ ବିକାଶ, ମୂଷା ନଦୀ ଏବଂ ଅଠରନଳାର ପୁନଃରୁଦ୍ଧାର ଆଦି କାର୍ଯ୍ୟକ୍ରମକୁ ପରିକ୍ରମା ପ୍ରକଳ୍ପ ଅଧୀନରେ କରାଯାଇ ଏକ ସୁନ୍ଦର ସହରରେ ପରିଣତ କରାଯାଇଛି। ୭ଲାଇନ୍ ବିଶିଷ୍ଟ ଧାଡ଼ିରେ ଭକ୍ତମାନେ ଯାଇ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ଏପରି କି ନିକଟରେ ଭକ୍ତମାନଙ୍କ ସୁବିଧା ନିମନ୍ତେ ଗତ ୧ତାରିଖରୁ ଏସି ଶେଡ୍ ମାଧ୍ୟମରେ ଶ୍ରଦ୍ଧାଳୁମାନେ ମନ୍ଦିରକୁ ପ୍ରବେଶ କରୁଛନ୍ତି। ମେଘନାଦ ପାଚେରି ପାର୍ଶ୍ୱରେ ଥିବା ଦେବଦେବୀମାନଙ୍କ ଦର୍ଶନ ନିମନ୍ତେ ଏକ ସ୍ୱତନ୍ତ୍ର ଲାଇନ୍ ମଧ୍ୟ କରାଯାଇଛି। ଏକ ସଙ୍ଗରେ ପ୍ରାୟ ୬ହଜାର ଶ୍ରଦ୍ଧାଳୁ ରହିବା ଭଳି ଏକ ଅଭ୍ୟର୍ଥନା କେନ୍ଦ୍ର ତିଆରି ହୋଇଛି। ଶ୍ରଦ୍ଧାଳୁମାନଙ୍କ ଜିନିଷପତ୍ରକୁ ସୁରକ୍ଷିତଭାବେ ରଖିବା ପାଇଁ କ୍ଲକ୍ ରୁମ୍, ମହିଳା ଏବଂ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଆଦି ନିର୍ମାଣ କରାଯାଇଛି। ଏଥିସହିତ ଏଟିଏମ୍ କାଉଣ୍ଟର, ଭକ୍ତମାନଙ୍କ ପାଇଁ ସୂଚନା କେନ୍ଦ୍ର, ପୋଲିସ ପୋଷ୍ଟ, ଫାଷ୍ଟ ଏଡ୍ ସେଣ୍ଟର ମଧ୍ୟ ନିର୍ମାଣ କରାଯାଇଛି। ଭକ୍ତମାନେ ଯେପରି ବାଧାଶୂନ୍ୟ ଭାବେ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲାପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ୮ ଘଣ୍ଟିଆ ନୂଆପଡ଼ା ଜିଲା ବନ୍ଦ ପାଳନ

## ଗାଡ଼ିମୋଟର ଯାତାୟାତ ବାଧାପ୍ରାପ୍ତ, ଦୋକାନ ବଜାର ବନ୍ଦ

ନୂଆପଡ଼ା,୫।୧(ମକାରୁ ବେମାଲ)

ରାଜ୍ୟ ସରକାରଙ୍କ କୃଷି ମାରଣ ନିତୀ, ଧାନର କଟନି ଛଟନି, କପା ଓ ମକାର ଅଭାବୀ ବିକ୍ରି, ବିଦ୍ୟୁତ୍ ଦର ବୃଦ୍ଧି, ବେଆଇନ ମଦ କୋଠି, ଧାନ କିଣାରେ ଶହ ଶହ କୋଟି ଟଙ୍କାର ଷଡଯନ୍ତ୍ର ଓ ଚକ୍ରାନ୍ତ କରି ଘୋଟଲା, ଦୁର୍ନୀତି ଓ ଭଷ୍ଟାଚାର ବିରୋଧରେ ସିବିଆଇ ତଦନ୍ତ ଦାବି କରି ଶୁକ୍ରବାର ଭାଜପା ପକ୍ଷରୁ ୮ ଘଣ୍ଟିଆ ନୂଆପଡା ଜିଲା ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଯୋଗୁ ଜିଲାରେ ଗାଡି ମୋଟର ଚଳାଚଳ ବନ୍ଦ ରହିବା ସହ ଦୋକାନ ବଜାର, ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା। ବନ୍ଦ ଡାକରାରେ ଜିଲା ସଦର ମହକୁମା ସମେତ ଖରିଆର ରୋଡ, କୁରୁମପୁରି, ତରବୋଡ, ଉଦ୍ୟାନବନ୍ଧ, କୋମନା ସହ ଗାଁରେ ମଧ ବନ୍ଦର ପ୍ରଭାବ ଦେଖା ଦେଇଥିଲା। ଜିଲା ସଦର ମହକୁମା ଏକତା ଛକ, ବ୍ଲକ ଛକ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଦଳୀୟ କର୍ମକର୍ତ୍ତାମାନେ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ନୂଆପଡାରେ ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ପାଦକ ସଦାନନ୍ଦ ଯୋଶୀ, ହୋମସିଂ ମାଝି, ସୁଶାନ୍ତ କୁମାର ପତି, ବିଜୟ ଚନ୍ଦ୍ରପାର, ମନିସ ତିୱାରୀ, ବୁଦ୍ଧୁ ବିଶି, ମୁରଲିଧର ସୁନା, ଆଲୋକ ଧଳ, ଲାଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋମନା ବ୍ଲକ କୁରୁମପୁରି ଛକଠାରେ ସଧାରଣ ସମ୍ପାଦକ ତୁଳସ ପଟେଲଙ୍କ ନେତୃତ୍ୱରେ ଉମ୍ବରୁ ମହାନନ୍ଦ, ଫୁଲେଶ୍ୱର ଭୋଇ, ନର୍ମଳ ଅହିର, ଭକ୍ତ ରଣା, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତରବୋଡ ଛକଠାରେ ବ୍ୟାସ ନାରାୟଣ ଅହିରଙ୍କ ନେତୃତ୍ୱରେ ଦ୍ରୋଣ ହଂସ, ଜଗଦୀଶ ହାତି, ତୁଳାରାମ ପ୍ରଧାନ, ପ୍ରକାଶ ପ୍ରଧାନ ଉପସ୍ଥିତ ଥିଲେ। ଉଦ୍ୟାନବନ୍ଧ ଛକଠାରେ ମାନସ ରଥଙ୍କ ନେତୃତ୍ୱରେ ଶତ୍ରୁଘନ ସ୍ୱାଇଁ, ବିଘ୍ନେଶ୍ୱର ନିଆଲ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କୋମନା ଛକଠାରେ ମଣ୍ଡଳ ସଭାପତି ଚନ୍ଦନ ଠାକୁରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପ୍ରାଣିଗ୍ରାହୀ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପ୍ରବୀଣ ଭୋଇ, ଅନୁକୁଳ ପାଣିଗ୍ରାହୀ, ଜୋଗିନ୍ଦ୍ର କରୁଆ ଓ ଖରିଆର ରୋଡଠାରେ ରାକେଶ ଜୈନଙ୍କ ନେତୃତ୍ୱରେ ଏନଏସି ଅଧକ୍ଷା ସୋନିଆ ଜୈନ, ଗୋଲଡି ଅଗ୍ରୱାଲ, ସନ୍ଦିପ ଶର୍ମା, ଦୀପକ କେଶରୱାନୀ, ସଲମାନ ସୁମୁରା, ଗେନ୍ଦଲାଲ ସାହୁ, ଆୟୁବ ଖାନ ପ୍ରମୁଖ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



ନୂଆପଡାରେ ବନ୍ଦ ପାଳନ।



ଖଡ଼ିଆଳରେ ବନ୍ଦ ପାଳନ କରାଯାଉଛି।

**ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ):** ଖଡ଼ିଆଳଠାରେ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୮ଘଣ୍ଟା ପାଇଁ ଦୋକାନ ବଜାର ଅଫିସ, ଶିକ୍ଷାନୁଷ୍ଠାନ, ଗାଡି ମୋଟର ବନ୍ଦ ରହିଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଖଡ଼ିଆଳ, ତୁକଲା ଜୁଆଝର ଆଦି ସ୍ଥାନରେ ରାସ୍ତା ରୋକୋ କରିଥିଲେ। ଏଥିପାଇଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନରେ ପୂର୍ବତନ ବିଧାୟକ ହିତେଶ ବବର୍ତ୍ତା, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦେବ ଦେବ ସିଂଦେଓ, ଓବିସି ମୋର୍ଚ୍ଚା ଜିଲା ସଭାପତି ଅଜିତ କିଶୋର ଚଳାନ, ପୃଥ୍ୱୀରାଜ ମହାନ୍ତି, ଆହ୍ୱାନ ଯୋଶୀ, ସୁନୀଲ କୁମାର ନାଗ, ଦେବଦତ ଯୋଶୀ, ଗୋପବନ୍ଧୁ ବନଛୋର, ଲିଲୁ ବେହେରା, କ୍ଷୀତି ବେହେରା, ଲବ ରଣା, ବିକି ସିଙ୍ଗଲଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

**ବୋଡେନ,(ଟିକେଶ୍ୱର ନାଗ):** ବୋଡ଼େନ ବ୍ଲକରେ ଦୋକାନବଜାର, ସ୍କୁଲ, କଲେଜ, ସରକାରୀ, ବେସରକାରୀ, ଅନୁଷ୍ଠାନ ବନ୍ଦ ରହିଥିବାବେଳେ ରାସ୍ତାରେ ଯାନବାହାନ ଅଟକି ରହିଛି। ବନ୍ଦରେ ପୂର୍ବତନ ଜିଲା ସଭାପତି ଅତିନ୍ଦ୍ରଜିତ ମଲ୍ଲିକ, ପୂର୍ବତନ ଜିଲା ସମ୍ପାଦକ କିଶୋର ଚନ୍ଦ୍ର ନାଗ, ପୂର୍ବତନ ମଣ୍ଡଳ ସଭାପତି ଲୀଳାମ୍ବର ମେହେର, ଜିଲା ଉପସଭାପତି ବେଣୁଧର ଜଗତ, ପାତାଳ ଗଙ୍ଗା ମଣ୍ଡଳ ସଭାପତି ବିଜୟ ବେହେରା, ସପନେଶ୍ୱର ମଣ୍ଡଳ ସଭାପତି ରୁଦ୍ର ପଟେଲ, ହେମନ୍ତ ଯୋଶୀ, ପୁରୁନ୍ଦର ବାଗ, ନରସିଂହ ନାୟକ, ପବିତ୍ର ଦଣ୍ଡସେନା, ଦିନେଶ ମାଝି, ବିକ୍ରମ ଘିଭେଲାଙ୍କ ସହ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

**ସିନାପାଲି,(ମନଫୁଲ ମେହେର):** ସିନାପାଲିରେ ମଧ୍ୟ ବନ୍ଦର ପ୍ରଭାବ ପଡିଛି। ଏଠାରେ ଅଞ୍ଚଳର ସମସ୍ତ ସରକାରୀ ବେସରକାରୀ ପ୍ରତିଷ୍ଠାନ, ସ୍କୁଲ କଲେଜ, ଦୋକାନ ବଜାର ସବୁ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁରଙ୍କ ନେତୃତ୍ୱରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ମଣ୍ଡଳ ସଭାପତି ମାର୍କଣ୍ଡ ଗହୀର, ପ୍ରତାପ ମେହେର, ଧରମସିଙ୍ଗ ମାଝି, ନରହରି ହଂସ, ଅମିତ ଜୈନ, କୃଷ୍ଣ ବାଗ, ଅରବିନ୍ଦ ହୋତା, ଜନ୍ମେଜୟ ମେହେର, ଧର୍ମେନ୍ଦ୍ର ପୁରୋହିତ, କୋଦଣ୍ଡ ରାଉତରାୟ, ଉଜ୍ଜଳ ହଂସ, ନାରାୟଣ ମଙ୍ଗରାଜ, ପୁରୁସ୍ତମ ମଶ୍ରା, ରଞ୍ଜନ ମାଝି, ଯୋଗୀନ୍ଦ୍ର ମେହେର ପ୍ରମୁଖଙ୍କ ସମେତ ଅନେକ କାର୍ଯ୍ୟକାର୍ତ୍ତା ସାମିଲ ଥିଲେ।



ସିନାପାଲିରେ ଭାଜପା ପକ୍ଷରୁ ବନ୍ଦ ପାଳନ କରାଯାଉଛି।

## ସଂକ୍ଷେପରେ

### କୂଅରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଜୁନାଗଡ଼,୫।୧(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସିଗାଁ ପଞ୍ଚାୟତର ବାନ୍ଧନପଲା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ କୂଅରେ ପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୋରଖସିଗୁଡା ଗ୍ରାମର ଶାନ୍ତନୁ ଭୋଇ। ସୂଚନା ଅନୁଯାୟୀ, ଶାନ୍ତନୁ କୌଣସି କାମ ପାଇଁ ଗୁରୁବାର ରାତିରେ ନିକଟସ୍ଥ ବାନ୍ଧନପଲା ଗାଁକୁ ଯାଇଥିଲେ। ସେଠାରେ ଥିବା ଏକ କୂଅରେ ତାଙ୍କ ଗୋଡ ଖସିଯିବାରୁ ତଳେ ପଡିଯାଇଥିଲେ। କୂଅରେ ପଡି ଥିବା ଜାଣି ଲୋକେ ଚିଲିଗୁଡ଼ା ଫାଣ୍ଡିକୁ ଜଣାଇଥିଲେ। କଲମପୁର ବ୍ଲକ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ। ହେଲେ ଶାନ୍ତନୁଙ୍କ ପୂର୍ବରୁ ମୃତ୍ୟୁ ହୋଇ ସାରିଥିଲା। ଏ ନେଇ ଚିଲିଗୁଡ଼ା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ୟାରିୟର କାଉସିଲିଂ

ଖଡ଼ିଆଳ,୫।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା କ୍ୟାରିୟର କାଉସିଲିଂ କାର୍ଯ୍ୟକ୍ରମ ଯୁକ୍ତ ୨ ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଧାଂଶୁ ବାରିକଙ୍କ ସହଯୋଗ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡରୁ ଆସିଥିବା ପିଏଚଡି ସ୍କୋଲାର ଆଇଆଇଟି ରୁରକିର ଅଖିଲେଶ ରାୟ ମୁଖ୍ୟଅତିଥି, ମହାବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗ ପ୍ରାଧାପକ ଡ଼.ରଣବୀର ସିଂହ ସମ୍ମାନିତ ଅତିଥି ଥିବା ବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଚୈତନ୍ୟ ମହାନ୍ତି ସ୍ୱାଗତ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରଜାନ, ଆଦିତ୍ୟ ଏଲ-୧, ବ୍ଲାକ ମେଟର, ବ୍ଲାକ ହୋଲ ତଥା ଛାତ୍ରୀଛାତ୍ରମାନଙ୍କ ବୃତ୍ତି ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ରାୟଙ୍କ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଅଧ୍ୟାପକ ଅଭିଷେକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

କୋକସରା,୫।୧(ଦୁଷ୍ମନ୍ତ କୁମାର ପାଢଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ପଞ୍ଚାୟତ ଦାବ୍ରିଗୁଡା ଗ୍ରାମର ସ୍ୱର୍ଗତ ଅକ୍ଷୟ କୁମାର ଯୋଷୀଙ୍କ ସ୍ତ୍ରୀ ମାଧବୀଲତା ଯୋଷୀ(୭୦)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣା, ମେଳାପୀ ଓ ପରୋପକାରୀ ମହିଳା ଭାବେ ପରିଚିତା ଥିଲେ। ତାଙ୍କ ଦେହାନ୍ତ ପରେ ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରିବା ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନ ପୁଅ ଅମିତ ଯୋଷୀ ମୁଖାଗ୍ନି ଦେଇଥିବା ବେଳେ ବଡ ପୁଅ ଦିଲୀପ ଯୋଷୀ, ବୋହୁ, ନାତି ନାତୁଣୀ, ବନ୍ଧୁ ପରିଜନ ଗ୍ରାମବାସୀ ଉପସ୍ଥିତ ଥିଲେ।

### କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ବୈଠକ

ଜୁନାଗଡ଼,୫।୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ବଙ୍ଗଳା ଛକଠାରେ ଶୁକ୍ରବାର କମ୍ୟୁନିଷ୍ଟ ପାର୍ଟିପକ୍ଷରୁ ରାଜ୍ୟ ପାରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ଏକ ବିଶାଳ ରେଲି ସହର ପରିକ୍ରମା କରି ବଙ୍ଗଳା ଛକରେ ସଭା ନିକଟରେ ପହଞ୍ଚିଥିଲା। ପାର୍ଟି ପକ୍ଷରୁ ଦାଦନ, ବେକାରୀ, ଦରଦାମ ବୃଦ୍ଧି, କୃଷିରଣ ଛାଡ଼, ହାତୀନଦୀ ଆଡିବନ୍ଧ, ନାରୀ ନିର୍ଯାତନା, ଟିନିକଲର ପୁନଉଦ୍ଧାର, ଧାନର କଟନୀ, କପାମଣ୍ଡି, ଶୀତଳଭଣ୍ଡାର, କୃଷକମାନଙ୍କ ପାଇଁ ବିହନ, ସାର, ଔଷଧ, ବିଦ୍ୟୁତ ଯୋଗାଣ, ଜଳକର ଆଦି ବିଷୟରେ ପ୍ରସଙ୍ଗ ଉଥାପନ କରାଯାଇ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା। ରାଲି ଓ ସଭା ସମୟରେ ସିପିଆଇର ବରିଷ୍ଠ ନେତା ଅଭୟ ସାହୁ, ଅଜୟ ଦାସ, ଦାମୋଦର ବେହେରା, ଅକ୍ଷୟ ମେହେର, ନାରିନେତ୍ରୀ ରାଣୀମତି ଦୁର୍ଗାଙ୍କ ସମେତ ଶତାଧିକ କର୍ମୀ, ମହିଳା ପୁରୁଷ ଉପସ୍ଥିତି ଥିଲେ।

## ମେଦିନିପୁରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନୀପୁରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୌରୀ କୁମାର ମିଶ୍ରଙ୍କ ଅଧକ୍ଷତାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସନ୍ତୋଷ କୁମାର ଦାଶ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସିଂ, ମିଶନ ଶକ୍ତି (ଏମ ବି କେ) ତପସ୍ୱୀନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଆରଏସ ଦେବେନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ସ୍ଥଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ସିଂଦେଓ, ସଞ୍ଜିବ କୁମାର ପଟ୍ଟନାୟକ, କରୁଣାକର ରାଉତ, ସୁନ୍ଦର ଗଉଡ ଓ ଶିକ୍ଷୟିତ୍ରୀ ନିଶାମଣି ଦେଇ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ, ଦଳଗତ ନୃତ୍ୟ ପ୍ରତିଯୋଗିତା ଓ ମହିଳା ବର୍ଗରେ ଝୋଟି, ହୁଳହୁଳି, ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଓ ମହିଳାମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତର କଳାହାଣ୍ଡି ଉତ୍ସବରେ ଭାଗ ନେବେ।




କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

## ଆସନ୍ତା ବିଧାନ ସଭା ଘେରାଉ ପାଇଁ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୫।୧(ସୁଜିତ୍ କୁମାର ପ୍ରଧାନ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର୍ ଡିଭିଜନ ଖରିଆର ରେଞ୍ଜ ପକ୍ଷରୁ ସାନମହେଶ୍ୱର ଫଡ଼ି ଘର ପ୍ରାଙ୍ଗଣରେ ସଂଘ ପ୍ରତିଷ୍ଠାତା ସ୍ୱର୍ଗତ ବିଶନାଥ ପଣ୍ଡିତଙ୍କ ଜୟନ୍ତୀ ପାଳନରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆସନ୍ତା ୧୦ତାରିଖରେ କେନ୍ଦୁପତ୍ର ତୋଳାଳୀ, ସିଜିନାଲ ଷ୍ଟାଫ, ବାନ୍ଧାଲି ଓ ଅନ୍ୟାନ୍ୟ ଶ୍ରମିକଙ୍କ ଦାବି ହାସଲ ପାଇଁ ବିଧାନସଭା ଘେରାଉ ସଫଳ ପାଇଁ ପ୍ରସ୍ତୁତି କରାଯାଇଥିଲା। ନଟବର ନାଗ, ରୁଦ୍ର ନାଗ, ଟିନି ମାଝି, ଉପେନ୍ଦ୍ର ସଲମା, ଝସକେତନ ଭୋଇ ମନମୋହନ ମାଝି, ରାମ ମାଝିଙ୍କ ସମେତ ଖରିଆର ରେଞ୍ଜର ସମସ୍ତ ସିଜିନାଲ ଷ୍ଟାଫ ଯୋଗଦାନ କରିଥିଲେ।

## ଜିଲାସ୍ତରୀୟ କନିଷ୍ଠ ରେଡକ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ

ଖଡ଼ିଆଳ,୫।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧ତମ ଜିଲଶସ୍ତରୀୟ କନିଷ୍ଠ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀରେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଜଗବନ୍ଧୁ ବାରିକ, ସମ୍ମାନିତ ଅତିଥି ଭାବେ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ମହେଶ କୁମାର ଦଣ୍ଡସେନା, ବରିଷ୍ଠ କାଉନସିଲର ରାଜକପୁର ବାରିକ ଓ ଜେ.ଆର୍.ସି.ଓ ଜୟଦେବ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ପ୍ରଣବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଖଡ଼ିଆଳ କାଉନସିଲର ତଥା ସଂସ୍କୃତି ପ୍ରେମୀ ସୁନୀଲ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩୦୦ ଜୁନିୟର ଓ ୮୦ କାଉନସିଲର ଅଂଶ ଗ୍ରହଣ କରିଛନ୍ତି। କାଉନସିଲର ଦିଲୀପ ନାଏକ, ଗଙ୍ଗାରାମ ମେହେର, ମହତାବ ଆଡଜୁଏଡ଼, ଦେବାଶିଷ ଯୋଷୀ, ରତନ ସିଂ ବାରିକ, ରୋହିତ କୁମାର ନାଗ, ପ୍ରଶାନ୍ତ ପ୍ରଧାନୀ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।

## କଳାହାଣ୍ଡିର ୧୪ ଫୁଟବଲ ଖେଳାଳିଙ୍କ ମିରଟ ଗସ୍ତ

### ଡିଏଭି ଜାତୀୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଭାଗ ନେବେ

ଲାଞ୍ଜିଗଡ଼,୫।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୧୪ଜଣ ଫଟବଲ ଖେଳାଳି ଉତ୍ତରପ୍ରଦେଶର ମିରଟ ଗସ୍ତ କରିଛନ୍ତି। ମିରଟ ଡିଏଭି ସେଣ୍ଟ୍ରାଲ ପବ୍ଲିକ ସ୍କୁଲଠାରେ ଜାନୁୟାରୀ ୭ରୁ ୮ ତାରିଖ ପର୍ଯ୍ୟନ୍ତ ୨ଦିନ ହେବାକୁ ଥିବା ଡିଏଭି ଜାତୀୟ ଖେଳ ଫଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୁରୁବାର ମିରଟ ଗସ୍ତ କରିଛନ୍ତି। ଏହି ଖେଳାଳିମାନେ ଗତ ନଭେମ୍ବର ୬ରୁ ୭ ତାରିଖ ପର୍ଯ୍ୟନ୍ତ ଦୁଇଦିନ ହେବାକୁ ଥିବା ଡିଏଭି ଜାତୀୟ ଖେଳ-୨୦୨୩ (ଜୋନାଲସ୍ତରୀୟ) ଫୁଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ୧୪ଜଣ ପ୍ରତିଯୋଗୀ ତାଳଚେର ଗସ୍ତ କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧକ୍ଷ ସଦାନନ୍ଦ ହୋତାଙ୍କ ନେତୃତ୍ୱରେ ଖେଳ ଶିକ୍ଷକ ଜିତେନ୍ଦ୍ର କୁମାର ବାରିକଙ୍କ ସହିତ ପ୍ରତିଯୋଗୀମାନେ ଗସ୍ତ କରିଛନ୍ତି। ପ୍ରତିଯୋଗୀ ପାଇଁ ଗସ୍ତ କରିଥିବା ବେଳେ ବେଦାନ୍ତ ଆଲୁମିନା ସିଇଓ ପ୍ରଣବ ଭାଟାଚାର୍ଯ୍ୟ, ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ସିଏସଆର ଏବଂ ବାହ୍ୟବ୍ୟାପାର ମୁଖ୍ୟ ଭୂଦେନ୍ଦୁ ପଣ୍ଡା, ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତା ଓ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।



ମିରଟ ଗସ୍ତ କରିଥିବା ଖେଳାଳିମାନେ।

## ୩ ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)

୨୦୨୪ ସାଧାରଣ ନିର୍ବାଚନ ଉପଲକ୍ଷେ ସତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ଚୁଡାନ୍ତ ଭୋଟର ତାଲିକା ଭବାନୀପାଟଣାସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରକାଶ ହୋଇଛି। ଏଥିରେ ଚଳିତ ଜାନୁୟାରୀ ୧ ପର୍ଯ୍ୟନ୍ତ ହୋଇଥିବା ଭୋଟର ତାଲିକା ସଂଶୋଧନ ଅନୁଯାୟୀ ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ ଲାଞ୍ଜିଗଡ଼ (୭୭), ଭବାନୀପାଟଣା ( ୮୦) ଓ ନର୍ଲା (୮୧) ବିଧାନସଭା ନିର୍ବାଚନମଣ୍ଡଳୀର ଚୁଡାନ୍ତ ଭୋଟର ତାଲିକା ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶିତ ହୋଇଛି। ଭବାନୀପାଟଣା ଅତିରିକ୍ତ ଉପଜିଲାପାଳ ଜୟଦେବ ଦାସ ଏହି ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ ଉପରେ ସବିଶେଷ ସୂଚନା ଦେଇଥିଲେ। ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ ଉପରୋକ୍ତ ୩ଟି ନିର୍ବାଚନମଣ୍ଡଳୀର ୨୦୧୯ ୬,୫୧,୨୭୫ଜଣ ଭୋଟର ଥିବା ବେଳେ ବର୍ତ୍ତମାନ ୧ ଜାନୁୟାରୀ ୨୦୨୪ ସୁଦ୍ଧା ସମୁଦାୟ ୬,୯୦,୦୯୧ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ଏଥିରେ ୩,୪୪,୨୮୬ ଜଣ ପୁରୁଷ ୩,୪୫,୭୪୬ ମହିଳା ଭୋଟର ଓ ତୃତୀୟଲିଙ୍ଗ ୫୯ଜଣ ରହିଥିବାବେଳେ ୩୨,୦୪୪ଜଣ ନୁଆ ଭୋଟର ସାମିଲ ହୋଇଛନ୍ତି। ଏହାସହ ୧୬,୩୨୭ଜଣ ଭୋଟର ତାଲିକାରୁ ବାଦ୍ ହୋଇଛନ୍ତି। ଲାଞ୍ଜିଗଡ (୭୭) ନିର୍ବାଚନ ମଣ୍ଡଳୀରେ ୨୦୧୯ରେ ସମୁଦାୟ ୨,୧୨,୬୮୯ଜଣ ଭୋଟର ତାଲିକାଭୁକ୍ତ ହୋଇଥିବାବେଳେ ବର୍ତ୍ତମାନ ୧ ଜାନୁୟାରୀ ୨୦୨୪ ସୁଦ୍ଧା ସଂଶୋଧିତ ତାଲିକାରେ ସମୁଦାୟ ୨,୨୮,୫୧୨ଜଣ ଭୋଟର ରହିଛନ୍ତି। ଏଥିରେ ୧,୧୧,୪୭୪ଜଣ ପୁରୁଷ ଓ ୧,୧୭,୦୬୩ ମହିଳା ଭୋଟର ଓ ତୃତୀୟ ଲିଙ୍ଗ ୨୦ଜଣ ରହିଛନ୍ତି। ଭବାନୀପାଟଣା(୮୦) ନିର୍ବାଚନ ମଣ୍ଡଳୀରେ ୨୦୧୯ରେ ସମୁଦାୟ ୨,୨୫,୧୧୭ ଭୋଟର ଥିବା ବେଳେ ବର୍ତ୍ତମାନ ୧ ଜାନୁୟାରୀ ୨୦୨୪ ସୁଦ୍ଧା ସମୁଦାୟ ୨,୩୧,୫୫୫ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ଏଥିରେ ୧,୧୬,୫୯୯ ପୁରୁଷ ୧,୧୪,୯୩୬ ମହିଳା ଭୋଟର ଓ ତୃତୀୟଲିଙ୍ଗ ୨୦ଜଣ ତାଲିକାଭୁକ୍ତ ହୋଇଛନ୍ତି। ନର୍ଲା (୮୧) ନିର୍ବାଚନ ମଣ୍ଡଳୀର ୨୦୧୯ରେ ସମୁଦାୟ ୨,୧୩,୪୬୯ ଭୋଟର ଥିବା ବେଳେ ବର୍ତ୍ତମାନ ୧ ଜାନୁୟାରୀ ୨୦୨୪ ସୁଦ୍ଧା ସମୁଦାୟ ୨,୨୯,୯୭୯ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ଏଥିରେ ୧,୧୬,୨୧୩ ପୁରୁଷ ଓ ୧,୧୩,୭୪୭ ମହିଳା ଭୋଟର ଓ ତୃତୀୟ ଲିଙ୍ଗ ୧୯ଜଣ ରହିଛନ୍ତି। ଏହି ଚୁଡାନ୍ତ ଭୋଟର ତାଲିକା ସମସ୍ତ ବୁଥମାନଙ୍କୁ ଶୁକ୍ରବାରଠାରୁ ପ୍ରେରଣ କରାଯିବ। ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ ସମୟରେ ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର, ଡିଆଇପିଆରଓ ମନୋଜ ବେହେରାଙ୍କ ସମେତ ବିଜେଡି, କଂଗ୍ରେସ, ଭାଜପା, ଏଏପି, ବିଏସପି, କମ୍ୟୁନିଷ୍ଟ ପାର୍ଟି ପ୍ରତିନିଧିଙ୍କ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।



ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯାଉଛି।

### ଭବାନୀପାଟଣା ଉପଖଣ୍ଡ

■ ଯୋଡ଼ିହେଲେ ୩୨ ହଜାର, କଟିଲେ ୧୬ ହଜାର

## ସଂକ୍ଷେପରେ

### ମୋବାଇଲ ଲୁଟି ଫେରାର ବେଳେ ଦୁର୍ଘଟଣା

ସରଣ୍ଡା, ୫।୧(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ବସଷ୍ଟାଣ୍ଡରେ ଜନୈକ ବ୍ୟକ୍ତି ମୋବାଇଲ ଲୁଟି ଫେରାର ହେଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେ ହେଲେ ସମ୍ବଲପୁର ଅଞ୍ଚଳର ଆକାଶ ସାହୁ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଅତାବିରା ଓ ପରେ ବୁର୍ଲାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ଗୋଡ଼ଭଗା ବସଷ୍ଟାଣ୍ଡରେ ଜଣେ କଲେଜ ଛାତ୍ରୀ ମୋବାଇଲରେ କଥା ହୋଇ ବସ ଉପରକୁ ଚଢୁଥିଲେ। ଲୁଟେରା ଜଣଙ୍କ ତାଙ୍କ ମୋବାଇଲ ଛଡାଇ ନେଇ ଏକ୍ ବାଇକ (ନଂ.ଓଡ଼ି୧୫ୟୁ/୦୦୩୬) ଯୋଗେ ଗୋଡ଼ଭଗା ମାର୍କେଟ ପଟକୁ ଫେରାର ହେଉଥା ବେଳେ ସାମ୍ନାରେ ଛିଡ଼ା ହୋଇଥିବା ଧୀରେନ ପଣ୍ଡାଙ୍କ କାର (ନଂ.ଓଡ଼ି ୧୫ଜେ /୮୮୪୭)କୁ ଧକ୍କା ଦେଇଥିଲେ। ବାଇକ୍‌ର ଗତି ଏତେ ଦ୍ରୁତ ଥିଲା ଯେ କାର୍‌ର ବାମ ପଟ ପଛଚକ ଫାଟି ଯାଇଥିଲା। ଖବର ପାଇ ଗୋଡ଼ଭାଗା ଫାଣ୍ଡି ଅଧିକାରୀ ଅନିମା ଏକ୍କା ଘଟଣାସ୍ଥଳରେ ପହଁଚି ବାଇକକୁ ଜବତ କରିଛନ୍ତି। ଏ ନେଇ ଅତାବିରା ଥାନାରେ କାର୍ ମାଲିକଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି।

### ହାଇସ୍କୁଲ ସମସ୍ୟା ନେଇ ଉଦ୍‌ବେଗ

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜର୍ଜ ହାଇସ୍କୁଲର ବହୁବିଧ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ସ୍କୁଲ ପରିଚାଳନା କମିଟିର ଅଭିମନ୍ୟୁ ପ୍ରଧାନ ଏକ ପ୍ରେସ ବିବୃତିରେ ନିଜ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ଉକ୍ତ ହାଇସ୍କୁଲରେ ପଢ଼ିଥିବା ପୁରାତନ ଛାତ୍ରୀଛାତ୍ର ଉଚ୍ଚ ପଦପଦବୀରେ ଅବସ୍ଥାପିତ ରହିଛନ୍ତି। ମାତ୍ର ହାଇସ୍କୁଲର ସମସ୍ୟା ଅସମାହିତ ହୋଇ ରହିଛି। ଗତ ଡିସେମ୍ବର ୨୮ତାରିଖରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ୬ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ପ୍ରଶାସନକୁ ପ୍ରଦାନ କରାଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ପ୍ରଧାନ ଅଭିଯୋଗ କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ସ୍କୁଲରେ ୧୧ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ଦୀର୍ଘଦିନରୁ ପ୍ରେକ୍ଷାଳୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଛି। ସେହିପରି ସ୍କାଉଟ ଭବନ ପାଇଁ ଉଦ୍ଦିଷ୍ଟ ଜାଗାକୁ ଜବରଦଖଲମୁକ୍ତ କରାଯିବାକୁ ସେ ଦାବି କରିଛନ୍ତି। ଏହାସହିତ ଧନୁଯାତ୍ରା ମହୋତ୍ସବ ସମୟରେ ସ୍କୁଲ ପଡ଼ିଆକୁ ବ୍ୟବହାର କରାଯାଉଥିବାରୁ ଚଳିତବର୍ଷଠାରୁ ମହୋତ୍ସବ କମିଟି ସ୍କୁଲ କର୍ତ୍ତୃପକ୍ଷଙ୍କୁ ୪୦ଲକ୍ଷ ଟଙ୍କା ପ୍ରଦାନ, ପ୍ରତି ୩ବର୍ଷରେ ଏଥିରେ ୧୦ପ୍ରତିଶତ ବୃଦ୍ଧି ଏବଂ ସ୍କୁଲ ଜାଗାରେ ପ୍ରାୟ ୮୦ବର୍ଷ ହେବ ବିଦ୍ୟୁତ ବିଭାଗ ଟ୍ରାନ୍ସଫର୍ମର, ଖୁଣ୍ଟ ସ୍ଥାପନ କରିଥିବା ଯୋଗୁ ସେ ବାବଦକୁ ବକେୟା ୧କୋଟି ୨୬ଲକ୍ଷ ଟଙ୍କା ୭ଦିନ ମଧ୍ୟରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦିଆଯାଉ ବୋଲି ପ୍ରଧାନ ଦାବି କରିଛନ୍ତି।

### ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ବରପାଲି,୫।୧(ଚିତ୍ତରଞ୍ଜନ ସାହୁ): ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ତଥା ସାଂସ୍କୃତିକ ସମ୍ପାଦକ ଯତୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତାର ଫଳାଫଳ ଘୋଷିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ରମାକାନ୍ତ ତ୍ରିପାଠୀ, ଶିକ୍ଷକ ସରୋଜ କୁମାର ଦାଶ, ବରିଷ୍ଠ ଶିକ୍ଷାବିତ୍ ବିବେକାନନ୍ଦ ବାରିକ, ବାବଲୁ ମେହେର, ତୁଳସୀ ଦାସ ସାହୁ, ଅଜିତ ଛତ୍ରିଆ, ପ୍ରିୟରଞ୍ଜନ ମହାନନ୍ଦ, ନିରଜ ସାହୁ, ବିନୋଦ ବେହେରା ଅଲିଭା ପୂଝାରୀ ଓ ନିବେଦିତା ସାହୁ, ଇଂରାଜୀ ଅଧ୍ୟାପକ ଅମିତ ପଧାନ ଓ ରାଜେଶ ରାୟ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁଧାଂଶୁ କୁମାର ଦାଶ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ନିଳୀମା ନାୟକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ପୁନମ୍ ସାହୁ, ପରିଣିତା ପ୍ରଧାନ, ସହକର୍ମୀ ସାର୍ଥକ ପାଣିଗ୍ରାହୀ, ଶଶାଙ୍କ ଶେଖର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅତୀତକୁ ଭୁଲି ଭବିଷ୍ୟତ ପରିକଳ୍ପନା ଅସମ୍ଭବ




ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।



ଉଦ୍‌ଘାଟନୀ ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି।

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

**ଗୋବିନ୍ଦପୁର ସରକାରୀ ପ୍ରାଥମିକ ସ୍କୁଲର ଶତବାର୍ଷିକୀ ସମାରୋହ**

ଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶହେ ବର୍ଷରେ ପଦାର୍ପଣ କରିଛି। ଏହି ସମୟ ଭିତରେ ବିଦ୍ୟାଳୟରୁ ଅନେକ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ନିଜକୁ ନିୟୋଜିତ କରି ବିଦ୍ୟାଳୟର ଗୌରବ ଆଣିଛନ୍ତି। ତେଣୁ କୌଣସି ଜାତି ବା ସମାଜ ନିଜର ଅତୀତକୁ ଭୁଲି ଭବିଷ୍ୟତ ପରିକଳ୍ପନା କରିବା ଅସମ୍ଭବ ବୋଲି ଶୁକ୍ରବାର ବରଗଡ଼ ବ୍ଲକ ଗୋବିନ୍ଦପୁର ସରକାରୀ ପ୍ରାଥମିକ ସ୍କୁଲ ଶତବାର୍ଷିକୀ ପାଳନର ଉଦଘାଟନୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଶତବାର୍ଷିକୀ କମିଟି ଅଧ୍ୟକ୍ଷ ତଥା ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅତାବିରା ବିଧାୟିକା ତଥା ରାଜ୍ୟ ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ପ୍ରାକ୍ତନ ଶିକ୍ଷକ କୁଳମଣି ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ନିତ୍ୟାନନ୍ଦ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପଣ୍ଡିତ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ମଳୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ ଡ. ପ୍ରଦୀପ ହୋତା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜ ପାଇଁ ନୂତନ ଶିକ୍ଷାନୀତିର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କେବଳ ଡିଗ୍ରୀ ହାସଲ କରି ଜଣେ ବ୍ୟକ୍ତି ସାକ୍ଷର ହୋଇପାରେ କିନ୍ତୁ ଶିକ୍ଷିତ ହୋଇପାରେନାହିଁ। ଯିଏ ନିଜର ଆଚରଣ, ଉଚ୍ଚାରଣ ଓ ବ୍ୟବହାରରେ ଜୀବନର ପ୍ରତି କ୍ଷେତ୍ରରେ ସମାଜର ଉନ୍ନତି ଓ ମଙ୍ଗଳରେ ବିନିଯୋଗ କରିପାରେ ସେ ନିଜକୁ ଶିକ୍ଷିତ ଭାବେ ପ୍ରତିଷ୍ଠିତ କରିପାରେ। ସମାଜ ପାଇଁ ଏଭଳି ଶିକ୍ଷିତମାନଙ୍କର ଲୋଡା ବୋଲି ହୋତା ମତପ୍ରକାଶ କରିଥିଲେ। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୋବିନ୍ଦପୁର ଗ୍ରାମବାସୀ, ଯୁବଗୋଷ୍ଠୀ, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

## ଯୋଗାଣ ସହାୟକ ନିଲମ୍ବିତ

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫ୍‌ଏସ୍‌ଏ)ରେ ହିତାଧିକାରୀଙ୍କ ପାଇଁ ଆସୁଥିବା ଚାଉଳ ହେରଫେର ଅଭିଯୋଗ ମହଙ୍ଗା ପଡ଼ିଛି। ଏଭଳି ଅଭିଯୋଗ ପାଇବା ପରେ ବରଗଡ଼ ବ୍ଲକ ତୋରା ପଞ୍ଚାୟତର ଯୋଗାଣ ସହାୟକଙ୍କୁ ତତ୍କାଳ ନିଲମ୍ବନ କରାଯାଇଥିବା ଜିଲାପାଳ ମୋନିଷା ବାନାର୍ଜୀ କହିଛନ୍ତି । ସେହିପରି ଚାଉଳ ପାଇ ନ ଥିବା ହିତାଧିକାରୀଙ୍କୁ ତୁରନ୍ତ ସେମାନଙ୍କ ପ୍ରାପ୍ୟ ଚାଉଳ ପ୍ରଦାନ କରିବା ପାଇଁ ଜିଲାପାଳ ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ତୋରା ପଞ୍ଚାୟତର ୱାର୍ଡ ନଂ-୧୭ ଅଧୀନ କନ୍ଦୁମୁଣ୍ଡା, ପ୍ରଧାନଟିକ୍ରାର ହିତାଧିକାରୀମାନେ ଚାଉଳ ପାଇଁ ପଞ୍ଚାୟତ ଅଫିସକୁ ଆସିଥିଲେ। ମାତ୍ର ଚାଉଳ ସରିଯାଇଥିବା, ଚାଉଳ ନ ଥିବା ଆଦି ଆଳ ଦେଖାଇ ସେମାନଙ୍କୁ ଫେରାଇ ଦିଆଯାଉଥିଲା। ଅନ୍ୟପଟେ ହିତାଧିକାରୀଙ୍କ ଚକ୍ଷୁସ୍କାନ କରାଯିବା ସହିତ ଦସ୍ତଖତ, ଟିପଚିହ୍ନ ଆଦି ରଖାଯାଉଥିଲା। ଏଭଳି ୭ ମାସର ଚାଉଳ ସେମାନଙ୍କୁ ଦିଆଯାଇ ନ ଥିବା ହିତାଧିକାରୀମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ଜିଲାପାଳ ବାନାର୍ଜୀ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇଥିଲେ।

## ବରପାଲି ହାଇସ୍କୁଲ ପଡ଼ିଆ ଗ୍ୟାଲେରି ଲୋକାର୍ପିତ




ମନ୍ତ୍ରୀ ରୀତା ସାହୁ ଗ୍ୟାଲେରିକୁ ଲୋକାର୍ପଣ କରୁଛନ୍ତି।

ବରପାଲି,୫।୧ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ହାଇସ୍କୁଲ ପଡିଆରେ ଏକ କୋଟି ଟଙ୍କାରେ ନିର୍ମିତ ଗ୍ୟାଲେରିକୁ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ମନ୍ତ୍ରୀ ରୀତା ସାହୁଙ୍କ ସମେତ ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ନଗରପାଳ ଦୀନେଶ ଗହୀର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ବରପାଲି କ୍ରୀଡ଼ା ସଂସଦ ସଭାପତି ଉପଗୁପ୍ତ ତ୍ରିପାଠୀଙ୍କ ସମେତ ବହୁ କ୍ରୀଡାବିତ୍ ଉପସ୍ଥିତ ଥିଲେ। ଖେଳ ପଡିଆରେ ବହୁ ଦିନରୁ ଗ୍ୟାଲେରିର ଆବଶ୍ୟକତା ପୂରଣ ହୋଇଥିବାରୁ କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ସେହିପରି ତୃତୀୟ ସୁବଳ ସାହୁ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଟ୍ରଫିକୁ ମନ୍ତ୍ରୀ ରୀତା ସାହୁ ଉନ୍ମୋଚନ କରିଥିଲେ। ଏହି ଟୁର୍ନାମେଣ୍ଟରେ ହାଇଦ୍ରାବାଦ, ବକ୍ସର ବିହାର, ଚକ୍ରଧରପୁର, କୁଚିଣ୍ଡା, ଇଷ୍ଟର୍ଣ୍ଣ ରେଲୱେ ହାୱଡା, କିଶୋର କ୍ଲବ ଭୁବନେଶ୍ୱର, ଦେହେରାଦୁନ ଉତ୍ତରାଖଣ୍ଡ, ବୀର ମହାରାଜପୁରରୁ ଆଦି ୮ଟି ଦଳ ଯୋଗଦେବେ ବୋଲି ଜଣାପଡିଛି।

# ପ୍ରକାଶ ପାଇଲା ଭୋଟର ତାଲିକା



ଭୋଟର ତାଲିକା ପ୍ରକାଶନ ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ।

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ପାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହାର ପ୍ରକାଶନ କରିଥିଲେ। ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ, ଜିଲାରେ ସମୁଦାୟ ୧୧ଲକ୍ଷ ୭୬ହଜାର ୪୨ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫ଲକ୍ଷ ୯୩ହଜାର ୧୩୨ ପୁରୁଷ, ୫ଲକ୍ଷ ୮୨ହଜାର ୮୬୭ ମହିଳା ଏବଂ ୪୩ଜଣ ଟ୍ରାନ୍ସଜେଣ୍ଡର ଅଛନ୍ତି। ସେହିପରି ୧୩୯୭ ଭୋଟଗ୍ରହଣ କେନ୍ଦ୍ର ରହିଛି। ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ସରିଥିଲେ ମଧ୍ୟ ନିର୍ବାଚନ ନାମାଙ୍କନ ଦାଖଲ ପର୍ଯ୍ୟନ୍ତ କୌଣସି ଯୋଗ୍ୟ ଭୋଟର ତାଙ୍କ ନାମ ଭୋଟର ତାଲିକାରେ ଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। ଭୋଟର ତାଲିକା ପ୍ରକାଶନ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ଉପଜିଲାପାଳ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର (ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସମେତ କଂଗ୍ରେସର ପ୍ରତାପ ଚନ୍ଦ୍ର ନାୟକ, ଆମ ଆଦମୀ ପାର୍ଟିର ଭବାନୀ ପ୍ରସାଦ ସାହୁ, ଭାଜପାର କୁଶ କୁମ୍ଭାର, ବିଜେଡିର ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ବୁଙ୍ଗାପାଲି ଗ୍ରାମର ଅଞ୍ଜଳି ଭୋଇଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ ନେଇଛି। ମୃତ ଅଞ୍ଜଳିଙ୍କ ବାପା ଛତାଦେଇ ନିବାସୀ ରାଜେନ୍ଦ୍ର ପ୍ରଧାନଙ୍କ ଏତଲା ଆଧାରରେ ଅମ୍ବାଭୋନା ପୋଲିସ ସ୍ୱାମୀ ବିଶ୍ୱନାଥ ଭୋଇଙ୍କ ବିରୋଧରେ ଏକ ମାମଲା (ନଂ ୦୩/୨୪) ରୁଜୁ କରି ଶୁକ୍ରବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପ୍ରକାଶ ଯେ, ତିନି ବର୍ଷ ତଳେ ଛତାଦେଇ ନିବାସୀ ଅଞ୍ଜଳିଙ୍କ ସହ ବୁଙ୍ଗାପାଲି ନିବାସୀ ବିଶ୍ୱନାଥଙ୍କ ପ୍ରେମ ବିବାହ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଅଞ୍ଜଳିଙ୍କୁ ଝୁଲନ୍ତା ଅବସ୍ଥାରେ ଘରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ତେବେ ଅଞ୍ଜଳିଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହିତ ହତ୍ୟା କରାଯାଇଛି ବୋଲି ରାଜେନ୍ଦ୍ର ପୋଲିସରେ ଏତଲା ଦେଇଥିଲେ। ପୋଲିସ ବିଶ୍ୱନାଥଙ୍କୁ ଗିରଫ କରି ତଦନ୍ତ କରୁଛି।

## ସଚେତନତା ରଥର ଶୁଭାରମ୍ଭ

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡରେ ଅନ୍ତର୍ଭୁକ୍ତ ସକାଶେ ଗ୍ରାମାଞ୍ଚଳରେ ଏହାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଶୁକ୍ରବାର ପୂର୍ବାହ୍ନରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ମଜୁମଦାର, ଅନ୍ୟ ଅଧିକାରୀ ଏବଂ ଆଶାକର୍ମୀମାନେ ଉପସ୍ଥିତ ଥିଲେ। ସଚେତନତା ରଥର ଶୁଭାରମ୍ଭ ସମୟରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇ କହିଥିଲେ, ବର୍ତ୍ତମାନ ସୁଦ୍ଧା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ସବୁ ଗ୍ରାମୀଣ ପରିବାର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ବ୍ୟବସ୍ଥା କରାଯାଇଛି। ନିୟମିତ ସରକାରୀ କର୍ମଚାରୀ, ପେନଶନଧାରୀ ଓ ଆୟକରଦାତାଙ୍କ ବ୍ୟତୀତ ଗ୍ରାମାଞ୍ଚଳର ଅନ୍ୟ ସମସ୍ତ ପରିବାର ଏଥିପାଇଁ ଯୋଗ୍ୟ ବିବେଚିତ ହେବେ। ଏହି କାର୍ଡର ହିତାଧିକାରୀମାନେ ତାଲିକାଭୁକ୍ତ ଓଡ଼ିଶା ଏବଂ ଓଡ଼ିଶା ବାହାର ଘରୋଇ ଡାକ୍ତରଖାନା ଗୁଡ଼ିକରେ ନିର୍ଦ୍ଧାରିତ ଗୁରୁତର ରୋଗସବୁର ଦେୟମୁକ୍ତ ଚିକିତ୍ସା ସେବା ପାଇପାରିବେ। ଏହି କାର୍ଡରେ ପ୍ରତି ପରିବାର ପିଛା ବାର୍ଷିକ ୫ଲକ୍ଷ ଏବଂ ମହିଳା ସଦସ୍ୟାଙ୍କ ପାଇଁ ବାର୍ଷିକ ୧୦ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା ରହିଛି। ଏହି ସୁବିଧା ପାଇବା ପାଇଁ ଦରଖାସ୍ତକାରୀ ଚଳିତ ମାସ ୬ରୁ ୧୬ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ସମସ୍ତ ଆବେଦନକାରୀ ନିଜେ ଅନ୍‌ଲାଇନ କିମ୍ବା ଜନସେବା କେନ୍ଦ୍ରକୁ ଯାଇ ବିନା ଦେୟରେ ପଞ୍ଜୀକରଣ କରିପାରିବେ। ଅଫ୍‌ଲାଇନ ମାଧ୍ୟମରେ କୌଣସି ଆବେଦନ ଗ୍ରହଣ କରାଯିବନାହିଁ। ଏହି କାର୍ଡର ହିତାଧିକାରୀମାନେ ଆସନ୍ତା ମେ ୧ତାରିଖରୁ ଚିକିତ୍ସା ସେବା ପାଇପାରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା।

# ବନାଗ୍ନି ନିରାକରଣ, ସଚେତନତା ଶିବିର

ଭେଡ଼େନ,୫।୧ (ସୁଦନ ମହାକୁର)




ଶିବିରରେ ଉପସ୍ଥିତ ଅତିଥି ଏବଂ ବନ କର୍ମଚାରୀ ।

ବରଗଡ଼ ଜିଲା ଭେଡେନ ବ୍ଲକ ଅଧୀନ ବରମକେଲାସ୍ଥିତ ଚାରା ପ୍ରସ୍ତୁତି କେନ୍ଦ୍ରରେ ଜିଲା ବନ ବିଭାଗ ଆନୁକୂଲ୍ୟରେ ବନାଗ୍ନି ନିରାକରଣ ଓ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫରେଷ୍ଟର ଲୋକନାଥ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବନାଞ୍ଚଳ ଅଧିକାରୀ ଆରତୀ ନେଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ପୋଡ଼ି ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ସେହିପରି ପ୍ରତେକ ବୃକ୍ଷ ରୋପଣ କରି ଏହାର ଯତ୍ନ ନେବା ଏବଂ ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରପାଲି ସେକ୍ସନ ଫରେଷ୍ଟର ଶଶିକାନ୍ତ ମଲ୍ଲିକ, ତାଳଗାଁ ବିଟ୍ ଫରେଷ୍ଟର ରୁମକି ମହାପାତ୍ର, କେନ୍ଦୁପତ୍ର ଡିଭିଜନ ଫରେଷ୍ଟର ମୋନାଲିସା ବାବୁ, ଫରେଷ୍ଟଗାର୍ଡ ସୁଜାତା ପଧାନ, ରାଜେଶ୍ୱରୀ କୁମ୍ଭାର, ଦୀପ୍ତିୱାଲା ତାଣ୍ଡି, ଭେଡ଼େନ ଅଗ୍ନିଶମ ବାହିନୀର ଆଲୋକ ପଧାନ ପ୍ରମୁଖ ଯୋଗଦେଇ ବନାଗ୍ନି ନିରାକରଣ ଉପାୟ ଓ ସଚେତନାମୂଳକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଭେଡ଼େନରୁ ବରଗଡ଼ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଆମ୍ବ ଗଛ ଲଗାଇ ତାର ଯତ୍ନ ନେଉଥିବା ଗ୍ରୀଣ୍ଡୋଲା ଗ୍ରାମର ମଙ୍ଗନିଆ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ତହସିଲ ଅଫିସ ଘେରିବ ଜୟ କିଷାନ ଆନ୍ଦୋଳନ

ପାଇକମାଳ,୫।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକର ଜୟ କିଷାନ ଆନ୍ଦୋଳନ ପକ୍ଷରୁ ନୃସିଂହନାଥ ନିଃସର୍ଗ ନିବାସଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀମାନଙ୍କ ହକ୍, ଅଧିକାର ପାଇଁ ଜୟ କିଷାନ ଆନ୍ଦୋଳନ ଦାବି ପୂରଣ ନ ହେବା ଯାଏ ଲଢେଇ ଜାରି ରଖିବ ବୋଲି ସଭାପତି ବିଶ୍ୱନାଥ ରଣା କହିଛନ୍ତି। ଚାଷୀଙ୍କ ବିଜୁଳି ସମସ୍ୟା, ଗଭୀର ନଳକୂପ, ଘରୋଇ ବିଜୁଳି, ସମସ୍ତ ଚାଷୀଙ୍କୁ ଋଣମୁକ୍ତ କରିବା, ଅଙ୍ଗ ନଦୀବନ୍ଧ ଯୋଜନାରେ ବ୍ୟାରେଜ କରି ପାଇକମାଳ, ପଦ୍ମପୁର ଚାଷୀଙ୍କୁ ଜଳସେଚନ ବ୍ୟବସ୍ଥା, ଧାନ ମଣ୍ଡିର ସୁପରିଚାଳନା, ଇନ୍‌ପୁଟ ଓ ବୀମା ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। କରି ଉକ୍ତ ଦାବିଗୁଡିକୁ ନେଇ ଆସନ୍ତା ୩୦ ତାରିଖରେ ଜୟ କିଷାନ ଆନ୍ଦୋଳନ ତରଫରୁ ଚାଷୀମାନେ ପାଇକମାଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସଭାପତି ରଣା କହିଥିଲେ। ବୈଠକରେ ସମ୍ପାଦକ ବାଳକୃଷ୍ଣ ବନଛୋର, କ୍ଷେତ୍ରୀ ଲୁହାର, ରାସ ବିହାରୀ ସାହୁ, ଚୂଡ଼ାମଣି ମିଶ୍ର, ନାରୀ ନେତ୍ରୀ ଦେବକୀ ଭାଟ, କ୍ଷୀରବତୀ ନାୟକ, ଗୁପଧର ସାହୁ, ହରି ଧରୁଆ, ହରିଚନ୍ଦ୍ର କଳାରୀ, ବନମାଳି ଚନ୍ଦନ, ଲକ୍ଷଣ ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଚାଷୀ ସଙ୍ଗଠନର କର୍ମକର୍ତ୍ତା।

# ୭ରୁ ସି. କେ. ନାଇଡୁ ଟ୍ରଫି

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)



ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି କର୍ମକର୍ତ୍ତା।

ଜାନୁଆରୀ ୭ରୁ ୧୦ତାରିଖ ପର୍ଯ୍ୟନ୍ତ ବରଗଡ଼ କ୍ରିଷ୍ଣା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ବିସିସିଆଇ ପ୍ରଦତ୍ତ ୨୩ ବର୍ଷରୁ କମ୍ ବୟସ ବର୍ଗର କର୍ନେଲ ସି. କେ. ନାଇଡୁ ଏଲାଇଟ ଗ୍ରୁପ୍-ସି ଲିଗ୍ କ୍ରିକେଟ ପ୍ରତିଯୋଗିତା ଓଡ଼ିଶା ଓ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ହେବ। ଇତିମଧ୍ୟରେ ଓଡ଼ିଶା ଓ ସୌରାଷ୍ଟ୍ର ଦଳ ବରଗଡରେ ଅବସ୍ଥାନ କରୁଛନ୍ତି ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ମ୍ୟାଚ୍‌କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଉକ୍ତ ପଡିଆରେ ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇସାରିଥିବା ବେଳେ କ୍ରିଷ୍ଣା ବିକାଶ ଗ୍ରୁପ୍ ସହାୟତାରେ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ସମସ୍ତ ମ୍ୟାଚ୍ ସଫଳତାର ସହ ସମାପନ କରିପାରିଛି ବୋଲି ସୂଚନା ଦିଆଯାଇଥିଲା। ଏହି ମ୍ୟାଚ୍ ପୂର୍ବରୁ ଏହି ଗ୍ରାଉଣ୍ଡ ୨୦୧୫-୧୬, ୨୦୧୮-୧୯, ୨୦୨୦-୨୧ରେ ୨୩ ବର୍ଷରୁ କମ୍ ବୟସ ବର୍ଗର ସି. କେ. ନାଇଡୁ ଟ୍ରଫି ଏବଂ ୨୦୧୬-୧୭, ୨୦୧୭-୧୮, ୨୦୨୩-୨୪ରେ ୧୯ ବର୍ଷରୁ କମ୍ ବୟସ ବର୍ଗରେ କୁଚ୍ ବିହାର ଟ୍ରଫି ଏଭଳି ୬ଟି ମ୍ୟାଚ୍ ହୋଇସାରିଥିବା ବେଳେ ଆସନ୍ତା ମ୍ୟାଚ୍ ଏହି ଗ୍ରାଉଣ୍ଡର ସପ୍ତମ ମ୍ୟାଚ୍ । ଆସନ୍ତା ମ୍ୟାଚ ମଧ୍ୟ ପୂର୍ବ ମ୍ୟାଚ୍‌ଗୁଡ଼ିକ ଭଳି ରୋମାଞ୍ଚପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି ବୋଲି ଆୟୋଜକମାନେ କହିଥିଲେ। ଚଳିତ ବର୍ଷ ସିଜନ୍ ଆରମ୍ଭରେ ଚାରିଦିନିଆ ଫର୍ମାଟ୍‌ର ଏହା ଉଭୟ ଦଳର ପ୍ରଥମ ମ୍ୟାଚ୍ । ଏହା ପୂର୍ବରୁ ଓଡ଼ିଶା ଦଳ ଚଳିତ ବର୍ଷ ଏକ ଦିବସୀୟ ପ୍ରତିଯୋଗିତାରେ ଖେଳିଥିବା ୬ରୁ ୪ ମ୍ୟାଚ୍‌ରେ ବିଜୟୀ ହୋଇ ନିଜ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଥିଲା। ସେହିପରି ଏକ ଦିବସୀୟ ପ୍ରତିଯୋଗିତାରେ ନିଜ ଗ୍ରୁପ୍‌ରେ ସ୍ଥାନ ପାଇ ସୌରାଷ୍ଟ୍ର ଦଳ ୫ରୁ ୪ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ବାଲକ୍ରିଷ୍ଣା ମିସକୁଇନ୍ ମ୍ୟାଚ୍ ରେଫରି ଏବଂ ଦୀପକ ଡିଏଲ ଓ ବିକାଶ ଭଟ୍ଟ ଅମ୍ପାୟର ରହିଛନ୍ତି । ସେହିପରି ତାପସ ନାୟକ ସିନିୟର ଭିଡିଓ ଆନାଲିଷ୍ଟ ରହିଥିବା ବେଳେ ଜୁନିୟର ଭିଡିଓ ଆନାଲିଷ୍ଟ ରହିଛନ୍ତି ସାୱନ ପାଢ଼ୀ। ସିଡି ସୁନୀଲ ଅନଲାଇନ୍ ସ୍କୋରର ଏବଂ ବୀରବର ନାୟକ ମାନୁଆଲ ସ୍କୋରର ଅଛନ୍ତି। ସେହିପରି ଏହି ମ୍ୟାଚ୍ ପ୍ରବନ୍ଧନରେ ଓଡ଼ିଶା ଦଳର ମ୍ୟାନେଜର ଭାବେ ସଚ୍ଚିଦାନନ୍ଦ ପଣ୍ଡା ରହିଥିବା ବେଳେ ପ୍ରଦୀପ ସାହୁ ସୌରାଷ୍ଟ୍ର ଦଳର ସ୍ଥାନୀୟ ମ୍ୟାନେଜର ଅଛନ୍ତି। ଅମ୍ପାୟରମାନଙ୍କ ପ୍ରବନ୍ଧନରେ ପ୍ରଦୀପ ନନ୍ଦ ଥିବାବେଳେ ସ୍କୋରର ଓ ଭିଡିଓ ଆନାଲିଷ୍ଟଙ୍କ ପାଇଁ ରଜତ ଦାଶ ରହିଛନ୍ତି। ସେହିପରି କ୍ରିଷ୍ଣା ବିକାଶ ଗ୍ରୁପ୍ ଚେୟାରମେନ ଡି. ମୁରଲୀ କ୍ରିଷ୍ଣା ଭେନ୍ୟୁ ମୁଖ୍ୟ ରହିଛନ୍ତି। ଅଶୋକ ସିଂ ଭେନ୍ୟୁ ସଂଯୋଜକ, ମୁରଲୀ ପାତ୍ର ମୁଖ୍ୟ କ୍ୟୁରେଟର, ରୋଣ୍ଟୁ ଆସିଷ୍ଟାଣ୍ଟ କ୍ୟୁରେଟର ରହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ଭେନ୍ୟୁ ମୁଖ୍ୟ ତଥା କ୍ରିଷ୍ଣା ବିକାଶ ଗ୍ରୁପ୍ ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୈଦିକ ଆଶ୍ରମରେ ସ୍ୱଚ୍ଛତା ପକ୍ଷ ପାଳିତ

ରାଉରକେଲା,୫।୧(ଦିନେଶ ମିଶ୍ର/ଆଲୋକ ସ୍ୱାଇଁ): ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ପରିବେଶ ସ୍ୱଚ୍ଛତା ପକ୍ଷ, ନୂତନ ବସ୍ତ୍ର ଓ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ସମ୍ପାଦକ ରାମଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭବାନୀ ଶଙ୍କର ଚାନ୍ଦେଲ ଓ ସନ୍ତୋଷ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୈଦିକ ଧର୍ମର ସୁରକ୍ଷା ସହିତ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସର ଚନ୍ଦ୍ରଧ୍ୱଜ ମାଝୀ, ଡକ୍ଟର ପରମେଶ୍ୱର ଶପଥୀ, କୋଦାର ନାଥ ପାଢୀ, କାଳଙ୍କିକର ପଣ୍ଡା, ଉଦ୍ଧବ ଲେଙ୍କା, ରବିନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ସାବିତ୍ରୀ ପଟେଲ, ମମତା ପଟେଲ, ଖୁସି ରାୟ, ତୁଷାର ମିଶ୍ର ବୈଦିକ ମନ୍ତ୍ରପାଠ କରିଥିଲେ।

### ନାଳ କଡ଼ରୁ ଯୁବକଙ୍କ ମୃତଦେହ ଜବତ

ହେମଗିର,୫।୧(ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ହେମଗିର ଥାନା ନକାଡେରା ଗାଁ ନିକଟ ନାଳ କଡରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ହେଲେ ଟିକେଶ୍ୱର ମଲ୍ଲିକ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଟିକେଶ୍ୱର ଗୁରୁବାର ରାତିରେ ୨ ଜଣଙ୍କ ସହ ନିଆଁ ଜାଳି ବସିଥିଲେ। ହେଲେ ଶୁକ୍ରବାର ସକାଳୁ ତାଙ୍କ ମୃତଦେହ ନାଳ ନିକଟରୁ ଜବତ ହୋଇଛି। ଅନ୍ୟପଟେ ମହୁଲ ଗଛ ପାଖେ ରକ୍ତ ଛିଟା ପଡିଥିବା ଓ ରକ୍ତଲଗା ବାଡି ପଡିଥିବା ସହ ମୃତଦେହକୁ ଘୋଷାଡି ଘୋଷାଡି ନାଳ କଡରେ କେହି ଫୋପାଡି ଦେଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି। ତେବେ ଟିକେଶ୍ୱରଙ୍କୁ କିଏ ଓ କାହିଁକି ମାରିଲା ସେନେଇ ପୋଲିସ ତଦନ୍ତ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଟିକେଶ୍ୱର ଦିନ ମଜୁରିଆଭାବେ କାମ କରୁଥିଲେ।

### ଗୌନ୍ତିଆଙ୍କ ବିୟୋଗରେ ଶୋକ

ବଡ଼ଗାଁ,୫।୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁର ଗୌନ୍ତିଆ ପ୍ରକାଶ ପାଣିଗ୍ରାହୀ (୭୩)ଙ୍କ ଚିକିତ୍ସାଧୀନ



ଅବସ୍ଥାରେ ଶୁକ୍ରବାର ଦେହାନ୍ତ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତମାସ ୨୯ରେ ସେ ବଡ଼ଗାଁ ଗୋଲେଇ ଛକ ପାର୍ଶ୍ୱରେ ଚାଲିକି ଯାଉଥିବା ବେଳେ ଟ୍ରକ ଚକ ତଳେ ପଡି ଯିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲା ସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବଡ଼ଗାଁ ନିକଟ ସଫେଇ ନଦୀ ତଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଦିବ୍ୟାଙ୍ଗଙ୍କୁ ସାଇକେଲ, କମ୍ବଳ ବଣ୍ଟନ

ରାଜଗାଙ୍ଗପୁର,୫।୧(ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଜାମପାଲିକୁ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଚୁଙ୍ଗିମାଟି ପଞ୍ଚାୟତର ଦିବ୍ୟାଙ୍ଗ ବଣ୍ଡେ ଏକ୍କା ଓ ମିଲାନି ଏକ୍କାଙ୍କୁ ବିଡିଓ ଅକ୍ଷୟ କୁମାର ବାଗ ବ୍ଲକ ପରିସରରେ ହୁଇଲ୍ ସାଇକେଲ ସହ କମ୍ବଳ ପ୍ରଦାନ କରିଥିଲେ।

# ବଢୁଛି ଜଙ୍ଗଲ ଜମି ଜବରଦଖଲ

## ସବୁଜ ବଳୟ ନଷ୍ଟ କରି ଦେବଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠା

ରାଉରକେଲା,୫।୧(ଦିନେଶ ମିଶ୍ର)

ରାଉରକେଲା ସହରରେ ଥିବା ଗ୍ରୀନ୍ ବେଲ୍ଟ ଏରିଆ (ସବୁଜ ବଳୟ ଅଞ୍ଚଳ) ଓ ଜଙ୍ଗଲ ଜମିକୁ ବିଭିନ୍ନ ଆଳରେ ଜବରଦଖଲ କରାଯାଉଛି। ପରେ ସେହି ଜମିରେ ଥିବା ଗଛଗୁଡିକ କାଟି ପଦା କରାଯାଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

ରାଉରକେଲା ସହର ଭିତରେ ଥିବା ଜଙ୍ଗଲ ଜମି, ରେଲୱେ ଓ ଆର୍‌ଏସ୍‌ପି ଜାଗାରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବେଆଇନ ବସ୍ତି ଗଢି ଉଠିଛି। ସେହିପରି ଜଙ୍ଗଲ ଜମିରୁ ଗଛ କାଟି ସେଠାରେ କିଛି ଲୋକ ଦେବଦେବୀଙ୍କ ମୂର୍ତ୍ତି ଓ ଫଟୋ ବସାଇ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ବାସନ୍ତୀ କଲୋନି ସ୍ଥିତ ଡିଏଭି ବସ୍ତି ଓ ଏଫ୍‌ସିଆଇ ଗୋଦାମ ପଛପଟେ ଥିବା ସବୁଜ ବଳୟ ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି। ବାସନ୍ତୀ କଲୋନି ଡିଏଭି ବସ୍ତି ଆର୍‌ଏସ୍‌ପି ଜମିର ସବୁଜ ବଳୟ ନିକଟରେ ଗଢି ଉଠିଛି। ଏହି ବସ୍ତିରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଘର ଥିବାବେଳେ ଆର୍‌ଏସ୍‌ପି ପକ୍ଷରୁ ଏଠାରେ ବିଭିନ୍ନ ପ୍ରଜାତିର ଗଛ ଲଗାଯାଇଛି। ତେବେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭାଗ ହାତରେ ରହିଛି। ଏହି ଗଛ ଗୁଡିକ ରାଉରକେଲା ରିଂରୋଡ୍‌କୁ ଲାଗିଥିବାରୁ ଏହିସବୁ ଗଛ ମୂଳରେ ଡିଏଭି ବସ୍‌ଷ୍ଟାଣ୍ଡ ଯାଉଥିବା ବାଟୋଇ ଛିଡା ହୋଇ ବସ୍‌କୁ ଅପେକ୍ଷା କରନ୍ତି। ବୁଲା ପ୍ରାଣୀ ଏହା ତଳେ ଆଶ୍ରୟ ନିଅନ୍ତି। କିନ୍ତୁ ବର୍ତ୍ତମାନ ଏହି ସବୁଜ ବଳୟ ନଷ୍ଟ ହେବାରେ ଲାଗିଛି। ଏଠାରେ ସ୍ଥାନୀୟ କିଛି ଲୋକ ସିମେଣ୍ଟ ପିଣ୍ଡି ନିର୍ମାଣ କରି ଏକ ପଥର ଉପରେ ନାଲି କପଡା ଓ ପତାକା ବାନ୍ଧି କବ୍‌ଜା କରିବାକୁ ଉଦ୍ୟମ କରିଛନ୍ତି। ସେହିପରି ଏଫ୍‌ସିଆଇ ଗୋଦାମ ପଛପଟ ଲାବୋରେଟୋରି ନିକଟ ସବୁଜ ବଳୟ ଅଞ୍ଚଳରେ ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ କରି ଏହାକୁ କବ୍‌ଜା କରାଯାଇଛି। ବାସନ୍ତୀ କଲୋନି ସ୍ଥିତ ଦୁର୍ଗାପୁର ପାହାଡ ତଳେ ଥିବା ଜଙ୍ଗଲ ଜମିରେ ସ୍ଥାନୀୟ କିଛି ବସ୍ତିବାସୀ ଏକ ହନୁମାନ ମନ୍ଦିର



ଗଛ କଟାଯାଇ ଠାକୁରଙ୍କ ଫଟୋ ରଖାଯାଇଛି।

ନିର୍ମାଣ କରି ସବୁଜ ବଳୟ ଅଞ୍ଚଳକୁ ଜବରଦଖଲ କରିଥିବା ଦେଖିବାକୁ ମିଳିଛି।

ସହରରେ ଏଭଳି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଜଙ୍ଗଲ ଜମି ଓ ସବୁଜ ବଳୟରେ ଦେବଦେବୀଙ୍କ ମନ୍ଦିର କରି ଜବରଦଖଲ ହୋଇଛି। ବିଭିନ୍ନ ସମୟରେ ଏହି ସ୍ଥାନଗୁଡିକୁ ଜବରଦଖଲ କରିବା ପାଇଁ ପ୍ରଥମେ କେମିକାଲ ପକାଇ ବଡ ବଡ ଗଛଗୁଡିକୁ ଶୁଖାଇ ଦିଆଯାଉଛି। ପରେ ଏଗୁଡିକୁ କାଟି ମନଇଚ୍ଛା ଦେବଦେବୀଙ୍କ ମୂର୍ତ୍ତି ଓ ଫଟୋ ବସାଇ ଦିଆଯାଉଛି। ସବୁଜ ବଳୟରେ ଲାଗିଥିବା ଗଛଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଆର୍‌ଏସ୍‌ପି ଲ୍ୟାଣ୍ଡଗାର୍ଡ କର୍ମଚାରୀ ଓ ବନ ବିଭାଗ ପକ୍ଷରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି। ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜଙ୍ଗଲ ସୁରକ୍ଷା, ସବୁଜ ବଳୟ ସୃଷ୍ଟି କରିବା ଦିଗରେ ପ୍ରସାର ପ୍ରଚାର କରାଯାଉଥିଲେ ମଧ୍ୟ ଏହା ଫଳପ୍ରଦ ହେଉନାହିଁ। ତେଣୁ ଏଥିପ୍ରତି ବନ ବିଭାଗ ଓ ଲ୍ୟାଣ୍ଡଗାର୍ଡ କର୍ମଚାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

ଏ ନେଇ ପାନପୋଷ ବନ ଅଧିକାରୀ ଜ୍ଞାନେନ୍ଦ୍ର ଲିମାଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଥିବା ବିଭିନ୍ନ ସବୁଜ ବଳୟ ଅଞ୍ଚଳରେ ଦିନକୁ ଦିନ ଜବରଦଖଲ ବଢିବାରେ ଲାଗିଛି। ତେଣୁ ଆମେ ଗତ ୩ ତାରିଖରେ ଏଫ୍‌ସିଆଇ ଗୋଦାମ ପଛପଟ ଲାବୋରେଟୋରି ନିକଟ ରାଧାକୃଷ୍ଣ ମନ୍ଦିର ସବୁଜ ବଳୟ ଅଞ୍ଚଳରେ ଜବରଦଖଲକୁ ଉଚ୍ଛେଦ କରିଥିଲୁ। ବର୍ତ୍ତମାନ ଯେଉଁ ସ୍ଥାନରେ ବିଭିନ୍ନ ଦେବଦେବୀଙ୍କ ପିଣ୍ଡି ବନାଇ ସବୁଜ ବଳୟ ଅଞ୍ଚଳକୁ ଜବରଦଖଲ କରିବାକୁ ଉଦ୍ୟମ କରାଯାଉଛି ସେଥିପ୍ରତି ଆମେ ଆଗାମୀ ଦିନରେ କଡା ପଦକ୍ଷେପ ନେବୁ। ଏଥିସହ ରିଂରୋଡ୍ ପାଖ ଓ ଯେଉଁ ସ୍ଥାନରେ ସବୁଜବଳୟ ଅଞ୍ଚଳ ରହିଛି ସେଠାରେ ସ୍ୱତନ୍ତ୍ର ପାଚେରି କରି ଏହାର ରକ୍ଷଣାବେକ୍ଷଣ କରାଯିବ ବୋଲି ଲିମା କହିଥିଲେ।

### ବଡ଼ଗାଁରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବଡ଼ଗାଁ,୫।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆରଟିଓ ସୁକାନ୍ତ କୁମାର ଦାସ ମୁଖ୍ୟ ଅତିଥି, ଡିଗ୍ରୀ କଲେଜ ଅଧ୍ୟାପକ ହେମନ୍ତ ପଣ୍ଡା ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥିଭାବେ ତହସିଲଦାର ଝରଣା ପ୍ରଧାନ, ଅତିରିକ୍ତ ଆରଟିଓ ପର୍ଶୁରାମ ସାହୁ, ନର୍ସିଂ କଲେଜ ପ୍ରିନ୍ସିପାଲ ସରିତା କୁଲୁ, ନିର୍ଦ୍ଦେଶକ କେଶବ ସାହୁ ଯୋଗଦେଇଥିଲେ। ସଭାକୁ ନର୍ସିଂ କଲେଜ ପରିଚାଳକ ସୁବ୍ରତ ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୟାମ ପଲ୍ୟୁସନ୍‌ର ପ୍ରୋପାଇଟର ସଞ୍ଜୀବ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ। ସଭା ପୂର୍ବରୁ ବଡ଼ଗାଁ ଶିଳ୍ପ ତାଲିମ୍ କେନ୍ଦ୍ର ଓ ନର୍ସିଂ କଲେଜ ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସଭାରେ ଅତିଥିମାନେ ସଡ଼କ ସୁରକ୍ଷା ଉପରେ ଆଲୋଚନା କରିଥିଲେ।

# ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା




କୁତ୍ରା,୫।୧(ଦେବାଶିଷ ସାହୁ)

## ମାଲପରିବହନକୁ ବିରୋଧ କରି ରାସ୍ତାରୋକୋ ଘଟଣା

■ ୭ ଦିନ ମଧ୍ୟରେ ଦାବି ପୂରଣ ହେବ

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଖତକୁରବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଚୂନପଥର ଖଣିରୁ ତେଲିଘନା କାରଖାନାକୁ ମାଲ ପରିବହନକୁ ନେଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ଶୁକ୍ରବାର ରାସ୍ତାରୋକୋ କରିଥିଲେ। ଖତକୁରବାହାଲ ଠାରୁ ତେଲିଘନା ପ୍ରାୟ ୧୦ କିଲୋମିଟର ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହଶହ ଗାଡି ମାଲପରିବହନ କରି ଦ୍ରୁତ ଗତିରେ ଯାଉଛି। ଏହି ରାସ୍ତାରେ ସରକାରୀ ଆଇଟିଆଇ, ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ମେଡିକାଲ, ତହସିଲ କାର୍ଯ୍ୟାଳୟ,ପଞ୍ଚାୟତ କାର୍ଯ୍ୟାଳୟ ଦେଇ ୧୦ ନମ୍ବର ରାଜ୍ୟ ରାଜପଥ ରହିଛି। ସବୁବେଳେ ଏହି ରାସ୍ତାରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥାଏ। କିନ୍ତୁ ଏହାକୁ ଖାତିର ନ କରି ଗାଡି ଗୁଡିକ ବିପଦପୂର୍ଣ୍ଣ ଭାବେ ଦ୍ରୁତ ଗତିରେ ଯିବା ଆସିବା କରୁଛି। ଯାହା ଫଳରେ ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ସହିତ ଶୁକ୍ରବାର ସକାଳେ ଲୁହା ଗ୍ରିଲ ନେଇ ଏକ ଗାଡି ଦ୍ରୁତ ଗତିରେ ଯାଉଥିବା ବେଳେ ପୋଷ୍ଟ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରିଲଟି ଖସି ପଡିଥିଲା। ଯାହା ଫଳରେ ରାସ୍ତାରେ ଯାଉଥିବା ଲୋକେ ଓ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରି ରାସ୍ତା ରୋକୋ କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ୬ଟି ସର୍ତ୍ତ ରଖାଯାଇଥିଲା। ସେମାନଙ୍କ ଦାବି ଗୁଡିକ ହେଲା ରାସ୍ତାରେ ବ୍ୟାରିକେଟ ଲଗାଇବା, ୨୦ କିଲୋମିଟର ବେଗରେ ଗାଡି ଚଳାଚଳ, ନିୟମିତ ପାଣି ସିଞ୍ଚନ, ସ୍କୁଲ ଖୋଲିବା ଓ ବନ୍ଦ ସମୟରେ ଗାଡି ଚଳାଚଳ ବନ୍ଦ କରିବା ଆଦି ୬ଟି ଦାବି ଲିଖିତ ଭାବେ ଜଣାଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ୭ ଦିନ ଭିତରେ ଦାବି ଗୁଡିକୁ ପୂରଣ କରିବେ ବୋଲି କହିବା ପରେ ରାସ୍ତାରୋକ ହଟିଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଲହୁଣୀପଡ଼ା,୫।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ସାଇପନ ଗ୍ରାମରେ ଘର କାମ କରୁଥିବା ଜଣେ ଯୁବକ ଇଲେଭେନ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ବାକୁଡ଼ା ଜିଲା ଅନ୍ତର୍ଗତ ସିକାପୁରୁ ଗ୍ରାମର ଜାହିର ମଣ୍ଡଳ (୨୩)। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବଣେଇ ଡାକ୍ତରଖାନାର ମର୍ଗ ହାଉସରେ ରଖିଛି। ପଶ୍ଚିମବଙ୍ଗରୁ ପରିବାର ଲୋକେ ଆସିଲାପରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ଜାହିର ସାଇପନ ଗ୍ରାମରେ ଘରକାମ କରୁଥିବା ବେଳେ ଇଲେଭେନ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତୁରନ୍ତ ଚିକିତ୍ସା ପାଇଁ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରି ବାଇକ୍, ସାଇକେଲ ଜବତ

ଲହୁଣୀପଡା,୫।୧(ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ ହଳଦୀକୁଦର ପଞ୍ଚାୟତ ସୁଲଭଡିହି ଗ୍ରାମର ବାଙ୍ଗା ସାଣ୍ଡିଲଙ୍କ ଘରୁ ଚୋରି ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ଫଗୁ ଭୂମିଜ(୨୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୮ରେ ବାଙ୍ଗାଙ୍କ ଘର କବାଟ ଭାଙ୍ଗି କେହି ଦୁର୍ବୃତ୍ତ ସାଇକେଲ ଚୋରି କରିନେଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ଫଗୁଙ୍କ ଘରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ତାଙ୍କ ଘରୁ ସାଇକେଲ ଜବତ କରିଥିଲେ। ଏଥିସହ ଆଉ ଏକ ବାଇକ୍ ସେଠାରେ ଥିବାରୁ ପୋଲିସର ସନ୍ଦେହ ହୋଇଥିଲା। ଏ ସମ୍ପର୍କରେ ପୋଲିସ ତାଙ୍କୁ ପଚରା ଉଚରା କରିବାରୁ, ଗତ ୩୧ରେ ନୂଆଁତନ୍ତରା ଗ୍ରାମର ରାସ୍ତା କଡରୁ ଏହି ବାଇକ୍‌ଟିକୁ ଚୋରି କରି ଆଣିଥିବା ସେ ସ୍ୱୀକାର କରିଥିଲେ। ପୋଲିସ ଜବତ ବାଇକ୍ ଓ ସାଇକେଲକୁ ଥାନାକୁ ଆଣିଥିଲା।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ଜଣେ ମୃତ, ୧୯ ଆହତ

ସୁନ୍ଦରଗଡ,୫।୧(ଜୟ ନାରାୟଣପମେଣ୍ଡୁଲି)

ସୁନ୍ଦରଗଡ ଜିଲା ଭଷ୍ମା ଥାନା ଗୁଲଠାଠାରେ ଶୁକ୍ରବାର ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିବାରୁ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ କେନାପାଲି ଗ୍ରାମର ସୁବଳ ନାଏକ(୬୦)। ଏଥିସହ ୧୯ ଜଣ ଆହତ ହୋଇଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମିଳିଥିବା ସୂଚନାଅନୁଯାୟୀ,ଶୁକ୍ରବାର ମଧ୍ୟାହ୍ନରେ କେନାପାଲିରୁ ଏକ ପିକ୍‌ଅପ୍ ଭ୍ୟାନ (ଓଡି୧୬-୪୪୭୦ )ଯୋଗେ ୨୦ଜଣିଆ ଏକ ସଙ୍କୀର୍ତ୍ତନ ଦଳ ଝାରସୁଗୁଡା ଜିଲା ତାଲପଟିଆକୁ ସଙ୍କୀର୍ତ୍ତନ ପାଇଁ ଯାଉଥିଲେ। ଗୁଲଠାଠାରେ ଭାରସାମ୍ୟ ହରାଇ ଭ୍ୟାନଟି ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ଖବର ପାଇ ଭଷ୍ମା ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲି ଓ ଷ୍ଟାଫ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ମଙ୍ଗସପୁର ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ବିଧାୟିକା କୁସୁମ ଟେଟେ ଦୁର୍ଘଟଣା ସ୍ଥଳ ଓ ଜିଲା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଚିକିତ୍ସା ସେବା ବ୍ୟବସ୍ଥା ବୁଝିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଦୁର୍ଘଟଣା ପରେ ଗାଡି ଚାଳକ ଫେରାର ଅଛନ୍ତି।

# ଡା. ଆର୍. ବି. ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା, ୫।୧(ସଙ୍ଗୀତା ଜେନା)

କରୋନା ଯୋଦ୍ଧା ତଥା ଆଇଜିଏଚ୍‌ର ପୂର୍ବତନ ନିର୍ଦ୍ଦେଶକ ଡା. ରାସବିହାରୀ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଦକ୍ଷିଣ ରାଉରକେଲା ବାଲିଯୋଡି ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ, ରାଉରକେଲା ସଚେତନ ନାଗରିକ ମଞ୍ଚ, ରାଉରକେଲା ପୂଜ୍ୟପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଗାୟତ୍ରୀ ଉପାସକ ଡା. ମହାପାତ୍ରଙ୍କ ୭୩ତମ ଜୟନ୍ତୀ ପାଳନ କରାଯାଇଥିଲା। ୟୁଜିଡ଼ବ୍ଲ୍ୟୁଟିର ସମ୍ପାଦକ ଅରୁଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଡା. ଫକୀର ଚରଣ ହୋତା, ଡା. ଇନ୍ଦ୍ରାଣୀ ସାହୁ, ଡା. ବିଷ୍ଣୁପ୍ରିୟା ସାହୁ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପୁହାଣ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ ସ୍ୱର୍ଗତ ମହାପାତ୍ରଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରାଯାଇଥିଲା। କରୋନା ସମୟରେ ଲୋକଙ୍କ ଜୀବନ ରକ୍ଷା କରିବାକୁ ଯାଇ ଡା. ମହାପାତ୍ର ପ୍ରାଣ ହରାଇଥିବା ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ସହ ସମ୍ପାଦିକା ସଚଳା ପଣ୍ଡା, ସନାତନ ସାହୁ, ଭଗବାନ ସାହୁ, ନରେନ୍ଦ୍ର ମଲିକ, ଚାନ୍ଦମଣି ମାଝୀ, କାଳନ୍ଦୀ ସୂତାର, ଯଶୋବନ୍ତ ଭୂମିଜ, ଶ୍ରୀନାଥ ନାୟକ, ଚିତ୍ତରଞ୍ଜନ ବଳ, ପରମାନନ୍ଦ ବେହେରାଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶାନ୍ତନୁ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ସମ୍ପତ୍ତି

ରାଉରକେଲା,୫।୧(ଦିନେଶ ମିଶ୍ର)

## ଆଲୋଚନାଚକ୍ରରେ ମତପ୍ରକାଶ

ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ଛେଣ୍ଡ ୱେଲଫେୟାର କମିଟି, ମଧୁସୂଦନ ପାଠାଗାର, ଉଇ ଫର ୟୁ ଯୁଥକ୍ଲବ ଓ ନଟରାଜ ନୃତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଟିର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ସମ୍ପତ୍ତି। ବାପା ମା'ଙ୍କ ଋଣ କେହି ଶୁଝିପାରିବେ ନାହିଁ ବୋଲି ମତପ୍ରକାଶ କରିଥିଲେ। ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ରାଉରକେଲା ଶାଖା ପ୍ରବନ୍ଧକ ବିପିନ ବିହାରୀ ପଣ୍ଡା ଓ ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଉପଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ। ଆରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଶରତ ଧଳ ଜଗନ୍ନାଥ ବନ୍ଦନା ଓ ରାଜକୁମାରୀ ଦେବୀ, ସୁଚିତ୍ରା ମିଶ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର, ନଳନୀପ୍ରଭା ପଟ୍ଟନାୟକ, ଅଭୟ କୁମାର ଦାସ, ମହେନ୍ଦ୍ର ମହାନ୍ତି, ଆନନ୍ଦ ଚନ୍ଦ୍ର ମହାନ୍ତି, ଜୟନ୍ତ ମିଶ୍ର, ଶରତ ଚନ୍ଦ୍ର ଧଳ, ରବିନ୍ଦ୍ର ନାଥ ପଣ୍ଡା, ରାଖାଲ ମହାନ୍ତି, ଶ୍ରୀଚରଣ ମହାନ୍ତି, ସୂର୍ଯ୍ୟ ନାରାୟଣ ପଣ୍ଡା, ରାଜୀବ ପାଣି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବିକା ମିଶ୍ର, ତନୁଶ୍ରୀ ନାୟକ, କୈଳାସ ବେହେରା, ରଶ୍ମିରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ପ୍ରବୀର କୁମାର ଜେନା ମଞ୍ଚ ପରିଚାଳନା ଓ ସମ୍ପାଦକ ବ୍ରଜ କିଶୋର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ଭାଙ୍ଗିଲା ଜଙ୍ଗଲୀ ହାତୀ

ଲହୁଣୀପଡ଼ା,୫।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅର୍କେଇକଳା ଗ୍ରାମରେ ଶୁକ୍ରବାର ରାତିରେ ହାତୀ ୩ଟି ଘର ଭାଙ୍ଗି ଚାଉଳ ଖାଇବା ସହିତ ଆସବାବପତ୍ର ସବୁ ନଷ୍ଟ କରିଦେଇଛି। ସୂଚନାରୁ ପ୍ରକାଶ ଯେ, ଶୁକ୍ରବାର ଏକ ହାତୀ ବ୍ରାହ୍ମଣୀ ନଦୀ ପାରି ହୋଇ ଅର୍କେଇକଳା ଗ୍ରାମର ପାତ୍ର ସାହିରେ ପସି ନକୁଳ ପାତ୍ର, ମନୋଜ ପାତ୍ର, ଅନାମ ପାତ୍ର ଘର ଭାଙ୍ଗି ଆସବାବ ପତ୍ର ସବୁ ନଷ୍ଟ କରିଥିଲା। ଏନେଇ ଗ୍ରାମବାସୀ ରାଜାମୁଣ୍ଡା ସ୍ଥିତ ବାଙ୍କିରେଞ୍ଜ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ବନ ବିଭାଗ



କର୍ମଚାରୀ ଓ ସ୍କାର୍ଡ ଅର୍କେଇକଳା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ବାଜା ବଜେଇ ବାଣ ଫୁଟାଇ ମସାଲ ଧରି ହାତୀକୁ ଘଉଡାଇ ଥିଲେ।

# ଘର ଭାଙ୍ଗିଲେ, ଧାନ ଚାଉଳ ଖାଇଲେ

ବାଲିଶଙ୍କରା,୫।୧ (ହୃଦାନନ୍ଦ ବାରିକ)

## ସଲିହାପଡା, କଲୋନୀପଡାରେ ହାତୀ ଆତଙ୍କ

ସୁନ୍ଦରଗଡ଼ ରେଞ୍ଜ ଅଧୀନସ୍ଥ ରାଉଳଡେଗା ସେକ୍ସନ ଅନ୍ତର୍ଗତ ତେଲିଯୋର ଗ୍ରାମର ସଲିହାପଡା ଓ କଲୋନୀପଡାରେ ହାତୀପଲ ପଶି ଘର ଭାଙ୍ଗି ଘରୋଇ ଉପକରଣ ନଷ୍ଟ କରିବା ସହ ଧାନ, ଚାଉଳ ଖାଇଦେଇଛନ୍ତି। ଫଳରେ ଅଞ୍ଚଳବାସୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସନ୍ଧ୍ୟା ହେଲେ ଘରକୁ ବାହାରିବାକୁ ଡରୁଛନ୍ତି। ଖବର ଲେଖା ହେବା ସୁଦ୍ଧା ( ସନ୍ଧ୍ୟା ୬ଟା) ଘଟଣା ସ୍ଥଳରେ ବନବିଭାଗ ଅଧିକାରୀ ପହଞ୍ଚି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳରୁ ହାତୀପଲ ଘଉଡାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସୁନ୍ଦରଗଡ଼ ରେଞ୍ଜର ଅରୁଣ ବେହେରାଙ୍କୁ ଯୋଗାଯୋଗ କରିବାରୁ, ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯିବା କଥା କହିଥିଲେ। ତହସିଲଦାର ଗୌରହରି ମହାନ୍ତଙ୍କୁ ଯୋଗାଯୋଗ କରିବାରୁ, ବନବିଭାଗ ପକ୍ଷରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଛନ୍ତି।



ହାତୀ ଭାଙ୍ଗିଥିବା ଘର।

## ସଂକ୍ଷେପରେ

### ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ସମ୍ବଲପୁର,୫।୧ (ଭବାନୀ ଶଙ୍କର ଭୋଇ): ଓଡ଼ିଶା ଡ୍ରାଇଭର ମହାସଂଘ ସମ୍ବଲପୁର ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘ ସମ୍ବଲପୁର ଶାଖା ସଭାପତି ମାନଭଞ୍ଜନ ମାହାନାଙ୍କ ନେତୃତ୍ୱରେ କର୍ମକର୍ତ୍ତା ଉପସ୍ଥିତ ଥିଲେ। ହିଟ ଆଣ୍ଡ ରନ ମାମଲାରେ କେନ୍ଦ୍ର ସରକାର ଆଣିଥିବା କଠୋର ନିୟମ ୧୦ବର୍ଷ ଜେଲ ଓ ୭ ଲକ୍ଷ ଅର୍ଥଦଣ୍ଡ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଏହି ନିୟମ ବିରୋଧରେ ସାରା ଦେଶରେ ଟ୍ରାନ୍ସପୋର୍ଟର ଆନ୍ଦୋଳନ କରୁଥିବା ବେଳେ ସମ୍ବଲପୁର ଜିଲାରେ ଶୁକ୍ରବାରଠାରୁ ଡ୍ରାଇଭରମାନେ ଷ୍ଟିୟରିଂ ଛାଡି ଘରେ ବସିରହିଛନ୍ତି। ଦାବିପତ୍ର ପ୍ରଦାନ ପରେ ରାସ୍ତା ଉପରେ ଆନ୍ଦୋଳନ ନ କରି ନିଜର ସୁରକ୍ଷିତ ଭବିଷ୍ୟତ ପାଇଁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି ବୋଲି ଜିଲା ସଭାପତି ମାହାନା କହିଛନ୍ତି।

### ବ୍ଲକସ୍ତରୀୟ କମ୍ପ୍ୟୁଟର ତାଲିମ କାର୍ଯ୍ୟକ୍ରମ

କୁଚିଣ୍ଡା,୫।୧(ବିରଞ୍ଚି ଦର୍ଦ୍ଦା): କୁଚିଣ୍ଡା ଏସି କମ୍ପ୍ୟୁଟର ସେଣ୍ଟରରେ ଓଡ଼ିଶା ନଲେଜ କର୍ପୋରେଶନ ଲିଃ ପକ୍ଷରୁ କୁଚିଣ୍ଡା ବ୍ଲକସ୍ତରୀୟ ଏମ୍‌ବିକେମାନଙ୍କୁ ନେଇ ଚାଲିଥିବା କମ୍ପ୍ୟୁଟର ତାଲିମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ୧୭ ପଞ୍ଚାୟତର ଏମ୍‌ବିକେ ୨୦ଦିନ ଧରି ତାଲିମ ଗ୍ରହଣ କରିଥିଲେ। ସେମାନେ କମ୍ପ୍ୟୁଟର ଓ ଆଣ୍ଡ୍ରଏଡ ମୋବାଇଲ ମାଧ୍ୟମରେ କିଭଳି ନିଜର କାମ ସହଜରେ କରିପାରିବେ ସେ ବିଷୟରେ ତାଲିମ ନେଇଥିଲେ। ଉଦଯାପନୀ ଦିବସରେ କୁଚିଣ୍ଡା ବିଡିଓ ନିରଞ୍ଜନ ସା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅବସର ପ୍ରାପ୍ତ ଜେନେରାଲ ମ୍ୟାନେଜର କିଶୋର ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଏସି କମ୍ପ୍ୟୁଟର ସେଣ୍ଟର ନିର୍ଦ୍ଦେଶକ ରାଜେଶ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ।

### ବକ୍ସମା ମଣ୍ଡିରେ ପଡିରହିଛି ୨୩ଶହ ଧାନ ବସ୍ତା

#### ଧାନ କିଣାରେ ଅଚଳାବସ୍ଥା

କୁଚିଣ୍ଡା,୫।୧(ବିରଞ୍ଚି ଦର୍ଦ୍ଦା): କୁଚିଣ୍ଡା ଉପଖଣ୍ଡରେ ଧାନ କିଣା କ୍ଷେତ୍ରରେ ଅବ୍ୟବସ୍ଥା ଲାଗିରହିଛି। ବକ୍ସମା ମଣ୍ଡିରେ ଏବେ ବି ୨୩ଶହ ବସ୍ତା ଧାନ ପଡ଼ିରହିଥିବା ବେଳେ ମିଲର୍ସଙ୍କ ଅନାଗ୍ରହ ଯୋଗୁ ଧାନ ଉଠିପାରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ବକ୍ସମା ମଣ୍ଡିରେ ଧାନ କିଣିବା ପାଇଁ ୧୨ ମିଲର୍ସଙ୍କୁ ଟ୍ୟାଗ କରାଯାଇଛି। ମାତ୍ର ଅଧିକାଂଶ ମିଲର୍ସ ଅଥବା ତାଙ୍କ ପ୍ରତିନିଧି ମଣ୍ଡିକୁ ଆସୁ ନ ଥିବାରୁ କିଣି ଯାଉଥିବା ଧାନ ଉଠିପାରୁ ନ ଥିବା କୁହାଯାଉଛି। ଶୁକ୍ରବାର ଚାଷୀମାନେ ବକ୍ସମା ମଣ୍ଡିକୁ ଧାନ ଆଣି ଅନ୍‌ଲୋଡ କରିଥିଲେ। ଧାନର ମାନ ଯାଞ୍ଚପରେ କୁଚିଣ୍ଡା ଲ୍ୟାମ୍ପ ପକ୍ଷରୁ ଏଣ୍ଟ୍ରି କରାଯାଇଥିଲା। ଧାନ ବସ୍ତା ଅନ୍‌ଲୋଡ ହୋଇଥିବାବେଳେ ଆସିଥିବା ମିଲର୍ସ ପ୍ରତିନିଧି ଧାନ ଉଠାଇବାକୁ ରାଜି ନ ହୋଇ ଫେରିଯାଇଥିଲେ। ଏଣୁ ଧାନ କିଣା ହୋଇପାରି ନ ଥିଲା। ଫଳରେ ଚାଷୀଙ୍କ ପ୍ରାୟ ୨୩ଶହ ଧାନ ବସ୍ତା ଖୋଲା ଆକାଶ ତଳେ ପଡ଼ିରହିଛି। ଏ ନେଇ ଶୁକ୍ରବାର ବକ୍ସମା ପଞ୍ଚାୟତ ଅଞ୍ଚଳର ଚାଷୀମାନେ କୁଚିଣ୍ଡା ସହକାରୀ ଜିଲାପାଳ ଲୋଚନ ଶବରଙ୍କୁ ସାକ୍ଷାତ କରି ଧାନ ଉଠାଇବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ସିଏସ୍‌ଓଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଶବର ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଲୋଚନା ସମୟରେ ଚାଷୀ ସଂଗଠନର ସଭାପତିଙ୍କୁ ସହକାରୀ ଜିଲାପାଳ ଦୁର୍ବ୍ୟବହାର କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ସହକାରୀ ଜିଲାପାଳ ଶବରଙ୍କୁ ପଚାରିବାରେ ଚାଷୀଙ୍କ ସହ ଆଲୋଚନା ହୋଇଛି, କୌଣସି ଦୁର୍ବ୍ୟବହାର କରାଯାଇ ନାହିଁ ବୋଲି କହିଛନ୍ତି।

# ସମଲେଇ ପ୍ରକଳ୍ପର ଲୋକାର୍ପଣ ଖୁବ୍‌ଶୀଘ୍ର

■ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ହେବ ଲୋକାର୍ପଣ
■ ସମ୍ବଲପୁରରେ ହେବ ପ୍ରଥମ ମହାନଦୀ ଆଳତି

ସମ୍ବଲପୁର,୫।୧(ପ୍ରମୋଦ ବହିଦାର)



ସମ୍ବଲପୁର ସମଲେଇ ପ୍ରକଳ୍ପ ଅନ୍ତର୍ଗତ ମା' ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ମାସ ଶେଷସୁଦ୍ଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ପ୍ରକଳ୍ପ ଲୋକାର୍ପଣ କରାଯିବ ବୋଲି ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଉପସଭାପତି ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଜେଡି ଆଗକୁ କିଭଳି ଅଧିକ ସୁଦୃଢ଼ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହାସହ ସମଲେଇ ପ୍ରକଳ୍ପ ଲୋକାର୍ପଣକୁ କିଭଳି ଭବ୍ୟ କରାଯାଇପାରିବ ସେ ନେଇ ରୂପରେଖ ପ୍ରସ୍ତୁତ ହୋଇଛି। ଉତ୍ସବକୁ ଅଞ୍ଚଳର ସମସ୍ତ ଦେବଦେବୀଙ୍କ ପୀଠକୁ ଆମନ୍ତ୍ରଣ କରାଯିବା ସହ ଉକ୍ତ ଦିନଠାରୁ ସମ୍ବଲପୁରରେ ମହାନଦୀ ଆଳତିର ଶୁଭାରମ୍ଭ କରାଯିବ। ବୈଠକରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ନବନିଯୁକ୍ତ ବିଜେଡି ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ସମ୍ବଲପୁର ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

ଲୋକାର୍ପଣ ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି, ସେହି ଶୁଭ ମୁହୂର୍ତ୍ତକୁ ସମ୍ବଲପୁରବାସୀଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ, ମା'ଙ୍କ ମନ୍ଦିର ସହ ଜଡ଼ିତ ପୂଜକ ଓ ସେବକ ଉତ୍ସୁକତାର ସହିତ ଅପେକ୍ଷା କରିରହିଛନ୍ତି। ଉତ୍ସବ ଭବ୍ୟ କରିବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଆନୁଷଙ୍ଗିକ ପ୍ରସ୍ତୁତି ଜାରି ରହିଛି। ସମ୍ଭବତଃ ଚଳିତ ମାସ ଶେଷ ସୁଦ୍ଧା ମା'ଙ୍କ ରୂପାନ୍ତରିତ ପୀଠର ଲୋକାର୍ପଣ କରାଯିବ। ଏଥିପାଇଁ ଟ୍ରଷ୍ଟବୋର୍ଡର ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଭୁବନେଶ୍ୱର ଯାଇ ଉତ୍ସବରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରିବ। ଅଞ୍ଚଳର ସମସ୍ତ ସମଲେଇ ପୀଠ ଓ ଅନ୍ୟାନ୍ୟ ଦେବଦେବୀ ମନ୍ଦିରର ପୂଜକ, ସଂସ୍ଥାପକ, ଟ୍ରଷ୍ଟବୋର୍ଡ ସଦସ୍ୟଙ୍କୁ ଆମନ୍ତ୍ରଣ କରାଯିବ। ଉକ୍ତଦିନ ସମ୍ବଲପୁର ମହାନଦୀର ସମଲେଶ୍ୱରୀ ଘାଟରେ ବହୁ ପ୍ରତୀକ୍ଷିତ ମାହାନଦୀ ଆଳତିର ଶୁଭାରମ୍ଭ ହେବ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

କୁଚିଣ୍ଡା,୫।୧(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଚକ୍ରଧର ମାଝିଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଉଦଘାଟନ କରି କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ କମିଟି ସଭାପତି ନରେନ୍ଦ୍ର ବାଘ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନାୟକ କ୍ରୀଡା ପତାକା ଉତ୍ତୋଳନ କରି ଛାତ୍ରୀଛାତ୍ରଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଏକ ମଶାଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଜ୍ୟାଭେଲିନ ଥ୍ରୋ, ଫୁଟବଲ, ଭଲିବଲ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଅଧାପିକା ଶୁଭଶ୍ରୀ ମହାପାତ୍ର ସଂଯୋଜନା କରିଥିଲେ। ଶେଷରେ ଅଧାପକ ସରୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠାରୁ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

କୁଚିଣ୍ଡା,୫।୧(ବିରଞ୍ଚି ଦର୍ଦ୍ଦା)

କେନ୍ଦ୍ର ସରକାର ହିଟ ଆଣ୍ଡ ରନ ମାମଲାରେ କଠୋର ନିୟମ ଆଣି ୧୦ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ପାଇଁ ଆଇନର ବ୍ୟବସ୍ଥା କରିଛନ୍ତି। ଏହାକୁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ବିରୋଧ କରାଯାଇଥିବା ବେଳେ ଶନିବାରଠାରୁ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରା ଦେଇଛି। ପୂର୍ବରୁ ଦୁର୍ଘଟଣା ଘଟାଉଥିବା ଡ୍ରାଇଭରମାନଙ୍କୁ ତୁରନ୍ତ ଜାମିନ ମିଳିଯାଉଥିଲା ବେଳେ କେନ୍ଦ୍ର ସରକାରଙ୍କ ଏହି ନୂତନ ଆଇନ ଲାଗୁ ହେଲେ ଜେଲ ସହ ଅର୍ଥଦଣ୍ଡ ଭୋଗିବାକୁ ପଡିବ। ଏ ନେଇ ସେମାନଙ୍କ ସହ କୌଣସି ଆଲୋଚନା କରାଯାଇ ନ ଥିବାରୁ ଡ୍ରାଇଭରମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଷ୍ଟିୟରିଂ ଛାଡ ଆନ୍ଦୋଳନ ନିଷ୍ପତ୍ତି ନେଇଥିବା ସମ୍ବଲପୁର ଜିଲା ଡ୍ରାଇଭର ମହାସଂଘ କୋଷାଧ୍ୟକ୍ଷ ସଞ୍ଜୀବ ଦାସ, କୁଚିଣ୍ଡା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଓ ସମ୍ପାଦକ ସୁଜିତ ଭଇଁଷା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। କୁଚିଣ୍ଡା ବ୍ଲକର ସମସ୍ତ ଡ୍ରାଇଭର ଷ୍ଟିୟରିଂ ଛାଡି ଶନିବାର ୪୯ନମ୍ବର ଜାତୀୟ ରାଜପଥ ବାଇପାସ୍ ଛକ ପେଟ୍ରୋଲ ପମ୍ପ ନିକଟରେ ଧାରଣା ଦେବେ ବୋଲି ମହାସଂଘର ନେତାମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଭିନ୍ନ ଦାବି ପୂରଣ ନିମନ୍ତେ ମହାସଂଘ ରାଜ୍ୟ ସରକାରଙ୍କୁ ବାରମ୍ବାର ଗୁହାରି ସହ ଆନ୍ଦୋଳନ କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେମାନେ କହିଛନ୍ତି।

# ଧୁନ୍‌କେଲ, ଖଞ୍ଜଣି ବାଦ୍ୟରେ ଦର୍ଶକ ବିଭୋର



ମଞ୍ଚରେ ଲୋକ ନୃତ୍ୟ ପରିବେଷଣ କରୁଛନ୍ତି କଳାକାରମାନେ।

**ସମ୍ବଲପୁର ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ସମ୍ବଲପୁର,୫।୧(ବି.ଶଙ୍କର)

ସମ୍ବଲପୁର ଲୋକ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ରାଜ୍ୟ ଓ ବିଦେଶୀ କଳାକାରଙ୍କ ନୃତ୍ୟରେ ଦୁଲୁକିଥିଲା ଅଇଁଠାପାଲିସ୍ଥିତ ବିର୍ସା ମଇଦାନ। ମହୋତ୍ସବ ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ଆୟୁକ୍ତ ବେଦ ଭୂଷଣଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଉତ୍ତରାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ଡ. ଦୀପକ କୁମାର ମୁଖ୍ୟଅତିଥି, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ, ଆରକ୍ଷୀ ନିରୀକ୍ଷକ ମୁକେଶ କୁମାର ଭାମୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆମ ସଂସ୍କୃତିର ମହତ୍ତ୍ୱକୁ ହୃଦୟଙ୍ଗମ କରି ଏହାର ବିକାଶ ନିମନ୍ତେ ସଭିଏଁ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଯୋଜକ ଭୋଲା ଶଙ୍କର ମହନ୍ତ ଓ ସହ ସଂଯୋଜକ ଅନୁପ ତରିଆ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଫକିର ମୋହନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା ଉପସମିତି ଆବାହକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ପାଲା ଗାୟିକା କୁମୁଦିନୀ ପଟେଲ ଓ ଚାର୍କୋଲ ଚିତ୍ରଶିଳ୍ପୀ ଓ ଫଟୋଗ୍ରାଫର ନୃସିଂହ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଙ୍କାନୀ ବେହେରା ଓ ଅଲେଖ ମହାକୁର ଧୁନକେଲ ବାଦ୍ୟ ଏବଂ ବାବା ମାନେଶ୍ୱରଙ୍କ ଖଞ୍ଜଣି ବାଦ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଲୋକଗୀତ କାର୍ଯ୍ୟକ୍ରମରେ ପ୍ରତିଭାରାଣୀ ଭୁଏ ଝୁମେର ଗୀତ, ରାମେଶ୍ୱର ଦାଶ ବାଣୀ ବୁତଲ, ଯୋଗମାୟା ମିଶ୍ର ସଜନୀ ଓ ଦିଲୀପ ପଣ୍ଡା ବଜନିଆ ଗୀତ ଗାନ କରିଥିଲେ। ଲୋକନୃତ୍ୟ କାର୍ଯ୍ୟକ୍ରମରେ ପଞ୍ଜାବର ଜିନ୍ଦୁଆ ଓ ସମ୍ବଲପୁରର ନଟରାଜ ଲୋକନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚ ଓ ପ୍ରେକ୍ଷାଳୟ ଉପସମିତି ଆବାହକ ନନ୍ଦ କିଶୋର ସାହୁ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ଅଭ୍ୟର୍ଥନା ଉପସମିତି ଆବାହକ ଶ୍ରବଣ କୁମାର ପତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି

ସମ୍ବଲପୁର,୫।୧(ପ୍ରମୋଦ ବହିଦାର)

ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁରଠାରେ ହୀରାଖଣ୍ଡ ସାମ୍ମୁଖ୍ୟ, ଓଡ଼ିଶା ସାଂସ୍କୃତିକ ସମାଜ, ଜ୍ୟୋତି, ସଚେତନ ହୀରାଖଣ୍ଡ, ଅଜନ୍ତା କ୍ଲବ, ଚିତ୍ରଗୁପ୍ତ କଲ୍ୟାଣ ସଂଘ, ଭାଗବତ ଟୁଙ୍ଗି, ଆଦର୍ଶ ମହିଳା ସମିତି ଆଦି ସଂଗଠନର କର୍ମକର୍ତ୍ତାଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମିଳିତ ସଙ୍ଗଠନର ପ୍ରତିନିଧି ଭାବେ ଡ. ପରେଶ ଦାନି ଓ ରାମାନୁଜ ପଣ୍ଡା ମନ୍ତ୍ରୀଙ୍କ ସହ ଉକ୍ତ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସେମାନେ ଦର୍ଶାଇଥିଲେ ସମ୍ବଲପୁରୀ ଭାଷାରେ ପୁରାଣ, ବ୍ୟାକରଣ, ଶବ୍ଦକୋଷ, ଗଳ୍ପ ସଙ୍କଳନ, ପ୍ରବନ୍ଧ, ନାଟକ, ଉପନ୍ୟାସ ଆଦି ପ୍ରକାଶିତ ହୋଇ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରିଛି। ଏପରିକି ଚଳଚ୍ଚିତ୍ର ନିର୍ମିତ ହୋଇ ରାଜ୍ୟର ଗୌରବ ବୃଦ୍ଧି କରିଛି। ତେଣୁ ଏଭଳି ଏକ ଐତିହ୍ୟ ସମ୍ପନ୍ନ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ରାଜ୍ୟ ସରକାରଙ୍କ ନୈତିକ କର୍ତ୍ତବ୍ୟ। ତେବେ ସମ୍ବଲପୁରୀ ଭାଷା ପ୍ରତି ଅସହିଷ୍ଣୁ ହୋଇ ଏହା ସ୍ଥାନରେ ରାଜ୍ୟ ବାହାରର ଏକ ଭାଷା ପ୍ରଚଳନ ପାଇଁ ଅପଚେଷ୍ଟା ଚଳାଇଥିବା କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ କାର୍ଯ୍ୟକଳାପକୁ ପ୍ରତିନିଧି ଦଳ ନିନ୍ଦା କରିଥିଲେ। ସ୍ମାରକପତ୍ରକୁ ଗ୍ରହଣ କରି ମନ୍ତ୍ରୀ ପାତ୍ର ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲରେ ବିଜ୍ଞାନ ମେଳା



ପିଲାମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ସମ୍ବଲପୁର,୫।୧(ପ୍ରମୋଦ ବହିଦାର)

ବୁର୍ଲା ଗୋବିନ୍ଦପାଲିସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ନର୍ସରୀଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶହେ ଛାତ୍ରୀଛାତ୍ର ଭାଗନେଇ ନିଜେ ପ୍ରସ୍ତୁତ କରିଥିବା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶିଲଶିଲା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଟିଆର୍ ଇନ୍ସପେକ୍ଟର ବିପ୍ରଚରଣର ବେହେରା ମୁଖ୍ୟଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ରଜତ କୁଜୁର, ଏସ୍ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷୟିତ୍ରୀ ଅର୍ପିତା ପୋଦ୍ଦାର, ତୃପ୍ତି ମାହାନା, ପୂଜା ରଣାଙ୍କ ସମେତ ସ୍କୁଲର ଉପଦେଷ୍ଟା ସୁରେଶ୍ୱର ବେହେରା ପରିଚାଳନା କରିଥିଲେ।

# ଜ୍ୟୋତି ପକ୍ଷରୁ ଲୁଇସ୍ ବ୍ରେଲି ଜୟନ୍ତୀ

ସମ୍ବଲପୁର,୫।୧(ପ୍ରମୋଦ ବହିଦାର)

ଜ୍ୟୋତି ଅନୁଷ୍ଠାନ ପକ୍ଷରୁ ବ୍ରେଲି ଲିପିର ଉଦ୍ଭାବିକା ଲୁଇସ୍ ବ୍ରେଲ୍ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଜ୍ୟୋତିର ସଭାପତି ଡ. ପରେଶ ଚନ୍ଦ୍ର ଦାନି ସଭାପତିତ୍ୱ କରି ଲୁଇସ୍ ବ୍ରେଲିଙ୍କ ଜୀବନୀ ସହ ତାଙ୍କ ଦ୍ୱାରା ଦୃଷ୍ଟିବାଧିତଙ୍କ ଲେଖନୀ ଓ ପଠନ ପାଇଁ ଉଦ୍ଭାବିତ ବ୍ରେଲି ଲିପି ଉପରେ ଆଲୋଚନା କରିଥିଲେ। ଅନ୍ୟ ଅତିଥିବୃନ୍ଦ ତାଙ୍କ ସ୍ମୃତିଚାରଣ ପୂର୍ବକ ଦୃଷ୍ଟିବାଧିତ ଦିବ୍ୟାଙ୍ଗଙ୍କ ପାଇଁ ଲୁଇସ୍ ବ୍ରେଲିଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦୃଷ୍ଟିବାଧିତ ବର୍ତ୍ତମାନ ସବୁକ୍ଷେତ୍ରରେ ସକ୍ଷମ ଓ ପାରଙ୍ଗମ। ନିଜ କାର୍ଯ୍ୟଦକ୍ଷତା ବଳରେ ସେମାନେ ବର୍ତ୍ତମାନ ସମାଜର ବହୁ ଶ୍ରେଷ୍ଠ ସ୍ଥାନ ମଣ୍ଡିତ କରିସାରିଛନ୍ତି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କୈଳାଶ ମିସ୍ତ୍ରି, ସୁକାନ୍ତ ବହିଦାର, ଶିବନାରାୟଣ ପାଣିଗ୍ରାହୀ, ଅଶୋକ ମିଶ୍ର, ରାମାନୁଜ ପଣ୍ଡା, ରବି ନାରାୟଣ ନନ୍ଦ, ରତନ ବହିଦାର, ଦୁର୍ଗା ଦାନି ପ୍ରମୁଖ ଲୁଇସ୍ ବ୍ରେଲିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଅନୁଷ୍ଠାନର ସଂଯୋଜିକା କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ସଭାରେ ଅତିଥିମାନେ।

# ଯୁବଚାଷୀଙ୍କ ପ୍ରେରଣା କୃଷକ ଉତ୍ପାଦକ କମ୍ପାନୀ

ସମ୍ବଲପୁର,୫।୧ (ଭବାନୀ ଶଙ୍କର ଭୋଇ)

ବର୍ତ୍ତମାନ ସମୟରେ ପ୍ରାୟତଃ ଯୁବଗୋଷ୍ଠୀ କୃଷିକୁ ଜୀବିକା ଭାବରେ ଗ୍ରହଣ କରିବାକୁ କୁଣ୍ଠା ବୋଧ କରୁଛନ୍ତି। ଏପରିସ୍ଥଳେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଅଞ୍ଚଳର ହଜାରେ ଯୁବଚାଷୀଙ୍କ ପାଇଁ ପ୍ରେରଣା ସାଜିଛି। ସନାତନ ପାଲି ଗାଁର ଯୁବଚାଷୀ ମନବୋଧ ବାରିକ ଏହାର ନେତୃତ୍ୱ ନେଇ ଗ୍ରାମାଞ୍ଚଳରେ ଏକ ସଫଳ କୃଷକ ଉତ୍ପାଦକ କମ୍ପାନୀ ଭାବରେ ଠିଆ କରାଇ ପାରିଛନ୍ତି।



ମନବୋଧ ବାରିକ, କମ୍ପାନୀ ନିର୍ଦ୍ଦେଶକ।




ରାମନାରାୟଣ ସାହୁ, ଯୁବଚାଷୀ

ଦୁଇବର୍ଷ ତଳେ ୨୦୨୧ ଅଗଷ୍ଟ ୨୧ରେ ମାତ୍ର ୧୦୦ ଜଣ ଯୁବଚାଷୀଙ୍କୁ ନେଇ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଗଠନ କରାଯାଇ ପଞ୍ଜୀକୃତ କରାଯାଇଥିଲା। ମାତ୍ର ଦଶମ ପାଠ ପଢିଥିବା ମନବୋଧ ବାରିକ ଏହାର ନିର୍ଦ୍ଦେଶକ ରହିଛନ୍ତି। ଆଧୁନିକ ଜ୍ଞାନକୌଶଳ ଚାଷୀଙ୍କ ପାଖକୁ ପହଞ୍ଚାଇବା, ଚାଷୀଙ୍କ ଉତ୍ପାଦକୁ ବଜାର ସୁବିଧା ଯୋଗାଇବା, ସରକାରୀ ସୁବିଧା ସୁଯୋଗ ବିଷୟରେ ଚାଷୀଙ୍କୁ ଅବଗତ କରାଇବା ଲକ୍ଷ୍ୟ ନେଇ ଏହି କୃଷକ ଉତ୍ପାଦକ କମ୍ପାନୀ ଗଠନ କରାଯାଇଥିଲା। ୨ବର୍ଷ ମଧ୍ୟରେ ଏହି କମ୍ପାନୀର ଅଂଶୀଦାର ସଂଖ୍ୟା ଦଶଗୁଣ ବଢ଼ି ୧୦୦୦ରେ ପହଞ୍ଚିଛି। କମ୍ପାନୀ କାର୍ଯ୍ୟର ସଫଳତା ଯୋଗୁ ନାବାର୍ଡ ତରଫରୁ କମ୍ପାନୀକୁ ୮ଲକ୍ଷ ୫ ହଜାର ଟଙ୍କା ଅନୁଦାନ ମଧ୍ୟ ମିଳିପାରିଛି। ଏହି କମ୍ପାନୀ ରାଜ୍ୟସ୍ତରରେ ଏକମାତ୍ର ଫୁଲଚାଷ ପାଇଁ ପଞ୍ଜୀକୃତ କୃଷକ ଉତ୍ପାଦକ କମ୍ପାନୀ ଭାବେ ସୁନାମ ଅର୍ଜନ କରିଛି। ସମ୍ବଲପୁର ଓ ଆଖପାଖ ୩ ଜିଲାର ଫୁଲ ଚାହିଦାକୁ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ପୂରଣ କରିପାରୁଛି। ବଡ ବଡ ଫୁଲ ବେପାରୀ ଏହି କମ୍ପାନୀକୁ ଫୁଲ ପାଇଁ ଯୋଗାଯୋଗ କରୁଥିବାରୁ ଏହାର ଅଂଶୀଦାର ଥିବା ଚାଷୀମାନେ ଖୁସି ପ୍ରକଟ କରିଛନ୍ତି। ରାଜ୍ୟସ୍ତରୀୟ ଶ୍ରେଷ୍ଠ କୃଷକ ଉତ୍ପାଦକ କମ୍ପାନୀ ଭାବେ ଓୟୁଏଟି ତରଫରୁ ସ୍ୱୀକୃତି ପାଇଥିବା ବେଳେ ଦୁଇବର୍ଷ ମଧ୍ୟରେ ୩ଟି ଜିଲାସ୍ତରୀୟ ଓ ଗୋଟିଏ ରାଜ୍ୟସ୍ତରୀୟ ପୁରସ୍କାର ପାଇସାରିଥିବା ନିର୍ଦ୍ଦେଶକ ମନବୋଧ କୁହନ୍ତି। ଚାଷୀଙ୍କ ସହଯୋଗ ପାଇଁ ସେଲ୍‌କୋ ଫାଉଣ୍ଡେଶନ ତରଫରୁ ୫ ମେଟ୍ରିକ ଟନ୍ ସୌରଚାଳିତ ଶୀତଳଭଣ୍ଡାର କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ୨୦୨୩ରେ କମ୍ପାନୀ ପକ୍ଷରୁ ଚାଷୀଙ୍କର ୫ଲକ୍ଷ ଟଙ୍କାର ୬.୫ଟନ୍ ଚିନାବାଦାମ ବିକ୍ରୟ କରାଯାଇଛି। କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ଦେବା ସହ କମ୍ ଦରରେ ବିହନ ଓ ଯାନ୍ତ୍ରିକ ଉପକରଣର ମିଳିପାରିବ ସେ ଦିଗରେ କମ୍ପାନୀ ସହଯୋଗ କରିଆସୁଛି। ଫୁଲ, ଫଳ, ପନିପରିବା ସହ ତୈଳଜାତୀୟ ଓ ଡାଲି ଜାତୀୟ ଦ୍ରବ୍ୟ ଏବଂ ମସଲା ଜାତୀୟ ଦ୍ରବ୍ୟର ଉତ୍ପାଦନ ଦିଗରେ କମ୍ପନୀ ଏବେ ମନୋନିବେଶ କରିଛି। ଫୁଲଚାଷ କରୁଥିବା ସନାତନପାଲିର ଯୁବଚାଷୀ ରାମନାରାୟଣ ସାହୁ କହନ୍ତି, ବିଏ ପଢିବା ପରେ ଚାକିରି ପଛରେ ନ ଗୋଡାଇ ଫୁଲଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲି। କୃଷକ ଉତ୍ପାଦକ କମ୍ପାନୀ ଗଠନ ହେବା ପରେ ଆଧୁନିକ ଜ୍ଞାନକୌଶଳ ବିଷୟରେ ଅନେକ ଜିନିଷ ଜାଣିପାରିଛି। ସରକାରୀ ସୁବିଧାସୁଯୋଗ ବିଷୟରେ ଆମେ ଅବଗତ ହୋଇପାରୁଛୁ। ମୁଁ ଏବେ ଦେଢଏକର ଜମିରେ ଗେଣ୍ଡୁଫୁଲ ଚାଷ କରିଛି। ବେପାରୀମାନେ ଏବେ ଗାଁକୁ ଆସି ଫୁଲ ନେବା ଆରମ୍ଭ କରିଛନ୍ତି। ନିର୍ଦ୍ଦେଶକ ମନବୋଧଙ୍କ କହିବା କଥା, ଦୁଇବର୍ଷ ଭିତରେ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଗଠନ ପରେ ଆମେ ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରି ଦିଗରେ ଅନେକ ସହଯୋଗ ପାଇଛୁ। ସଦସ୍ୟ ଚାଷୀ ବଜାରକୁ ଯାଇ ଜିନିଷ ବିକ୍ରି କରିବାରେ ହଇରାଣ ହେଉନାହାନ୍ତି। ଏବେ ବହୁ ଯୁବଚାଷୀ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଅଗାମୀ ଦିନରେ କମ୍ପାନୀ ପକ୍ଷରୁ ଚାଷୀଙ୍କ ଉତ୍ପାଦିତ ଧାନକୁ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ନାମରେ ପ୍ୟାକେଜିଂ କରିବାକୁ ଯୋଜନା କରାଯାଇଛି।

# ସମକାଳ ଭିତରୁ ହିଁ କବିତା ସର୍ବକାଳକୁ ଗତିକରେ

– ଡ. ଆଶୁତୋଷ ପରିଡ଼ା

## ସୃଜନ-ଆଳାପ



ଆଶୁତୋଷ ପରିଡାଙ୍କ ଜନ୍ମ ୧୯୪୬ରେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇର ଶିଳିପୁରରେ। ବୃତ୍ତିରେ ବୈଜ୍ଞାନିକ ଏହି କବି ତାଙ୍କ କବିତାରେ ସାହିତ୍ୟର ସାମାଜିକ ଅଂଗୀକାର ପ୍ରତି ଆସ୍ଥାଶୀଳ। 'ମୁକ୍ତ ଯାତନା' (୧୯୭୨), 'ଈପ୍‌ସିତ କ୍ରୋଧ' (୧୯୮୭), 'ଚଣ୍ଡାଳ' (୧୯୯୧), 'ଶବ୍ଦଭେଦୀ' (୧୯୯୫), 'ରକ୍ତବର୍ଣ୍ଣ ବାଲି' (୨୦୦୦), 'ଅଗାଂର ଗାର' (୨୦୦୩), 'ଲହୁ ଲୁହାଣ' (୨୦୦୭), 'ଅନ୍ତରାଳ' (୨୦୦୮), 'ଦେଶ ନଥିବା ଲୋକ' (୨୦୧୦), 'ଆକ୍ରାନ୍ତ ଅକ୍ଷର' (୨୦୧୪), 'କଥା ସରି ନାହିଁ' (୨୦୧୭) ଓ 'ଅପ୍ରସ୍ତୁତ ମୃତ୍ୟୁ' (୨୦୨୦) ପ୍ରଭୃତି କବିତା ଗ୍ରନ୍ଥର ସେ ରଚୟିତା। 'ଈପ୍‌ସିତ କ୍ରୋଧ' ପାଇଁ ୧୯୯୦ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'ରେ ସମ୍ମାନିତ ଏହି କବିଙ୍କୁ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ୨୦୨୩ର ସାହିତ୍ୟ ଅକାଦମୀ ପୁରସ୍କାର ପ୍ରଦାନ ନିମିତ୍ତ ମନୋନୀତ କରାଯାଇଛି। ଏହି ଅବକାଶରେ କବିଙ୍କ ସହ ଧରିତ୍ରୀ 'ସାହିତ୍ୟାୟନ'ର ଏହି ସାକ୍ଷାତ୍‌କାର...

**ପ୍ର:** ଆପଣଙ୍କ କବିତା ପୁସ୍ତକ 'ଅପ୍ରସ୍ତୁତ ମୃତ୍ୟୁ' ୨୦୨୩ର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଛି। ଆପଣ ଖୁସି ତ?

**ଉ:** ଏପରି ଏକ ସ୍ୱୀକୃତି ଖୁସି ଆଣିଦେବା ସ୍ୱାଭାବିକ।

**ପ୍ର:** ବାମପନ୍ଥୀ ଚିନ୍ତାଧାରାରେ ଆପଣ ବିଶ୍ୱାସ ରଖନ୍ତି। କିନ୍ତୁ ଏ ପୁରସ୍କାର ସରକାରୀ ପ୍ରତିଷ୍ଠାନ ଦିଏ। ପ୍ରତିଷ୍ଠାନ ବିରୋଧୀ ଜଣେ ଲେଖକ ପାଇଁ ପୁରସ୍କାର ଏକ ଶିକୁଳି ନୁହେଁ କି?

**ଉ:** ସାହିତ୍ୟ ଏକାଡେମୀକୁ ଏକ ସ୍ୱୟଂଶାସିତ ଅନୁଷ୍ଠାନ କୁହାଯାଏ। ଏହା ଉପରେ ଭାରତୀୟ ଜନସାଧାରଣଙ୍କ ଅଧିକାର ରହିଛି। ତେଣୁ ଏହି ପୁରସ୍କାରକୁ ମୁଁ ସେଇ ଦୃଷ୍ଟିରେ ଦେଖୁଛି। ଜଣେ ଲେଖକ ପାଇଁ ବ୍ୟବସ୍ଥାର ବିରୋଧ କରିବା ଏକ ଭିନ୍ନ କଥା। ଅନ୍ୟ ଭାଷାରେ କହିଲେ ଏହା ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ। ପୁରସ୍କାର ଲେଖକ ପାଇଁ ଶିକୁଳି ହୋଇଯିବ, ଯଦି ପୁରସ୍କାର ପାଇବା ପରେ ସେ ପ୍ରତିବାଦକୁ ତ୍ୟାଗ କରିଦେବ।

ପ୍ର: ଆପଣ ଜଣେ ନବ ପ୍ରଗତିବାଦୀ କବି ଭାବେ ଓଡ଼ିଆ କବିତାରେ ସ୍ୱୀକୃତ। ୧୯୭୦ ପରବର୍ତ୍ତୀ ଭାରତୀୟ କବିତାରେ ଆପଣ ଆପଣଙ୍କ ସ୍ୱାତନ୍ତ୍ର୍ୟକୁ କିପରି ଉପସ୍ଥାପନ କରିବେ?

ଉ: ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଭିନ୍ନ ଭାରତୀୟ ଭାଷାରେ ପ୍ରଗତିବାଦୀ ଚେତନା ଆଦୃତି ଲାଭ କରିଥିଲା। ୧୯୭୦ ବେଳକୁ ଯଦିଓ ପ୍ରଗତିବାଦୀ ଧାରା ଜାରି ଥିଲା, ବିଭିନ୍ନ ଭାଷାର କବିତାରେ ଆଧୁନିକବାଦ ପ୍ରାଧାନ୍ୟ ବିସ୍ତାର କରିଥିଲା। ଏହି ଧାରାର କବିତା ପାଶ୍ଚାତ୍ୟ ପ୍ରଭାବରେ ବ୍ୟକ୍ତିବାଦ, ଦୁର୍ବୋଧତା ଓ ବିଚ୍ଛିନ୍ନତାବୋଧ ଦ୍ୱାରା ଆକ୍ରାନ୍ତ ହୋଇଥିଲା। ମୋ କବିତା ରଚନାର ଦ୍ୱିତୀୟ ପର୍ବରେ ମୁଁ ଏହି ଆଧୁନିକବାଦୀ ପ୍ରଭାବରୁ ମୁକ୍ତ ହୋଇ ସାମାଜିକ ବାସ୍ତବତାକୁ କାବ୍ୟାୟିତ କରିବାରେ ମନୋନିବେଶ କଲି। ସମୟର ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ମୁଁ ମୋର ପ୍ରଗତିବାଦୀ କବିତାରେ କିଛି ନୂତନତା ଆଣିବାର ପ୍ରୟାସ କଲି। ପ୍ରଗତି ଓ ପ୍ରୟୋଗର ସମନ୍ୱୟ ମୋ ପାଇଁ ଏକ ସ୍ୱତନ୍ତ୍ର କାବ୍ୟୋପଲବ୍ଧି ସୃଷ୍ଟି କଲା।

ପ୍ର: 'ଈପ୍‌ସିତ କ୍ରୋଧ' ପୂର୍ବର କାବ୍ୟିକ ଭିତ୍ତିଭୂମିଟି କିପରି ଥିଲା?

ଉ: 'ଈପ୍‌ସିତ କ୍ରୋଧ' ୧୯୮୭ ମସିହାରେ ପ୍ରକାଶିତ ହୋଇଥିଲା। ଏଥିରେ ଯେଉଁସବୁ କବିତା ସ୍ଥାନିତ ହୋଇଥିଲା, ତାହା ୧୯୮୦ ପରବର୍ତ୍ତୀ ସମୟରେ ରଚିତ। ଏହି ସମୟଟି ମୋ ପାଇଁ ପ୍ରଗତିବାଦୀ କବିତାକୁ ନେଇ ପରୀକ୍ଷା ନିରୀକ୍ଷାର ପର୍ଯ୍ୟାୟ। ମାଟି ଓ ମଣିଷ ପାଇଁ ଅନୁରକ୍ତି, ମାନବିକ ସଂଘର୍ଷ ଓ ମୁକ୍ତି ପ୍ରତି ଅଙ୍ଗୀକାର ହେଲା ଏହାର କାବ୍ୟିକ ଭିତ୍ତିଭୂମି। ଏହି ପରିପ୍ରେକ୍ଷୀରେ କହିବା ଉଚିତ ମଣିବି ଯେ ୧୯୮୦ ପୂର୍ବରୁ ଛଅ, ସାତବର୍ଷ ଧରି ମୁଁ ପ୍ରାୟ କବିତା ଲେଖି ନାହିଁ। କିନ୍ତୁ ସେହି କାଳଖଣ୍ଡଟି ମୋ ପାଇଁ ଥିଲା ଏକ ମାନସିକ ବିବର୍ତ୍ତନର ଅଧ୍ୟାୟ ଯେତେବେଳେ ମୁଁ ସାହିତ୍ୟ ସହିତ ସମାଜର ସମ୍ପର୍କକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ବୁଝିବାକୁ ଆରମ୍ଭ କରିଥିଲି।

ପ୍ର: କବିତା ସମକାଳୀନ ବାସ୍ତବତାକୁ ନେଇ ରଚିତ ହେଲେ କଳାତ୍ମକତା ହରାଇ ବସେ କି? ଯଦି 'ହଁ', ତେବେ ଏହାର



ବିକଳ୍ପଟି କ'ଣ? ଯଦି 'ନା', ତେବେ ନିଜ କବିତାରୁ ଉଦାହରଣଟିଏ ଦେଇ ସ୍ପଷ୍ଟ କରିବେ କି?

ଉ: ଏଠି ମୋର ଉତ୍ତରଟି 'ନା' ହେବ। ଏଥିପାଇଁ ମୋର 'ଈପ୍‌ସିତ କ୍ରୋଧ' ସଂକଳନରେ ଥିବା 'ଶିଶୁମାନେ ଖୁନ୍ ହେଲାବେଳେ' କବିତାର ଗୋଟିଏ ପଂକ୍ତି ଉଦାହରଣ ଭାବେ ନିଆଯାଇପାରେ–

"ସେ ଦୃଶ୍ୟକୁ ନ ଦେଖିବା ପାଇଁ
ସୂର୍ଯ୍ୟ ଅଟକିଯାଏ ଦିଗ୍‌ବଳୟ ପଛରେ
ଅନ୍ଧାର ବି ଆଖି ବୁଜିଦିଏ
ପରିଚୟ ହଜିଯାଏ ମ୍ରିୟମାଣ ସମୟ ମୁହଁରୁ,
ଶିଶୁମାନେ ଖୁନ୍ ହେଲାବେଳେ
ମୃତ୍ୟୁ ମଧ୍ୟ ନିଃସ୍ୱ ହୋଇଯାଏ
ନିଷ୍ଠୁରତାର ଶେଷ ପାହାଚରେ।"

ମୋର ବହୁସଂଖ୍ୟକ କବିତା ସମକାଳୀନ ବାସ୍ତବତା ଆଧାରିତ। ଏ ସବୁରେ ମୁଁ କଳାତ୍ମକତାକୁ ରକ୍ଷା କରିବା ପାଇଁ ନିଷ୍ଠାପର ଉଦ୍ୟମ କରିଛି। ମୋ' ମତରେ ସମକାଳ ଭିତରୁ ହିଁ କବିତା ସର୍ବକାଳକୁ ଗତିକରେ ଏବଂ ଏହି ସୂତ୍ରରେ ଇତିହାସ ସହିତ ସଂପର୍କଭୂତ ହୁଏ। ତେଣୁ କଳାତ୍ମକତା ବ୍ୟାହତ ହେବାର ଅଭିଯୋଗଟି ସମକାଳୀନ ବାସ୍ତବତା ପ୍ରତି ପ୍ରଯୁଜ୍ୟ ନୁହେଁ।

ପ୍ର: ଆପଣ ପ୍ରେମ କବିତା ଲେଖନ୍ତି ନାହିଁ କାହିଁକି? ସାମ୍ୟବାଦୀ କବି କ'ଣ ପ୍ରେମରେ ପଡ଼ନ୍ତି ନାହିଁ? ବା ଯଦି ପଡ଼ନ୍ତି, ତାଙ୍କ କବିଧର୍ମ ତାଙ୍କୁ ପ୍ରେମକଥା ଲେଖିବାକୁ ବାରଣ କରିଥାଏ?

ଉ: ତାରୁଣ୍ୟର ରୋମାଣ୍ଟିକ୍ ଭାବନା ନେଇ ମୁଁ ଅନେକ ପ୍ରେମ କବିତା ଲେଖିଛି। ସେଥିରୁ ଅଧିକାଂଶ ଅପ୍ରକାଶିତ। କିଛି କବିତା ମୋର 'ଅନ୍ତରାଳ' କବିତା ସଂକଳନରେ ସ୍ଥାନିତ, ଯଦିଓ ତାହା ଚିରାଚରିତ ପ୍ରେମ କବିତାଠାରୁ ଭିନ୍ନ। ସାମ୍ୟବାଦୀ କବିଟିଏ ବି ଜଣେ ସାଧାରଣ ମଣିଷ, ତେଣୁ ତା' ପାଇଁ ପ୍ରେମରେ ପଡ଼ିବାରେ ଅସ୍ୱାଭାବିକ କିଛି ନାହିଁ। ପାବ୍ଲୋ ନେରୁଦାଙ୍କ ଉଦାହରଣ ନିଆଯାଇପାରେ– ସେ ସାମ୍ୟବାଦୀ ହେବା ପରେ ବି ନିଜ ପ୍ରେମିକା ଓ ପତ୍ନୀ ମାଟିଲ୍‌ଡେ ଉରୋସିଆଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ପ୍ରେମ କବିତା ବହି ଲେଖି ତାଙ୍କୁ ଉପହାର ଦେଇଥିଲେ। ଓଡ଼ିଆ ବିପ୍ଳବୀ କବି ରବି ସିଂହ ଓ ବ୍ରଜନାଥ ରଥ ମଧ୍ୟ ଅନେକ ପ୍ରେମ କବିତା ଲେଖିଛନ୍ତି। ଏ କଥା ଅବଶ୍ୟ ସତ ଯେ, ସାମ୍ୟବାଦୀମାନେ ଚାହାନ୍ତି ନାହିଁ ସେମାନଙ୍କ କବିତାର ମୁଖ୍ୟ ସ୍ୱର ବିପ୍ଳବ ନ ହୋଇ ପ୍ରେମ ହେଉ।

ପ୍ର: ଭଲ କବିତା କହିଲେ ଆପଣ କ'ଣ ବୁଝନ୍ତି?

ଉ: ଭଲ କବିତା କହିଲେ ମୁଁ ଏତିକି ବୁଝେ, ଯେଉଁ କବିତା ମନ ଭିତରେ ଭାବାନ୍ତର ସୃଷ୍ଟି କରେ, ନୂଆ କିଛି ଆବିଷ୍କାରର ଉପଲବ୍ଧି ଆଣେ, ଏପରି କି ବିଚଳିତ ବି କରିଦିଏ।

ପ୍ର: 'ଅପ୍ରସ୍ତୁତ ମୃତ୍ୟୁ' ବହିରେ ଥିବା କବିତାଗୁଡ଼ିକର ନିଆରାପଣ ଆପଣଙ୍କ ବିଚାରରେ କ'ଣ?

ଉ: ମୋର କାବ୍ୟ ଚେତନା ଅନୁଯାୟୀ 'ଅପ୍ରସ୍ତୁତ ମୃତ୍ୟୁ'ରେ ବି ସାମାଜିକ ବାସ୍ତବତାର ପ୍ରତିଫଳନ ଘଟିଛି। କିନ୍ତୁ ଏଥିରେ ଥିବା କବିତାର ନିଆରାପଣ ହେଲା– ବାସ୍ତବତାର ବର୍ଦ୍ଧିଷ୍ଣୁ ନିଷ୍ଠୁରତାକୁ ମୃତ୍ୟୁର ଭିନ୍ନ ଭିନ୍ନ ଚିତ୍ର ମାଧ୍ୟମରେ ଏଥିରେ କାବ୍ୟାୟିତ କରାଯାଇଛି। ଏହା କେବଳ ରକ୍ତମାଂସର ଶରୀରର ମୃତ୍ୟୁ ନୁହେଁ, ଏହା ମଧ୍ୟ ସ୍ୱପ୍ନ ଓ ସମ୍ଭାବନାର ମୃତ୍ୟୁ, ମାନବିକତାର ମୃତ୍ୟୁ। କିନ୍ତୁ ମଣିଷର ସଂଘର୍ଷଶୀଳ ଚେତନା ଓ ବଞ୍ଚି ରହିବାର ସ୍ପର୍ଦ୍ଧା ମୃତ୍ୟୁକୁ ମଧ୍ୟ 'ଅପ୍ରସ୍ତୁତ' କରିଦେଇପାରେ– ଏଭଳି କିଛି ଆସ୍ଥା ଏ ସଂକଳନର ଅନେକ କବିତାରେ ରହିଛି।

ପ୍ର: ଏଇ ୫-୧୦ ବର୍ଷ ହେଲା କବିତା ଲେଖୁଥିବା ନୂଆ କବିଙ୍କ କବିତାରେ ଆପଣ ସନ୍ତୁଷ୍ଟ କି? ଯଦି 'ହଁ',କାରଣ କ'ଣ; ଯଦି 'ନା' କାହିଁକି?

ଉ: ଏହାର ଉତ୍ତର ମୁଁ 'ହଁ'ରେ ଦେବି, କାରଣ ଏହି ନୂଆ ପିଢ଼ିର କବିମାନଙ୍କ କବିତାରେ ମୁଁ ଯଥେଷ୍ଟ ଆନ୍ତରିକତା ଓ ସ୍ୱଚ୍ଛତା ଲକ୍ଷ୍ୟ କରୁଛି। ସେମାନଙ୍କ ଭିତରେ ନିଜ ପରିବେଶ ପାଇଁ ପ୍ରତିବଦ୍ଧତା ରହିଛି। ବିଶେଷତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଦଳିତ-ଆଦିବାସୀ ଯୁବସ୍ୱର ଖୁବ୍ ପ୍ରଖର ମନେହେଉଛି।

ପ୍ର: ଜଣେ ଆଗଧାଡ଼ିର କବି ଭାବେ ଆଗକୁ ଆପଣଙ୍କର ଯୋଜନା କ'ଣ?

ଉ: ସେପରି କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ। କିଛି ଭଲ କବିତା ଲେଖିବାର ପ୍ରୟାସ କରିବି ନିଶ୍ଚୟ।

## ପୁସ୍ତକ ପରିଚୟ

### ଫକୀରମୋହନଙ୍କ ଟାଙ୍ଗାବାଲା



**ଲେଖକ:** ଡ. ପୂର୍ଣ୍ଣାନନ୍ଦ ଦାନୀ
**ପ୍ରକାଶକ:** ପ୍ରତୀଚୀ ସାହିତ୍ୟ ପ୍ରତିଷ୍ଠାନ, ଧର୍ମଶାଳା, ସୋନପୁର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୬୦/-

ଗାଳ୍ପିକଙ୍କ ମୃତ୍ୟୁର ୧୮ ବର୍ଷ ପରେ ଗ୍ରନ୍ଥାୟିତ ହୋଇ ନ ଥିବା ୧୪ଟି ଗଳ୍ପକୁ ନେଇ ପ୍ର. ଅଶୋକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆଲୋଚ୍ୟ ସଂକଳନଟି ପ୍ରକାଶ ପାଇଛି। ଗଳ୍ପଗୁଡ଼ିକ ଗାଁ ଓ ସହର- ଉଭୟର ଘଟଣା ଓ ଚରିତ୍ରାବଳୀକୁ ନେଇ ପରିକଳ୍ପିତ। କିନ୍ତୁ ମାନବୀୟ ମୂଲ୍ୟବୋଧ ରହିଛି ପ୍ରତିଟି ଗଳ୍ପର କେନ୍ଦ୍ରବିନ୍ଦୁରେ। ଶୀର୍ଷକ ଗଳ୍ପ 'ଫକୀରମୋହନଙ୍କ ଟାଙ୍ଗାବାଲା' ବାଲେଶ୍ୱରର ଏକ ରିକ୍ସାବାଲା ମୁକୁନ୍ଦକୁ ନେଇ, ଯିଏ କୌଣସି ଏକ ସଭାରେ ଅତିଥି ଭାବେ ଯୋଗଦେବାକୁ ଯାଇଥିବା ବେଳେ ଲେଖକଙ୍କୁ ସଭାସ୍ଥଳରେ ପହଞ୍ଚାଇ ଦେଇ ପାଉଣା ନେବାକୁ ମନା କରିଛି ଓ କହିଛି– "ବାବୁ ତମଠୁଁ କି ପଇସା ନେବି? ତମେ ଆମର ଅତିଥି। ଆମ ସହରର ଅତିଥି... ଅତିଥିଙ୍କଠୁ କ'ଣ ପଇସା ନିଆଯାଏ?" ମୁକୁନ୍ଦର ଏହି ଉକ୍ତି ଲେଖକଙ୍କ ହୃଦୟରେ ଗଭୀର ରେଖାପାତ କରିଛି ଓ ପରିଣତିରେ ସୃଷ୍ଟି ହୋଇଛି ଗଳ୍ପଟି। 'ଦାନାର୍ଥେ ଚତୁର୍ଥୀ' ଭଳି ଗଳ୍ପରେ ସହରୀ ମଣିଷର ବଦାନ୍ୟତା ତଳେ ଛପି ରହିଥିବା ହୀନମନ୍ୟତା ରୂପ ପାଇଛି। ଭଲ ହେଉ କି ମନ୍ଦ ହେଉ– ମଣିଷ ହିଁ ପୂର୍ଣ୍ଣାନନ୍ଦଙ୍କ ଗଳ୍ପର କଞ୍ଚାମାଲ, ସମ୍ବଳ। ଗ୍ରନ୍ଥଶେଷରେ ସ୍ଥାନିତ 'ମୋ କଲମ: ମୋ' ରଚନା'ରେ ଦାନୀ ଲେଖିଛନ୍ତି: "ମୁଁ କଥା କହେଁ। ଗପ କହେଁ। ଗପ ଶୁଣିବାକୁ ମୋତେ ଭଲ ଲାଗେ। ନିଜ କଥା ଶୁଣାଇବାକୁ ଭଲ ଲାଗେ। ନିଜ ଅନୁଭୂତିର କଥା। ସତ ସତ; ସତ ଭଳିଆ ସତ; କଳ୍ପନାର ଝୀନ ଉତ୍ତରୀୟ ସେ ପିନ୍ଧିଥାଏ। ରୁଚିର ପୋଷାକ।" ଆଶା, ସଂକଳନର ଗଳ୍ପଗୁଡ଼ିକ ଭଲ ଓ ନିଦା ଗଳ୍ପ ପଢ଼ିବାରେ ଆଗ୍ରହୀ ପାଠିକାପାଠକଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ।

### ଗାଁ ମାଟିର ମୋହ



**ଲେଖକ:** ତ୍ରିନାଥ ପଟ୍ଟନାୟକ
**ପ୍ରକାଶକ:** କିଙ୍ଗ୍‌ଫିସର ପବ୍ଲିଶର୍ସ, ନିଆଳୀ-୪
**ପ୍ରଥମ ପ୍ରକାଶ:**୨୦୨୩, **ମୂଲ୍ୟ:** ଟ.୧୪୫/-

ବହିଟିର ଦୁଇଟି ଭାଗ। ପ୍ରଥମ ଭାଗରେ ଲେଖକ ନୀଳମଣିଙ୍କ ଗାଁ- ସମ୍ପର୍କୁ ନେଇ ଓ ଏ ବହିର ଲେଖକଙ୍କୁ ସେ ଲେଖିଥିବା ଚିଠି ସ୍ଥାନିତ। ଦ୍ୱିତୀୟ ଭାଗରେ ତିନୋଟି ଲେଖା, ଯାହା ନୀଳମଣିଙ୍କ ସ୍ୱରଚିତ। ସେ ତିନୋଟି ହେଲା-୧. ପବିତ୍ରତାର ପ୍ରଥମ ସ୍ପର୍ଶ ପୁଲକ ଦାତ୍ରୀ ପ୍ରାଚୀ ନମୋନମଃ, ୨. ମାତୃରୂପେଣ ସଂସ୍ଥିତା ଓ ୩. ବଟ ମାହାତ୍ମ୍ୟ ବା ଆଲମଚଣ୍ଡୀ ବୃତ୍ତାନ୍ତ। ଗ୍ରନ୍ଥ ଶେଷରେ ରହିଛି ନୀଳମଣିଙ୍କ ସଂକ୍ଷିପ୍ତ ପରିଚୟ। ତ୍ରିନାଥ ଗ୍ରନ୍ଥାରମ୍ଭରେ ଲେଖିଛନ୍ତି: "ମହାପାତ୍ର ନୀଳମଣି ସାହୁ ଥିଲେ ଅତ୍ୟଧିକ ଗାଁ ଡାହାଣିଆ। ଗାଁ କଥା ପଢ଼ିଲେ ଉତ୍ତଳା ହୋଇ ଉଠନ୍ତି।" "ଗାଁ ମାଟିର ମୋହ"ରେ ତ୍ରିନାଥ କହନ୍ତି ତାଙ୍କୁ ନୀଳମଣି କହିଥିବା କଥା: "ତୋ ଘରର ପରିବେଶ ମୋତେ ବହୁତ ଭଲ ଲାଗୁଛି। ନିଆଳୀ ଛାଡ଼ିବାକୁ ଇଚ୍ଛା ହେଉନି। ସୁବିଧା ପାଇଲେ ମୁଁ ବାରମ୍ବାର ଆସିବି। ଆମେ ପ୍ରାଚୀକୂଳରେ ବସିବା। ପିଲାଦିନର ସବୁ ସ୍ମରଣୀୟ ସ୍ଥାନଗୁଡ଼ିକୁ ତୋତେ ଚିହ୍ନାଇ ଦେବି। ତା' ପରେ ସେ ସାମାନ୍ୟ ଗମ୍ଭୀର ହୋଇଗଲେ। କହିଲେ, ମୋର ଇଚ୍ଛା ପ୍ରାଚୀକୂଳରେ ହିଁ ବିଶ୍ରାମ ନେବି। ମୋ ଜୀବନର ଶେଷ ବିଶ୍ରାମ। ଚିର ନିଦ୍ରାରେ ଶୋଇଥିଲେ ସୁଦ୍ଧା ମୋତେ ଶାନ୍ତି ମିଳିବ।" 'ପ୍ରାଚୀ ଉତ୍କଳରତ୍ନ' ନୀଳମଣି ସାହୁଙ୍କ ଜୀବନ ଓ ଅନୁଭୂତି ଆଧାରରେ ତ୍ରିନାଥଙ୍କ ଦ୍ୱାରା ପ୍ରସ୍ତୁତ ଏ ବହିଟି ନୀଳମଣିଙ୍କ ଜୀବନର ଗମ୍ଭିରୀ ଘର ଦେଖାଇବାରେ ପାଠିକାପାଠକଙ୍କୁ ଅବଶ୍ୟ ସହାୟତା କରିବ।

## କାଳକାଳକୁ

"କହିବା ଆଗରୁ ଚିନ୍ତା କରିବା ସମାଲୋଚନା, ଚିନ୍ତା କରିବା ଆଗରୁ କହିବା ସୃଜନ।"
–ଇ.ଏମ୍. ଫୋର୍ଷ୍ଟର



ଇ.ଏମ୍. ଫୋର୍ଷ୍ଟରଙ୍କ ଜନ୍ମ ଇଂଲଣ୍ଡର ମାରିଲେବୋନ୍‌ରେ ୧ ଜାନୁୟାରୀ ୧୮୭୯ ଓ ପରଲୋକ ୭ ଜୁନ୍ ୧୯୭୦ରେ ଇଂଲଣ୍ଡର କୋଭେଣ୍ଟ୍ରିରେ। ଇଂଲିଶ୍ ଭାଷାର ଏହି ଖ୍ୟାତନାମା ପ୍ରାବନ୍ଧିକ ଓ ଔପନ୍ୟାସିକଙ୍କର ଲେଖକୀୟ ଦୃଷ୍ଟି ସଦା ନିବଦ୍ଧ ଥାଏ ଛଳନା, ଶ୍ରେଣୀଭେଦ, ସମକାମିତା ଓ ସାମ୍ରାଜ୍ୟବାଦ ଭଳି ସ୍ପର୍ଶକାତର ପ୍ରସଙ୍ଗରେ। 'ହାୱାର୍ଡ୍‌ସ ଏଣ୍ଡ', 'ଏ ପ୍ୟାସେଜ୍ ଟୁ ଇଣ୍ଡିଆ' ଓ 'ଏ ରୁମ୍ ୱିଥ୍ ଏ ଭିଉ' ଆଦି ତାଙ୍କର କେତୋଟି ସ୍ମରଣୀୟ ଉପନ୍ୟାସ। ଭିନ୍ନ ଭିନ୍ନ ବର୍ଷରେ ମୋଟ ୧୬ ଥର ନୋବେଲ ପୁରସ୍କାର ପାଇଁ ଫୋର୍ଷ୍ଟରଙ୍କ ନାମ ପ୍ରସ୍ତାବିତ ହୋଇଥିଲେ ହେଁ ସେ ଏହି ପୁରସ୍କାର ପାଇ ନଥିଲେ। ପୁରୋଦୃଷ୍ଟି ସମ୍ପନ୍ନ ଏହି ଲେଖକ କହନ୍ତି: 'ମହାନ୍ ସାହିତ୍ୟର ବିସ୍ମୟ ଏହି ଯେ ଏହା ପାଠକଙ୍କୁ ଲେଖକଙ୍କ ସ୍ଥିତି କୁ ଘେନିଯାଏ।" କହନ୍ତି: "ନାନା ଦେଶର ମାଆମାନେ ଯଦି ଥରେ ପରସ୍ପରକୁ ଭେଟନ୍ତେ, ତେବେ ଆଉ ଯୁଦ୍ଧ ହୁଅନ୍ତା ନାହିଁ।"

## କବିତା

### ଶୀତ ସ୍ପର୍ଶ

ଡ. ଗୌରୀଶଙ୍କର ସାହୁ

ଚନ୍ଦ୍ର ଆସି ପୁଷ୍ୟାରେ ପ୍ରବେଶ
ରବି ଧନୁ ମଣ୍ଡଳରେ ଧାବମାନ
ହାଡ଼ଭଙ୍ଗା ଜାଡ଼ ହୁଳହୁଳି ଦିଏ
ଧନ ଲକ୍ଷ୍ମୀ ବିଜେ ଆଜି
କ୍ଷେତରେ ଖଳାରେ
ପିଠାପଣା, ଖିରି ପୁରି
ରୋଷେଇ ଘରେ
ଅମାରଗୁଡ଼ିକ ଭରି ଉଠିବା ପରେ।

ଯାନିଯାତ୍ରା ଚାଲିବ, ଚାଲୁଥିବ
ପୁରପଲ୍ଲୀ ହସୁଥିବ, ହସୁଥିବ ପ୍ରାନ୍ତର,
ପାହାଡ଼,
ଚଷା, ଯୋଷା ପୁଲକିତ,
ପଲ୍ଲବିତ ହୁଡ଼ା, ହିଡ଼, ନୀଡ଼,
ରାତି ବଡ଼, ଦିନ ସାନ, ଥରଥର
ବରଫର ଓଠ
ପାଣି ସତେ ନିଆଁ ଶିଖା, ଦୂରେ ଥିଲେ
ଅହେତୁକ ହିତ
ନିଆଁ ଆଜି ସ୍ନିଗ୍ଧ ଜଳ ପ୍ରାୟେ ସଭିଙ୍କ
ଈପ୍‌ସିତ
ମେଘମୁକ୍ତ ଆକାଶ ବତାସ
ମଇତ୍ର ଶୀତର
ମହୀ ଖୋଜେ ଅସରାଏ ବର୍ଷା,
ପାଇବେ ନିସ୍ତାର
ପଶୁ ପକ୍ଷୀ ଗଛଲତା
ମଣିଷ ସମସ୍ତ।

ମୋ: ୭୯୭୮୪୨୧୮୩୫

### କ୍ଷତାକ୍ତ ବସୁଧା

ବାଦଲ ଭୂୟାଁ

କ୍ଷତାକ୍ତ ବସୁଧା ଏବେ ଲୁହର ପାହାଡ଼
ଅସରନ୍ତି ଦୁଃଖ ଶୋକ ସବୁକୁ କୋଳେଇ
ନିତି ଦିନ ଗାଇଯାଏ ଛନ୍ଦୋବଦ୍ଧ ଗୀତ
ସେ ଗୀତରେ, ସେ ସୁରରେ ନାହିଁ
ଆଗଭଳି ଲଳିତ ନିକ୍ୱଣ।

ଚାରିଆଡ଼େ ବର୍ଷାଝଡ଼ ମରୁଡ଼ିର
କରାଳ ଚିତ୍କାର
ପ୍ରତି ନିୟତ ଅସୁମାରି ଗୁଳ୍ମଲତା
ବିହଙ୍ଗ, କୀଟ ଓ ପତଙ୍ଗ
ଅକାଳରେ ବରୁଛନ୍ତି କରାଳ ମରଣ।

ଏବେ ପ୍ରାଣବାୟୁ ପାଲଟିଛି ବିଷ ହଳାହଳ
ଯୋଜନ ଯୋଜନ, ପୃଥିବୀଠୁ
ଆକାଶ ପର୍ଯ୍ୟନ୍ତ
ହାହାକାର ନିରବ ନିଥର
କୋଇଲିର ମଧୁର ତାନରେ ନାହିଁ
ଆଗ ଭଳି ସରସ କୁହୁକ।

ମହୁମାଛି ଗୁଣୁଗୁଣୁ ଗୀତ ଚିତ୍ରପଟ
ପାଲଟିଛି ଫିକାଫିକା ରାଗିଣୀ ଚମକ
ବଗିଚାର ଫୁଲ ଫଗୁଣରେ ନାହିଁ
ଉଦ୍ଦାମତ୍ତା ରସଘନ ରତୁର ପରଶ
ଜାତି ଜାତି ରଙ୍ଗର ପସରା ସବୁ ଯେତେ ବନସ୍ତର
ମଳିନ ବିଷଣ୍ଣ ପରି ଦିଶେ ଚତୁର୍ଦ୍ଦିଗ।

ବନ୍ଧୁଗଣ ! ଭାବ ଏଥର
ଚାଲ, ବେଳହୁଁ ବ୍ୟବସ୍ଥା କର
କିପରି ହୋଇପାରିବ କ୍ଲାନ୍ତ ବସୁଧା
ସୁସ୍ଥ ସବଳ ଓ କମନୀୟ
ମନ ଧ୍ୟାନ ଦେଇ ଶୁଣ, ନହେଲେ
ଅମୃତମୟ ବସୁଧା ପାଲଟିଯିବ
ବିବର୍ଣ୍ଣ ମଳିନ ଗୋଟେ ନର୍କକୁଣ୍ଡ।

ମୋ: ୭୪୮୮୯୯୮୫୩୨

### ନଦୀ ପ୍ରତି

ମୂଳ ହିନ୍ଦୀ– କେଦାର ନାଥ ଅଗ୍ରୱାଲ
ଅନୁବାଦ –ପଞ୍ଚାନନ ଅଗ୍ରୱାଲ

ଆଜି ନଦୀ ବିଲକୁଲ ଥିଲା ଉଦାସ
ଶୋଇଥିଲା ନିଜ ପାଣି ରେ
ତା ଦର୍ପଣ ଉପରେ ଢାଙ୍କି ଥିଲା ବାଦଲର
ଚାଦର
ତାକୁ ମୁଁ ଉଠାଇଲି ନାହିଁ
ଫେରି ଆସିଲି ଚୁପ୍‌ଚାପ୍ ପାଦ ଚିପି
ଘରକୁ।

ମୋ: ୯୭୭୭୭୪୦୭୧

## ହଁ, ମୁଁ ମିଛୁଆ

### କଥାଟିଏ

ଶିବ ମିଶ୍ର

ଦିନ ଭିତରେ ଚିହ୍ନା, ଅଚିହ୍ନା ଅନେକ ଲୋକ ଫୋନ କରିସାରିଥିଲେ। ସନ୍ଧ୍ୟା ଗଡ଼ିଲା ବେଳକୁ ପୁଣି ଗୋଟିଏ ଅଜଣା ନମ୍ବରରୁ ଫୋନ୍ ଆସିଲା। ମୁଁ କାନରେ ଫୋନ୍ ଲଗାଇ, 'ହାଲୋ' କହିବା ପରେ ସେପାଖରୁ ଜଣେ ଭଦ୍ରମହିଳା କହିଲେ, "ଆପଣଙ୍କର ଗଳ୍ପ ପ୍ରକାଶ ପାଇଥିବା ପତ୍ରିକା ପୃଷ୍ଠାରୁ ମୁଁ ଆପଣଙ୍କ ନାଁ, ଗାଁ ଜାଣି ସାରିଲିଣି। ଖାଲି ଆପଣଙ୍କ ବୟସ କେତେ କହନ୍ତୁ।" ତାଙ୍କ ସ୍ୱରରୁ ଜଣାପଡୁଥିଲା ସିଏ ଜଣେ ବୟସ୍କା ମହିଳା। ମୁଁ ମୋ' ବୟସ କହିବା ପରେ ସିଏ କହିଲେ, "ମୁଁ ଆପଣଙ୍କଠାରୁ କୋଡ଼ିଏ ବର୍ଷ ବଡ଼। ଆପଣଙ୍କୁ 'ପୁଅ' ବୋଲି ସମ୍ବୋଧନ କରିପାରିବି?" ମୁଁ କହିଲି, "ପୁଅକୁ କ'ଣ 'ଆପଣ' କୁହାଯାଏ?" ସିଏ ଟିକିଏ ହସିଲେ। ତା'ପରେ କହିଲେ, ପୁଅ ! ତମେ ମୋତେ....। ମୁଁ କହିଲି, 'ତମେ' ନୁହଁ, ଯଦି ମୋତେ ପୁଅ କହୁଛନ୍ତି ତେବେ, 'ତୁ' କହିଲେ, ଖୁସି ହେବି। ସିଏ କହିଲେ, ଠିକ୍ ଅଛି। ପୁଅ ! ତୁ ମୋତେ ମୋ' ନାଁ ପଚାରିଲୁନି ତ ! ମୁଁ କହିଲି, ମା'ଙ୍କୁ କ'ଣ ନାଁ ପଚରାଯାଏ? ସିଏ ପୁଣି ହସିଲେ। ଏଥର ତାଙ୍କ ହସରେ ଖୁସି ଆଉ ବିଷାଦ ଫେଣ୍ଟି ହେଲା ପରି ଲାଗୁଥିଲା। ଟିକିଏ ନିରବ ରହିଲା ପରେ ସିଏ କହିଲେ, ପୁଅ ! ଆଗରୁ ମୁଁ ତୋର କେତେଗୁଡ଼ିଏ ଗପ ପଢ଼ିଥିଲି, ଆଜିର ଗପ ବି ପଢ଼ିଲି। ଏବେ ସିଏ ମୋତେ କିଛି କହିବା ପାଇଁ ସମୟ ନ ଦେଇ କହିବାରେ ଲାଗିଲେ। ଅନର୍ଗଳ କହି ଚାଲିଲେ। ସିଏ କହୁଥିଲେ, ମୁଁ ଚୁପ୍ ହୋଇ ଶୁଣୁଥିଲି। ମୋତେ ତାଙ୍କ ରୂପ ଦିଶୁ ନ ଥିଲା, ଦିଶୁଥିଲା ଶବ୍ଦମାନଙ୍କୁ ନେଇ କଲମ କାଳି ଦ୍ୱାରା ମୋ' ଗଳ୍ପରେ ଚିତ୍ରିତ, ରୋଜଗାରିଆ ପୁଅକୁ ହରାଇଥିବାଦ ସେହି ବିଧବା ବୁଢ଼ୀଟିର ଚିତ୍ର।



ତା' ପରଠାରୁ ଦିନେ ଦୁଇ ଦିନ ବ୍ୟବଧାନରେ ସିଏ ମୋ' ସହିତ କଥା ହେବାକୁ ଲାଗିଲେ। କ'ଣ ଖାଇଲେ, ନ ଖାଇଲେ, କୁଆଡ଼େଗଲେ, ଆସିଲେ, ଘର ପରିବାରର ଭଲ ମନ୍ଦ ସବୁ ମୋତେ ଶୁଣାଉଥିଲେ ଆଉ ମୋର ସୁଖ ଦୁଃଖ କଥା ପଚାରି ବୁଝୁ ଥିଲେ। ତାଙ୍କ ସ୍ୱରରେ ଆପଣା ପଣିଆର ମହକ ବେଳୁବେଳ ଉଛୁଳି ପଡ଼ିଲା ପରି ଲାଗୁଥିଲା। ମୁଁ ବାନ୍ଧି ହୋଇ ଯାଉଥିଲି ତାଙ୍କର ଅନାବିଳ ସ୍ନେହରେ, ମମତାରେ।

ଦିନେ ସିଏ ମୋତେ କହିଲେ, ପୁଅ ! ତୁ ଭୁବନେଶ୍ୱର ଆସୁଛୁ, ମୋ' ଘର ଖଣ୍ଡଗିରି ଛକ ପାଖରେ ବୋଲି ଜାଣିଛୁ, ତେବେ ବି ମୋ' ପାଖକୁ ଆସୁନୁ କାହିଁକି? ମୁଁ କହିଲି- ଯିବି, ଆପଣଙ୍କ ସହିତ ଦେଖାକରିବାକୁ ନିଶ୍ଚୟ ଯିବି। କହିଦେଲି ସିନା, ହେଲେ ଜଞ୍ଜାଳ ଜାଲ କାଟି ଯାଇପାରିଲିନି। ଦିନ ପରେ ଦିନ ଗଡ଼ିଗଲା।

ଯା' ଭିତରେ ସେହି ପତ୍ରିକାରେ ମୋର ଆଉ ଗୋଟିଏ ଗଳ୍ପ ପ୍ରକାଶ ପାଇଲା। ଅନ୍ୟମାନେ ଫୋନ୍ କଲେ, ହେଲେ ମାଆ ଚୁପ୍ ରହିଲେ। "ପୁଅର କଥା ହାଲୁକା ହେଲେ ମା'ର ମନ ଓଜନିଆ ହୋଇଯାଏ।" ମୁଁ ଭାବିଲି ସେଇଆ ହୋଇଥିବ। ଯିବି ଯିବି ବୋଲି କହି ଯାଇନାହିଁ କି ମୋ' ତରଫରୁ ଫୋନ୍ କରିନାହିଁ, ତେଣୁ ମା' ଅଭିମାନ କରିଛନ୍ତି।

ତା' ପରଦିନ ମୁଁ ତାଙ୍କୁ ଦେଖା କରିବାକୁ ଯିବି ବୋଲି ସ୍ଥିର କଲି। ଏଇ ଖବର ତାଙ୍କୁ ଜଣାଇବା ପାଇଁ ଫୋନ୍ ଲଗାଇଲି। ମୁଁ ଯେତେବେଳେ ଫୋନ କରେ, ସିଏ ସାଙ୍ଗେ ସାଙ୍ଗେ ଫୋନ୍ ଉଠାନ୍ତି, ଆଉ ମୁଁ ନମସ୍କାର କରିବା ଆଗରୁ ଆଶୀର୍ବାଦମିଶା ସ୍ୱରରେ କହନ୍ତି, "ଜଗନ୍ନାଥେ ତୋତେ ଘଣ୍ଟଘୋଡ଼େଇ ରଖିଥା'ନ୍ତୁ।" କିନ୍ତୁ ସେଦିନ ସେ ସ୍ୱର ଶୁଭିଲାନି। ଆଉ କିଏ ଜଣେ କହିଲେ- ହାଲୋ। ମୁଁ କହିଲି- ମା'ଙ୍କ ସହିତ କଥା ହେବାକୁ ଚାହୁଁଛି। ତାଙ୍କୁ ଫୋନ୍‌ଟା ଦିଅନ୍ତୁ। ମା' କୋଉଠି ଅଛନ୍ତି? ସେ ଲୋକ କହିଲେ- ମାଆ ନାହାନ୍ତି। ମୁଁ ଆଉ କୋଉଠିକି ଫୋନ୍ ଲଗାଇ ଦେଇଛି ବୋଲି ଭାବି ପଚାରିଲି- ଆପଣ କିଏ? କୋଉଠୁ କହୁଛନ୍ତି? ସେ କହିଲେ- ଆପଣ ଯାହାଙ୍କୁ ଖୋଜୁଛନ୍ତି, ମୁଁ ତାଙ୍କର ସାନପୁଅ। ଏବେ ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାରରୁ କହୁଛି। ମା' ତିନି ଦିନ ଡାକ୍ତରଖାନାରେ ରହିବା ପରେ ଆଜି ସକାଳେ...।

ତା'ପରେ ସିଏ ଆଉ କ'ଣ ସବୁ କହିଲେ ମୋତେ ଶୁଭିଲାନି। କାହିଁକି ନା ସେତେବେଳକୁ ମା' ଯେମିତି ଖୁବ୍ ଅଭିମାନିଆ ସ୍ୱରରେ ମୋ' କାନ ପାଖରେ କହୁଥିଲେ- "ପୁଅ, ତୁ ଆସିବୁ ବୋଲି କହି ଆସିଲୁନି। ତୁ ମୋତେ ମିଛ କହିଥିଲୁ ନା!" ମୁଁ ଏବେ ବଡ଼ ପାଟିରେ କହିଲି, "ମୁଁ ମିଛ କହିଥିଲି, ମୁଁ ମିଛୁଆ, ହଁ ମୁଁ ମିଛୁଆ।"

ମୋ: ୯୮୫୩୦୭୦୦୧୮

## ସଂକ୍ଷେପରେ

### ଭୁଲ ଚିକିତ୍ସାରୁ ଯୁବକଙ୍କ ମୃତ୍ୟୁ

ଲୋଇସିଂହା,୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବାବୁଫାସଡ ଗ୍ରାମରେ ଜଣେ କ୍ୱାକଙ୍କ ଭୁଲ ଚିକିତ୍ସାକୁ ନେଇ ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କୈଳାସ ବରଗଡ଼ି (୩୫)। ବଲାଙ୍ଗୀର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗ ମେଡିକାଲକୁ ଆଖି ଦାନ କରିଥିବା ଜଣାଯାଇଛି। ଗୁରୁବାର କୈଳାସଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କ ଭାଇକୁ ଏନେଇ ଜଣାଇଥିଲେ। ପରେ ସେ ଗାଁରେ ଥିବା କ୍ୱାକଙ୍କ ପାଖକୁ ଯାଇଥିଲେ। କ୍ୱାକ ତାଙ୍କୁ ଦୁଇଟି ଇଞ୍ଜେକସନ ଦେଇଥିଲେ। ଇଞ୍ଜେକସନ ନେବାର କିଛି ସମୟ ପରେ ସେଠାରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ୱାକ୍‌ଙ୍କ ଭୁଲ ଚିକିତ୍ସାରୁ କୈଳାସଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହେଲେ ଏନେଇ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ଜଣାଯାଇଛି।

### ଟିଟିଲାଗଡ଼ ଉପଖଣ୍ଡର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଟିଟିଲାଗଡ,୫।୧ (ଶରତ ମିଶ୍ର)

ଉପଖଣ୍ଡ ଅନ୍ତର୍ଗତ ଦୁଇ ଗୋଟି ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ଶୁକ୍ରବାର ପ୍ରକାଶିତ କରିଛନ୍ତି ଉପଜିଲାପାଳ ଦୟାମୟ ପାଢୀ। ୬୯-ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୪୧୧୪ ଭୋଟର, ବୟସ୍କ ବ୍ୟକ୍ତି ବିଶେଷ ୪୬୫୮, ଯୁବା ଭୋଟର ୫୩୮୯, ଦିବ୍ୟାଙ୍ଗ ୪୮୨୨ ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୧,୨୯,୧୦୬ ମହିଳା ୧୨୪୯୧୮ ତୃତୀୟ ଲୀଙ୍ଗ ୯୦ ଏବଂ ଦିବ୍ୟାଙ୍ଗ ଭୋଟର ଭାବେ ପୁରୁଷ ୨୪୩୫, ମହିଳା ୨୩୮୬ ଓ ଦିବ୍ୟାଙ୍ଗ ତୃତୀୟ ଲୀଙ୍ଗ ୧ ଓ ଜେଣ୍ଡର ରେସିଓ ହେଉଛି ୯୬୮। ସେହିପରି ଭାବେ ୭୦-କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୭୪୦୬୯ ଭୋଟର, ବୟସ୍କ ବ୍ୟକ୍ତି ବିଶେଷ ୩୮୭୮ , ଯୁବା ଭୋଟର ୬୦୫୨, ଦିବ୍ୟାଙ୍ଗ ୩୮୫୬ ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୧,୩୮,୭୫୦ ମହିଳା ୧,୩୫,୨୪୭ ତୃତୀୟ ଲୀଙ୍ଗ ୭୨ ଏବଂ ଦିବ୍ୟାଙ୍ଗ ଭୋଟର ଭାବେ ପୁରୁଷ ୨୦୭୦, ମହିଳା ୧୭୮୬ ଓ ଦିବ୍ୟାଙ୍ଗ ତୃତୀୟ ଲୀଙ୍ଗ ୦ ଓ ଜେଣ୍ଡର ରେସିଓ ହେଉଛି ୯୭୫। ଏହି କାର୍ଯ୍ୟକ୍ରମରେ ସଭାପତି, ଭାରତୀୟ ଜନତା ପାର୍ଟି ପ୍ରଶାନ୍ତ ଷଡଙ୍ଗୀ, ସଭାପତି, ଆପ ଗଜପତି କାଲସେ, ସଭାପତି, ଜାତୀୟ କଂଗ୍ରେସ ପାର୍ଟି ଘିନୁ ଆଡଯୁଆଡ, ବିଜୁ ଜନତା ଦଳର ପ୍ରତିନିଧି ଅରୁଣ ମିଶ୍ର, ଭାରତୀୟ ଜନତା ପାର୍ଟିର ରଞ୍ଜିତ ଆଡଯୁଆଡ, ଅଶୋକ ମିଶ୍ର, ଆଲୋକ ନାୟକ, ସଭାପତି, ବହୁଜନ ସମାଜ ପାର୍ଟି, ସୁବାସ ଆବେ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଅଭିନାଶ ଲାକ୍ରା, ଆସିଷ୍ଟାଣ୍ଟ କଲେକ୍ଟର ଚନ୍ଦ୍ର ପ୍ରସାଦ ଦେହୁରି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଦେବେନ୍ଦ୍ର କୁମାର ନାଏକ, କୁମାର ତାଣ୍ଡି ସହଯୋଗ କରିଥିଲେ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ବଲାଙ୍ଗୀର,୫।୧ (ବୀରେନ୍ଦ୍ର କୁମାର ଝାଙ୍କର)


ମୃତ ଯୁବକଙ୍କ ପରିବାର ଲୋକେ ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ଏସ୍‌ଡିପିଓ ତୋଫାନ ବାଗଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଭୁଡିଆରବାହାଲ ଗାଁର ଜଣେ ଯୁବକଙ୍କ ମୃତ୍ୟୁ ଘଟଣାର ତଦନ୍ତରେ ପୋଲିସ ଆନ୍ତରିକତା ଦେଖାଉ ନାହିଁ ବୋଲି ପରିବାର ଲୋକେ ଏସ୍‌ପି (ଆରକ୍ଷୀ ଅଧୀକ୍ଷକ)ଅଫିସ ଆସି ଶୁକ୍ରବାର ଅଭିଯୋଗ କରିଛନ୍ତି। ଭୁଡିଆରବାହାଲ ଗାଁର ମଙ୍ଗନିଆ ପୁଟେଲ ଏସ୍‌ପି ଅଫିସକୁ ଆସି ଲିଖିତ ଜଣାଇଥିଲେ ଯେ, ତାଙ୍କ ପୁଅ ମଧୁ (୨୭) ଗତ ୨୭ ତାରିଖ ସନ୍ଧ୍ୟାରେ ତାଙ୍କ ଶ୍ୱଶୁର ଘର ପ୍ରତାପପୁରରୁ ବାଇକ୍ ଓଡି୦୩ଏଫ୍ ୧୫୮୩ରେ ଫେରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରତାପପୁର ଓ ସାଉନ୍ତମୁଣ୍ଡା ଗାଁ ମଝିରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ମଧୁଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ପ୍ରତାପପୁରର ଜଣେ ଟ୍ରାକ୍ଟର ମାଲିକଙ୍କ ଟ୍ରାକ୍ଟର

**ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା**

ଏହି ଦୁର୍ଘଟଣା ଘଟାଇଛି। ଦୁର୍ଘଟଣା ପରେ ଟ୍ରାକ୍ଟର ଓ ଟ୍ରଲିକୁ ସେଠାରୁ ନେଇଯାଇଥିଲେ। ଘଟଣା ନେଇ ଦେଓଗାଁ ଥାନାରେ ଅଭିଯୋଗ କଲେ ମଧ ଦେଓଗାଁ ଥାନା ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମୃତ ମଧୁଙ୍କ ବାପା, ବିଧବା ସ୍ତ୍ରୀ, ଭଉଣୀ ଓ ଅନ୍ୟମାନେ ଏସ୍‌ପି ଅଫିସକୁ ଆସି ଅଭିଯୋଗ କରିଥିଲେ। ବଲାଙ୍ଗୀର ଏସ୍‌ଡିପିଓ ତୋଫାନ ବାଗ ଘଟଣା ସମ୍ପର୍କରେ ସେମାନଙ୍କୁ ପଚରାଉଚରା କରି ମାମଲା ରୁଜୁ ହୋଇଛି ଏବଂ ତଦନ୍ତ ଚାଲିଛି ବୋଲି କହିଥିଲେ। ତେବେ ପୀଡିତ ପରିବାର ସଦସ୍ୟ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ମାଲିକ ଓ ଡ୍ରାଇଭରଙ୍କ ବିରୋଧରେ ଦେଓଗାଁ ପୋଲିସ ପଦକ୍ଷେପ ନେଉନାହିଁ ବୋଲି କହିଥିଲେ। ଏଦିଗରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# କାର୍ଯ୍ୟାନୁଷ୍ଠାନ ଶୂନ, ଆଦିବାସୀ ମହଲରେ ଅସନ୍ତୋଷ

ଲୋଇସିଂହା,୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସୁଜିଆ ଗ୍ରାମର ଜବକାର୍ଡଧାରୀ ଶ୍ରମିକ କାଳିଆ ମାରପାଚି ଏମ୍‌ଜିଏନ୍‌ଆରଇଜିଏସ୍ ବାବଦ ବକେୟା ଟଙ୍କା ସଂକ୍ରାନ୍ତରେ ଗାଁ ସାଥୀଙ୍କୁ ପଚାରିବାରୁ ରାଗି ଯାଇ ଏକ ରଫାରେ ଆକ୍ରମଣ ଉଦ୍ୟମ କରିଥିଲେ। ଶ୍ରମିକଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅପରପକ୍ଷେ ଗାଁ ସାଥୀଙ୍କ ଏତାଦୃଶ ଆଚରଣକୁ ନେଇ ଶ୍ରମିକମାନେ ଭୟଭୀତ ହୋଇ ପଡିଛନ୍ତି। ଘଟଣା ପରଠୁ ଶ୍ରମିମାନେ ଏମ୍‌ଜିଏନ୍‌ଆରଇଜିଏସ କାମ କରିଯିବାକୁ ନାରାଜ ଥିବା ପୀଡିତ ଶ୍ରମିକ ମାରପାଚି, ରାଜକୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଲୋଇସିଂହା ପଞ୍ଚାୟତ ଅନ୍ତର୍ଗତ ସୁଜିଆ ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଦୁର୍ନୀତି ଓ ଶ୍ରମିକଙ୍କ ବକେୟା ଟଙ୍କାକୁ ନେଇ କେତେକ ଶ୍ରମିକ ବିଡିଓ ଏବଂ ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ଏପିଓ ଗାଁକୁ ଯାଇ ତଦନ୍ତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ସେମାନେ ଲୋକପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ହେଲେ ଘଟଣାକୁ ରଫାଦଫା କରି ଦିଆଯାଇଥିଲା। ୨୦୧୮ ରୁ ୨୦୨୨ ପର୍ଯ୍ୟନ୍ତ ଗାଁ ସାଥୀ ତନୁଜ ସାହୁଙ୍କ ଅଧୀନରେ ଶ୍ରମିକ କାଳିଆ ମାରପାଚି କାମ କରିଥିଲେ। ଲୋଇସିଂହା ପଞ୍ଚାୟତ

**ଶ୍ରମିକଙ୍କୁ ଗାଁ ସାଥୀ ଆକ୍ରମଣ ଉଦ୍ୟମ ଘଟଣା**

ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ରାସ୍ତା, ଜମି ଉନ୍ନତିକରଣ, ଟ୍ରେଂଚ ଆଦି କାମରେ ନିୟୋଜିତ ହୋଇଥିଲେ। ସେ ୪୫ ହଜାର ଟଙ୍କା ପାଇବା କଥା। ହେଲେ ତାଙ୍କୁ ମାତ୍ର ୫ ହଜାର ଟଙ୍କା ମିଳିଥିଲା । ଆର୍ଥିକ ଦୁର୍ଗତିରେ ଗତି କରୁଥିବା ଶ୍ରମିକ କାଳିଆ ମାରପାଚି ୨୦୨୩ ଡିସେମ୍ବର ୨୨ରେ ପଞ୍ଚାୟତ ଅଧୀନ ବୁଦଲେବାହାଲି ଖେଳପଡିଆରେ ଚାଲିଥିବା ଟ୍ରେଂଚ କାମ ସ୍ଥଳକୁ ଯାଇ ଗାଁ ସାଥୀ ସାହୁଙ୍କୁ ବକେୟା ଟଙ୍କା ସମ୍ପର୍କରେ ଜଣାଇଥିଲେ। କୁଆଡେ ଗାଁ ସାଥୀ ସାହୁ ଏଥିରେ ଉତକ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ଗାଁରୁ ତଡି ଦେବା ସହ ସରକାରୀ କେସ ଦେଇ ଫସାଇ ଦେବାକୁ କାଳିଆଙ୍କୁ ଚେତାବନୀ ଦେଇଥିଲେ। ପରେ ସେଠାରେ ଥିବା ଶ୍ରମିକଙ୍କ ରଫାରେ କାଳିଆଙ୍କୁ ଆକ୍ରମଣ ପାଇଁ ଗୋଡାଇ ଥିଲେ । ଉପସ୍ଥିତ କେତେକ ଶ୍ରମିକଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲେ ଗାଁ ସାଥୀ। ଏସମ୍ପର୍କିତ ଏକ ଭିଡିଓ ମଧ୍ୟ ଭାଇରାଲ ହେଉଛି। ଗାଁ ସାଥୀଏତାଦୃଶ ଆଚରଣ ସବୁ ମହଲରେ ନିନ୍ଦା କରାଯାଉଛି। ଘଟଣା ସମ୍ପର୍କରେ ବ୍ଲକ ପ୍ରଶାସନ ଅବଗତ ନ ଥିବା କହିବା ଏବଂ ଜଣେ ଆଦିବସୀ ଯୁବକଙ୍କୁ ଗାଁରୁ ତଡି ଦେବାକୁ ଧମକ, ସର୍ବସାଧାରଣରେ ଜୀବନରେ ମାରିଦେବାକୁ ଉଦ୍ୟମ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନକୁ ନେଇ ଆଦିବସୀ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବଲାଙ୍ଗୀରରେ ଡ୍ରାଇଭର ସଂଘର ଆନ୍ଦୋଳନ


ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବଲାଙ୍ଗୀର ବସ ଟର୍ମିନାଲରେ ଯାତ୍ରୀବାହୀ ବସ୍ ଅଟକି ରହିଛି।

ବଲାଙ୍ଗୀର,୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

କେନ୍ଦ୍ର ସରକାର ହିଟ୍ ଏଣ୍ଡ ରନ୍‌କୁ ନେଇ କଡାକଡି ଆଭିମୁଖ୍ୟ ଗ୍ରହଣ କରିବା ପ୍ରତିବାଦରେ ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନ ଡାକରା ଦେଇଥିଲେ। ଏହି ଆନ୍ଦୋଳନର ଡାକରାକୁ ବଲାଙ୍ଗୀର ଡ୍ରାଇଭର ସଂଘ ସମର୍ଥନ କରି ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସକାଳୁ ବଲାଙ୍ଗୀର ବସ୍ ଟର୍ମିନାଲ ଠାରେ

**କେନ୍ଦ୍ର ସରକାରଙ୍କ ନୂଆ ଆଇନକୁ ବିରୋଧ**

ଡ୍ରାଇଭରମାନେ ବସ ଚଳାଚଳ ଛାଡି ଧାରଣାରେ ବସିଥିଲେ। ଡ୍ରାଇଭରମାନଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଶୁକ୍ରବାର ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବସ, ଟ୍ରକ ଧର୍ମଘଟ ଯୋଗୁ ଯାତ୍ରୀ ଯିବାଆସିବା ଓ ମାଲ ପରିବହନ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଦେଖାଯାଇଥିଲା। ଡ୍ରାଇଭରମାନେ ଜାଣିଶୁଣି ଦୁର୍ଘଟଣା ଘଟାନ୍ତି ନାହିଁ। ଏଣୁ ଦୁର୍ଘଟଣାକୁ ନେଇ ଡ୍ରାଇଭରଙ୍କୁ ଜେଲ ଦଣ୍ଡାଦେଶ ଓ ଜରିମାନା ଭଳି କଡା ଆଭିମୁଖ୍ୟ ଗ୍ରହଣ କଲେ ଡ୍ରାଇଭରମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଡ୍ରାଇଭରମାନେ କହିଥିଲେ। ତୁରନ୍ତ କେନ୍ଦ୍ର ସରକାର ଏହା ଉପରେ ପୁନର୍ବିଚାର କରିବାକୁ ସେମାନେ ଦାବି ରଖିଛନ୍ତି।

### ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ

ଲାଞ୍ଜିଗଡ଼,୫।୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟର ମହାଅଭିଯାନ ତଥା ବହୁବିଧ ଯୋଜନା ସମ୍ବନ୍ଧୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଏ ଆଇଟିଡିଏ, ଲାଞ୍ଜିଗଡ଼ ବ୍ଲକ ଓ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ଏହି ମହାଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରଧାନ ମନ୍ତ୍ରୀ ଜନମନ ଯୋଜନାରେ ସମସ୍ତଙ୍କୁ ପକ୍କା ଘର, ପ୍ରତ୍ୟେକ ଘରକୁ ନଳପାଣି, ଗାଁ ଗାଁକୁ ରାସ୍ତା, ପ୍ରତ୍ୟେକ ଘରକୁ ବିଜୁଳି, ସମସ୍ତଙ୍କୁ ଶିକ୍ଷା ଉତ୍ତମ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ପାଇଁ ସୁଯୋଗ, ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁବିଧା, ସମସ୍ତଙ୍କୁ ପୋଷଣ, ଉନ୍ନତ ଜୀବନ ଧାରା, ଦୂର ଦୂରାନ୍ତର ଗାଁକୁ ଟେଲିକମ ଯୋଗାଯୋଗ ଭଳି ସୁବିଧା ଯୋଗାଇ ଦିଆଯିବ। ଏହି ମହାଅଭିଯାନ ବ୍ଲକର ୨୬ଟି ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ଆରମ୍ଭ ହେବାକୁ ଥିବା ବେଳେ ଲାଞ୍ଜିଗଡ଼ ଓ ଛତ୍ରପୁର ପଞ୍ଚାୟତରେ ଏହାର ଶୁଭାରମ୍ଭ ହୋଇଛି। ବ୍ଲକର ୨୬ଟି ପଞ୍ଚାୟତର ୨୭୬ଟି ଆଦିବାସୀ ଗାଁର ୭ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଏହି ଯୋଜନାରେ ଉପକୃତ ହୋଇପାରିବେ। ବୁଧବାର ଲାଞ୍ଜିଗଡ଼ ଓ ଛତ୍ରପୁରରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବିଏସଏସଓ ଅରବିନ୍ଦ ମହାପାତ୍ର, ବ୍ଲକ ଯୋଗାଣ ନିରୀକ୍ଷକ ଦିଲୀପ କୁମାର ନାଏକ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ, ଲାଞ୍ଜିଗଡ଼ ରାଜସ୍ୱ ନିରୀକ୍ଷକ ଅନିରୁଦ୍ଧ ରାଉତ, ଡାକ୍ତର ନରେନ୍ଦ୍ର ଦାସ, ଲାଞ୍ଜିଗଡ଼ ସମିତି ସଭ୍ୟା ସୁମତି ମାଝି ଉପସ୍ଥିତ ଥିଲେ। ପିଏଆଇଟିଡିଏ, ବ୍ଲକ, କେକେଡିଏ, ତହସିଲ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଗୃହ ବିଭାଗ, ପାନୀୟ ଜଳ, ବ୍ୟାଙ୍କ ସେବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା।

# ତେଲେନପାଲିରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ


ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କରାଯାଉଛି।

ଖପ୍ରାଖୋଲ,୫।୧ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଠାରେ ମିଲେଟ ମିଶନ ଓ କେକେପିସିଏଲ ତରଫରୁ ମାଣ୍ଡିଆ ମଣ୍ଡି ଶୁକ୍ରବାର ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ରୂପେ କାର୍ଯ୍ୟକ୍ରମ ଅଧିକାରୀ ସୁନନ୍ଦା ସାହୁ, ପାଟଣାଗଡ଼ ଏଡିଓ ବାବୁଲି ଚରଣ ସେଠୀ, ବିହନ ବିଶେଷଜ୍ଞ ଦିଲୀପ ରାଉତ, ଟିଡିସିସି ସନାତନ ମାଟିଆ, ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,

**ପ୍ରଥମ ଦିନ କିଣା ହେଲା ପନ୍ଦର କୁଇଣ୍ଟାଲ ମାଣ୍ଡିଆ**

ବେଲପଡ଼ା ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୫ କୁଇଣ୍ଟାଲ ୨୦ କେଜି ମାଣ୍ଡିଆ ଚାଷୀଙ୍କଠାରୁ ୩୮ ଟଙ୍କା ୪୬ ପଇସାରେ କିଣା ଯାଇଥିଲା। କାର୍ଯ୍ୟକ୍ରମକୁ ମିଲେଟ ମିଶନ ବ୍ଲକ ସଂଯୋଜକ ଶ୍ୱେତ କୁମାର ହୋତା, ୱାଇସିଡିଏ ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଭୋଜ ରାଜ ବରିହା, ବାସନ୍ତୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଜୁନିୟର ରେଡ୍‌କ୍ରସର କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗୀର,୫।୧ (ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜୁନିୟର ରେଡ୍‌କ୍ରସ କାର୍ଯ୍ୟକାରୀ କମିଟି ବୈଠକ।

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ଅଧ୍ୟକ୍ଷ ଧ୍ରୁବଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବଲାଙ୍ଗୀର ଜୁନିୟର ରେଡକ୍ରସ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବେହେରା ଜୁନିୟର ରେଡ୍‌କ୍ରସର କାର୍ଯ୍ୟକ୍ରମଗୁଡିକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର ରେଡ୍‌କ୍ରସ ଉପାଧ୍ୟକ୍ଷ କେଶବ ଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ପ୍ରଦୀପ କୁମାର ପାତ୍ର ୨୦୨୩––୨୪ ଆର୍ଥିକ ବର୍ଷର ବାର୍ଷିକ ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଜୁନିୟର ରେଡ୍‌କ୍ରସ ଅଫିସର ସୁବାସ ଚନ୍ଦ୍ର ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ରେଡ୍‌କ୍ରସ ବାର୍ଷିକ କାର୍ଯ୍ୟକ୍ରମ

**ବିକାଶ ସାହୁ ହେଲେ ନୂତନ ଜୁନିୟର ରେଡ୍‌କ୍ରସ ଅଫିସର**

ଓ ଆଗାମୀ ଜୁନିୟର ରେଡ୍‌କ୍ରସର ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ପାଇଁ ଆଲୋଚନା କରାଯାଇଥିଲା। ସମସ୍ତ ସଭ୍ୟମାନଙ୍କ ସ୍ୱୀକୃତି ଅନୁସାରେ ରାଜ୍ୟ ସାଧନକର୍ମୀ ବିକାଶ ରଞ୍ଜନ ସାହୁଙ୍କୁ ନୂତନ ଜିଲା ଜୁନିୟର ରେଡକ୍ରସ ଅଫିସର ଭାବରେ ଚୟନ କରାଯାଇଥିଲା। ଏହି ସଭାରେ ଜିଲାର ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସାଧନକର୍ମୀ, ବ୍ଲକ ସଂଯୋଜକ ଓ ପରାମର୍ଶଦାତା ଉପସ୍ଥିତ ରହି ମତ ରଖିଥିଲେ। ଶେଷରେ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଅଣ୍ଡା ଦର ନିୟନ୍ତ୍ରଣ କରାଯାଉ

ଲାଠୋର, ୫।୧ (ଭୁବନେଶ୍ୱର ବାରିକ)



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଅଞ୍ଚଳରେ ଦିନକୁ ଦିନ ଅଣ୍ଡାର ଦର ବଢି ଚାଲିଥିଲେ ମଧ ଏହାକୁ ନିୟନ୍ତ୍ରଣ କରିବା ଦିଗରେ କେହି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବା ହେତୁ ଖାଉଟିମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ସାଧାରଣତ ଜାତୀୟ ଅଣ୍ଡା ସମନ୍ୱୟ କମିଟି ଅଣ୍ଡାର ଦର ନିର୍ଦ୍ଧାରଣ କରିଥାଏ। ସେ ଅନୁସାରେ ପ୍ରତିଦିନ ଅଣ୍ଡାର ବଜାର ଦର କମ ବେଶୀ ରହିଥାଏ। କମିଟିର ନିର୍ଦ୍ଧାରିତ ଦର ଅନୁସାରେ ୩୦ ଡ଼ିସେମ୍ବର ୨୦୨୩ ଠାରୁ ୫ ଜାନୁଆରୀ ୨୦୨୪ ପର୍ଯ୍ୟନ୍ତ ଅଣ୍ଡା ଦର ଗୋଟିକୁ ୬ ଟଙ୍କା ୧୦ ପଇସା ହିସାବରେ ୨୧୦ ଗୋଟି ଅଣ୍ଡା ପେଟିର ଦର ୧୨୮୧ ଟଙ୍କା ରହିଛି। ହେଲେ ଏବେ ପ୍ରାୟ ଛଅ ମାସରୁ ଅଧିକ ହେବ ଅଞ୍ଚଳରେ ଅଣ୍ଡା ଦର ଖସିବାର ନା ଧରୁ ନାହିଁ, ବଢିବଢି ଚାଲିଛି। ବର୍ତ୍ତମାନ ଲାଠୋର ଅଞ୍ଚଳରେ ଖୁଚୁରା ଅଣ୍ଡା କିଣିଲେ ଗୋଟିକୁ ୮ ଟଙ୍କା ଦର ପଡୁଥିବା ବେଳେ ପେଟି ଦାରିଆ କିଣିଲେ ଗୋଟିଏ ପେଟିରେ ୨୧୦ ଗୋଟି ଅଣ୍ଡାକୁ ୧୫୦୦ ଟଙ୍କା ଦରରେ ବିକ୍ରୟ କରି ଖାଉଟି ମାନଙ୍କୁ ବ୍ୟବସାୟୀମାନେ ଶୋଷଣ କରୁଛନ୍ତି। ସାଧାରଣ ପରିବାରବର୍ଗ ଅଣ୍ଡା କିଣି ଖାଇବା କଷ୍ଟକର ହେଉଛି। ଅଣ୍ଡାର ଆକାଶ ଛୁଆଁ ଦର ଏବେ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ ପ୍ରଭାବ ପକାଇଲାଣି। ସରକାର ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଣ୍ଡା ଦର ଗୋଟି ପିଛା ୫ ଟଙ୍କାରୁ ୫ ଟଙ୍କା ୫୦ ପଇସା ଦେଉଛନ୍ତି। ଏତେ ଟଙ୍କା ସେମାନେ କେଉଁଠୁ ଏଡ଼ଜେଷ୍ଟ କରିବେ ଚିନ୍ତାର ବିଷୟ ହେଉଛି। ଖାଉଟି ମାନେ କଳାବଜାରିର ଶିକାର ନ ହୋଇ ଉଚିତ ମୂଲ୍ୟରେ ଉଚ୍ଚ ମାନର ଖାଦ୍ୟ ସାମଗ୍ରୀ କେମିତି ପାଇପାରିବେ ସେଥିପାଇଁ ସରକାର ଯୋଗାଣ ବିଭାଗଠାରୁ ଆରମ୍ଭ କରି ମାନ ନିର୍ଦ୍ଧାରଣ ପର୍ଯ୍ୟନ୍ତ ବିଭିନ୍ନ ବିଭାଗକୁ ନିୟୋଜିତ ରହିଥିଲେ ହେଁ ସେମାନେ କେବେ ଅଞ୍ଚଳରେ ଦେଖା ଦେଉ ନାହାନ୍ତି। ଫଳରେ ବ୍ୟବସାୟୀମାନେ ତାଙ୍କର ମନମୁତାବକ ଦରରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଛନ୍ତି। ଏନେଇ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲାଙ୍କୁ ବାରମ୍ବାର ତାଙ୍କ ମୋବାଇଲ ନଂ ୭୯୭୮୯୧୬୧୨୩ ରେ ଫୋନ କଲେ ମଧ ସେ ରିସିଭ କରୁ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶ୍ରୀକୃଷ୍ଣ, ବଳରାମଙ୍କ ହାତରେ କଂସ ନିଧନ

ମୁରିବାହାଲ,୫।୧ (ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ମହକୁମା ତଥା ମଥୁରା ନଗରୀରେ ଦୀର୍ଘ ସାତ ଦିନ ଧରି ଚାଲିଥିବା ପଞ୍ଚମ ବାର୍ଷିକ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଗତ ବୁଧବାର ରାତିରେ ଶ୍ରୀକୃଷ୍ଣ ବଳରାମଙ୍କ ହାତରେ ମହାରାଜ କଂସଙ୍କ ନିଧନ ମଞ୍ଚସ୍ଥ ସହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ମୁରିବାହାଲକୁ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ରୂପେ ବିବେଚିତ ହୋଇ ବିଭିନ୍ନ ଦିବସରେ ବିଭିନ୍ନ ନାଟ୍ୟାଭିନୟ ଓ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ଶ୍ରୀବସ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହାଜି ମହମ୍ମଦ ଆୟୁବ

**ମୁରିବାହାଲ ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ**

ଖାଁ ମୁଖ୍ୟ ଅତିଥି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ବିଶେଷଜ୍ଞ ଡାକ୍ତର ଅମଯଦ ଖାଁ, ରାଜ୍ୟସଭା ସାଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ପତ୍ରାପାଲି(କ)ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଚଣାବାହାଲ ସରପଞ୍ଚ ପ୍ରତିନିଧି ସରୋଜ କୁମାର ମେହେର, ଡ. ସୁବ୍ରତ ମହାକୁର, ସ୍ୱାସ୍ଥ୍ୟକର୍ମୀ ଜେମାକାନ୍ତ ବାଗ, ଆୟୋଜକ କମିଟି କୋଷାଧ୍ୟକ୍ଷ ରମାରଞ୍ଜନ ପାତ୍ର ଓ ସାଧାରଣ ସମ୍ପାଦକ ତରୁଣ ପୋଢ଼ ପ୍ରମୁଖ ରାଜଅତିଥି ରୁପେ ଉପସ୍ଥିତ ଥିଲେ। ଲାଠୋରର ବିଶିଷ୍ଟ କଳାକାର ଆର୍ତ୍ତତ୍ରାଣ ସୁନାନୀ କଂସ, ବାସୁମତି ନନ୍ଦ ଦେବକୀ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା ବେଳେ ସମସ୍ତ କଳାକାର, କଣ୍ଠଶିଳ୍ପୀ ରାସ ବିହାରୀ ଘିବେଲା, ଯୋଗଧାନ ହଂସ, ସମସ୍ତ ଗଣମାଧମ ପ୍ରତିନିଧି, ଗୋପପୁର ଓ ମଥୁରା ନଗରୀରେ ଦାୟିତ୍ୱରେ ଥିବା କର୍ତ୍ତା ଓ ତାଙ୍କ ଧର୍ମପତ୍ନୀ, ପୂଜକ,ସ୍ୱାଗତ ଦାୟିତ୍ୱରେ ଥିବା ଛାତ୍ରୀ, ଟେଷ୍ଟ ,ସାଉଣ୍ଡ ସହ ମହୋତ୍ସବକୁ ସୁଚାରୁ ରୁପେ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ମୁରିବାହାଲ ଧନୁଯାତ୍ରା ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି, ବିଶ୍ୱବିହାରୀ ଯୋଶୀ, ସୁଦାମ ସାହୁ, ଉପସଭାପତି ନାରାୟଣ ସାହୁ, ଲକ୍ଷ୍ମୀକାନ୍ତ ଧରୁଆ, ଶ୍ୟାମସୁନ୍ଦର ଝାଙ୍କର, ଦିବ୍ୟସୁନ୍ଦର ସାହୁ, ସମ୍ପାଦକ ଭରତ ଦାସ, ପ୍ରେମାନନ୍ଦ ମାଝି, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର, କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ସାଂସ୍କୃତିକ ସମ୍ପାଦକ ରମେଶ କୁମାର ନାଗ, ଖଗେଶ୍ୱର ସାହୁ, ବୈରାଷ୍ଟ୍ର ପୋଢ଼, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ଆବାହକ ବାବୁଲାଲ କେତକୀ, ସୁଦାମ ବଘାର, ଯାଞ୍ଚ ଅଧିକାରୀ ଅନୀଲ କୁମାର ଶର୍ମା, ସୁରେଶ କୁମାର ଶର୍ମା, ଗୋପପୁର ପ୍ରମୁଖ ରାଜୀବ କୁଅଁର, ତୁଳସୀରାମ ସାହୁ, ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ମନୋଜ କୁମାର କର, କେଦାର ବଡଜେନା, ତରଣୀସେନ ମେହେର, ଉପଦେଷ୍ଟା ଭଗବାନ ମହାନ୍ତି, ଚିନ୍ତାମଣି ମହାରଣା, ଦୁର୍ଯୋଧନ ବେହେରା, ମଧୁସୁଦନ ନାଗ,କୁନ୍ତ ପୋଢ଼, ବାବୁଲି ରାଉତ, ସୁଧୀର ପାଣି, ଜୟକିଶନ ବାଗ, କିଶୋର ପୃଷ୍ଟି, ହେମନ୍ତ କୁମାର ଶର୍ମା ପରିଚାଳନା କମିଟି ସଦସ୍ୟ ବିଜୟଲାଲ ଦୀପଙ୍କ ସହ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା, ମଥୁରା ନଗରୀ ମୁରିବାହାଲ ଓ ଗୋପପୁର ବନବାହାଲର ସମସ୍ତ ଅଧିବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଭୁଲ ଚିକିତ୍ସାରୁ ଯୁବକଙ୍କ ମୃତ୍ୟୁ

ଲୋଇସିଂହା,୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବାବୁଫାସଡ ଗ୍ରାମରେ ଜଣେ କ୍ୱାକଙ୍କ ଭୁଲ ଚିକିତ୍ସାକୁ ନେଇ ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କୈଳାସ ବରୱାର୍ଡି (୩୫)। ବଲାଙ୍ଗୀର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗ ମେଡିକାଲକୁ ଆଖି ଦାନ କରିଥିବା ଜଣାଯାଇଛି। ଗୁରୁବାର କୈଳାସଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କ ଭାଇକୁ ଏନେଇ ଜଣାଇଥିଲେ। ପରେ ସେ ଗାଁରେ ଥିବା କ୍ୱାକଙ୍କ ପାଖକୁ ଯାଇଥିଲେ। କ୍ୱାକ ତାଙ୍କୁ ଦୁଇଟି ଇଞ୍ଜେକସନ ଦେଇଥିଲେ। ଇଞ୍ଜେକସନ ନେବାର କିଛି ସମୟ ପରେ ସେଠାରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ୱାକ୍‌ଙ୍କ ଭୁଲ ଚିକିତ୍ସାରୁ କୈଳାସଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହେଲେ ଏନେଇ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ଜଣାଯାଇଛି।

### ଟିଟିଲାଗଡ଼ ଉପଖଣ୍ଡର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଟିଟିଲାଗଡ,୫।୧ (ଶରତ ମିଶ୍ର)

ଉପଖଣ୍ଡ ଅନ୍ତର୍ଗତ ଦୁଇ ଗୋଟି ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ଶୁକ୍ରବାର ପ୍ରକାଶିତ କରିଛନ୍ତି ଉପଜିଲାପାଳ ଦୟାମୟ ପାଢ଼ୀ। ୬୯-ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୪୧୧୪ ଭୋଟର, ବୟସ୍କ ବ୍ୟକ୍ତି ବିଶେଷ ୪୬୫୮, ଯୁବା ଭୋଟର ୫୩୮୯, ଦିବ୍ୟାଙ୍ଗ ୪୮୨୨ ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୧,୨୯,୧୦୬ ମହିଳା ୧୨୪୯୧୮ ତୃତୀୟ ଲିଙ୍ଗ ୯୦ ଏବଂ ଦିବ୍ୟାଙ୍ଗ ଭୋଟର ଭାବେ ପୁରୁଷ ୨୪୩୫, ମହିଳା ୨୩୮୬ ଓ ଦିବ୍ୟାଙ୍ଗ ତୃତୀୟ ଲିଙ୍ଗ ୧ ଓ ଜେଣ୍ଡର ରେସିଓ ହେଉଛି ୯୬୮। ସେହିପରି ଭାବେ ୭୦-କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୭୪୦୬୯ ଭୋଟର, ବୟସ୍କ ବ୍ୟକ୍ତି ବିଶେଷ ୩୮୭୮ , ଯୁବା ଭୋଟର ୬୦୫୨, ଦିବ୍ୟାଙ୍ଗ ୩୮୫୬ ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୧,୩୮,୭୫୦ ମହିଳା ୧,୩୫,୨୪୭ ତୃତୀୟ ଲିଙ୍ଗ ୭୨ ଏବଂ ଦିବ୍ୟାଙ୍ଗ ଭୋଟର ଭାବେ ପୁରୁଷ ୨୦୭୦, ମହିଳା ୧୭୮୬ ଓ ଦିବ୍ୟାଙ୍ଗ ତୃତୀୟ ଲିଙ୍ଗ ୦ ଓ ଜେଣ୍ଡର ରେସିଓ ହେଉଛି ୯୭୫। ଏହି କାର୍ଯ୍ୟକ୍ରମରେ ସଭାପତି, ଭାରତୀୟ ଜନତା ପାର୍ଟି ପ୍ରଶାନ୍ତ ଷଡଙ୍ଗୀ, ସଭାପତି, ଆପ ଗଜପତି କାଲସେ, ସଭାପତି, ଜାତୀୟ କଂଗ୍ରେସ ପାର୍ଟି ଘିନୁ ଆଡୟୁଆଡ, ବିଜୁ ଜନତା ଦଳର ପ୍ରତିନିଧି ଅରୁଣ ମିଶ୍ର, ଭାରତୀୟ ଜନତା ପାର୍ଟିର ରଞ୍ଜିତ ଆଡୟୁଆଡ, ଅଶୋକ ମିଶ୍ର, ଆଲୋକ ନାୟକ, ସଭାପତି, ବହୁଜନ ସମାଜ ପାର୍ଟି, ସୁବାସ ଆବେ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଅଭିନାଶ ଲାକ୍ରା, ଆସିଷ୍ଟାଣ୍ଟ କଲେକ୍ଟର ଚନ୍ଦ୍ର ପ୍ରସାଦ ଦେହୁରି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଦେବେନ୍ଦ୍ର କୁମାର ନାଏକ, କୁମାର ତାଣ୍ଡି ସହଯୋଗ କରିଥିଲେ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ବଲାଙ୍ଗୀର,୫।୧ (ବୀରେନ୍ଦ୍ର କୁମାର ଝାଙ୍କର)


ମୃତ ଯୁବକଙ୍କ ପରିବାର ଲୋକେ ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ଏସ୍‌ଡିପିଓ ତୋଫାନ ବାଗଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଭୁଡିଆରବାହାଲ ଗାଁର ଜଣେ ଯୁବକଙ୍କ ମୃତ୍ୟୁ ଘଟଣାର ତଦନ୍ତରେ ପୋଲିସ ଆନ୍ତରିକତା ଦେଖାଉ ନାହିଁ ବୋଲି ପରିବାର ଲୋକେ ଏସ୍‌ପି (ଆରକ୍ଷୀ ଅଧୀକ୍ଷକ)ଅଫିସ ଆସି ଶୁକ୍ରବାର ଅଭିଯୋଗ କରିଛନ୍ତି। ଭୁଡିଆରବାହାଲ ଗାଁର ମଙ୍ଗନିଆ ପୁଟେଲ ଏସ୍‌ପି ଅଫିସକୁ ଆସି ଲିଖିତ ଜଣାଇଥିଲେ ଯେ, ତାଙ୍କ ପୁଅ ମଧୁ (୨୭) ଗତ ୨୭ ତାରିଖ ସନ୍ଧ୍ୟାରେ ତାଙ୍କ ଶ୍ୱଶୁର ଘର ପ୍ରତାପପୁରରୁ ବାଇକ୍ ଓଡି୦୩ଏଫ୍ ୧୫୮୩ରେ ଫେରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରତାପପୁର ଓ ସାଉନ୍ତମୁଣ୍ଡା ଗାଁ ମଝିରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ମଧୁଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ପ୍ରତାପପୁରର ଜଣେ ଟ୍ରାକ୍ଟର ମାଲିକଙ୍କ ଟ୍ରାକ୍ଟର

### ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

ଏହି ଦୁର୍ଘଟଣା ଘଟାଇଛି। ଦୁର୍ଘଟଣା ପରେ ଟ୍ରାକ୍ଟର ଓ ଟ୍ରଲିକୁ ସେଠାରୁ ନେଇଯାଇଥିଲେ। ଘଟଣା ନେଇ ଦେଓଗାଁ ଥାନାରେ ଅଭିଯୋଗ କଲେ ମଧ୍ୟ ଦେଓଗାଁ ଥାନା ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମୃତ ମଧୁଙ୍କ ବାପା, ବିଧବା ସ୍ତ୍ରୀ, ଭଉଣୀ ଓ ଅନ୍ୟମାନେ ଏସ୍‌ପି ଅଫିସକୁ ଆସି ଅଭିଯୋଗ କରିଥିଲେ। ବଲାଙ୍ଗୀର ଏସ୍‌ଡିପିଓ ତୋଫାନ ବାଗ ଘଟଣା ସମ୍ପର୍କରେ ସେମାନଙ୍କୁ ପଚରାଉଚରା କରି ମାମଲା ରୁଜୁ ହୋଇଛି ଏବଂ ତଦନ୍ତ ଚାଲିଛି ବୋଲି କହିଥିଲେ। ତେବେ ପୀଡିତ ପରିବାର ସଦସ୍ୟ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ମାଲିକ ଓ ଡ୍ରାଇଭରଙ୍କ ବିରୋଧରେ ଦେଓଗାଁ ପୋଲିସ ପଦକ୍ଷେପ ନେଉନାହିଁ ବୋଲି କହିଥିଲେ। ଏଦିଗରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# କାର୍ଯ୍ୟାନୁଷ୍ଠାନ ଶୂନ, ଆଦିବାସୀ ମହଲରେ ଅସନ୍ତୋଷ

ଲୋଇସିଂହା,୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସୁଜିଆ ଗ୍ରାମର ଜବକାର୍ଡଧାରୀ ଶ୍ରମିକ କାଳିଆ ମାରପାଚି ଏମ୍‌ଜିଏନ୍‌ଆରଇଜିଏସ୍ ବାବଦ ବକେୟା ଟଙ୍କା ସଂକ୍ରାନ୍ତରେ ଗାଁ ସାଥୀଙ୍କୁ ପଚାରିବାରୁ ରାଗି ଯାଇ ଏକ ରଫାରେ ଆକ୍ରମଣ ଉଦ୍ୟମ କରିଥିଲେ। ଶ୍ରମିକଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅପରପକ୍ଷେ ଗାଁ ସାଥୀଙ୍କ ଏତାଦୃଶ ଆଚରଣକୁ ନେଇ ଶ୍ରମିକମାନେ ଭୟଭୀତ ହୋଇ ପଡିଛନ୍ତି। ଘଟଣା ପରଠୁ ଶ୍ରମିମାନେ ଏମ୍‌ଜିଏନ୍‌ଆରଇଜିଏସ କାମ କରିଯିବାକୁ ନାରାଜ ଥିବା ପୀଡିତ ଶ୍ରମିକ ମାରପାଚି, ରାଜକୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଲୋଇସିଂହା ପଞ୍ଚାୟତ ଅନ୍ତର୍ଗତ ସୁଜିଆ ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଦୁର୍ନୀତି ଓ ଶ୍ରମିକଙ୍କ ବକେୟା ଟଙ୍କାକୁ ନେଇ କେତେକ ଶ୍ରମିକ ବିଡିଓ ଏବଂ ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ଏପିଓ ଗାଁକୁ ଯାଇ ତଦନ୍ତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ସେମାନେ ଲୋକପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ହେଲେ ଘଟଣାକୁ ରଫାଦଫା କରି ଦିଆଯାଇଥିଲା। ୨୦୧୮ ରୁ ୨୦୨୨ ପର୍ଯ୍ୟନ୍ତ ଗାଁ ସାଥୀ ତନୁଜ ସାହୁଙ୍କ ଅଧୀନରେ ଶ୍ରମିକ କାଳିଆ ମାରପାଚି କାମ କରିଥିଲେ। ଲୋଇସିଂହା ପଞ୍ଚାୟତ

### ଶ୍ରମିକଙ୍କୁ ଗାଁ ସାଥୀ ଆକ୍ରମଣ ଉଦ୍ୟମ ଘଟଣା

ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ରାସ୍ତା, ଜମି ଉନ୍ନତିକରଣ, ଟ୍ରେଂଚ ଆଦି କାମରେ ନିୟୋଜିତ ହୋଇଥିଲେ। ସେ ୪୫ ହଜାର ଟଙ୍କା ପାଇବା କଥା। ହେଲେ ତାଙ୍କୁ ମାତ୍ର ୫ ହଜାର ଟଙ୍କା ମିଳିଥିଲା । ଆର୍ଥିକ ଦୁର୍ଗତିରେ ଗତି କରୁଥିବା ଶ୍ରମିକ କାଳିଆ ମାରପାଚି ୨୦୨୩ ଡିସେମ୍ବର ୨୨ରେ ପଞ୍ଚାୟତ ଅଧୀନ ବୁଦଲେବାହାଲି ଖେଳପଡିଆରେ ଚାଲିଥିବା ଟ୍ରେଂଚ କାମ ସ୍ଥଳକୁ ଯାଇ ଗାଁ ସାଥୀ ସାହୁଙ୍କୁ ବକେୟା ଟଙ୍କା ସମ୍ପର୍କରେ ଜଣାଇଥିଲେ। କୁଆଡେ ଗାଁ ସାଥୀ ସାହୁ ଏଥିରେ ଉତକ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ଗାଁରୁ ତଡି ଦେବା ସହ ସରକାରୀ କେସ ଦେଇ ଫସାଇ ଦେବାକୁ କାଳିଆଙ୍କୁ ଚେତାବନୀ ଦେଇଥିଲେ। ପରେ ସେଠାରେ ଥିବା ଶ୍ରମିକଙ୍କ ରଫାରେ କାଳିଆଙ୍କୁ ଆକ୍ରମଣ ପାଇଁ ଗୋଡାଇ ଥିଲେ । ଉପସ୍ଥିତ କେତେକ ଶ୍ରମିକଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲେ ଗାଁ ସାଥୀ। ଏସମ୍ପର୍କିତ ଏକ ଭିଡିଓ ମଧ୍ୟ ଭାଇରାଲ ହେଉଛି। ଗାଁ ସାଥୀଏତାଦୃଶ ଆଚରଣ ସବୁ ମହଲରେ ନିନ୍ଦା କରାଯାଉଛି। ଘଟଣା ସମ୍ପର୍କରେ ବ୍ଲକ ପ୍ରଶାସନ ଅବଗତ ନ ଥିବା କହିବା ଏବଂ ଜଣେ ଆଦିବସୀ ଯୁବକଙ୍କୁ ଗାଁରୁ ତଡି ଦେବାକୁ ଧମକ, ସର୍ବସାଧାରଣରେ ଜୀବନରେ ମାରିଦେବାକୁ ଉଦ୍ୟମ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନକୁ ନେଇ ଆଦିବାସୀ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବଲାଙ୍ଗୀରରେ ଡ୍ରାଇଭର ସଂଘର ଆନ୍ଦୋଳନ


ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବଲାଙ୍ଗୀର ବସ ଟର୍ମିନାଲରେ ଯାତ୍ରୀବାହୀ ବସ୍ ଅଟକି ରହିଛି।

ବଲାଙ୍ଗୀର,୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

କେନ୍ଦ୍ର ସରକାର ହିଟ୍ ଏଣ୍ଡ ରନ୍‌କୁ ନେଇ କଡାକଡି ଆଭିମୁଖ୍ୟ ଗ୍ରହଣ କରିବା ପ୍ରତିବାଦରେ ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନ ଡାକରା ଦେଇଥିଲେ। ଏହି ଆନ୍ଦୋଳନର ଡାକରାକୁ ବଲାଙ୍ଗୀର ଡ୍ରାଇଭର ସଂଘ ସମର୍ଥନ କରି ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସକାଳୁ ବଲାଙ୍ଗୀର ବସ୍ ଟର୍ମିନାଲ ଠାରେ

### କେନ୍ଦ୍ର ସରକାରଙ୍କ ନୂଆ ଆଇନକୁ ବିରୋଧ

ଡ୍ରାଇଭରମାନେ ବସ ଚଳାଚଳ ଛାଡି ଧାରଣାରେ ବସିଥିଲେ। ଡ୍ରାଇଭରମାନଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଶୁକ୍ରବାର ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବସ, ଟ୍ରକ ଧର୍ମଘଟ ଯୋଗୁ ଯାତ୍ରୀ ଯିବାଆସିବା ଓ ମାଲ ପରିବହନ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଦେଖାଯାଇଥିଲା। ଡ୍ରାଇଭରମାନେ ଜାଣିଶୁଣି ଦୁର୍ଘଟଣା ଘଟାନ୍ତି ନାହିଁ। ଏଣୁ ଦୁର୍ଘଟଣାକୁ ନେଇ ଡ୍ରାଇଭରଙ୍କୁ ଜେଲ ଦଣ୍ଡାଦେଶ ଓ ଜରିମାନା ଭଳି କଡା ଆଭିମୁଖ୍ୟ ଗ୍ରହଣ କଲେ ଡ୍ରାଇଭରମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଡ୍ରାଇଭରମାନେ କହିଥିଲେ। ତୁରନ୍ତ କେନ୍ଦ୍ର ସରକାର ଏହା ଉପରେ ପୁନର୍ବିଚାର କରିବାକୁ ସେମାନେ ଦାବି ରଖିଛନ୍ତି।

# ଜିଲା ଜୁନିୟର ରେଡ୍‌କ୍ରସର କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗୀର,୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ଅଧକ୍ଷ ଧ୍ରୁବଚରଣ ବେହେରାଙ୍କ ଅଧକ୍ଷତାରେ ଶୁକ୍ରବାର ବଲାଙ୍ଗୀର ଜୁନିୟର ରେଡକ୍ରସ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବେହେରା ଜୁନିୟର ରେଡ୍‌କ୍ରସର କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ଉପାଧକ୍ଷ କେଶବ ଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ପ୍ରଦୀପ କୁମାର ପାତ୍ର ୨୦୨୩--୨୪ ଆର୍ଥିକ ବର୍ଷର ବାର୍ଷିକ ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଜୁନିୟର ରେଡ୍‌କ୍ରସ ଅଫିସର ସୁବାସ ଚନ୍ଦ୍ର ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ରେଡ୍‌କ୍ରସ ବାର୍ଷିକ କାର୍ଯ୍ୟକ୍ରମ



ବଲାଙ୍ଗୀର ଜୁନିୟର ରେଡ୍‌କ୍ରସ କାର୍ଯ୍ୟକାରୀ କମିଟି ବୈଠକ।

### ବିକାଶ ସାହୁ ହେଲେ ନୂତନ ଜୁନିୟର ରେଡ୍‌କ୍ରସ ଅଫିସର

ଓ ଆଗାମୀ ଜୁନିୟର ରେଡ୍‌କ୍ରସର ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ପାଇଁ ଆଲୋଚନା କରାଯାଇଥିଲା। ସମସ୍ତ ସଭ୍ୟମାନଙ୍କ ସ୍ୱୀକୃତି ଅନୁସାରେ ରାଜ୍ୟ ସାଧନକର୍ମୀ ବିକାଶ ରଞ୍ଜନ ସାହୁଙ୍କୁ ନୂତନ ଜିଲା ଜୁନିୟର ରେଡକ୍ରସ ଅଫିସର ଭାବରେ ଚୟନ କରାଯାଇଥିଲା। ଏହି ସଭାରେ ଜିଲାର ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସାଧନକର୍ମୀ, ବ୍ଲକ ସଂଯୋଜକ ଓ ପରାମର୍ଶଦାତା ଉପସ୍ଥିତ ରହି ମତ ରଖିଥିଲେ। ଶେଷରେ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ

ଲାଞ୍ଜିଗଡ଼,୫।୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟର ମହାଅଭିଯାନ ତଥା ବହୁବିଧ ଯୋଜନା ସମ୍ବନ୍ଧୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଏ ଆଇଟିଡିଏ, ଲାଞ୍ଜିଗଡ଼ ବ୍ଲକ ଓ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ଏହି ମହାଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରଧାନ ମନ୍ତ୍ରୀ ଜନମନ ଯୋଜନାରେ ସମସ୍ତଙ୍କୁ ପକ୍କା ଘର, ପ୍ରତ୍ୟେକ ଘରକୁ ନଳପାଣି, ଗାଁ ଗାଁକୁ ରାସ୍ତା, ପ୍ରତ୍ୟେକ ଘରକୁ ବିଜୁଳି, ସମସ୍ତଙ୍କୁ ଶିକ୍ଷା ଉତ୍ତମ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ପାଇଁ ସୁଯୋଗ, ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁବିଧା, ସମସ୍ତଙ୍କୁ ପୋଷଣ, ଉନ୍ନତ ଜୀବନ ଧାରା, ଦୂର ଦୂରାନ୍ତର ଗାଁକୁ ଟେଲିକମ ଯୋଗାଯୋଗ ଭଳି ସୁବିଧା ଯୋଗାଇ ଦିଆଯିବ। ଏହି ମହାଅଭିଯାନ ବ୍ଲକର ୨୬ଟି ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ଆରମ୍ଭ ହେବାକୁ ଥିବା ବେଳେ ଲାଞ୍ଜିଗଡ଼ ଓ ଛତ୍ରପୁର ପଞ୍ଚାୟତରେ ଏହାର ଶୁଭାରମ୍ଭ ହୋଇଛି। ବ୍ଲକର ୨୬ଟି ପଞ୍ଚାୟତର ୨୭୬ଟି ଆଦିବାସୀ ଗାଁର ୭ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଏହି ଯୋଜନାରେ ଉପକୃତ ହୋଇପାରିବେ। ବୁଧବାର ଲାଞ୍ଜିଗଡ଼ ଓ ଛତ୍ରପୁରରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କମଳା ପାତ୍ର, ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବିଏସଏସଓ ଅରବିନ୍ଦ ମହାପାତ୍ର, ବ୍ଲକ ଯୋଗାଣ ନିରୀକ୍ଷକ ଦିଲୀପ କୁମାର ନାଏକ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ, ଲାଞ୍ଜିଗଡ଼ ରାଜସ୍ୱ ନିରୀକ୍ଷକ ଅନିରୁଦ୍ଧ ରାଉତ, ଡାକ୍ତର ନରେନ୍ଦ୍ର ଦାସ, ଲାଞ୍ଜିଗଡ଼ ସମିତି ସଭ୍ୟା ସୁମତି ମାଝି ଉପସ୍ଥିତ ଥିଲେ। ପିଏଆଇଟିଡିଏ, ବ୍ଲକ, କେକେଡିଏ, ତହସିଲ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଗୃହ ବିଭାଗ, ପାନୀୟ ଜଳ, ବ୍ୟାଙ୍କ ସେବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା।

# ତେଲେନପାଲିରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କରାଯାଉଛି।

ଖପ୍ରାଖୋଲ,୫।୧ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଠାରେ ମିଲେଟ ମିଶନ ଓ କେକେପିସିଏଲ ତରଫରୁ ମାଣ୍ଡିଆ ମଣ୍ଡି ଶୁକ୍ରବାର ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ରୂପେ କାର୍ଯ୍ୟକ୍ରମ ଅଧିକାରୀ ସୁନନ୍ଦା ସାହୁ, ପାଟଣାଗଡ଼ ଏଡିଓ ବାବୁଲି ଚରଣ ସେଠୀ, ବିହନ ବିଶେଷଜ୍ଞ ଦିଲୀପ ରାଉତ, ଟିଡିସିସି ସନାତନ ମାଟିଆ, ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,

### ପ୍ରଥମ ଦିନ କିଣା ହେଲା ପନ୍ଦର କୁଇଣ୍ଟାଲ ମାଣ୍ଡିଆ

ବେଲପଡ଼ା ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୫ କୁଇଣ୍ଟାଲ ୨୦ କେଜି ମାଣ୍ଡିଆ ଚାଷୀଙ୍କଠାରୁ ୩୮ ଟଙ୍କା ୪୬ ପଇସାରେ କିଣା ଯାଇଥିଲା। କାର୍ଯ୍ୟକ୍ରମକୁ ମିଲେଟ ମିଶନ ବ୍ଲକ ସଂଯୋଜକ ଶ୍ୱେତ କୁମାର ହୋତା, ୱାଇସିଡିଏ ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଭୋଜ ରାଜ ବରିହା, ବାସନ୍ତୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ପ୍ୟୁଟର ଦକ୍ଷତା ତାଲିମ ନେଲେ ମିଶନ ଶକ୍ତି ଏମ୍‌ବିକେ

ଅମରପାଲି,୫।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦରର ଏକ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରେ ୨୦ ଦିନ ବ୍ୟାପି ଚାଲିଥିବା ବ୍ଲକ ମିଶନ ଶକ୍ତି ଏମବିକେ ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ମିଶନ ଶକ୍ତି ଦ୍ୱାରା ନିୟୋଜିତ ଏମବିକେମାନଙ୍କ କମ୍ପ୍ୟୁଟର ଦକ୍ଷତା ବୃଦ୍ଧି ତଥା ବିକାଶ ଉଦ୍ଦେଶ୍ୟରେ ସମଗ୍ର ବ୍ଲକରେ କାର୍ଯ୍ୟରତ ସଦସ୍ୟମାନଙ୍କୁ ତାଲିମ ପ୍ରଦାନ

### ବ୍ଲକ ମିଶନ ଶକ୍ତି ଏମ୍‌ବିକେ ତାଲିମ ଶିବିର ଉଦ୍‌ଯାପିତ

କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଆର୍ଥିକ ଦେଣନେଣ ଆଦି କାର୍ଯ୍ୟକୁ କମ୍ପ୍ୟୁଟର ତଥା ମୋବାଇଲରେ ଅତି ଶୀଘ୍ର ଓ ସହଜରେ ଏମବିକେମାନେ କିପରି କରିପାରିବେ ସେ ନେଇ ତାଲିମ ଦିଆଯାଇଥିଲା। ଏଥିରେ ୧୫ ଗୋଟି ପଞ୍ଚାୟତରୁ ୧୫ ଜଣ ଏମବିକେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହାକୁ ନିଜ କର୍ମକ୍ଷେତ୍ରରେ ଠିକ ଭାବେ ବିନିଯୋଗ କରିପାରିବେ ବୋଲି କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଅନନ୍ତ କୁମାର ପଣ୍ଡା କହିଛନ୍ତି । ଉଦଯାପନୀ ଉତ୍ସବରେ ବ୍ଲକ ମିଶନ ଶକ୍ତି ପରିଚାଳନାରେ ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ବିଷ୍ଣୁ ପ୍ରସାଦ ସ୍ୱାଇଁ, ଜିଲା କୋଷାଧକ୍ଷ ଶଶିକାନ୍ତ ସେଠୀ, ରମାକାନ୍ତ ହରିପାଲ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



ଉଦଯାପନୀ ଉତ୍ସବରେ ତାଲିମ ନେଇଥିବା ଏମ୍‌ବିକେ ଓ ତାଲିମଦାତାମାନେ।

# ୧୦୮ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର,୫।୧ (ମୃତ୍ୟୁଞ୍ଜୟ ଶତପଥୀ)

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୁକ୍ରବାର ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୁଢାରାଜା ଯୁବକ ସଂଘ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜିଲା ବସ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ ଓ ରେଆର ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀ ମନୋଜ କୁମାର ପଣ୍ଡା ଶିବିର ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଜିଲା ମୋଟର ଯାନ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡା.ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଟେକ୍‌ନିସିଆନ ଜଗତ ଦରୱାନ, ଟିଟୁ ଭୋଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।


ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ରକ୍ତଦାତା ଓ ଉପସ୍ଥିତ ଯୁବତୀଯୁବକଙ୍କୁ ରାକ୍ତଦାନର ଆବଶ୍ୟକତା ଏବଂ ମହତ୍ୱ ସମ୍ପର୍କରେ ବୁଝା ଯାଇଥିଲେ। ପରିବହନ ବିଭାଗର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। ସେହିପରି ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଜିଲା ଜୁନିଅର ରେଡକ୍ରସ ସହଯୋଗରେ ଜୀବନ ଜୀବିକା କୌଶଳ ଓ ରକ୍ଷକ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ବସଷ୍ଟାଣ୍ଡରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଟୋ ଚାଳକ, ବସ ଚାଳକ, ବିଭିନ୍ନ ଦୋକାନୀ ଓ ବସଯାତ୍ରୀମାନଙ୍କୁ ସଡକ ଦୁର୍ଘଟଣାର ପ୍ରଥମ ପ୍ରତିକ୍ରୀୟାଶୀଳ ବ୍ୟକ୍ତି ହେବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ସୋଲାସିଅମ ଫଣ୍ଡ, ଗୁଡ ସମରିଟାନ୍ ପଲିସି ସହ ଦୁର୍ଘଟଣା ପରେ ଆହତ

### ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ରକ୍ତଦାନ ଶିବିର

ବ୍ୟକ୍ତିଙ୍କୁ ବୋହିବା ପ୍ରଣାଳୀ, ଜରୁରୀ ଫୋନ ନମ୍ବର, ରାସ୍ତାର ସଙ୍କେତ, ରକ୍ତସ୍ରାବ ବନ୍ଦ କରିବା ପ୍ରଣାଳୀ ଏବଂ ହୃତପିଣ୍ଡ ଓ ଫୁସ୍‌ଫୁସ୍‌କୁ ପୁନଃଚାଳନ କରିବା ପାଇଁ ସିପିଆର୍ ପ୍ରଦାନ ଆଦି ସମ୍ପର୍କରେ ଶିକ୍ଷା ପ୍ରଦାନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ସଂଯୋଜନା କରିଥିବା ବେଳେ ଏଥିରେ ମାଷ୍ଟର ଟ୍ରେନର ଚନ୍ଦ୍ରମଣି ବାଘ, ଚନ୍ଦ୍ରଶେଖର ମହାପାତ୍ର, ଗୋପେଶ ପଣ୍ଡା, ତପସ୍ୱିନୀ ଦାଶ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପୁରୁଷୋତ୍ତମ ପାଣିଗ୍ରାହୀ ସହଯୋଗ କରିଥିବା ବେଳେ ଚିତ୍ତରଞ୍ଜନ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।

# ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା



ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତସ୍ତରୀୟ ଉତ୍ସବରେ ଆୟୋଜିତ ମଶାଲ ଶୋଭାଯାତ୍ରା।


ଜୁନାଗଡ଼ ବ୍ଲକ ହାବସପୁର ଉତ୍ସବରେ ଅତିଥି କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଲାଞ୍ଜିଗଡ଼/ ଜୁନାଗଡ଼/ ତୁଣ୍ଡଲା, ୫।୧(ରମେଶ ଚନ୍ଦ୍ର ନାୟକ/ ସୁନୀଲ କୁମାର ସିଂହ/ ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ଗ୍ରାମପଞ୍ଚାୟତରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଶୁକ୍ରବାର ପାଳିତ ହେଇଯାଇଛି। ଉଦଘାଟନ ପୂର୍ବରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମଶାଲ ଆଣି ପଞ୍ଚାୟତ କାର୍ଯ୍ୟାଳୟସ୍ଥିତ ମଞ୍ଚକୁ ନିଆଯାଇଥିଲା। ମଶାଲ ଶୋଭାଯାତ୍ରାରେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ସମେତ ବିଭିନ୍ନ ବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ। ସରପଞ୍ଚ ନରେନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଉତ୍ସବରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ବିଡ଼ିଓ ଶଶାଙ୍କ ପାତ୍ର ଏବଂ ତହସିଲଦାର କିରଣ କୁମାର ମହାନ୍ତି, ଏମ୍‌ପି ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷ ରାଏ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବ୍ଲକ ଆଦିବାସୀ ସଂଘ ସଭାପତି ସୁକ୍ରୁ ମାଝି, ଚମ୍ପାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମ ଲୋଚନ ସୁନା, ଯୋଡ଼ାବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁକଦେବ ମଲ, ନିଳାଞ୍ଚଳ ପ୍ରଧାନ, ଭୀମସେନ ସାହୁ, ହରିଶଙ୍କର ପାତ୍ର, ନାଏବ ସରପଞ୍ଚ ଭାନୁମତୀ ଘଡେଇ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଘୁମରା, ବଜାସାଲ, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ କଳାକାରଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ।


କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ତାଲଭଅଁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥି।

ଜୁନାଗଡ ବ୍ଲକ ଅନ୍ତର୍ଗତ ହାବସପୁରରେ ଗ୍ରାମପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିକାଶ ରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଏହି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ, ଆଇନଜୀବୀ ଓ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ବାରମ୍ବାର ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ।

ବିଭିନ୍ନ କ୍ରିଡା ପ୍ରତିଯୋଗିତା, ପ୍ରାଥମିକ, ହାଇସ୍କୁଲ ଓ କଲେଜସ୍ତରରେ ନୃତ୍ୟ ପ୍ରତିଯୋଗିତା, ପ୍ରବନ୍ଧ ଓ କବିତା ଲିଖନ, ହୁଳହୁଳି, ଚିତ୍ରାଙ୍କନ, ଗୀତ ସଙ୍ଗୀତ ଆଦି ଅନେକ ବିଭାଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ସେହିପରି କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ତାଲଭଅଁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂ ମୁଖ୍ୟଅତିଥି, ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବିଭୂଦେନ୍ଦୁ ମହାନ୍ତି ମୁଖ୍ୟବକ୍ତା ଭାବେ ରହିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଏବଂ ସମ୍ମାନିତ ଅତିଥି ଭାବେ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, କେସିଙ୍ଗା ଜିଲା ପରିଷଦ ସଭ୍ୟା ଦୀପାଞ୍ଜଳି ସାହୁ, ସମିତି ସଭ୍ୟ ପ୍ରଦୀପ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବେଲଖଣ୍ଡି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥ ରଣାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ମହିଳାମାନେ ଭାଗ ନେଇଥିଲେ। ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ସଭାପତି ପାର୍ଥବୀର ସେଲମା ଓ ସମ୍ପାଦକ ଆନନ୍ଦ ସିଂହ ପରିଚାଳନା କରିଥିଲେ। ଉତ୍ସବରେ ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ, ସମସ୍ତ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିଲେ। କ୍ଷେତ୍ରମଣି ଭୋଇ, ବିଜୟ ସିଂହ, ଧର୍ମେନ୍ଦ୍ର ଘିଭେଲା ପ୍ରମୁଖ ସହଯୋଗ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଘନଶ୍ୟାମ ଭୋଇ ଦେଇଥିବା ବେଳେ ଆର୍ତ୍ତତ୍ରାଣ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସିର୍ଜାପାଲି ଗ୍ରାମପଞ୍ଚାୟତରେ ମଧ କଳାହାଣ୍ଡି ଉତ୍ସବ ଘୁମୁରା ପାଳନ କରାଯାଇଛି।

# ଓପିଏସ୍‌ସି ପିଜିଟି ପରୀକ୍ଷା ଦେବା ପାଇଁ ମିଳୁ ସୁଯୋଗ

ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଚଳିତ ବର୍ଷର ଓପିଏସ୍‌ସି ପିଜିଟି ପ୍ରବେଶିକା ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନଲାଇନ ମାଧ୍ୟମରେ ଛାତ୍ରୀଛାତ୍ର ଆସନ୍ତା ଜାନୁୟାରୀ ୩୧ରୁ ଆରମ୍ଭ କରି ମାର୍ଚ୍ଚ ୨ ପର୍ଯ୍ୟନ୍ତ ଆବେଦନ କରିପାରିବେ। ତେବେ ପିଜି ଓ ବିଇଡି ଶେଷ ବର୍ଷର ଛାତ୍ରୀଛାତ୍ର ଏହି ପରୀକ୍ଷାରୁ ବଞ୍ଚିତ ହେବେ। ଉପରୋକ୍ତ ତାରିଖ ଭିତରେ ସେମାନଙ୍କ ପାଠପଢା ଶେଷ ହୋଇ ନ ଥିବ। ତେଣୁ ସେମାନଙ୍କୁ ବି ଏହି ପରୀକ୍ଷାରେ ସୁଯୋଗ ଦିଆଯାଉ ବୋଲି ଦାବି କରିଛନ୍ତି କଳାହାଣ୍ଡିର ପିଜି ଓ ବିଇଡି ଶେଷ ବର୍ଷର ଛାତ୍ରୀଛାତ୍ରମାନେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟରେ ଜିଲାପାଳଙ୍କୁ ସେମାନେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସରକାରୀ ନିଯୁକ୍ତି କ୍ଷେତ୍ରରେ ଆସୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ପିଜି ଓ ବିଇଡିର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ସାମିଲ କରାଗଲେ ରାଜ୍ୟର ଅନେକ ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ। ଏହାର ବିଚାର କରି ପରୀକ୍ଷାରେ ସୁଯୋଗ ଦେବାକୁ ସେମାନେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ଅଜୟ କୁମାର ସାହୁ, ନସିବ ଯୋଷୀ, ଗଣନାଥ ବାଗ, ଲିଖରାଜ ସାହୁ, ଚନ୍ଦନ କୁମାର ସାହୁ, କ୍ରିତୀ ସୁନ୍ଦର ପାଣ୍ଡେ, ଛାତ୍ରୀ ପ୍ରିତୀ ସାହୁ, ଶ୍ରେୟା ମହାପାତ୍ର, ଚିନ୍ମୟୀ ବେହେରା, ଅଞ୍ଜୁଳତା ସା, ସମ୍ରିତା କୁମାରୀ କାନ୍ଧୁଲୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପୁରୀରୁ ପହଞ୍ଚିଲା ଆଜ୍ଞାମାଳ, ଗ୍ରାମବାସୀଙ୍କ ସ୍ୱାଗତ

କେସିଙ୍ଗା,୫।୧(ତୁମେଶ୍ୱର ସାହୁ)

## ସିର୍ଜାପାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲିସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ନିମିତ୍ତ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଗୁରୁବାର ପହଞ୍ଚିଛି। ଆଜ୍ଞାମାଳ ଆଣିବାକୁ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ପଦ୍ମନାଭ ଦାଶ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଥମ ସେବକ ଅଚ୍ୟୁତା ନନ୍ଦ ସାହୁ, ଅମିତ କୁମାର ଦାଶ, ମୋହିତ ପଧାନ ପ୍ରମୁଖ ପୁରୀ ଯାଇଥିଲେ। ଆଜ୍ଞାମାଳ ଆଣିବା ଖବର ପାଇ ରେଙ୍ଗାଲି ମଠ ମହନ୍ତ ବାବା ମାନଭଞ୍ଜନ ବ୍ରହ୍ମଚାରୀ ଜଗନ୍ନାଥଙ୍କ ଆଜ୍ଞାମାଳ ସ୍ୱାଗତ କରି ସିର୍ଜାପାଲି ଗ୍ରାମ ଅଭିମୁଖେ ଯାତ୍ରା କରିଥଲେ। ଗ୍ରାମର ଜନସାଧାରଣ, ସଂକୀର୍ତ୍ତନ ମଣ୍ଡଳୀ ମହାସମାରୋହରେ ଆଜ୍ଞାମାଳ ସ୍ୱାଗତ କରି ପାଛୋଟି ନେଇଥିଲେ। ରାତି ୭ଟାରେ ବାବା ମାନଭଞ୍ଜନ ବ୍ରହ୍ମଚାରୀ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ କରିଥଲେ। କାର୍ଯ୍ୟକ୍ରମ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ସମ୍ପାଦକ କାଳିଆ ଭୋଇ, ମନବୋଧ ପ୍ରଧାନ, ରୋହିତ ସାହୁ, ନୀଳାମ୍ବର ପ୍ରଧାନ, ଭକ୍ତ ପ୍ରଧାନ, ବୁଦ୍ଧଦେବ ଭୋଇ, ଶ୍ୟାମ ସୁନ୍ଦର ପ୍ରଧାନ, ନେପାଳ ଭୋଇ, ସୁମନ୍ତ କୁମାର ଗହିର, ରାଜୀବ ଭୋଇ, ଗଙ୍ଗା ମଲ୍ଲିକ, ଭରତ ସାହୁ, ଗ୍ରାମ ୱାର୍ଡମେମ୍ବର ସହଯୋଗ କରିଥିଲେ।


ପୁରୀରୁ ଆଜ୍ଞାମାଳ ସିର୍ଜାପାଲିରେ ପହଞ୍ଚିବା ପରେ ସ୍ୱାଗତ କରାଯାଉଛି।

## ସଂକ୍ଷେପରେ

### ବିଶ୍ୱ ପକ୍ଷୀ ସୁରକ୍ଷା ଦାବିରେ ପ୍ଲାକାର୍ଡ ପ୍ରଦର୍ଶନ

ବଲାଙ୍ଗୀର,୫।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର କରଙ୍ଗାକଟା, ନରସିଂହ ବନ୍ଧ ଏବଂ ମାରୱାଡି ବନ୍ଧ ସମେତ ୧୭ଟି ଜଳାଶୟରେ ପକ୍ଷୀ ଆଗମନକୁ ନେଇ ପରିବେଶପ୍ରେମୀ ଶୁକ୍ରବାର ବିଶ୍ୱ ପକ୍ଷୀ ଦିବସ ପାଳନ କରିଥିଲେ। ପକ୍ଷୀ ସୁରକ୍ଷା ଦିଗରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୫ ରୁ ବିଶ୍ୱ ପକ୍ଷୀ ଦିବସ ପାଳନ କରାଯାଇଥାଏ। ପକ୍ଷୀ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଶାନ୍ତ ମହାକୁରଙ୍କ ଆବହକତ୍ୱରେ ମଧୁସୂଦନ ନାଏକ, ମନୋରଞ୍ଜନ ପୁରୋହିତ, ଜୟକୃଷ୍ଣ ମିଶ୍ର, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ନଗେନ କବାଟ, ସୁରେନ୍ଦ୍ର ନେଗୀ, ରିଣ୍ଟୁ ସାହୁ ଓ ସ୍ଥାନୀୟ ବାସିନ୍ଦାମାନେ କରଙ୍ଗାକଟା ଠାରେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ।

### ସରକାରୀ ମହିଳା ମହାବିଦ୍ୟାଳୟରେ ଶୀତକାଳୀନ ଶିବିର ଉଦ୍‌ଘାଟିତ

ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ନିକଟସ୍ଥ ପୋଷ୍ୟଗ୍ରାମ ରିକ୍ଷିଗାଁଠାରେ ଶୁକ୍ରବାର ଶୀତକାଳୀନ ଶିବିର ଉଦଘାଟିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ଡ. ରାଧାରାଣୀ ନାୟକଙ୍କ ତତ୍ତ୍ୱାବଧାନ ଶିବିରରେ ୫୦ଜଣ ବାଳିକା ସେଚ୍ଛାସେବୀ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧୧ ତାରିଖରେ ପର୍ଯ୍ୟନ୍ତ ଏହି ଶିବିର ଚାଲୁ ରହିବ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଛାତ୍ରୀମାନଙ୍କୁ ମହାବିଦ୍ୟାଳୟରୁ ଗାଁକୁ ଯାଇ ବିଭିନ୍ନ ବିଷୟରେ ଲୋକମାନଙ୍କୁ ସାହ୍ଯ ତଥା ସଚେତନ କରିବା ଉପରେ ସେ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରିକ୍ଷିଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ମହାନ୍ତି ଯୋଗଦେଇଥିଲେ। ଡ. ରାଧାରାଣୀ ନାୟକ ସାଗତ ଭାଷଣ ପ୍ରଦାନ କରିଥିଲେ। ଡ. ପ୍ରତାପ କୁମାର ସେନାପତି ଧନ୍ୟବାଦ ଦେଇଥିଲେ। ଶିବିରରେ ସ୍ୱେଚ୍ଛାସେବୀ ସାତ୍ତ୍ୱିକ ମାଝି, ଶିବାନୀ ବାଗ, ରିଙ୍କି ମେହେର, ସିପ୍ରା ପଟ୍ଟନାୟକ, କୁମୁଦିନୀ ଶବର ଆଦି ପ୍ରମୁଖ ଅଗ୍ରଣୀ ଭୂମିକା ନିଭାଇଥିଲେ।

# ନକ୍‌ଆଉଟ କ୍ରିକେଟ: ଲଡୁଗାଁ ଚାମ୍ପିୟନ


ଖେଳାଳିଙ୍କ ସହ ଅତିଥିବୃନ୍ଦ।

କୋକସରା,୫।୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଗ୍ରାମ ଖେଳ ପଡ଼ିଆରେ ଚାଲିଥିବା ୟୁଥ ବଏଜ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ବଡ଼ପୂଝାରୀଗୁଡା ଦଳ ଏବଂ ଲଡୁଗାଁ ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଲଡୁଗାଁ ଚାମ୍ପିୟନ ହୋଇଛି। ବଡ଼ପୂଝାରୀଗୁଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୮ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜବାବରେ ଲଡୁଗାଁ ୩ ଉଇକେଟ ହରାଇ ୬ ଓଭରରେ ବିଜୟ ଲାଭ କରିଥିଲେ। ଖେଳକୁ ବସନ୍ତ କୁମାର ସରାବୁ ଓ ତ୍ରିଲୋକ୍ୟ ବେଶ୍ରା ପରିଚାଳନା କରିଥିବା ବେଳେ ଧାରା ବିବରଣୀ ତୋଫାନ ନାଏକ ଓ ଓମ ପ୍ରକାଶ ପ୍ରଦାନ କରିଥିଲେ। ବିଜୟୀ ଲଡୁଗାଁ ଓ ଉପବିଜେତା ବଡ଼ପୂଝାରୀ ଗୁଡା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ଉପସ୍ଥିତ ଅତିଥିମାନେ ପ୍ରଦାନ କରିଥିଲେ। କାଉଡୋଲା ୟୁଥ ବଏଜ ଅନୁଷ୍ଠାନର ସଦସ୍ୟ ମଣ୍ଟୁ କୋଚିଆ, ପିଣ୍ଟୁ କୋଚିଆ, ବିଶାଳ ସରାବୁ, ମନୋରଞ୍ଜନ ସରାବୁ, ଆଦିତ୍ୟ ସରାବୁ, ବିଜୟ ସରାବୁ, ଶୁକ୍ରୁ ନାଗ, ପପୁ ମାଝି, ସୁନୀଲ ଦାସ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ନେତା ଘନଶ୍ୟାମ ଅଗ୍ରୱାଲ, ମୁଖ୍ୟବକ୍ତା ବୈଚନ୍ଦ୍ର ବେଶ୍ରା, ଚକ୍ରଧର ବେଶ୍ରା, ରଜନୀକାନ୍ତ ସରାବୁ, ପ୍ରକାଶ ଠାକୁର, ମିତ୍ରଭାନୁ ଭଞ୍ଜ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ଥିବା ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଗତବର୍ଷଠାରୁ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ କରାଯାଉଛି। ଚଳିତବର୍ଷ ୧୬ଟିମ ସାମିଲ କରାଯାଇଛି।

# ହିଟ୍ ଆଣ୍ଡ ରନ୍ ନିୟମ ପ୍ରତ୍ୟାହାର ଦାବି

କୋକସରା,୫।୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କେନ୍ଦ୍ର ସରକାରଙ୍କ ନୂଆ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୬(୨)ରେ ହିଟ୍ ଆଣ୍ଡ ରନ୍ ଘଟଣା ପାଇଁ କଠୋର ଦଣ୍ଡ ବ୍ୟବସ୍ଥାକୁ ବିରୋଧ କରି କୋକସରା ବ୍ଲକ ଡ୍ରାଇଭର ସଂଘ ଶୁକ୍ରବାରଠାରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିଛନ୍ତି। ବ୍ଲକର ଲଡୁଗାଁଠାରେ ସଂଘ ପକ୍ଷରୁ ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। କୌଣସି ଲୋକର ଗାଡି ଦୁର୍ଘଟଣାରେ ମୃତ୍ୟୁ ହେଲେ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା କୋଉଁଠୁ ଜଣେ ଖଟିଖିଆ ଗରିବ ଡ୍ରାଇଭର ଭରଣା ଦେବ ବୋଲି ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ନିଷ୍ପତ୍ତି ପ୍ରତ୍ୟାହୃତ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ଓ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଜନ ସାଧାରଣ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି କହିଛନ୍ତି। ଆନ୍ଦୋଳନରେ ବ୍ଲକ ଡ୍ରାଇଭର ସଂଘ ସଭାପତି ଭଗବାନ ପଟ୍ଟନାୟକ, ଉପ ସଭାପତି ଡିସେମ୍ବର ଖର୍ସେଲ, ସମ୍ପାଦକ କିଶନ ମାଝି, ଲକ୍ଷ୍ମଣ ଭାଟି, ତୋଫାନ ପଟେଲ, ଦୁର୍ଜନ ମାଝି, ପୁରୁନ୍ଦର ହଂସ, ପୀତାମ୍ବର ହଂସ ଓ ବ୍ଲକ ସଂଘର ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୋକସରା,୫।୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଡାଲଗୁମା ଗ୍ରାମରେ ଲଙ୍କେଶରୀ ଯୁବକ ସଂଘ ଆନୁକୂଲ୍ୟରେ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ବଡଭଟା ଖେଳ ପଡିଆଠାରେ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଯୋଗିନ୍ଦ୍ର କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ମହେନ୍ଦ୍ର କୁମାର ଧରୁଆ, ସମ୍ମାନିତ ଅତିଥି ଭାବେ ଗାଁ ଗୌନ୍ତିଆ ଅକ୍ଷୟ ଧରୁଆ, ପ୍ରଫୁଲ୍ଲ କୁମାର ଚଣ୍ଡୀ, ପବିତ୍ର ନାଗ ଅମୋଜ ଧରୁଆ, ଦିଗାମ୍ବର ବେମାଲ, ଅକ୍ଷୟ ଧରୁଆ, ଚକ୍ରଧର ପୋଡ, ଚୈମନ ଖର୍ସେଲ, ନୀଳମଣି କଟା, ଡମ୍ବରୁ ଖର୍ସେଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅତିଥିମାନେ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ଫୁଟବଲ ମ୍ୟାଚ ବଗାଡ ଓ ମଣ୍ଡକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମଣ୍ଡକ ଦଳ ୧-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ଖେଳ ପରିଚାଳନା ରେଫରି ଚିତ୍ତରଞ୍ଜନ ଠାକୁର ଓ ସୌମ୍ୟ ରଞ୍ଜନ ଦାସ କରିଥିଲେ। ଫକିର ଶଗଡ଼ିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଲଙ୍କେଶ୍ୱରୀ ଯୁବକ ସଂଘ ସଭାପତି ପବିତ୍ର ଧରୁଆ, ନିଳମଣି କଟା, ପ୍ରଫୁଲ୍ଲ ଚଣ୍ଡି, ମଦନ ନାଗ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।


ଖେଳାଳିଙ୍କ ସହ ଅତିଥି।

# ସେର୍ସା ବିଳାସପୁରକୁ ହରାଇ ସେମିରେ ଇଷ୍ଟକୋଷ୍ଟ ଖୋର୍ଦ୍ଧା

ନୂଆପଡ଼ା,୫।୧(ମକାରୁ ବେମାଲ)

## ସର୍ବଭାରତୀୟ ୩୨ତମ ୱାଇଏମ୍‌ସି କପ୍ କ୍ରିକେଟ

ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବ ଭାରତୀୟ ୩୨ତମ ୱାଇଏମ୍‌ସି କପ୍ କ୍ରିକେଟ ଶୁକ୍ରବାର ଦ୍ୱିତୀୟ ଦିବସ ଟୁର୍ନାମେଣ୍ଟରେ ସେର୍ସା ବିଳାସପୁରକୁ ହରାଇ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ସେମି ଫାଇନାରେ ପ୍ରବେଶ କରିଛି। ଆସନ୍ତା ୧୦ ରେ ଫାଇନାଲ ଖେଳ ଅନୁଷ୍ଠିତ ହେବାକୁ ଥିବା ଟୁର୍ନାମେଣ୍ଟରେ ଦ୍ୱିତୀୟ ଦିବସରେ ପହଞ୍ଚିଛି। ଦ୍ୱିତୀୟ ଦିବସ ମ୍ୟାଚ ସେର୍ସା ବିଳାସପୁର ଓ ଇଷ୍ଟକୋଷ୍ଟ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ୨୨୪ ରନ ସଂଗ୍ରହ କରିଥିଲା। ଜବାବରେ ବିଳାସପୁର ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୨୨୦ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ବିଳାସପୁର ଦଳକୁ ପରାସ୍ତ କରି ଖୋର୍ଦ୍ଧା ସେମି ଫାଇନାଲକୁ ପ୍ରବେଶ କରିଛି। ୱାଇଏମ୍‌ସି କପ୍ କ୍ରିକେଟ ଆବାହକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଦର ଗୋଷ୍ଠି ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ ମୁଖ୍ୟଅତିଥି, ନୂଆପଡା ସଦର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ସଦର ନୂଆପଡା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଦେବାଶିଷ ଯୋଶ, ଅବସରପ୍ରାପ୍ତ କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବରେ ଆଇନଜୀବୀ କ୍ଷିତିଶ ବୋଧନକର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଶୁଭମ ଅତ୍ରଜିତ ପୁରସ୍କୃତ ହୋଇଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ ଓ ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଚୂଡାମଣୀ ପାଢୀ ଓ ବିଶ୍ୱମ୍ବର ମହାକୁଡ ଖେଳ ପରିଚାଳନା କରିଥିଲେ। ଶୈଳଶ ସତପଥୀ ଓ ଆୟୁଷ୍ମାନ ଗୁପ୍ତା ସ୍କୋର ଦୟିତ୍ୱ ତୁଲାଇଛନ୍ତି। ପୁନିତ ରାଉତ, ଜୟ କିଷନ ଧାରାବିବରଣୀ ଶୁଣାଉଛନ୍ତି। ୟୁଥମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ତପନ କୁମାର ବଗର୍ତ୍ତି, ଉପସଭାପତି ରଞ୍ଜିତ ସୁନା, ସଞ୍ଜୟ ପଟ୍ଟନାୟକ, ସନ୍ତୋଷ ସୁପକାର, ପ୍ରତୀକ ପଟ୍ଟନାୟକ, ମୁକେଶ ସହିସ, ବାଲେଶ୍ୱର ମାଝି, ଜାନୁ ମିଶ୍ର, ମାଇକେଲ ସୁଧିର, ଜାବେଦ ଖାନ, ଜିତୁ ହୋତା, ଆସୁତୋଷ ପଟ୍ଟନାୟକ, ଅଂଶୁମାନ ଗୁପ୍ତା, ଶ୍ରୀରାମ ମିଶ୍ର, ସାଗର ହଂସ, ଟିପୁ ଖାନ, ପିଣ୍ଟୁ ଭୋଇ, ମେଡିଆ ପ୍ରଭାରି ରାଜ କିରଣ ସିହଦେଓ ପ୍ରମୁଖ ସହଯୋଗ କରୁଛନ୍ତି।



ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ କରି ବିବାହିତ ଯୁବକ ଫେରାର

ଅମରପାଲି,୫ା୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳିକା ନିଜ ଭଉଣି ଘରେ ରହୁଥିଲା । ବିବାହର ପ୍ରତିଶ୍ରୁତି ଦେଇ ଜଣେ ବିବାହିତ ଯୁବକ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲେ । ପରେ ସେ ବିବାହ କରିବାକୁ ମନା କରିବାରୁ ନାବାଳିକା ଜଣକ ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ନଂ୨/୨୪ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ନାବାଳିକାଙ୍କୁ ଶନିବାର ଦିନ ଡାକ୍ତରୀ ମାଇନା କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି । ସୁବଳୟା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ।

### ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷଙ୍କ ମାତୃ ବିୟୋଗ

ଅମରପାଲି,୫ା୧ (ପୀତାମ୍ବର ସାହୁ)



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର କମଳପୁର ଗ୍ରାମରେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ମା' ତଥା ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଶାଶୁ କର୍ପୁର ଲୁହାଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଅନାଦି ଲୁହା, ପୁଅ ନାରାୟଣ, ନବଘନ, ପ୍ରଦୀପ, ପ୍ରମୋଦ, ପ୍ରକାଶ ତଥା ଝିଅ,ଜ୍ୱାଇଁ ଉପସ୍ଥିତ ଥିଲେ । ସେ ଜଣେ ଧର୍ମ ପରାୟଣା ମହିଳା ଥିଲେ। ଜ୍ୟେଷ୍ଠ ପୁତ୍ର ନାରାୟଣ ଲୁହା ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ବକୁଳ ମହୋତ୍ସବ ଉଦ୍‌ଘାଟିତ

ଅମରପାଲି/ଉଲୁଣ୍ଡା,୫ା୧ (ପୀତାମ୍ବର ସାହୁ/ ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାଘପାଲିସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରମଣି ଦାସ ସମାଧି ପୀଠଠାରେ ଶୁକ୍ରବାର ସନ୍ଧ୍ୟାରେ ପ୍ରସିଦ୍ଧ ବକୁଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବକୁଳ ମହୋତ୍ସବ କମିଟି ସମ୍ପାଦକ ମକୁନ୍ଦ ଧରୁଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ପାଢୀ, ପୂର୍ବତନ ସଭାପତି ପଞ୍ଚାନନ ପଣ୍ଡା , ମଣ୍ଟୁ ମନ୍ତ୍ରୀ ଓ ରାଜେଶ କୁମାର ବାଘ ଯୋଗ ଦେଇଥିଲେ। ଏହି ମହୋତ୍ସବ ଆସନ୍ତା ୧୨ ତାରିଖରେ ଶେଷ ହେବ। ଏହି ଅବସରରେ ସପ୍ତାହ ପାରାୟଣ, କଳସ ଶୋଭାଯାତ୍ରା, ପ୍ରବଚନ, ଗୀତ, ନୃତ୍ୟ, ସଭା, କବି ସମ୍ମିଳନୀ , ସାରସ୍ୱତ ସମାରୋହ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ବାଘପାଲି ୟୁପି ସ୍କୁଲ, ଖୁଣ୍ଟୁଲାପାଲି ୟୁପି ସ୍କୁଲ, ଗୋଲାବନ୍ଧ ୟୁପି ସ୍କୁଲର ଛାତ୍ରୀଛାତ୍ର, ହରିଣାପାଲି ୟୁପି ସ୍କୁଲ , ଖୁଣ୍ଟୁଲାପାଲି ଶ୍ରୀଅରବିନ୍ଦ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ବୌଦ୍ଧ ଏକ ପୁରାତନ ଐତିହାସିକ କ୍ଷେତ୍ର'






ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି(ବାମ), ଲୋଇସିଙ୍ଗା ଶଙ୍କର ବେହେରା ଓ ସାଥୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରାଯାଉଛି ।

ବୌଦ୍ଧ,୫ା୧ (ଅଜିତ କୁମାର ବାରିକ)

**ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ**

ବୌଦ୍ଧ ସହରର କଚେରୀ ପଡିଆଠାରେ ଚାଲିଥିବା ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ସନ୍ଧ୍ୟାରେ ଆୟୋଜିତ ସଭାରେ ଉପ ଜିଲାପାଳ ରବିନ୍ଦ୍ରନାଥ କହଁର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ , ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ବୌଦ୍ଧ ଏକ ପୁରାତନ ଐତିହାସିକ କ୍ଷେତ୍ର ବୋଲି କହିଥିଲେ। ଏଥିସହ ବୌଦ୍ଧର ଚାରିଶମ୍ଭୁ ମନ୍ଦିର ଅଷ୍ଟମ ଶତାବ୍ଦୀର ବୋଲି କିମ୍ବଦନ୍ତୀ କହେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ମନ୍ତ୍ରୀ ସାହୁ ବୌଦ୍ଧ ମାଟି କଳାକାର ମାଟି ବୋଲି କହିବା ସହ ମହୋତ୍ସବ ଦ୍ୱାରା ଲୁକ୍କାୟିତ କଳାର ବିକାଶ ହୋଇପାରିବ ବୋଲି କହିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ପାତ୍ର ମଞ୍ଚରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ମଞ୍ଚକୁ ଏଆରସିଏସ ହାଡିବନ୍ଧୁ ମହାକୁଡ ପରିଚାଳନା କରିଥିଲେ। ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଅଧିକ ସରସ ସୁନ୍ଦର କରିବାକୁ ଯୋଡି ହୋଇଛି ବୟନିକାର ରାଜ୍ୟସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ । ଚତୁର୍ଥ ସନ୍ଧ୍ୟାରେ ବୌଦ୍ଧର ଗେହ୍ଲାମା କଳାନିକେତନ ପକ୍ଷରୁ କ୍ଲାସିକାଲ ଫ୍ୟୁଜନ, ବଲାଙ୍ଗୀର ଲୋଇସିଙ୍ଗା ଶଙ୍କର ବେହେରା ଓ ସାଥୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟଗୀତ, ବୌଦ୍ଧର ଗନ୍ଧରାଡୀ କଳାପରିଷଦ ଚାରିଶମ୍ଭୁ ପକ୍ଷରୁ ଫୋକ ଡ୍ୟାନ୍ସ, ସୋନପୁର ନୁରବେଗମ ଅନୁଷ୍ଠାନ ପକ୍ଷରୁ ଗୀତ, ବଲାଙ୍ଗୀର ତୁଷରାର କୃଷ୍ଣପ୍ରିୟା କଳା ପରିଷଦ ପକ୍ଷରୁ ଘୁଡୁକା, ଜୟପୁର କୋରାପୁଟ ପ୍ରେରଣା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ, ବୌଦ୍ଧ ଢୋଲ ନିଶାନ କଳା ପରିଷଦ ମାତୃମଣ୍ଡଳୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଶୀତ ସତ୍ତ୍ୱେ ମହୋତ୍ସବ ଦେଖିବାକୁ ଲୋକଙ୍କ ପ୍ରବଳ ଗହଳି ଲାଗିରହୁଛି।

# ୧୨ରୁ ୫ମ ଖଡ଼ଙ୍ଗ ଲୋକ ମହୋତ୍ସବ

ଖୁଣ୍ଟିଗୋରା,୫ା୧ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରାଠାରେ ୫ମ ଖଡଙ୍ଗ ଲୋକ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ମନୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନାଚ ଗୀତ ଓ କମେଡି କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପ୍ରତି ସନ୍ଧ୍ୟାରେ ଓଡ଼ିଶାର ଲୋକପ୍ରିୟ କଳାକାରମାନଙ୍କ ସମାଗମ ହେବ। ଏହାସହ ପ୍ରତିଦିନ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଏହି ବୈଠକରେ ସମ୍ପାଦକ ଭକ୍ତ ସାହୁ, କୋଷାଧ୍ୟକ୍ଷ ଗୋପୀନାଥ ସାହୁ, ଉପସଭାପତି ନରେନ୍ଦ୍ର ରଣା, ସହ ସମ୍ପାଦକ ପ୍ରଦୀପ ରଣା, ଯୁଗ୍ମ କୋଷାଧ୍ୟକ୍ଷ ତ୍ରିଲୋଚନ ବାରିକ, ସଂଯୋଜକ ଶତ୍ରୁଘ୍ନ ରଣା ଓ ପ୍ରଭାତ ରଣା, ଲମ୍ବୋଧର ବେହେରା, ପ୍ରଶାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ମହୋତ୍ସବ ଆସନ୍ତା ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା।

# ପୁରୁଷ ଅନୁପାତରେ ମହିଳା ଭୋଟର ସଂଖ୍ୟା କମ୍



ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ସମୟରେ ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ,୫ା୧ (ଅଜିତ କୁମାର ବାରିକ)

**ବୌଦ୍ଧ ଜିଲା**
- ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ବୌଦ୍ଧ ଜିଲାରେ ଚଳିତବର୍ଷର ଚୂଡାନ୍ତ ଭୋଟର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିଲେ। ଜିଲାପାଳ ସ୍ୱାଇଁ ଭୋଟର ତାଲିକାର ଚୂଡାନ୍ତ ପ୍ରକାଶନ ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ପୁରୁଷଙ୍କ ଅନୁପାତରେ ମହିଳା ଭୋଟରଙ୍କ କମ୍ ରହିଛି। ସୂଚନା ମୁତାବକ, ପ୍ରକାଶ ପାଇଥିବା ଚୂଡାନ୍ତ ଭୋଟର ତାଲିକା ଅନୁଯାୟୀ ୮୫ କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ମହିଳା ଭୋଟରଙ୍କ ସଂଖ୍ୟା ୮୧୯୧୦ ,ପୁରୁଷ ଭୋଟରଙ୍କ ସଂଖ୍ୟା ୮୫୯୨୭ ହୋଇଥିବା ବେଳେ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ଗୋଟିଏ ରହିଛି। କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୬୭୬୩୮ ଭୋଟର ରହିଛନ୍ତି । ସେହିପରି ୮୬ ବୌଦ୍ଧ ନିର୍ବାଚନମଣ୍ଡଳୀରେ ମହିଳା ଭୋଟରଙ୍କ ସଂଖ୍ୟା ୮୦୦୭୨, ପୁରୁଷ ଭୋଟରଙ୍କ ସଂଖ୍ୟା ୮୪୭୭୪ ହୋଇଥିବା ବେଳେ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୮ ରହିଛି। ବୌଦ୍ଧ ନିର୍ବାଚନମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୧୬୪୮୫୪ ରହିଛି । ଚୂଡାନ୍ତ ଭୋଟର ତାଲିକା ଅନୁଯାୟୀ ସମୁଦାୟ ଭୋଟରଙ୍କ ସଂଖ୍ୟା ୩୩୨୬୯୨ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ଜିଲାରେ ଦୁଇଗୋଟି ନିର୍ବାଚନ ମଣ୍ଡଳୀରେ ସମୁଦାୟ ବୁଥ ସଂଖ୍ୟା ୪୧୧ ରହିଛି । କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ବୁଥ ସଂଖ୍ୟା ୨୧୭ ରହିଥିବା ବେଳେ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୯୪ ଗୋଟି ରହିଛି। ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଭାଜପା ପକ୍ଷରୁ ଜିଲା ସଭାପତି ବିପ୍ରଚରଣ ମହାନ୍ତି, ଜାତୀୟ କଂଗ୍ରେସ ତରଫରୁ ଜିଲା ପ୍ରବକ୍ତା ଶାନ୍ତନୁ ମହାପାତ୍ର, ବିଜେଡି ପକ୍ଷରୁ ଶିତାଂଶୁ ଶେଖର ମହାକୁଡ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଦନ୍ତାହାତୀକୁ କପିଳାସ ପଠାଇଲା ବନ ବିଭାଗ

ଘଣ୍ଟାପଡ଼ା,୫ା୧ (ପ୍ରଭାତ କୁମାର ସାହୁ)



ହାତୀକୁ କପିଳାସ ପଠାଯିବା ସମୟରେ ବନବିଭାଗ କର୍ମଚାରୀ ଓ ଅନ୍ୟମାନେ।

ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ବରଗାଁ ସେକସନର ଲୁଇସିଂ ଗ୍ରାମରୁ ଗୁରୁବାର ରାତିରେ କାବୁ କରାଯାଇଥିବା ପଟକିଆ ଦନ୍ତାହାତୀକୁ ଶୁକ୍ରବାର ଏକ ହାଇୱାରେ ଜୟ ଜଗନ୍ନାଥ ନାରା ଦେଇ କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ବନବିଭାଗ ପଠାଇଛି। ଏହି ଦନ୍ତାହାତୀ ନୂଆବର୍ଷରୁ କଣ୍ଟାମାଳ ବନାଞ୍ଚଳକୁ ଆସି ଗାଁ ଗାଁ ଭିତରେ ପଶି ଘରଦ୍ୱାର ଭାଙ୍ଗିବା ସହ ଧାନ, ଚାଉଳ ଆଦି ଖାଇ ଯାଉଥିଲା । ଗାଁ ଭିତରେ ଥିବା ବାଡି ବଗିଚାରେ ପଶି ବ୍ୟାପକ କ୍ଷୟକ୍ଷତି କରୁଥିଲା । କଣ୍ଟାମାଳ ପଞ୍ଚାୟତର ଉଦେପୁର ଗ୍ରାମରେ ହାତୀଟି ପଶି ବହୁ ଲୋକଙ୍କ ଘର ଭାଙ୍ଗିବା ଓ ଫସଲ ନଷ୍ଟ କରିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଉଦେପୁର-ତିଳିକାମାଳ ରାସ୍ତାକୁ ଦୀର୍ଘ ୭ ଘଣ୍ଟା ଧରି ଅବରୋଧ କରିଥିଲେ। ଡିଏଫଓ ହାତୀକୁ ଧରି ଅନ୍ୟତ୍ର ପଠାଇବାର ବ୍ୟବସ୍ଥା କରାଯିବ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏପଟେ ବନ ବିଭାଗର

**ଅଞ୍ଚଳବାସୀ ଆଶ୍ୱସ୍ତ**

ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ନିଦ ହଜେଇ ଦେଇଥିଲା ଉକ୍ତ ଦନ୍ତା ହାତୀ । ଶେଷରେ ବନ ବିଭାଗ କର୍ମଚାରୀମାନେ ଟ୍ରାଙ୍କୁଲାଇଜିଂ କରି ଗୁରୁବାର ରାତିରେ ହାତୀକୁ କାବୁ କରି ଲୁଇସିଂ ଗ୍ରାମର ଏକ ଆମ୍ବ ଗଛରେ ଲୁହା ଶିକୁଳିରେ ବାନ୍ଧି ରଖିଥିଲେ। ଶୁକ୍ରବାର ହାତୀ ଧରାଳିଙ୍କ ସହାୟତାରେ ଏକ ହାଇୱାରେ କପିଳାସକୁ ପଠାଇଥିଲେ। ଉକ୍ତ ଅପରେଶନରେ ବିଭାଗୀୟ ଡିଏଫଓ ଦେବପ୍ରିୟ କମ୍ପଙ୍କ ନେତୃତ୍ୱରେ ଏସିଏଫ ଆଶିଷ କହଁର, କଣ୍ଟାମାଳ ଭାରପ୍ରାପ୍ତ ରେଞ୍ଜ ଅଫିସର ତଥା ଏସିଏଫ କ୍ଷୀରାବ୍ଧି ପ୍ରଧାନ, ଫରେଷ୍ଟର ଚିତ୍ତରଞ୍ଜନ ପ୍ରଧାନ, ରବିନ୍ଦ୍ର କୁମ୍ଭାରଙ୍କ ସହ ରେଞ୍ଜ ଅଧୀନ ସମସ୍ତ କର୍ମଚାରୀ ସାମିଲ ଥିଲେ । ସୁରକ୍ଷା ଦୃଷ୍ଟିରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଣ୍ଟାମାଳ ଥାନାଧିକାରୀ ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ପୋଲିସ କର୍ମଚାରୀ, ଆଇଆରବି ଯବାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଭିଯୁକ୍ତ ସ୍ୱାମୀଙ୍କୁ ଫୁଲବାଣୀରୁ ଗିରଫ କଲା ପୋଲିସ

ଅମରପାଲି,୫ା୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ତିଲେଇମାଳ ଗ୍ରାମରେ ସ୍ତ୍ରୀକୁ ପିଟି ପିଟି ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଫୁଲବାଣୀରୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବଳୟା ଥାନା ତିଲେଇମାଳ ଗ୍ରାମର ଗଣପତି ପଧାନ (୩୫)। ସେ ନିଜ ସ୍ତ୍ରୀଙ୍କୁ ରାତି ଅଧରେ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ପରେ ଡାକ୍ତରଖାନା ବାରଣ୍ଡାରେ ସ୍ତ୍ରୀର ମୃତଦେହ ଛାଡି ଫେରାର ମାରିଥିଲେ। ସୁବଳୟା ପୋଲିସ ଫୁଲବାଣୀରୁ ଗଣପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ,ଗତ ଡ଼ିସେମ୍ବର ୨୯ ତାରିଖରେ ଗଣପତି ନିଜ ସ୍ତ୍ରୀ ମିତାଙ୍କୁ ବାପ ଘରୁ ଟଙ୍କା ଆଣିବାକୁ କହିବା ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା।

# ୨ ଦିନ ହେଲା ଅପହରଣକାରୀଙ୍କ କବ୍‌ଜାରେ ବ୍ୟବସାୟୀ

କଣ୍ଟାମାଳ,୫ା୧ (ଆଦିତେଶ୍ୱର ମିଶ୍ର)

**୧ଲକ୍ଷ ଟଙ୍କା ମୁଣ୍ଡ ଜାମିନ ଘଟଣା**
- ଅପହରଣକାରୀଙ୍କ ଆକ୍ରମଣର ଶିକାର ହୋଇ ଜଣେ ମୃତ, ୩ ଅଭିଯୁକ୍ତ ଗିରଫ

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦପଲା ଗାଁ ନିକଟରେ ବୁଧବାର ବିଳମ୍ବିତ ରାତିରେ ୧ ଲକ୍ଷ ଟଙ୍କା ମୁଣ୍ଡ ଜାମିନରେ ଅପହୃତ ହୋଇଥିବା ବ୍ୟବସାୟୀ ପରମେଶ୍ୱର ମହାକୁଡ ଅପହରଣକାରୀଙ୍କ କବଜାରେ ୨ ଦିନ ହେଲା ଅଛନ୍ତି । ଏବେ ବି ତାଙ୍କୁ ପୋଲିସ ଉଦ୍ଧାର କରିପାରିନାହିଁ । ଏହି ଘଟଣାରେ ଅପହରଣକାରୀଙ୍କ ଆକ୍ରମଣର ଶିକାର ହୋଇ ପ୍ରଥମେ ବୁର୍ଲା ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିବା ମନୋହରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଏପଟେ ସୁରକ୍ଷା ଦେବାକୁ ଯାଇ ଆକ୍ରମଣର ଶିକାର ହୋଇଥିବା ପୋଲିସ ଏଏସଆଇ କୁମୁଦ ଭୋଇ ବରଗଡର ଏକ ଘରୋଇ ଡାକ୍ତରଖାନାରୁ ଚକିତ୍ସିତ ହୋଇ ଫେରିଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ମନମୁଣ୍ଡା ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଏବେ ବି ଫେରାର ଅଛନ୍ତି ।

ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟା ୭ଟା ସମୟରେ କଣ୍ଟାମାଳ ଥାନା ଖମାର ଗ୍ରାମର ପରମେଶ୍ୱର ମହାକୁଡ ନିଜ ସମ୍ପର୍କୀୟ ମନମୁଣ୍ଡା ଥାନା ମନହରପୁର ଗାଁର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ୧ ଲକ୍ଷ ଟଙ୍କା ମୁଣ୍ଡ ଜାମିନରେ ତାଙ୍କୁ ଅପହରଣ ନେଇ ସୂଚନା ଦେଇଥିଲେ । ଏନେଇ ଅପହରଣକାରୀଙ୍କ ଦାବି ମୁତାବକ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭାଇ ଲକ୍ଷେ ଟଙ୍କା ଧରି ଦପଲା ହାଇସ୍କୁଲ ନିକଟରେ ପହଞ୍ଚିଥିଲେ। ତେବେ ଅପହରଣକାରୀମାନେ ଟଙ୍କା ନେଇ ଅପହରଣ କରିଥିବା ବ୍ୟବସାୟୀଙ୍କୁ ହସ୍ତାନ୍ତର କରି ନ ଥିଲେ । ଏହାକୁ ନେଇ ଯୁକ୍ତିତର୍କ ହେବାରୁ ଅପହରଣକାରୀମାନେ ସେମାନଙ୍କୁ ଲୁହା ପାଇପରେ ଆକ୍ରମଣ କରିଥିଲେ । ଏହା ପରେ ୧୧୨ ନମ୍ବରକୁ ଜଣାଇବା ପରେ ପୋଲିସ ଏଏସଆଇ ଭୋଇ ଘଟଣାସ୍ଥଳରେ ପହଞ୍ଚି ମନା କରିବାରୁ ଅପହରଣକାରୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ଅପହରଣକାରୀଙ୍କ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ନଂ ୪/୨୦୨୪ ଓ ପୋଲିସ ପକ୍ଷରୁ ନଂ ୬/୨୦୨୪ରେ ମାମଲା ରୁଜୁ ହୋଇଛି ।

# ହାଇୱା ଡ୍ରାଇଭର ଗିରଫ

ସୋନପୁର,୫ା୧ (ମୃତ୍ୟୁଞ୍ଜୟ ଶତପଥୀ)

**ହାଇୱା ଧକ୍କାରେ ବାପ ପୁଅ ମୃତ୍ୟୁ ଘଟଣା**



ସୋନପୁର ବ୍ଲକ ଛକ ଟ୍ରାଫିକ୍ ପୋଷ୍ଟରେ ମଙ୍ଗଳବାର ରାତିରେ ସ୍କୁଟିକୁ ଏକ ହାଇୱା (ନଂ ଓଡି୩୧ଏଲ-୩୧୮୦) ଧକ୍କା ଦେଇଥିଲା। ସ୍କୁଟିରେ ଯାଉଥିବା ରାଜକୁମାର ମହାକୁର ଓ ତାଙ୍କ ପୁଅ ଓମ୍‌ପ୍ରୀତ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ହାଇୱା ଡ୍ରାଇଭର ତଥା ସୁବଳୟା ଥାନା ବୁଠିପଦର ଅଞ୍ଚଳର ନରେନ୍ଦ୍ର ରାଉତ(୨୮)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ପଦ୍ମିନୀ ମେହେର ସୂଚନା ଦେଇଛନ୍ତି। ମୃତ ରାଜକୁମାରଙ୍କ ମାମୁଁ ସରୋଜ କୁମାର କମ୍ପ ସୋନପୁର ଟାଉନ ଥାନାରେ ଦୁର୍ଘଟଣା ନେଇ ଅଭିଯୋଗ କରିଥିଲେ। ପୋଲିସ ନଂ୧/୨୩ରେ ଏକ ମାମଲା ରୁଜୁ କରିବା ସହ ହାଇୱାକୁ ଜବତ କରିଥିଲା। ତେବେ ଦୁର୍ଘଟଣା ଘଟାଇ ଥିବା ଡ୍ରାଇଭର ଫେରାର ହୋଇ ଯାଇଥିଲେ। ପ୍ରକାଶ ଯେ, ଦୁର୍ଘଟଣା ପରେ ହାଇୱାଟି ସ୍କୁଟିକୁ ପ୍ରାୟ ଅଧା କିଲୋମିଟର ଦୂର ଘୋଷାଡି ନେଇଥିଲା। ତେବେ ହାଇୱାରେ ନିଆଁ ଲାଗିଯିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଥିଲେ।

# ବୌଦ୍ଧରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ବୌଦ୍ଧ,୫ା୧ (ଅଜିତ କୁମାର ବାରିକ)




ଡ୍ରାଇଭର ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

କେନ୍ଦ୍ର ସରକାରଙ୍କ ହିଟ ଆଣ୍ଡ ରନକୁ ନେଇ ହୋଇଥିବା ନୂଆ ଆଇନ ଓ ଡ୍ରାଇଭରଙ୍କ ଦୀର୍ଘ ଦିନର ବିଭିନ୍ନ ଦାବି ନେଇ ରାଜ୍ୟ ସରକାର ଚୁପ ଥିବା ବେଳେ ଏହାକୁ ବିରୋଧ କରି ସାରା ଓଡିଶାରେ ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଜିଲାରେ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯିବା ସହ ଡ୍ରାଇଭରମାନେ ଷ୍ଟିଅରିଂ ଛାଡ ଆନ୍ଦୋଳନ କରିଛନ୍ତି । ଜିଲାର ସମସ୍ତ ବେସରକାରୀ ଯାତ୍ରୀବାହୀ ବସ, ଟ୍ରକ, ଟ୍ୟାକ୍ସି ଚଳାଚଳ ବନ୍ଦ ରହିଛି । ବେସରକାରୀ ବସ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନଙ୍କୁ ହଟହଟା ହେବାକୁ ପଡିଛି। କେବଳ ହାତ ଗଣତି କିଛି ସରକାରୀ ବସ ଚଳାଚଳ କରିଛି । କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍‌କୁ ନେଇ ହୋଇଥିବା ନୂଆ ଆଇନ ଓ ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବି ପୂରଣ ନ କରିବା

**ଗାଡ଼ି ଚଳାଚଳ ଠପ୍, ଯାତ୍ରୀ ହନ୍ତସନ୍ତ**

ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଡ୍ରାଇଭର ମହାସଂଘ ଚେତାବନୀ ଦେଇଛନ୍ତି। ଡ୍ରାଇଭର ସଂଘ ପକ୍ଷରୁ ବସଷ୍ଟାଣ୍ଡ ପରିସରରେ ଡ୍ରାଇଭରମାନେ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଥିଲା । ଧାରଣାରେ ବୌଦ୍ଧ ଜିଲା ଡ୍ରାଇଭର ସଂଘର ସଭାପତି ବିପିନି ବିହାରୀ ବ୍ରହ୍ମ, ସମ୍ପାଦକ ସୁଜିତ କୁମାର ସ୍ୱାଇଁ, ଉପଦେଷ୍ଟା ସୁଶୀଲ ଦାସ, ସଦର ସଭାପତି ଅସିତ ରଞ୍ଜନ ସାହୁ, ସଦର ସମ୍ପାଦକ ରାଜେଶ କୁମାର ଦିଗାଲ, ଚରଣ କୁମାର ସେଠୀ, ଶ୍ରବଣ କୁମାର ସେଠୀ, ରାକେଶ କୁମାର ମାହାନ୍ତି, ରାକେଶ ବେହେରା, ଉପଦେଷ୍ଟା ଜୟନାରାୟଣ ମହାନ୍ତି ଧାରଣାରେ ସାମିଲ ଥିଲେ ।

# ଜେସିସି ସମ୍ବଲପୁରକୁ ହରାଇ ଏସ୍‌ଡିସିଏ ସୋନପୁର ସେମି ଫାଇନାଲରେ

ଅମରପାଲି,୫ା୧ (ପୀତାମ୍ବର ସାହୁ)

**୧୭ ତମ ରାଜ୍ୟସ୍ତରୀୟ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ**



ସୋନପୁରର କେ. ଜି.କ୍ରିଷ୍ଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ହେଉଥିବା ୧୭ତମ ରାଜ୍ୟସ୍ତରୀୟ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଜେସିସି ସମ୍ବଲପୁରକୁ ହରାଇ ଏସଡିସିଏ ସୋନପୁର ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ସୋନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୮ ଉଇକେଟ ହରାଇ ୧୧୧ ରନ କରିଥିଲା। ଦଳର ଉମାଶଙ୍କର ହୋତା ୩୦ ରନ ଓ ଅଭିଳାଷ ନାୟକ ୨୨ରନ କରିଥିଲେ। ବିପକ୍ଷ ସମ୍ବଲପୁରର ଅଭିଳାଷ ନନ୍ଦ ଓ ପ୍ରଶାନ୍ତ କେ. ଦାସ ପ୍ରତ୍ୟେକ ୨ ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ କରିଥିଲା। ଦଳର ନିଶିଥ ସିଂ ୧୪ ଓ ପ୍ରଶାନ୍ତ କେ.ଦାସ ୧୦ ରନ କରିଥିଲେ। ବିପକ୍ଷ ସୋନପୁରର ଗୌରବ ରାଉତ ୩ ଟି ,ଗୌତମ ଦାସ, ବିକି ନାଗ, କେ. ଜି. କ୍ରିଷ୍ଣା ପ୍ରତ୍ୟେକ ୨ ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସୋନପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୯୨ ରନ କରିଥିଲା। ଦଳର କେ. ଜି. କ୍ରିଷ୍ଣା ୩୫ ଓ ଗୌରବ ରାଉତ ୨୨ ରନ କରିଥିଲେ। ସମ୍ବଲପୁରର ବାଦଲ ନିସାଦ ଓ ଡିନା ଦାସ ପ୍ରତ୍ୟେକ ୨ ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୭ ରନ କରିଥିଲା। ଦଳର କେ. ଜି.କ୍ରିଷ୍ଣା ୩ଟି ଓ ଗୌରବ ରାଉତ ୨ଟି ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସୋନପୁର ଦଳ ୨-୦ ରେ ମ୍ୟାଚକୁ ଜିଣି ସେମି ଫାଇନାଲ ରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ରମାକାନ୍ତ ପୁରୋହିତ, ଦେବାଶିଷ ପ୍ରଧାନ ଓ ଦିଲୀପ ମେହେର ଅତିଥି ଭାବେ ଯୋଗଦେଇ ସୋନପୁରର କେ. ଜି. କ୍ରିଷ୍ଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ସୁରେଶ ବିଶି ଓ ଶ୍ରୀବନ୍ତ ନାୟକ ପରିଚାଳନା କରିଥିଲେ। ଚନ୍ଦ୍ର ଶେଖର ପ୍ରଧାନ ସ୍କୋରର , ପରକ୍ଷିତ କର୍ଣ୍ଣ ଅନ୍‌ଲାଇନ ସ୍କୋରିଂ, ବି. ଏସ.ରାଓ ଏବଂ ଦେବେନ୍ଦ୍ର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## କୂଅରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଜୁନାଗଡ଼,୫ା୧(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସିଗାଁ ପଞ୍ଚାୟତର ବାନ୍ଧନପଲା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ କୂଅରେ ପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୋରଖସିଗୁଡା ଗ୍ରାମର ଶାନ୍ତନୁ ଭୋଇ। ସୂଚନା ଅନୁଯାୟୀ, ଶାନ୍ତନୁ କୌଣସି କାମ ପାଇଁ ଗୁରୁବାର ରାତିରେ ନିକଟସ୍ଥ ବାନ୍ଧନପଲା ଗାଁକୁ ଯାଇଥିଲେ। ସେଠାରେ ଥିବା ଏକ କୂଅରେ ତାଙ୍କ ଗୋଡ ଖସିଯିବାରୁ ତଳେ ପଡିଯାଇଥିଲେ। କୂଅରେ ପଡି ଥିବା ଜାଣି ଲୋକେ ଚିଲିଗୁଡ଼ା ଫାଣ୍ଡିକୁ ଜଣାଇଥିଲେ। କଲମପୁର ବ୍ଲକ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ। ହେଲେ ଶାନ୍ତନୁଙ୍କ ପୂର୍ବରୁ ମୃତ୍ୟୁ ହୋଇ ସାରିଥିଲା। ଏ ନେଇ ଚିଲିଗୁଡ଼ା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଜମି ଜବରଦଖଲ ନେଇ ତହସିଲଦାରଙ୍କୁ ଅଭିଯୋଗ

ବଡ଼ଗାଁ,୫ା୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଲଟାଗାଁ ୱାର୍ଡ ନଂ ୪ରେ ଥିବା ସରକାରୀ ଜମିକୁ କେତେକ ବ୍ୟକ୍ତି ଜବରଦଖଲ କରୁଥିବା ନେଇ ଶୁକ୍ରବାର ତହସିଲଦାରଙ୍କ ଠାରେ ଲିଖିତ ଅଭିଯୋଗ ହୋଇଛି। ବାବୁଲି କରସେଲ, ଘନଶ୍ୟାମ ବାଗ, ପାର୍ବତୀ ବାଗ, ବିମଳ ସେନ୍, ଶିବୁ ବାରିକ୍, ସ୍ୱାଗତିକା ସେନ୍, ଅନିଲ ସେନ୍‌ଙ୍କ ସହିତ ପଡାବାସୀଙ୍କ ଦସ୍ତଖତ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଲଟାଗାଁ ୱାର୍ଡ ନଂ ୪ ରେ ଥିବା ସରକାରୀ ଜମିରେ କେତେକ ବ୍ୟକ୍ତି ଘର ନିର୍ମାଣ କରିସାରିଥିବା ବେଳେ କେତେକ ଆରମ୍ଭ କରିଛନ୍ତି। ନିଜସ୍ୱ ଜମି ଥିବା ଲୋକେ ବିଭିନ୍ନ ସ୍ଥାନରୁ ଆସି ସରକାରୀ ଜମିକୁ ଜବରଦଖଲ କରୁଛନ୍ତି। ତାଙ୍କୁ ବିରୋଧ କଲେ ମଧ୍ୟ ନ ମାନି ନିର୍ମାଣ କାମ କରୁଛନ୍ତି। ସରକାରୀ ଜମିକୁ ସଂରକ୍ଷିତ ରଖିବା ଓ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ତହସିଲଦାରଙ୍କୁ ଗ୍ରାମବାସୀ ଅଭିଯୋଗପତ୍ର ଦେଉଛନ୍ତି।

# ଯତ୍‌ରା ଉଦ୍‌ଯାପନୀ ସନ୍ଧ୍ୟା, ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ


ଯତରା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।


ମହୋତ୍ସବରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ରାଉରକେଲା ମ୍ୟୁଜିକ୍ ସର୍କଲ ଅନୁଷ୍ଠାନର କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ସୁନ୍ଦରଗଡ଼, ୫ା୧(ଜୟ ନାରାୟଣ ମେଣ୍ଟୁଲି)

ଯତରା ମହୋତ୍ସବ ୨୦୨୪ ବେଶ ଯାକଜମକରେ ଅନୁଷ୍ଠିତ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଲାଠିକଟା ବ୍ଲକର ସାନ୍ତାଳୀ ନୃତ୍ୟ ଓ କରମା ନୃତ୍ୟ, ରାଜଗାଙ୍ଗପୁର ବ୍ଲକର କିଷାନ ନୃତ୍ୟ, ମ୍ୟୁଜିକ ସର୍କଲ ରାଉରକେଲା ଦ୍ୱାରା ଓଡ଼ିଶୀ ନୃତ୍ୟ, ସୁନ୍ଦରଗଡ଼ର ଜୟ କୃଷ୍ଣ ଏକାଡେମୀ ଓ ନଟରାଜ କଳା ପରିଷଦର ସମ୍ବଲପୁରୀ ନୃତ୍ୟ, ପଶ୍ଚିମ ବଙ୍ଗର ପୁରୁଲିଆ ଛଉ, ଗଞ୍ଜାମର ଯୋଡ଼ି ଶଙ୍ଖ ଓ ଫେସ୍ ଅଫ ସୁନ୍ଦରଗଡ଼ ଦ୍ୱାରା ଫେଶନ ସୋ ଏବଂ ବିଶିଷ୍ଟ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଖଟେଇଙ୍କ ତାରକା ରାତ୍ରି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅଭିମନ୍ୟୁ ମାଝି, ପିଡି, ଡୁଡ଼ା ଲଳିତ ସୋରେନ, ସଦର ଓ ବଣେଇଁ, ପାନପୋଷ ଉପଜିଲାପାଳ ଦାଶରଥି ସରାବୁ, ସୁରଞ୍ଜନ ସାହୁ ଓ ବିଜୟ ସାହୁ, ପିଏଆଇଟିଡିଏ ସୁନ୍ଦରଗଡ଼ ଧୀରେନ୍ଦ୍ର ସେଠୀ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ସଦର ତହସିଲଦାର କୁଳମଣି ରନବିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ହକି ତାରକା ସୁଭଦ୍ରା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦରଗଡ଼ ଦିବସ ଏବଂ ଯତରା ପାଳନ ଅବସରରେ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯତରାର ସମସ୍ତ କମିଟି ସଦସ୍ୟଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲାପାଳ ଡା. ପରାଗ ଗଭାଲି ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ଚଳିତ ପଲ୍ଲୀଶ୍ରୀ ମେଳାରେ ଭଲ ପ୍ରଦର୍ଶନୀ ତଥା ଭଲ ବ୍ୟବସାୟ କରିଥିବା ଏସଏଚଜି ମହିଳା ଦଳଙ୍କୁ ସମ୍ମାନିତ କରିଥିଲେ। ପଲ୍ଲୀଶ୍ରୀର ଏକ କ୍ୟାଲେଣ୍ଡର ମଧ୍ୟ ଉନ୍ମୋଚିତ ହୋଇଥିଲା। ପ୍ରକାଶ ଥାଉକି, ଚଳିତ ବର୍ଷ ପଲ୍ଲୀଶ୍ରୀ ମେଳାରେ ୧.୫୪ କୋଟିର ବ୍ୟବସାୟ ହୋଇଥିଲା।

## ପଲ୍ଲିଶ୍ରୀ ମେଳାରେ ସୁନ୍ଦରଗଡ଼ ବନଖଣ୍ଡ ଷ୍ଟଲ ମୁଖ୍ୟ ଆକର୍ଷଣ

ସୁନ୍ଦରଗଡ,୫ା୧(ଜୟ ନାରାୟଣ ମେଣ୍ଟୁଲି)

ସାଂସ୍କୃତିକ ସମୃଦ୍ଧତା ଓ କଳା, ସଂସ୍କୃତି, ପରମ୍ପରାର ଅନନ୍ୟ ପର୍ବର ସଙ୍ଗେ ସଙ୍ଗେ ସଫଳତାର କାହାଣୀ, ଅଭିନବ କାର୍ଯ୍ୟ ଶୈଳୀ ଏବଂ ଉଦ୍ୟୋଗୀ ମନୋଭାବର ଏକ ଜବରଦସ୍ତ ପ୍ରଦର୍ଶନ ହେଉଛି ସୁନ୍ଦରଗଡ ଲୋକମହୋତ୍ସବ ଯତରା। ଜିଲା ସଂସ୍କୃତି ପରିଷଦ, ଓରମାସ ଓ ପ୍ରଶାସନ ଦ୍ୱାରା ଆୟୋଜିତ ୧୩ତମ ଜିଲା ମହୋତ୍ସବ ଯତରା ଓ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଚଳିତ ବର୍ଷ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ସରକାରୀ ବିଭାଗ, ବେସରକାରୀ ସଂସ୍ଥା, ବ୍ୟକ୍ତିଗତ ଉଦ୍ୟୋଗୀ, ସ୍ୱୟଂ ସହାୟକଙ୍କ ୧୦୦ରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ଷ୍ଟଲ ଥିବା ବେଳେ ଦର୍ଶକଙ୍କ ମନ ମୋହିଥିଲା ସୁନ୍ଦରଗଡ ବନଖଣ୍ଡର ଅଭିନବ ଢଙ୍ଗରେ ପ୍ରସ୍ତୁତି ହୋଇଥିବା ଷ୍ଟଲ। ସୁନ୍ଦରଗଡ ବନଖଣ୍ଡ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତଥା ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ନିଆରା ପ୍ରଦର୍ଶନ ଅତ୍ୟନ୍ତ ଆକର୍ଷଣୀୟ ଓ ମନଲୋଭା ହୋଇଥିଲା। ପାଞ୍ଚଦିନ ଧରି ଚାଲିଥିବା ଏହି ଲୋକମହୋତ୍ସବରେ ନିୟମିତ ଭାବେ ବନଖଣ୍ଡର ଷ୍ଟଲରେ ଲୋକଙ୍କ ଗହଳି ଓ ଉତ୍ସୁକତା ଦେଖିବାକୁ ମିଳିଥିଲା। ବିଶେଷଭାବେ ପ୍ରାକୃତିକ ସାମଗ୍ରୀ ବ୍ୟବହାର ପୂର୍ବକ ହୋଇଥିବା ପ୍ରଦର୍ଶନରେ ସାର୍କୁଲାର ବାୟୋ ଇକୋନୋମି, ସରଫଗଡ ପରିବେଶ ପର୍ଯ୍ୟଟନ ସ୍ଥଳ, ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ, ମିୟାୱାକି ବୃକ୍ଷରୋପଣ, ନଗର ବନ, ବିଭିନ୍ନ ବୃକ୍ଷରୋପଣ, ପାରିଜାତ ଉଦ୍ୟାନର ଜୀବନ୍ତ ପ୍ରଦର୍ଶନ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା। ଏଥିସହିତ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ସୁନ୍ଦରଗଡ ବନଖଣ୍ଡର ପାଞ୍ଚୋଟି ବନାଞ୍ଚଳର ୧୫୬ଟି ବନ ସୁରକ୍ଷା ସମିତିରେ ଚାଲୁଥିବା ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ, ସଫଳତାର କାହାଣୀ, ଅଭିନବ କାର୍ଯ୍ୟକ୍ରମର ଫଟୋଚିତ୍ର ପ୍ରଦର୍ଶନ ସାଙ୍ଗକୁ ଡକ୍ୟୁମେଣ୍ଟାରୀ ଭିଡିଓ ଚିତ୍ତାକର୍ଷକ ହୋଇଥିଲା। ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ନିମନ୍ତେ ଏହି ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀଙ୍କ ବିଭିନ୍ନ ଉତ୍ପାଦ ମଧ୍ୟରେ ଢିଙ୍କିକୁଟା ଧୂସର ଚାଉଳ, ଟେରାକୋଟାର ଆକର୍ଷଣୀୟ ମାଟି ସାମଗ୍ରୀ, ମାଣ୍ଡିଆରୁ ପ୍ରସ୍ତୁତ ସାମଗ୍ରୀ ଓ ଜିଆଖତ ଇତ୍ୟାଦି ମଧ୍ୟ ବିକ୍ରି କରାଯାଇଥିଲା। ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ କହିଛନ୍ତି, ଲୋକଙ୍କୁ ନିଜର ସାଂସ୍କୃତିକ ଧାରାରେ ବାନ୍ଧି ରଖିବା, ନୂତନ ପିଢୀ ପାଇଁ ପାରମ୍ପାରିକ ଜ୍ଞାନ କୌଶଳ ତଥା କଳା ସଂସ୍କୃତି ଉପରେ ଆଗ୍ରହ ସୃଷ୍ଟି କରିବା, ଉଦ୍ୟମୀ ଓ ସଂଘର୍ଷରତ ଉଦ୍ୟୋଗୀଙ୍କୁ ବଜାର ବ୍ୟବସ୍ଥା ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବା ଏବଂ ସର୍ବୋପରି ଅଭିଜ୍ଞତା, ଅନୁଭବ ଓ ଅଭିନବତାର ପ୍ରଦର୍ଶନର ସର୍ବୋତ୍କୃଷ୍ଟ ମାଧ୍ୟମ ହେଉଛି ସୁନ୍ଦରଗଡର ଏହି ଲୋକମହୋତ୍ସବ ଯତରା ଓ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା। ଏହା ଗାଁରୁ ସହର ମଧ୍ୟରେ ସକାରାତ୍ମକ ପରିବେଶ ସୃଷ୍ଟି କରିବା ସହିତ ନାରୀ ସଶକ୍ତିକରଣ, ଜୀବିକାର ଉନ୍ନତି, ପ୍ରାକୃତିକ ସମ୍ବଳର ପରିଚାଳନା ତଥା ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ବାର୍ତ୍ତାବହ ହେବ ବୋଲି ସେ କହିଥିଲେ।


ପଲ୍ଲିଶ୍ରୀ ମେଳାରେ ସୁନ୍ଦରଗଡ଼ ବନଖଣ୍ଡ ପକ୍ଷରୁ ଲଗାଯାଇଥିବା ଷ୍ଟଲ।

## ସୁନ୍ଦରଗଡ଼ ବିକାଶ ପାଇଁ ବିଧାୟିକା ଟେଟେଙ୍କ ଦାବି

ସୁନ୍ଦରଗଡ,୫ା୧( ଜୟନାରାୟଣ ମେଣ୍ଟୁଲୀ)

ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ କେତେ ଗୁଡିଏ ଅତି ଜରୁରୀ ପ୍ରସ୍ତାବକୁ ପୂର୍ବତନ ଜିଲାପାଳ ପ୍ରଶାସନିକ ଅନୁମୋଦନ ଦେଇଥିବା ବେଳେ ବର୍ତ୍ତମାନ ଜିଲାପାଳ ଏହି ପ୍ରସ୍ତାବ ଗୁଡିକ ଅଟକାଇ ରଖିଥିବା ନେଇ ବିଧାୟିକା କୁସୁମ ଟେଟେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ସମୟରେ ଜ୍ଞାପନ ମାଧ୍ୟମରେ ଦାବି କରିଥିଲେ। ଏହି କାର୍ଯ୍ୟ ଗୁଡିକ ସୁନ୍ଦରଗଡ଼ବାସୀଙ୍କ ସ୍ୱାର୍ଥ ସହ ଜଡିତ ଥିବାରୁ ୫-ଟି ଅଧ୍ୟକ୍ଷ ଏହି ଦାବି ଗୁଡିକ ପ୍ରତି ଧ୍ୟାନ ଦେବାସହ ଜିଲାପାଳ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେବାକୁ ବିଧାୟିକା ଟେଟେ ଗଣାମଧ୍ୟମ ଆଗରେ ମତ ଦେଇଛନ୍ତି।



## ବିଧାନସଭା ଘେରାଉ ପାଇଁ ପ୍ରସ୍ତୁତି ବୈଠକ

ଖଡ଼ିଆଲ,୫ା୧(ସୁଜିତ୍ କୁମାର ପ୍ରଧାନ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର୍ ଡିଭିଜନ ଖରିଆର ରେଞ୍ଜ ପକ୍ଷରୁ ସାନମହେଶ୍ୱର ଫଡ଼ି ଘର ପ୍ରାଙ୍ଗଣରେ ସଂଘ ପ୍ରତିଷ୍ଠାତା ସ୍ୱର୍ଗତ ବିଶନାଥ ପଣ୍ଡିତଙ୍କ ଜୟନ୍ତୀ ପାଳନରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆସନ୍ତା ୧୦ତାରିଖରେ କେନ୍ଦୁପତ୍ର ତୋଳାଳୀ, ସିଜିନାଲ ଷ୍ଟାଫ, ବାନ୍ଧାଳି ଓ ଅନ୍ୟାନ୍ୟ ଶ୍ରମିକଙ୍କ ଦାବି ହାସଲ ପାଇଁ ବିଧାନସଭା ଘେରାଉ ସଫଳ ପାଇଁ ପ୍ରସ୍ତୁତି କରାଯାଇଥିଲା।

## ଶିବିରରେ ୮ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଟେନ୍‌ସା,୫ା୧(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ରାଇକେଲା ଗ୍ରାମରେ ଥିବା ଗୀତାରାଣୀ ଖଣି ପକ୍ଷରୁ ଏକ ମାଗଣ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣି ମାଲିକ ଶ୍ରୀନିବାସ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଖଣି ପରିସର ମଧ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ଡେଙ୍ଗୁଳା ସରପଞ୍ଚ ବାବୁଲି ମୁଣ୍ଡା, ଟେନ୍‌ସା ସରପଞ୍ଚ ଅନୀତା ପୂଓ, ଗୀତାରାଣୀ ଖଣି ସିଇଓ ସୁମିତି ପଟେଲ, ଖଣି ଏଭିପି ବି.ବି ସାହୁ, ଖଣି ପରିଚାଳକ ପି.କେ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୀତାରାଣୀ ଖଣି ପକ୍ଷରୁ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇ ଥିବାରୁ ପାଖ ଆଖ ଗ୍ରାମର ରୋଗୀ ବେଶ ଉପକୃତ ହେବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଶିବିରରେ ରାଉରକେଲା,ବଡ଼ବିଲ ଅଞ୍ଚଳର ବିଭିନ୍ନ ବିଭାଗର ୧୨ ଜଣ ବରିଷ୍ଠ ଡାକ୍ତର ଯୋଗ ଦେଇଥିଲେ। ସ୍ତ୍ରୀ ରୋଗ, ଶିଶୁ, ଆଖି, ଗଳା, କାନ, ଚର୍ମ, ମେଡିସିନ, ଦାନ୍ତ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋଇଡ଼ା ବ୍ଲକ ଅଞ୍ଚଳର ପ୍ରାୟ ୮ଶହରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣରେ ଔଷଧ ନେଇଥିଲେ। ଗୀତାରାଣୀ ଖଣିର ଉପ ସଭାପତି ବି.ବି ସାହୁଙ୍କ ନିର୍ଦ୍ଦେଶରେ ଖଣି କର୍ମଚାରୀ, ଆଶା ଦିଦିମାନେ ସ୍ୱତନ୍ତ୍ର ଗାଡିରେ ରୋଗୀଙ୍କୁ ନେବା ଆଣିବା କରୁଥିଲେ। ଖାଦ୍ୟ ପ୍ୟାକେଟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଗୀତାରାଣୀ ଖଣି ପକ୍ଷରୁ ପ୍ରଶାସନ ବିଭାଗର ତ୍ରିନାଥ ମହାପାତ୍ର, ପ୍ରକାଶ ସାହୁ, ମନୋଜ ଶତପଥି, ଶୁଶୀଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ସଚିଦାନନ୍ଦ ଗିରି, ଅମୂଲ୍ୟ ଦାସ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

କୁତ୍ରା,୫ା୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗ ସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିତ୍ୟନନ୍ଦ ବେହେରା ପ୍ରଥମେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ସବୁବେଳେ ସମସ୍ତ ବିଷୟକୁ ନେଇ ଆଲୋଚନା ହେବା କଥା ବୋଲି କହିବା ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟ ବକ୍ତାଭାବେ ବିଇଓ ଶରତ କୁମାର ପତି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, ଜିଲା ଓଷ୍ଟା ସଭାପତି ବିଭୀଷଣ ବାରିକ, ସମାଜିକ କର୍ମୀ କମଲ ଅଗ୍ରୱାଲ, ସିଏସ୍‌ଆର ମ୍ୟାନେଜର ଡିସିବିଏଲ୍ ରାଜଗାଙ୍ଗପୁର ନିଗମାନନ୍ଦ ବେହେରା, ଓଷ୍ଟା ବ୍ଲକ ସଭାପତି ଲୋକନାଥ ପ୍ରଧାନ,ଅନୁଷ୍ଠାନର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଥମାସ ବିଲୁଙ୍ଗ, ସମାଜିକ କର୍ମୀ ମହେନ୍ଦ୍ର ସିଂ,ଏବିଇଓ ଲକ୍ଷ୍ମଣ ଜାମୁଣ୍ଡା, ବିଦ୍ୟାଳୟ ପ୍ରତିଷ୍ଠାତା ରାମପାଲ କପୁର, ଶିକ୍ଷକ ଟିକଚାନ୍ଦ ସିଂ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ନୂଆରମ୍ଭେଲା ହାଇସ୍କୁଲର ବାର୍ଷିକ ଉତ୍ସବ

ରେଙ୍ଗାଲି,୫।୧(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ନୂଆରମ୍ଭେଲା ସରକାରୀ ହାଇସ୍କୁଲର ୬୧ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝରଣା କୁମାରୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶ୍ରୀବନ୍ତ ଦାସ ମୁଖ୍ୟଅତିଥି, ବୁଢ଼ାରଜା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦିତ ପାଢୀଯୋଶୀ ମୁଖ୍ୟବକ୍ତା ଓ ହାସ୍ୟକବି ଗୁଣରଞ୍ଜନ ସାଲିମା, ପୁରାତନ ଛାତ୍ର ବରିଷ୍ଠ ନାଗରିକ ରାମ ସହାୟ ପଣ୍ଡା ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଶିକ୍ଷକ ମନୋଜ କୁମାର ନାଏକ ଓ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେନାପତି ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ସହ ସମ୍ବର୍ଦ୍ଧିତ କରଯାଇଥିଲା। ସଙ୍ଗୀତ ପ୍ରସ୍ତୁତ କରିଥିବା ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିବା ଶିକ୍ଷକ ମନୋଜ କୁମାର ନାଏକ, ବବଲୁ ତିୱାରୀ ଓ ଭରତ ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଦେବଗଡ଼,୫।୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା ଗ୍ରାମ ପଞ୍ଚାୟତ ସଦର ମହକୁମାସ୍ଥିତ ଖେଳ ପଡିଆଠାରେ ଶୁକ୍ରବାର ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମେଶ୍ୱର ନାୟକଙ୍କ ସଭାପତିତ୍ୱ ଏବଂ ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ସୁଗୁଡା ଗ୍ରାମ ସରପଞ୍ଚ କୁନୁ ବେହେରା, ସିଦ୍ଧାର୍ଥ ଗୁରୁ, ତିଲେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ସୁଗୁଡା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ପ୍ରଧାନ ଓ 'ମୋ ସ୍କୁଲ ଅଭିଯାନ' ସଭାପତି ଧରଣୀଧର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ କ୍ରୀଡା ପତାକା ଉତୋଳନ ପୂର୍ବକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରମାନଙ୍କ ଦ୍ୱାରା ମା' ରମ୍ଭାଦେବୀଙ୍କ ପୀଠରୁ ଶୋଭାଯାତ୍ରାରେ ଅଣାଯାଇଥିବା ମଶାଲ ଜ୍ୟୋତିକୁ ଖେଳ ପଡିଆରେ ସ୍ଥାପନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷକ ହିମାଂଶୁ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନ ଉଠାଣ, ଟାର୍ଗେଟ ପ୍ରଦାନ କର


ଦେବଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଚାଷୀ।

ଦେବଗଡ,୫।୧(ଶଶାଙ୍କ ଶେଖର ଝାଙ୍କର)

- ଖଜୁରୀଖମଣ ପ୍ରାଥମିକ କୃଷି ସମବାୟ ସମିତି
- ଅଞ୍ଚଳର ଚାଷୀମାନଙ୍କ ଦାବି
- ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଦେବଗଡ଼ ଜିଲା ବାରକୋଟ ବ୍ଲକ ଖଜୁରୀଖମଣ ପ୍ରାଥମିକ କୃଷି ସମବାୟ ସମିତିରୁ ଧାନ ଉଠାଣ ଓ ଟାର୍ଗେଟ ପ୍ରଦାନ ଦାବିରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନଙ୍କ ଦ୍ୱାରା ଶୁକ୍ରବାର ଦେବଗଡ଼ ଜିଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କୃଷକ ନେତା ଭାରତ ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଜିଲା ଯୋଗାଣ ଅଧିକାରୀ ଏବଂ ଏଆରସିଏସ୍‌ଙ୍କୁ ମଧ୍ୟ ସ୍ମାରକପତ୍ରର ନକଲ ପ୍ରଦାନ କରିଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ ଖଜୁରୀଖମଣ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ ମଧୁପୁର ଏବଂ ଖଜୁରୀଖମଣ ଧାନମଣ୍ଡିରେ ଚଳିତବର୍ଷ ଧାନ କ୍ରୟ କରାଯାଉଥିବାବେଳେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଏବେ ୨୦୨୮ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ମାତ୍ର ମିଲର ଧାନ ଉଠାଉ ନ ଥିବାରୁ ଧାନ ବିକ୍ରି କରିବା ସମୟରେ ଚାଷୀମାନେ ଅକଥନୀୟ ସମସ୍ୟାର ସମ୍ମୁଖିନ ହେଉଥିବା ସେମାନେ ଉକ୍ତ ସ୍ମାରକପତ୍ର ପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ସହ ଜାନୁଆରୀ ୨ ତାରିଖ ମଧ୍ୟରେ ୪୪୨ ଚାଷୀଙ୍କର ଟୋକନ ଆସିଥିବା ଦର୍ଶାଇ ଟୋକନ ଅବଧି ଶେଷ ହେବା ପୂର୍ବରୁ ଟାର୍ଗେଟ ବଢାଯାଇ ତୁରନ୍ତ ଧାନ କ୍ରୟ କରିବାକୁ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଥିବାରୁ ଧାନମଣ୍ଡିରୁ ତୁରନ୍ତ ଧାନ ଉଠା ନ ଗଲେ ଚାଷୀମାନେ ବିଭିନ୍ନ ସମସ୍ୟା ଓ କ୍ଷୟକ୍ଷତିର ସମ୍ମୁଖିନ ହେବାର ଆଶଙ୍କା ରହିଥିବା ଦର୍ଶାଇଛନ୍ତି। ଏଣୁ ଧାନକିଣା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଉକ୍ତ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି।

## ବିଜେଡିର ଜିଲା ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧନା, ସାଙ୍ଗଠନିକ ବୈଠକ


ବିଜେଡି ପକ୍ଷରୁ ଜିଲା ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରାଯାଉଛି।

ଦେବଗଡ଼, ୫।୧ (ଶଶାଙ୍କ ଶେଖର ଝାଙ୍କର ):ଦେବଗଡ଼ ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ଦଳୀୟ କାର୍ଯ୍ୟାଳୟ ପରିସରରେ ନବ ନିଯୁକ୍ତ ଜିଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ ଓ ମହିଳା ବିଜେଡି ଜିଲା ପର୍ଯ୍ୟବେକ୍ଷକ ମିନତୀ ଦେବତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଜିଲା ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଦଳୀୟ କାର୍ଯ୍ୟାଳୟ ପରିସରରେ ଦଳର ସମସ୍ତ ପଦାଧିକାରୀ ଓ କର୍ମୀଙ୍କୁ ନେଇ ଜିଲା ପର୍ଯ୍ୟବେକ୍ଷକ ଦାଶ ଏକ ସାଙ୍ଗଠନିକ ବୈଠକରେ ଆଗାମୀ ନିର୍ବାଚନରେ ଦଳୀୟ କର୍ମୀଙ୍କୁ ଶୃଙ୍ଖଳା ସହ ଦଳପ୍ରତି ଆନୁଗତ୍ୟ ପ୍ରଦର୍ଶନ ପୂର୍ବକ ଏକଜୁଟ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ କରିବାକୁ ପ୍ରତ୍ୟକ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସଭା ପୂର୍ବରୁ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଉଭୟ ପର୍ଯ୍ୟବେକ୍ଷକଙ୍କୁ ମାଦଳ ତାଳେ ତାଳେ ମହିଳା କର୍ମୀମାନେ ସ୍ୱାଗତ କରିଥିଲେ । ପରେ ସନ୍ଧ୍ୟାରେ ବାରକୋଟ ବ୍ଲକ ଠାରେ ମଧ୍ୟ ଏକ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକକୁ ଜିଲା ପର୍ଯ୍ୟବେକ୍ଷକ ଦାଶ ଓ ଦେବତା ସମ୍ବୋଧିତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲାସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି, ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ପୂର୍ବତନ ଅଧକ୍ଷ ଦେବେନ୍ଦ୍ର ବେହେରା, ପୂର୍ବତନ ସମ୍ବଲପୁର ସମବାୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଜିଲା ପରିଷଦ ସଦସ୍ୟ ପୁଷ୍ପାଞ୍ଜଳି ସାମଲ,ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର ସମେତ ଶତାଧିକ ପୁରୁଷ ଓ ମହିଳା ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତର ନିଯୁକ୍ତି ଦାବି

ଦେବଗଡ,୫।୧(ଶଶାଙ୍କ ଶେଖର ଝାଙ୍କର): ରିଆମାଳ ବ୍ଲକ ବୁଢାପାଳ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଞ୍ଚାୟତର ୨୦ ଗ୍ରାମ ସମେତ ପଡୋଶୀ ପରା ଓ କରଲଗା ଗ୍ରାମ ପଞ୍ଚାୟତର ପ୍ରାୟ ୪୦ ହଜାର ଜନସାଧାରଣ ନିର୍ଭର କରନ୍ତି । ମାତ୍ର ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ଲୋକେ ବାଧହୋଇ ଅନୁଗୋଳ ଜିଲାର ଛେଣ୍ଡିପଦା ଓ ଏନ୍‌ଟିପିସି (କଣିହାଁ) ଡାକ୍ତରଖାନା ଯିବାକୁ ପଡୁଛି। ଫଳରେ ଲୋକେ ଅଧିକ ଖର୍ଚ୍ଚାନ୍ତ ହେବାସହ ଯାତାୟାତ କ୍ଷେତ୍ରରେ ସମୟ ଅପଚୟ ହେଉଛି। ଏହି ସମସ୍ୟା ସମାଧାନ ନିମନ୍ତେ ସରକାର ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଏହି ଅବସରରେ ବୁଢାପାଳ ସରପଞ୍ଚ ଦିଲୀପ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧି ଦଳ।

## ରେଙ୍ଗାଲିରେ ବିଜେଡି ସମାବେଶ

ରେଙ୍ଗାଲି, ୫।୧(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି କର୍ମୀ ଶଶିଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଆଗାମୀ ନିର୍ବାଚନରେ କିପରି ଦଳ ବିଜୟୀ ହେବ ସେ ଉପରେ କର୍ମୀମାନେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ଚୟନ କରାଯାଇଥିଲା। ଏହି ପ୍ରତିନିଧି ଦଳ ଆଗାମୀ ଦିନରେ ଦଳର ନେତୃମଣ୍ଡଳୀକୁ ସାକ୍ଷାତ କରି ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ
## ରେଙ୍ଗାଲବାହାଲ କ୍ରିକେଟ କ୍ଲବ ଚାମ୍ପିୟନ


କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଦେବଗଡ଼,୫।୧(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣି ବ୍ଲକ ବଡଛାପଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମାସାଧୁବାହାଲ ଗ୍ରାମରେ ମା' ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଧୋବଲିପଥର କ୍ରିକେଟ କ୍ଲବକୁ ୬ଉଇକେଟରେ ପରାସ୍ତ କରି ରେଙ୍ଗାଲବାହାଲ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅମ୍ପାୟାର ଭାବେ ତରଣିସେନ ଭୋଇ, ପ୍ରେମାନନ୍ଦ ସୁହୁଲା ଓ ଜ୍ଞାନେନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ସଭାପତି କରୁଣାକର ସୁନାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ ମୁଖ୍ୟଅତିଥି ଓ ଉପାଧକ୍ଷା ଆରତି ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, ବଡଛାପଲ ପଞ୍ଚାୟତର ସମିତି ସଦସ୍ୟା ପୁଷ୍ପାଞ୍ଜଳି ବାଘ, ୱାର୍ଡ ସଦସ୍ୟା ପ୍ରଭାତୀ ବାଦୀ, ଭାଜପା ଯୁବନେତା ବିରଞ୍ଚି ନାରାୟଣ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ସୁରେଶ ଚନ୍ଦ୍ର ଦେହୁରି ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କୃତି ହେଉଛି ମାନବ ଜୀବନର ଧାରା

ସମ୍ବଲପୁର,୫।୧(ବି.ଶଙ୍କର)

**ସମ୍ବଲପୁରୀ ଲୋକଗୀତରେ ଲୋକସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର**

ସଂସ୍କୃତି ହେଉଛି ମାନବ ଜୀବନର ଏକ ଧାରା। ଲୋକଗୀତରେ ଲୋକସଂସ୍କୃତିର ପ୍ରତିଫଳନ ଅତି ଜୀବନ୍ତ ଭାବରେ ରହିଥାଏ । ଡାଲଖାଇ, ରସରକେଲି, ମାଏଲାଜଡ, ହଳିଆ ନଚନିଆ, ବଜନିଆ, ଝୁମେର ସମ୍ବଲପୁରୀ ଲୋକଗୀତରେ ଲୋକ ସଂସ୍କୃତି ବିଦ୍ୟମାନ ରହିଛି । ଶୁକ୍ରବାର ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ଆୟୋଜିତ ଲୋକମହୋତ୍ସବ-୨୦୨୪ ଆଲୋଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ଏହା କହିଛନ୍ତି। ଲୋକ ମହୋତ୍ସବ ଆଲୋଚନା ଚକ୍ର ଉପସମିତି ଆବାହକ ମହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଅଧ୍ୟକ୍ଷତା କରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଲୋଚନା ଚକ୍ରର ନୋଡାଲ ଅଧିକାରୀ ତଥା ପର୍ଯ୍ୟଟନ ଅଧିକାରୀ ହେମନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭ୍ୟ ଡ. ସତ୍ୟନାରାୟଣ ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସିଦ୍ଧାର୍ଥ ପଣ୍ଡା ଲୋକଗୀତ ସଂଗ୍ରହ ଓ ସଂରକ୍ଷଣ ଉପରେ ଗବେଷକମାନେ ଅଧିକ ଯତ୍ନଶୀଳ ହେବା ଉଚିତ ବୋଲି କହିଥିଲେ। ଗାୟକ ମୋତିଲାଲ ଦୋରା ତାଙ୍କ ବକ୍ତବ୍ୟରେ କହିଥିଲେ ଏନ୍ତୁଡିଶାଳରୁ ଅନ୍ତ୍ୟେଷ୍ଟି କ୍ରିୟା ପର୍ଯ୍ୟନ୍ତ ମାନବ ଜୀବନର ପ୍ରତିଟି ଘଟଣା ତାହାର ସଂସ୍କୃତି ପର୍ଯ୍ୟାୟଭୁକ୍ତ ହୋଇ ପାରିବ। ସମ୍ବଲପୁର ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଭୋଲା ଶଙ୍କର ମହନ୍ତ ତାଙ୍କ ବକ୍ତବ୍ୟରେ ସଂସ୍କୃତିକୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ଆଲୋଚନା ଚକ୍ରର ଦ୍ୱିତୀୟ ଅଧିବେଶନରେ ସମ୍ବଲପୁରୀ ଲୋକନୃତ୍ୟ ଓ ବାଦ୍ୟରେ ପାରମ୍ପରିକ ପାର ଉପରେ ମୁଖ୍ୟ ଆଲୋଚକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୋଚିକା ଡ. ସଙ୍ଗୀତା ନାୟକ ତାଙ୍କ ବକ୍ତବ୍ୟରେ ନାଦବ୍ରହ୍ମକୁ ସବୁ ସଂସ୍କୃତିର ମୂଳ ଭାବରେ ବ୍ୟାଖ୍ୟା କରି କହିଥିଲେ ଯେ, ଧ୍ୱନି ସୃଷ୍ଟିର ମୂଳରୁ ରହିଥିବାରୁ ସାଂସ୍କୃତିକ ଆଲୋଚନା ପ୍ରସଙ୍ଗରେ ଅବଶ୍ୟ ଚର୍ଚ୍ଚାକୁ ଆସିଥାଏ। ଗୋପିନାଥ ଷଡଙ୍ଗୀ, ନିତେଇ ସରାଫ, କଳାପରିଷଦ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର, ବିଭୂତି ଭୂଷଣ ମିଶ୍ର ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ପରେ ଗୁରୁ ରଞ୍ଜନ ସାହୁ ଓ କପିଳ ସାହୁ ସମ୍ବଲପୁରୀ ବାଦ୍ୟ ବଜାଇ ତାଳଗୁଡିକ ଉପରେ ଆଲୋଚନା କରିଥିଲେ। ଶେଷରେ ସହଆବାହକ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ଆଲୋଚନାଚକ୍ରରେ ଡ. ସିଦ୍ଧାର୍ଥ ପଣ୍ଡା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

### ମେଘପାଲ ହକି ପ୍ରତିଯୋଗିତା ଉଦ୍‌ଯାପିତ
## ଦେବଗଡ଼ର ଗୋଲ୍ଡେନ କ୍ଲବ ଚାମ୍ପିୟନ

ସମ୍ବଲପୁର/ନାକଟିଦେଉଳ, ୫।୧
(ପ୍ରମୋଦ ବହିଦାର/ବୈକୁଣ୍ଠନାଥ ସାହୁ): ଯୁଯୁମୁରା ବ୍ଲକ ମେଘପାଲରେ ଚାଲିଥିବା ପୁରୁଷ ହକି ପ୍ରତିଯୋଗିତାରେ ଦେବଗଡ଼ର ଗୋଲ୍ଡେନ କ୍ଲବ ଚାମ୍ପିୟନ ହୋଇଛି। ମେଘପାଲ ଲିପିଣ୍ଡାର ଏମ୍‌ଏସ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଶୁକ୍ରବାର ଫାଇନାଲ ମ୍ୟାଚରେ ଦେବଗଡ଼ର ଗୋଲ୍ଡେନ କ୍ଲବ ୫-୪ ଗୋଲରେ ମେଘପାଲ ସୁବାସ ବୋଷ କ୍ଲବକୁ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସୁଦର୍ଶନ ସାହୁ ମୁଖ୍ୟଅତିଥି ଓ ବରୁଣ ଦେହୁରି, ମାଧବ ମିର୍ଦ୍ଧା, ମମତା ପ୍ରଧାନ, ଲିଳିମା ଧୁରୁଆ, ମହେନ୍ଦ୍ର କୁଅଁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୨୦ଟି ଦଳ ଭାଗ ନେଇଥିଲେ। ସାଉଇନ ଟପୋ ଓ ସୁକୁଆନ୍ ଜୋଜୋ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ।

# ଅଭିନବ ଉପାୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

### ହେଲ୍‌ମେଟ, ସିଟ୍‌ବେଲ୍‌ଟ ଲଗାଇଥିବା ଚାଳକଙ୍କୁ ଚକୋଲେଟ ଓ ଗୋଲାପ ପ୍ରଦାନ କଲେ ଛାତ୍ରୀଛାତ୍ର

ଦେବଗଡ଼, ୫।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ପୋଲିସ ପକ୍ଷରୁ ସ୍ଥାନୀୟ ପୌରାଞ୍ଚଳ ପୁରୁଣାଗଡ଼ ଓଭର ବ୍ରିଜ ନିକଟରେ ଶୁକ୍ରବାର ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅଭିନବ ଉପାୟରେ ସଚେତନ କରାଯାଉଥିବା ଦେଖିବାକୁ ମିଳିଥିଲା। ଦେବଗଡ଼ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଓ ଆଦର୍ଶ ଥାନା ଅଧିକାରୀ ସରୋଜ କୁମାର ସେଠୀଙ୍କ ଉପସ୍ଥିତିରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ରାସ୍ତାରେ ଯାନବାହାନ ଯାଞ୍ଚ କରିଥିଲେ। ସିଟବେଲ୍ଟ ଲଗାଇଥିବା କାର ଚାଳକ ଏବଂ ହେଲମେଟ ପରିଧାନ କରିଥିବା ବାଇକ୍ ଚାଳକଙ୍କୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚକୋଲେଟ ଓ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା। ଏହା ସହ ଟ୍ରାଫିକ ନିୟମ ପାଳନ କରିବାକୁ ଉତ୍ସାହିତ କରାଯାଇଥିଲା। ସେହିପରି ହେଲମେଟ ପରିଧାନ କରି ନ ଥିବା ବାଇକ୍ ଚାଳକ ଓ ସିଟ ବେଲ୍‌ଟ ନ ଲଗାଇ ଯାତ୍ରା କରୁଥିବା କାର ଚାଳକଙ୍କୁ ଅଟକାଇ ସଡ଼କ ସୁରକ୍ଷା ଉପରେ ବୁଝାଇବା ସହ ନିୟମ ଉଲ୍ଲଂଘନ କଲେ ରହିଥିବା ଦଣ୍ଡବିଧାନ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କୁ ପୋଲିସ ପକ୍ଷରୁ ସଡକ ସୁରକ୍ଷା ସମ୍ପର୍କୀତ ସଚେତନତାମୂଳକ ଲିଫ୍‌ଲେଟ ମଧ୍ୟ ବିତରଣ କରାଯାଇଥିଲା।


ହେଲ୍‌ମେଟ ଲଗାଇଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ କରାଯାଉଛି।

# ଅନୁପଯୁକ୍ତ ସ୍ଥାନରେ ହାଟପିଣ୍ଡି, କଲ୍ୟାଣ ମଣ୍ଡପ ନିର୍ମାଣ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ, ଜିଲା ପରିଷଦ ସଦସ୍ୟା ଓ ସମିତି ସଦସ୍ୟା

ଦେବଗଡ଼, ୫।୧(ଶଶାଙ୍କ ଶେଖର ଝାଙ୍କର)

ପର୍ଯ୍ୟାପ୍ତ ସ୍ଥାନ ଥାଇ ମଧ୍ୟ ଜଙ୍ଗଲ ମଧ୍ୟରେ କଲ୍ୟାଣ ମଣ୍ଡପ ଓ ସାପ୍ତାହିକ ହାଟପିଣ୍ଡି ନିର୍ମାଣ ନେଇ ଦେବଗଡ଼ ଜିଲା ରିଆମାଳ ବ୍ଲକ ବାଘବର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସମ୍ପୃକ୍ତ ଗ୍ରାମପଞ୍ଚାୟତର ସମିତି ସଦସ୍ୟା, ଜିଲା ପରିଷଦ ସଦସ୍ୟା ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିବା ସହ ଉପଯୁକ୍ତ ସ୍ଥାନରେ ନିର୍ମାଣ କରିବାକୁ ଦାବି ଜଣାଇଛନ୍ତି। ବାଘବର ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ସୁଲୋଚନା ପ୍ରଧାନ ଓ ରିଆମାଳ ଜୋନ-୨ର ଜିଲା ପରିଷଦ ସଦସ୍ୟା ବାସନ୍ତୀ ବେହେରାଙ୍କ ନେତୃତ୍ୱରେ ଗ୍ରାମ କମିଟି ସଭାପତି ଡମ୍ବରୁ ନାୟକ, ସମ୍ପାଦକ ଭାସ୍କର ନାୟକ ଓ କୋଷାଧକ୍ଷ ପ୍ରଶାନ୍ତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଉକ୍ତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ବାଘବର ଗ୍ରାମରେ ଦୀର୍ଘ ୧୦ ବର୍ଷ ହେଲା ସାପ୍ତାହିକ ହାଟ ବସୁଛି। ହାଟପିଣ୍ଡି ନିର୍ମାଣ ପାଇଁ ସରକାର ୧୦ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ମାତ୍ର ହାଟ ନିକଟରେ ପର୍ଯ୍ୟାପ୍ତ ଜାଗା ଥିଲେ ମଧ୍ୟ ଗ୍ରାମବାସୀଙ୍କ ଅଜାଣତରେ ଜଙ୍ଗଲ ମଧ୍ୟରେ ବିନା ସୂଚନା ଫଳକରେ ହାଟ ପିଣ୍ଡି ନିର୍ମାଣ ଚାଲିଛି। ସେହିପରି ଉକ୍ତ ନିର୍ମାଣ କାର୍ଯ୍ୟରେ ପଶ୍ଚିମବଙ୍ଗର ମିସ୍ତ୍ରୀମାନେ କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଶ୍ରମିକମାନେ କାମ ନ ପାଇ ବାହାରକୁ ଯାଉଛନ୍ତି। ଏ ନେଇ ସରପଞ୍ଚଙ୍କୁ ପଚାରି ବୁଝିବାରୁ ବ୍ଲକ ପ୍ରଶାସନ ଗ୍ରାମବାସୀଙ୍କ ଅଜାଣତରେ ଜଙ୍ଗଲ ଭିତରେ ବିନା ସୂଚନା ଫଳକରେ ହାଟପିଣ୍ଡି ନିର୍ମାଣ କରୁଥିବା ଜାଣିବାକୁ ପାଇଥିବା ଓ ସେହିଠାରେ କଲ୍ୟାଣ ମଣ୍ଡପ ମଧ୍ୟ ନିର୍ମାଣ ହେଉଥିବା ସେମାନେ ଉକ୍ତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଉପଯୁକ୍ତ ସ୍ଥାନରେ ହାଟପିଣ୍ଡି ଓ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ କରିବାକୁ ଦାବି କରିଥିଲେ। ଏଥିସହ ଅଭିଯୋଗପତ୍ରର ନକଲ ଦେବଗଡ଼ ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡିଛି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଗ୍ରାମବାସୀ ଆସିଛନ୍ତି ।

# ସଚେତନତା ସୃଷ୍ଟି କରିବାରେ ଲୋକକଳା ପ୍ରଭାବୀ ମାଧ୍ୟମ: ପାଣ୍ଡିଆନ

ଭୁବନେଶ୍ୱର,୫।୧(ଅନିଲ ଦାସ)

ପାରମ୍ପରିକ ଲୋକକଳା ଓ ସଂସ୍କୃତି ହେଉଛି ଏକ ଜାତିର ଜୀବନ ଓ ଭବିଷ୍ୟତ। ସଚେତନତା ସୃଷ୍ଟି କରିବାରେ ଲୋକକଳା ଭଳି ପ୍ରଭାବୀ ମାଧ୍ୟମ ଅନ୍ୟ କୌଣସି ମାଧ୍ୟମରେ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ବ୍ଲକ୍ ଓ ଜିଲା ଲୋକକଳା ସଂସ୍କୃତି ସଂଘ ପ୍ରତିନିଧିମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି। ସଂସ୍କୃତିକୁ ଗତିଶୀଳ କରିବା ନିମନ୍ତେ ଲୋକକଳା ପ୍ରତି ଯୁବପିଢ଼ୀଙ୍କୁ ଆକୃଷ୍ଟ କରିବାକୁ ପଡ଼ିବ। ଲୋକ କଳା ବଞ୍ଚିବାକୁ ହେଲେ କଳାକାରମାନଙ୍କ ଉନ୍ନତି ହେବା ଉଚିତ ବୋଲି ସେ କହିଛନ୍ତି। ଏଥି ନିମନ୍ତେ ସରକାର ଆସନ୍ତା ୩ରୁ ୪ ମାସ ମଧ୍ୟରେ କଳାକାରମାନଙ୍କୁ ଖୁସି ଖବର ଦେବେ ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜଣେ କଳାପ୍ରେମୀ ହୋଇଥିବାରୁ କଳାକାରମାନଙ୍କ ଉନ୍ନତି ନିମନ୍ତେ ସେ ସର୍ବଦା ଗୁରୁତ୍ୱାରୋପ କରୁଥିବା କହିଛନ୍ତି। ମିଶନ ଶକ୍ତି ଯେପରି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଅନୁରୂପ ଢାଞ୍ଚାରେ କଳାକାର ସଂଘକୁ ସଶକ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସମସ୍ତ ସଂଘକୁ ୫-'ଟି' ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ସହ ବ୍ଲକ୍ ଏବଂ ଜିଲା ସ୍ତରୀୟ ସଂଘ କାର୍ଯ୍ୟାଳୟ ଖୋଲାଯିବ। ଓଡ଼ିଶାକୁ ଆଗେଇ ନେବା ସହ ସଶକ୍ତ ରାଜ୍ୟରେ ପରିଣତ କରିବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି। ନବୀନ ଓଡ଼ିଶା ଗଠନ ନିମନ୍ତେ କଳାକାରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଞ୍ଜାମ ଜିଲାରେ ଜିଲାପାଳ ଥିବାବେଳେ ଏକ ଅଭିଜ୍ଞତାକୁ ଭିତ୍ତି କରି ପାଣ୍ଡିଆନ୍ କହିଛନ୍ତି ଯେ ୧୫ ବର୍ଷ ତଳେ ଗଞ୍ଜାମ ଜିଲାରେ ଏଡସ୍ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଥିଲା। ଏଥି ନିମନ୍ତେ ଲୋକକଳାର ଭୂମିକା ପ୍ରଶଂସନୀୟ ଥିଲା ଓ ୨ ବର୍ଷ ମଧ୍ୟରେ ଏହାର ସୁଫଳ ମିଳିଥିଲା ବୋଲି ସେ କହିଛନ୍ତି। ଲୋକକଳାର ପ୍ରଭାବୀ ସଚେତନତା ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖକୁ ତୃଣମୂଳ ସ୍ତରରେ ପହଞ୍ଚାଇପାରିବ ବୋଲି ସେ କହିଛନ୍ତି।

ଏହି ଅବସରରେ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି ନିମନ୍ତେ କଳାକାରମାନଙ୍କୁ ପରାମର୍ଶ ଦିଆଯିବା ସହ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ମିଶନ ଶକ୍ତି ଯୁଗ୍ମ ଶାସନ ସଚିବ ବିନୋଦ ଜେନା, ସଂସ୍କୃତି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଅତସୀ ଦାସ, ସୁବୋଧ ଆଚାର୍ଯ୍ୟ, ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ପରାମର୍ଶଦାତା କୃଷ୍ଣଚନ୍ଦ୍ର ନିଶାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଜିଲ୍ଲାସ୍ତରୀୟ ଏସ୍‌ଡିଜି ଇଣ୍ଡେକ୍ସର ଫ୍ରେମ୍‌ୱାର୍କ ଏବଂ ଏସ୍‌ଡିଜି ଓଡ଼ିଶା ୱେବ୍‌ସାଇଟ୍ ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ୧୪ରେ ସବୁ ବାର୍ ଆସୋସିଏଶନ ସଭାପତି, ସମ୍ପାଦକଙ୍କ ବୈଠକ

କଟକ,୫।୧ (କାର୍ତ୍ତିକ ସାହୁ)

**ସରକାରଙ୍କ ନିକଟରେ ଉପସ୍ଥାପନ ହେବ ଆଇନଜୀବୀଙ୍କ ସମସ୍ୟା**

ଆଇନଜୀବୀମାନଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ, କୋର୍ଟ କାର୍ଯ୍ୟ ବନ୍ଦ ନ କରି ବିକଳ୍ପ ଉପାୟରେ ପ୍ରତିବାଦ, ଆଇନଜୀବୀ ସୁରକ୍ଷା ଆଇନ, ସ୍ୱାସ୍ଥ୍ୟବୀମା, ଆଇନଜୀବୀ କଲ୍ୟାଣ ପାଣ୍ଠି ଅନୁଦାନ ଅର୍ଥ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ରାଜ୍ୟର ଆଇନଜୀବୀମାନେ ଏକାଠି ହେବେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଏଭଳି ଏକ ପ୍ରୟାସ କରାଯାଉଛି। ଆସନ୍ତା ୧୪ ତାରିଖରେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ତହସିଲସ୍ତରୀୟ ଆଇନଜୀବୀ ସଂଘଠାରୁ ଆରମ୍ଭ କରି ଜିଲା କୋର୍ଟ, ସବ୍‌ଜଜ୍ କୋର୍ଟ, ଟ୍ୟାକ୍ସ ବାର୍ କୋର୍ଟ, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଆଦି ସବୁ ଆଇନଜୀବୀ ସଂଘର ସଭାପତି ଓ ସମ୍ପାଦକ ଯୋଗଦେବେ। ହାଇକୋର୍ଟ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ୍‌ର ସଭାପତି ଧରଣୀଧର ନାୟକ ଏ ସମ୍ପର୍କରେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ, ଲାଇବ୍ରେରୀ ସହକାରୀ ସମ୍ପାଦକ ଜାନକୀକାନ୍ତ ମହାପାତ୍ରଙ୍କ ସମେତ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ବର୍ଷକରେ ୨୫ଶହ କୋଟିର ଠକେଇ, ୬୧ ଗିରଫ

ଭୁବନେଶ୍ୱର,୫।୧ (ସୂର୍ଯ୍ୟକାନ୍ତ ବେହେରା)

**କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ପଦକ୍ଷେପ**

୨୦୨୩ରେ ରାଜ୍ୟରେ ବଡ଼ ବଡ଼ ଠକେଇ ହୋଇଥିବାବେଳେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବହୁ ଘଟଣାର ପର୍ଦ୍ଦାଫାଶ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅନ୍‌ଲାଇନ୍ ଚିଟ୍‌ଫଣ୍ଡ, କ୍ରିପ୍ଟୋ ପୋଞ୍ଜି ସ୍କାମ୍ ଆଦି ସାଇବର ଠକେଇ, ବ୍ୟାଙ୍କ ଠକେଇ, ଚାକିରି ଠକେଇ, ଜମି ଠକେଇ ଭଳି ବିଭିନ୍ନ ଘଟଣାକୁ ନେଇ ୨୮ ମାମଲା ରୁଜୁ କରିଛି ଇଓଡବ୍ଲ୍ୟୁ। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ମୋଟ ୬୧ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପ୍ରାୟ ୨୫୦୦ କୋଟି ଠକେଇ ମାମଲାରେ ସଂପୃକ୍ତ ଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଓଡିଶା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ନାଟକ, ତାମିଲନାଡୁ, ତେଲଙ୍ଗାନା, ଦିଲ୍ଲୀ, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର। ସେହିଭଳି ୯ଜଣଙ୍କ ବିରୋଧରେ ଲୁକ୍‌ଆଉଟ ସର୍କୁଲାର ଜାରି ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୪ଜଣ ଚାଇନା ଓ ଜଣେ ହଙ୍ଗେରୀ ନାଗରିକ ରହିଛନ୍ତି। ଅପରପକ୍ଷେ ୪ଟି କେସ୍‌ରେ ଶୁଣାଣି ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହା ବର୍ଷକରେ ସର୍ବାଧିକ ବୋଲି ଇଓଡବ୍ଲ୍ୟୁ କହିଛି। ସେହିପରି ଠକେଇ ଟଙ୍କାର ମାତ୍ର ୧୫ କୋଟି ଜବତ କରାଯାଇଛି। ୩ଟି କେସ୍‌ରେ ୧୨ କୋଟିର ସଂପତ୍ତି ଆଟାଚ କରିବାକୁ ଓପିଆଇଡି କୋର୍ଟ ଅନୁମୋଦନ ଦେଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରକ୍ ଚାପାରେ ବାପ-ଝିଅ ମୃତ

ବଡ଼ବିଲ, ୫।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅଧୀନ ୫୨୦ନମ୍ବର ଜାତୀୟ ରାଜପଥ ଲଇଡ଼ାପଦା ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ବାପା, ଝିଅଙ୍କୁ ଟ୍ରକ୍ ଚାପିଦେବାରୁ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଣୀ ଥାନା ଲସର୍ଦା ବୁରୁ ସାହିର ରାମ ସିଂ ଓ ତାଙ୍କ ୫ ବର୍ଷର ଝିଅ ତୁରୀ ମୁଣ୍ଡା। ସୂଚନା ଅନୁଯାୟୀ, ରାମ ନିଜ ବାଇକ ଯୋଗେ ଝିଅକୁ ନେଇ ଗୁଆଲୀରୁ ବଲାଣୀ ଫେରୁଥିଲେ। ଲଇଡ଼ାପଦା ନିକଟରେ ଲୁହାପଥର ବୋଝେଇ ଟ୍ରକ୍ ବାଇକ ପଛପଟରୁ ଧକ୍କା ଦେଇ ଦୁଇ ଜଣଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଦୁର୍ଘଟଣା ଘଟାଇ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ୍‌କୁ ଜବତ କରିଛି। ଖବର ଲେଖା ହେବ ବେଳକୁ ରୁଗୁଡ଼ି ଥାନାରେ ଲିଖିତ ଏତଲା ହୋଇ ନ ଥିବା ଥାନା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ତରଣୀସେନ ବାଗ କହିଛନ୍ତି।

## ସ୍କୁଟିରେ ବ୍ରାଉନସୁଗାର ବେପାର, ଯୁବକ ଗିରଫ

ଭୁବନେଶ୍ୱର,୫।୧
(ସୂର୍ଯ୍ୟକାନ୍ତ ବେହେରା)

ସ୍କୁଟିରେ ବୁଲି ବୁଲି ବ୍ରାଉନସୁଗାର ବେପାର କରୁଥିବା ଜଣେ ଯୁବକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ମୟୂରଭଞ୍ଜର ଶିବ ଶଙ୍କର ମାଝି। ତାଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗାର, ଅପରାଧରେ ବ୍ୟବହୃତ ସ୍କୁଟି ଓ ଗୋଟିଏ ମୋବାଇଲ ଜବତ ହୋଇଛି। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବେପାର କରୁଥିଲେ। ବିଶେଷକରି କଲେଜ ପିଲାଙ୍କୁ ଟାର୍ଗେଟ କରୁଥିଲେ। ପୋଲିସ ସୂଚନା ପାଇବା ପରେ ବରମୁଣ୍ଡାସ୍ଥିତ ରାଜଧାନୀ କଲେଜ ଗେଟ୍ ନିକଟରେ ଚଢାଉ କରି ତାଙ୍କୁ ଧରିଥିଲା।

# ପଲରେ ନ ମିଶିଲେ ପଠାଯିବ ଉଦ୍ଧାର କେନ୍ଦ୍ର

**ଗୋରୁ ଗୋଠ ସହ ହାତୀ ଛୁଆ ଗାଁକୁ ଚାଲିଆସିବା ଘଟଣା**

ଅନୁଗୋଳ,୫।୧(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଗଣ୍ଡିଗାଡ଼ିଆ ଜଙ୍ଗଲରେ ଦଳରୁ ଅଲଗା ହୋଇଯାଇ ଗୋରୁପଲଙ୍କ ସହ ଗାଁକୁ ଚାଲିଆସିଥିବା ୨ ମାସର ହାତୀ ଛୁଆକୁ ପଲ ସହ ମିଶାଯିବା ଉଦ୍ୟମ ଶୁକ୍ରବାର ବିଫଳ ହୋଇଛି। ବନ କର୍ମଚାରୀମାନେ ଏ ନେଇ ଅଧିକ ଉଦ୍ୟମ କରିବେ। ଯଦି ଏଥିରେ ସଫଳତା ନ ମିଳେ ଉକ୍ତ ହାତୀ ଛୁଆକୁ ହାତୀ ଉଦ୍ଧାର କେନ୍ଦ୍ରକୁ ପଠାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ତାଳଚେର ରେଞ୍ଜ ଅନ୍ତର୍ଗତ ଗଣ୍ଡିଗାଡ଼ିଆ ଜଙ୍ଗଲରେ ଗୁରୁବାର ଏକ ୨ ମାସର ହାତୀ ଛୁଆ ପଲରୁ ଅଲଗା ହୋଇଯାଇଥିଲା। ଜଙ୍ଗଲକୁ ଚରିବାକୁ ଯାଇଥିବା ଗୋରୁପଲ ଅପରାହ୍ନରେ ଗଣ୍ଡିଗାଡ଼ିଆ ଫେରିବା ବେଳେ ଉକ୍ତ ହାତୀ ଛୁଆ ଗୋରୁପଲ ସହ ଗାଁକୁ ପଳାଇ ଆସିଥିଲା। ଗ୍ରାମବାସୀ ଏହି ଛୁଆ ହାତୀକୁ ଦେଖି ଆଶ୍ଚର୍ଯ୍ୟ ହୋଇଯିବା ସହ ପାଣି ପିଇବାକୁ ଦେଇ ବନ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଖବରପାଇ ବିଭାଗୀୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀ ଛୁଆକୁ ସାଙ୍ଗରେ ନେଇ ହାତୀପଲରେ ମିଶାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀପଲ ଉକ୍ତ ଛୁଆକୁ ଗ୍ରହଣ କରି ନ ଥିଲେ। ଶୁକ୍ରବାର ସକାଳେ ପୁଣିଥରେ ଉଦ୍ୟମ କରାଯାଇଥିଲେ ବି ତାହା ଫଳପ୍ରଦ ହୋଇପାରି ନ ଥିଲା। ଶେଷରେ ଦୁର୍ବଳ ଥିବା ହାତୀ ଛୁଆକୁ ଚିକିତ୍ସା କରାଯିବା ସହ କ୍ଷୀର ପିଆଯାଇଥିଲା। ପରେ ତାକୁ ତାଳଚେର ରେଞ୍ଜ ବିଟ୍ ହାଉସକୁ ଅଣାଯାଇଥିଲା। ହାତୀପଲ ଉକ୍ତ ଛୁଆକୁ ସାଙ୍ଗରେ ନ ନେଲେ ତାକୁ ହାତୀ ରେସ୍‌କ୍ୟୁ ସେଣ୍ଟରକୁ ପଠାଇ ଦିଆଯିବ ବୋଲି ଅନୁଗୋଳ ଡିଏଫ୍‌ଓ ବିବେକ କୁମାର କହିଛନ୍ତି।


ଜଙ୍ଗଲରୁ ପଳାଇ ଆସିବା ପରେ ଗାଁ ଦାଣ୍ଡରେ ହାତୀ ଛୁଆ।

# ତୀର୍ଥଯାତ୍ରାରେ ଗଲେ ୫ ଜିଲାର ୯୭୦ବରିଷ୍ଠ ନାଗରିକ

ବାଲେଶ୍ୱର, ୫।୧(ମାନସ ବିଶ୍ୱାଳ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବାଲେଶ୍ୱର ରେଳଷ୍ଟେଶନରୁ ଶୁକ୍ରବାର ୧୨ଟା ୪୫ମିନିଟ୍‌ରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଆଦି ୫ଟି ଜିଲାର ୯୭୦ଜଣ ତୀର୍ଥଯାତ୍ରୀ ଓ ୩୦ଜଣ ଏସ୍କର୍ଟ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ଉଜ୍ଜୈନ ଓମକାରେଶ୍ୱର ତୀର୍ଥସ୍ଥଳୀକୁ ଯାତ୍ରା କରିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଷ୍ଟେଶନର ୧ନମ୍ବର ପ୍ଲାଟଫର୍ମରେ ଲାଗିଥିବା ସ୍ୱତନ୍ତ୍ର ତୀର୍ଥଯାତ୍ରା ଟ୍ରେନ୍ ନିକଟରେ ଏକ ସଭା ଆୟୋଜନ କରାଯାଇଥିଲା। ଅତିଥି ଭାବେ ଯୋଗଦେଇ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଓଟିଡିସିର ଅଧ୍ୟକ୍ଷ ଲେନିନ ମହାନ୍ତି, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି ଯାତ୍ରାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବାର୍ତ୍ତା ମାଧ୍ୟମରେ ଏହି ତୀର୍ଥଯାତ୍ରାର ସଫଳତା କାମନା କରିବା ସହ ତୀର୍ଥଯାତ୍ରୀମାନଙ୍କର ଶୁଭମନାସି ଥିଲେ। ଶେଷରେ ଅତିଥିମାନେ ପତାକା ହଲାଇ ଟ୍ରେନ୍‌କୁ ବିଦାୟ ଦେଇଥିଲେ।



ବାଲେଶ୍ୱର ଷ୍ଟେଶନରେ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ କରାଯାଉଛି।

ପ୍ରକାଶଥାଉ କି, ଏହି ଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ଜିଲା ପ୍ରଶାସନର ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରଠାରେ ଥିବା ପଦ୍ମାବତୀ ୱାଟର ପାର୍କରେ ଗତ ଗୁରୁବାର ଆସି ପହଞ୍ଚିବାପରେ ସେଠାରେ ସେମାନଙ୍କର ପଞ୍ଜିକରଣ କରାଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା। ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦି ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ଶୁକ୍ରବାର ସକାଳୁ ବାଲେଶ୍ୱର ଜିଲା ପ୍ରଶାସନ ବ୍ୟବସ୍ଥାରେ ସେମାନଙ୍କୁ ଷ୍ଟେଶନ ଅଣାଯାଇ ପାରମ୍ପରିକ ନୃତ୍ୟ ଗୀତ ଆଦି ମାଧ୍ୟମରେ ଷ୍ଟେଶନ ପ୍ରବେଶ କରାଯାଇଥିବା ବେଳେ ଆଇଆର୍‌ସିଟିସି ତରଫରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରା ନିମନ୍ତେ ସେମାନଙ୍କୁ ଏକ ପରିଚୟପତ୍ର, ରେଳ ଟିକେଟ ଓ ବ୍ୟବହାର୍ଯ୍ୟ ସାମଗ୍ରୀ ଥିବା ଏକ କିଟ୍ ପ୍ରଦାନ କରାଯାଇଥିଲା। ଆଇଆର୍‌ସିଟିସି ଦ୍ୱାରା ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କର ରହିବା, ଯିବା ଆସିବା, ଖାଦ୍ୟ ପାନୀୟ ବ୍ୟବସ୍ଥା ସହ ଗସ୍ତ ଜଗୁଆଳି, ପଥ ପ୍ରଦର୍ଶକ, ଯାତ୍ରୀବୀମା ଏବଂ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଯାତ୍ରା ନିମନ୍ତେ ଜିଲା ପ୍ରଶାସନର ପର୍ଯ୍ୟଟନ ଉପବିଭାଗ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ବେଳେ ଅନ୍ୟାନ୍ୟ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ସହଯୋଗ କରିଥିଲେ। ଏହି ତୀର୍ଥଯାତ୍ରା ସାରି ସେମାନେ ଆସନ୍ତା ୧୧ତାରିଖରେ ଫେରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ତଥ୍ୟ ଲୁଚାଇ ଦୋଷ ...

ମୃତ୍ୟୁ ପରେ ପୋଲିସ ପାଖକୁ ପଠାଯିବା ପରେ ଅଭିଭାବକ ଦସ୍ତଖତ କରି ମୃତଦେହକୁ ନେଇଥିଲେ। ବ୍ୟବଚ୍ଛେଦ ପରେ ସେମାନେ ମୃତଦେହର ସତ୍କାର କରିଥିଲେ। ହସ୍ପିଟାଲ ମୃତଦେହ ଚିହ୍ନିପାରିବ ନାହିଁ ବୋଲି ପାଢୀଯୋଶୀ କହିଛନ୍ତି। ଏପଟେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ମୃତଦେହ ଚିହ୍ନଟ କରିବାରେ ପୋଲିସର କୌଣସି ଭୂମିକା ନାହିଁ। ପ୍ରଥମେ କ'ଣ ହୋଇଥିଲା, କେଉଁ ବ୍ୟକ୍ତି ତାଙ୍କୁ ପ୍ରଥମେ ଚିହ୍ନଟ କରିଥିଲେ, ପରିବାର ଲୋକ ଠିକ୍ ଭାବେ ମୃତଦେହ ଚିହ୍ନିଥିଲେ କି ନାହିଁ ସେସବୁ ଦିଗକୁ ନେଇ ତଦନ୍ତ କରାଯିବ। କାହା ତ୍ରୁଟିରୁ ଏଭଳି ହୋଇଛି ସେନେଇ ଠିକ୍ ଭାବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ସିଂ କହିଛନ୍ତି।

ଦିଲ୍ଲୀପଙ୍କ ମା' ଅହଲ୍ୟା ସାମନ୍ତରାୟ କାନ୍ଦି କାନ୍ଦି କହିଛନ୍ତି, ତାଙ୍କ ପୁଅକୁ ଥରୁଟିଏ ହସ୍ପିଟାଲ କର୍ତ୍ତୃପକ୍ଷ ଦେଖାଇଲେ ନାହିଁ। ଦେଖାଇଥିଲେ ସେ ଉକ୍ତ ଦିନ ଜାଣିପାରିଥାନ୍ତେ ବୋଲି ସେ କହିଛନ୍ତି। ଦିଲ୍ଲୀପଙ୍କ ଶ୍ୱଶୁର ତଥା ସୌମ୍ୟାଶ୍ରୀଙ୍କ ବାପା ସଦାଶିବ କହିଛନ୍ତି, ତାଙ୍କ ଝିଅଙ୍କ ଜୀବନ ଅଯଥାରେ ଚାଲିଗଲା। ଏଥିପାଇଁ ହସ୍ପିଟାଲ ଦାୟୀ। ଏହି ଘଟଣାରେ ଉଚିତ୍ ନ୍ୟାୟ ଦିଆଯାଉ। ଏଥିସହ ଜ୍ୱାଇଁ ଦିଲ୍ଲୀପଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ଏସି ଟେକ୍ନିସିଆନ୍ ସଂଘ ସଭାପତି ଅମିୟ ଧଳ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଅମିୟଙ୍କ କହିବା କଥା, ଚୁକ୍ତି ଅନୁଯାୟୀ ସବୁ ଜିନିଷ ହସ୍ପିଟାଲ ଦେବାକୁ ଥିବା ବେଳେ ଆହତମାନେ ଶ୍ରମିକ ହିସାବରେ କାମ କରିଥିଲେ। ଏସି ସଜାଡ଼ିବା ପାଇଁ ଘଟଣାଦିନ ନାଇଟ୍ରୋଜେନ୍ ଗ୍ୟାସ୍ ପରିବର୍ତ୍ତେ ଅକ୍ସିଜେନ୍ ଗ୍ୟାସ୍ ଦିଆଯାଇଥିଲା ବୋଲି ସନ୍ଦେହ ହେଉଛି। ଅକ୍ସିଜେନ୍ ନିଆଁର ସହାୟକ ହୋଇଥିବାରୁ ଏଭଳି ବିସ୍ଫୋରଣ ହୋଇ ଅଘଟଣ ଘଟିଥାଇପାରେ। ଏନେଇ ତଦନ୍ତ ହେବା ଆବଶ୍ୟକ। ଅନ୍ୟପକ୍ଷରେ ଦିଲ୍ଲୀପଙ୍କ ପଞ୍ଚାୟତ ବାସିନ୍ଦା ତଥା ପୁରୀ ଜିଲା ମହିଳା କଂଗ୍ରେସ ସଭାପତି ନିରୁପମା ପାତ୍ର କହିଛନ୍ତି, ଦିଲ୍ଲୀପଙ୍କ ମୃତ୍ୟୁ ଖବର ପାଇ ଗାଁପିଲାଙ୍କ ସହ ହସ୍ପିଟାଲକୁ ଆମେ ଆସିଥିଲୁ। ହସ୍ପିଟାଲର ୧୦ରୁ ୧୫ ଜଣ ବାଉନ୍‌ସର ଧମକେଇ ଦସ୍ତଖତ କରାଇବା ପରେ ମୃତଦେହ ହସ୍ତାନ୍ତର କରିଥିଲେ। ପରିବାର ଲୋକଙ୍କୁ ହସ୍ପିଟାଲ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଥିଲେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ପାତ୍ର କହିଛନ୍ତି।

### ୩୦ ନା ୩୧ ...

ଭୂତଳ ଚାପଯୁକ୍ତ ପାଇପ୍ ପ୍ରଣାଳୀରେ ଜଳସେଚନ ସୁବିଧା ଉପଲବ୍ଧ ହେଉଥିବାରୁ କେନାଲ ପାଇଁ ଜମି ଅଧିଗ୍ରହଣ କରିବାକୁ ପଡ଼ିବ ନାହିଁ ବୋଲି କୁହାଯାଇଥିଲା। ଉଦ୍‌ଘାଟନୀ ସଭାରେ ସୁକ୍‌ତେଲ ଡ୍ୟାମ ଉଚ୍ଚତା ୩୧ ମିଟର କୁହାଯାଇଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଡ୍ୟାମ୍ ଉଚ୍ଚତା ୧ ମିଟର ବୃଦ୍ଧି ପାଇଥିବାରୁ ଅଧିକ ଗାଁ, ଜମି, ଜଙ୍ଗଲ ଜମି ବୁଡିବ କି ବୋଲି ପ୍ରଶ୍ନ ଉଠିଛି। ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନେଇ ମୂଳରୁ ବହୁ ବିଭ୍ରାନ୍ତି ଲାଗି ରହିଥିଲା। ପୂର୍ବରୁ ସରକାରୀ ସ୍ତରରେ ଏହି ଡ୍ୟାମ୍‌ର ଉଚ୍ଚତା ୩୬ ମିଟର ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ଉଚ୍ଚତା ୩୦ ମିଟର ବୋଲି କୁହାଗଲା। ଦୀର୍ଘବର୍ଷ ଧରି ଡ୍ୟାମ୍ ଉଚ୍ଚତା ୩୦ ମିଟର କୁହାଯିବା ପରେ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ କିନ୍ତୁ ଏହାର ଉଚ୍ଚତା ୩୧ ମିଟର ବୋଲି କୁହାଯାଇଥିଲା। କେଉଁ କାରଣରୁ ଏହା ୩୧ ମିଟର ଉଚ୍ଚ ବୋଲି କୁହାଗଲା ଏବଂ ଡ୍ୟାମ୍ ଉଚ୍ଚତା ୧ ମିଟର ବଢ଼ିବା ପରେ ପ୍ରକଳ୍ପରେ କ'ଣ ସବୁ ପରିବର୍ତ୍ତନ ହେଲା କି ନାହିଁ ସେନେଇ ସୂଚନା ଦିଆଗଲା ନାହିଁ। ଏ ସଂକ୍ରାନ୍ତରେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ସୁନୀଲ ରାଉତଙ୍କୁ ପଚାରିବାରୁ ସୁକ୍‌ତେଲ ଡ୍ୟାମ ଉଚ୍ଚତା ବଢ଼ିନାହିଁ, ତାହା ୩୦ ମିଟର ରହିଛି ବୋଲି କହିଛନ୍ତି। ଏହି ପ୍ରକଳ୍ପର ମାଟିବନ୍ଧ ସର୍ବାଧିକ ସ୍ତର ୨୧୦ ମିଟର ରହିଛି। ଜଳଭଣ୍ଡାରର ସର୍ବାଧିକ ଜଳସ୍ତର (ଏଫ୍‌ଆରଏଲ) ୨୦୬ ମିଟର ଏବଂ ସର୍ବନିମ୍ନ ଜଳସ୍ତର ୧୯୭ ମିଟର ରହିଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଣୁ ୨୯ଟି ପ୍ରଭାବିତ ଗାଁ ବାଦ୍ କୌଣସି ଅଧିକ ଗାଁ ବୁଡିବ ନାହିଁ କି ଅଧିକ ଜମି କିମ୍ବା ଜଙ୍ଗଲ ବୁଡିବ ନାହିଁ ବୋଲି ସେ କହିଛନ୍ତି।

ମରୁଡ଼ି, ଦାଦନ, ଦାରିଦ୍ର୍ୟ ଏବଂ ଅନଗ୍ରସରତା ପାଇଁ ଚର୍ଚ୍ଚିତ ରହିଆସିଥିବା ବଲାଙ୍ଗୀର ଜିଲାରେ ବୃହତ୍ ଜଳସେଚନ ପ୍ରକଳ୍ପର ପରିକଳ୍ପନାକୁ ସବୁବେଳେ ଜୋର ଦିଆଯାଇଆସୁଥିଲା। ୧୯୭୯ରୁ ପ୍ରାରମ୍ଭିକ ସର୍ଭେ ହୋଇଥିବା କୁହାଯାଇଥିଲେ ମଧ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ୧୯୯୭ରେ କେନ୍ଦ୍ରୀୟ ଜଳ ଆୟୋଗ ମଞ୍ଜୁରୀ ମିଳିଥିଲା। ୧୯୯୮ରେ ପ୍ରକଳ୍ପର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ଏବଂ ୧୯୯୯ରେ ପ୍ରଶାସନିକ ମଞ୍ଜୁରୀ ମିଳିଥିଲା। ୧୯୯୪ ମସିହା ମୂଲ୍ୟାଙ୍କରେ ପ୍ରକଳ୍ପର ମୂଳ ବ୍ୟୟ ଅଟକଳ ୨୧୭.୧୩ କୋଟି ଟଙ୍କା ରହିଥିଲା। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ ଏବଂ ୨୦୦୫ରେ ତତ୍କାଳୀନ ଲୋଇସିଂହା ବିଧାୟକ ନରସିଂହ ମିଶ୍ର ସ୍ପିଲ୍‌ୱେର ଶିଳାନ୍ୟାସ କରିଥିଲେ। ତେବେ ବିସ୍ଥାପିତଙ୍କ ତୀବ୍ର ଆନ୍ଦୋଳନ ଓ ପ୍ରତିରୋଧ ଯୋଗୁ ବହୁବର୍ଷ ଧରି ପ୍ରକଳ୍ପ କାମ ବନ୍ଦ ରହିଥିଲା।

### ନ୍ୟାଟ୍‌ଜିଓରେ ଆଜି ପ୍ରସାରିତ ହେବ ଲୋୟର ସୁକତେଲ କାହାଣୀ




**ଭୁବନେଶ୍ୱର, ୫।୧(ଅସମାପିକା ସାହୁ):** ଲୋୟର ସୁକତେଲ ଡ୍ୟାମ୍ କାହାଣୀ ଶନିବାର ସନ୍ଧ୍ୟା ୭ଟାରେ ନ୍ୟାଶନାଲ ଜିଓଗ୍ରାଫିକ୍ ଚ୍ୟାନେଲରେ ପ୍ରସାରିତ ହେବ। ବଲାଙ୍ଗୀର ଜିଲାରେ ଜଳସେଚନ ଓ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ରୂପାନ୍ତରଣ ପ୍ରକଳ୍ପ ହେଉଛି ଲୋୟର ସୁକତେଲ ଡ୍ୟାମ୍। ଓଡ଼ିଶାର ବିକାଶଧାରାରେ ସାମିଲ ହୋଇଥିବା ଲୋୟର ସୁକତେଲ ଡ୍ୟାମ୍ କିଭଳି ତିଆରି ହୋଇଥିଲା, ଏହି ବୃହତ୍ ପ୍ରକଳ୍ପ କିପରି ବଲାଙ୍ଗୀର ଓ ସୋନପୁର ଜିଲାର ଜୀବନରେଖା ପାଲଟିଛି, କୃଷି ଓ କୃଷକଙ୍କ ପାଇଁ ନିଆଯାଇଥିବା ଏହି ଐତିହାସିକ ପଦକ୍ଷେପ ନ୍ୟାଟ୍‌ଜିଓର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସୁପରଷ୍ଟ୍ରକ୍ଚର' ମାଧ୍ୟମରେ ସାରା ବିଶ୍ୱ ଦେଖିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏହାଦ୍ୱାରା ବଲାଙ୍ଗୀର ଓ ସୋନପୁର ଦୁଇ ଜିଲାର ୨୦୩ଟି ଗାଁର ୧ଲକ୍ଷ ଏକର ଜମିକୁ ପାଣି ମିଳିବ। ୭୦ହଜାରରୁ ଅଧିକ ଲୋକ ପିଇବା ପାଣି ସୁବିଧା ପାଇବେ।

### ଶିକ୍ଷାନୁଷ୍ଠାନ ବଦଳାଇପାରିବେ ...

ବଦଳି ପାଇଁ ଆବେଦନ କରିପାରିବେ। ତେବେ ଏସବୁର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏହି ଆବେଦନ ପ୍ରକ୍ରିୟା ୧୨ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ୧୩ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯେଉଁ ଉଚ୍ଚ ମାଧ୍ୟମିକ ସ୍କୁଲ ଛାଡ଼ିବେ ସେଠାରେ ଯାଞ୍ଚ ହେବ। ପରେ ଜିଲା ନୋଡାଲ ସାମ୍ସ ରିସୋର୍ସ ସେଣ୍ଟରରେ ୧୭ ତାରିଖ ପର୍ଯ୍ୟନ୍ତ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ୧୬ରୁ ୨୨ ତାରିଖ ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଆବେଦନ ରିଭ୍ୟୁ ଓ ଆପ୍ରୁଭାଲ ହେବ। ଅନୁମତି ପାଇଥିବା ଛାତ୍ରୀଛାତ୍ର ୧୭ରୁ ୨୭ତାରିଖ ମଧ୍ୟରେ ନୂଆ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ।

# ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ: ୩ ଯବାନ ଆହତ

ବୌଦ୍ଧ,୫।୧
(ଅଜିତ କୁମାର ବାରିକ)

ଶୁକ୍ରବାର ପୂର୍ବାହ୍ନରେ ବୌଦ୍ଧ ଜିଲା ସୀମାନ୍ତ ଜଙ୍ଗଲରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୩ ଯବାନ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, କନ୍ଧମାଳ ଜିଲା ଓ ବୌଦ୍ଧ ଜିଲା ସୀମାନ୍ତ ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ବାତେପଙ୍ଗା ଜଙ୍ଗଲରେ ଏସଓଜି ଯବାନ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ମାଓବାଦୀମାନେ ବିଛାଇଥିବା ଆଇଇଡି ବିସ୍ଫୋରଣ ଘଟିବାରୁ ୩ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ସୀମାନ୍ତ ଜଙ୍ଗଲରେ କନ୍ଧମାଳ ପଟୁ ଏହି ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିବା ସୂଚନା ମିଳିଛି। ତେବେ ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଆହତ ଯବାନଙ୍କୁ ଜଙ୍ଗଲରୁ ଉଦ୍ଧାର କରିବାକୁ ଅନ୍ୟ ଯବାନମାନଙ୍କୁ ପଠାଯାଇଥିବା ଜଣାପଡ଼ିଛି। ସେମାନଙ୍କ ଚିକିତ୍ସା ପାଇଁ ମନମୁଣ୍ଡା ଡାକ୍ତରଖାନା ,ବାଉଁଶୁଣୀ ଡାକ୍ତରଖାନା ସମେତ ପଡୋଶୀ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନଙ୍କୁ ଆଲର୍ଟ ରଖାଯାଇଛି। ଏ ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ଏ ନେଇ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ସୂଚନା ଦେଇ ନ ଥିଲେ।

# ହାର୍ଡକୋର ମାଓବାଦୀ ପାରୋଙ୍କ ଆତ୍ମସମର୍ପଣ

ମାଲକାନଗିରି,୫।୧
(ଦୁର୍ଯ୍ୟୋଧନ ପାତ୍ର)


ଆତ୍ମସମର୍ପଣ କରିଥିବା ପାରୋ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ମହିଳା ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ପୋଡିୟମ କୋସି ଓରଫ ପାରୋ। ପାରୋଙ୍କ ନାମରେ ଛତିଶଗଡ଼ ସରକାର ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ତାଙ୍କ ଘର ସୁକ୍‌ମା ଜିଲା କସଲପାଡ ଥାନା ଅନ୍ତର୍ଗତ ଚିନ୍ତାଗୁମ୍ଫା ଗ୍ରାମରେ। ପାରୋ ମାଓବାଦୀଙ୍କ ଉତ୍ତର ବସ୍ତର ଡିଭିଜନ ଅନ୍ତର୍ଗତ ପୂର୍ବ ପ୍ଲାଟୁନ୍ ନମ୍ବର ୧୭ର ସଦସ୍ୟ ଥିଲେ। ସେ ୨୦୧୧ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ବାଲ୍ ସଙ୍ଗମ ସଦସ୍ୟା ଥିଲେ। ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ କରିଗୁଣ୍ଡମ ଆର୍‌ପିସି ମିଲିସିଆ ସଦସ୍ୟା ଓ ୨୦୧୭ରୁ ଏଯାବତ୍ ପ୍ଲାଟୁନ ନଂ. ୧୭ର ସଦସ୍ୟା ଭାବେ କାର୍ଯ୍ୟ କରି ଆସୁଛନ୍ତି। ୨୦୧୮ରେ ସୁରେଲି ଜଙ୍ଗଲରେ ପୋଲିସ ଟିମ୍ ଉପରେ ଗୁଳି ବର୍ଷଣ ଘଟଣାରେ ସେ ସାମିଲ ଥିଲେ। ୨୦୧୯ରେ ମଧ୍ୟ ପାରୋ କାମତା ଜଙ୍ଗଲରେ ପୋଲିସ ସହ ଗୁଳି ବିନିମୟରେ ଜଡ଼ିତ ଥିଲେ। ତେବେ ବର୍ତ୍ତମାନ ଛତିଶଗଡ଼ ସରକାରଙ୍କ ମାଓବାଦୀ ଦମନ ଅଭିଯାନ ନୂଆ ସକାଳ, ନୂଆ ପ୍ରାରମ୍ଭ କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି। ପାରୋଙ୍କୁ ସରକାରଙ୍କ ପକ୍ଷରୁ ରହିଥିବା ସମସ୍ତ ସୁବିଧା ସୁଯୋଗ ମିଳିବ ବୋଲି ଡିଆର୍‌ଜି ବାହିନୀ ଡିଆଇଜି ସଞ୍ଜୟ ସିଂ, କୋବ୍ରା ବାହିନୀ-୨୦୬ର ଏସ୍‌ପି ଅରବିନ୍ଦ ପଟେଲ କହିଛନ୍ତି।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କଲେ ସ୍ୱାମୀ

**ପାଟଣାଗଡ଼, ୫।୧(ପ୍ରହ୍ଲାଦ ପାଢ଼ୀ):** ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ବ୍ରହ୍ମପୁରା ଗାଁରେ ଶୁକ୍ରବାର ହତ୍ୟାକାଣ୍ଡ ଘଟିଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ଅଞ୍ଜନା ବାଗ(୪୭)। ସକାଳ ପ୍ରାୟ ୯ଟା ସମୟରେ ମାୟାବତୀ ନଦୀକୁ ଅଞ୍ଜନା ଗାଧୋଇବାକୁ ଯାଉଥିଲେ। ତାଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ଅଟକାଇ କୌଣସି କଥାକୁ ନେଇ ଝଗଡ଼ା କରିଥିଲେ। ଏଥିରେ ଉତ୍ତେଜିତ ହୋଇ କୃଷ୍ଣଚନ୍ଦ୍ର ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଅଭିଯୋଗ ପାଇ ପାଟଣାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। କୃଷ୍ଣଚନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

# ଫାଙ୍କା ଗୁଳି ଚଳାଇ ସୁନା ଭର୍ତ୍ତି ବ୍ୟାଗ୍ ନେଇଗଲେ

ପାଟଣା,୫।୧
(ବୀର କିଶୋର ଦାଶ)

କେନ୍ଦୁଝର ପାଟଣା ଥାନା ଟାଙ୍ଗରପଡ଼ା ଚତୁରୀ ସାହିରେ ଏକ ଗହଣା ବ୍ୟବସାୟୀଙ୍କ ଘରେ ଶୁକ୍ରବାର ସନ୍ଧ୍ୟାରେ ଲୁଟ୍ ହୋଇଛି। ୪ ଦୁର୍ବୃତ୍ତ ଫାଙ୍କା ଗୁଳି ଫୁଟାଇ ୭୦ ଗ୍ରାମର ସୁନା ଓ ରୁପା ନେଇଯାଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।

ସୂଚନା ଅନୁଯାୟୀ, ଟାଙ୍ଗରପଡ଼ା ବଜାର ଉପରେ ବାବଲୁ ରାନାଙ୍କ ଏକ ଅଳଙ୍କାର ମରାମତି ଦୋକାନ ରହିଛି। ସନ୍ଧ୍ୟା ୬ଟାରେ ବାବଲୁଙ୍କ ପୁଅ ଅଭିଜିତ୍ ଦୋକାନ ବନ୍ଦ କରି ଏକ ବ୍ୟାଗରେ ସୁନା ନେଇ ମା' ରିନା ରାନାଙ୍କୁ ଘର ଗେଟ୍ ପାଖରେ ଦେଉଥିଲେ। ସେ ସମୟରେ ୪ ଦୁର୍ବୃତ୍ତ ମୁହଁରେ ଟୋପି ପିନ୍ଧି ବାଇକ୍‌ରେ ଆସି ଅତର୍କିତ ଭାବେ ପିସ୍ତଲରେ ଆକାଶକୁ ଫାଙ୍କା ଗୁଳି ଚଳାଇ ସୁନା ଥିବା ବ୍ୟାଗ ଲୁଟି ନେଇଥିଲେ। ଲୁଟ୍ ହୋଇଥିବା ବ୍ୟାଗ୍‌ରେ ୨୦ଟି ସୁନା ତୁଳସୀ ପତ୍ର, ଇୟର ରିଂ ୭, ସୁନା ଚେନ୍ ୧, ଦେଢ଼ କିଗ୍ରା ରୁପା ଥିବା ଅଭିଜିତ ସୂଚନା ଦେଇଛନ୍ତି। ପାଟଣା ଥାନାରେ ଅଭିଯୋଗ ପରେ ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ତନାଘନା ଆରମ୍ଭ କରିଛି।


## GOVERNMENT OF ODISHA
No.B-1550:
## OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA
E-mail ID:eepwdjsg2014@gmail.com, Telephone:06645-271242, Kalimandir Road, Jharsuguda, 768202
"e" Procurement Notice
Bid Identification No.SE-R&B-JSG-14 of 2023-24

| | | | |
|---|---|---|---|
| 1. | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single/Double Cover** system on ON-LINE mode from eligible contractors for Construction of **Civil Work/ Electrical Works as detailed in DTCN.** | | |
| 2. | Nature of Work | : | **Civil Work & Electrical Work** |
| 3. | Estimated Cost | : | Rs.9.56 Lakhs to Rs.96.00 Lakhs |
| 4. | No. of Work | : | 03 (Three) Nos. |
| 5. | Tender Cost | : | Rs.4000/-, Rs.6000/- & Rs.10,000/- (as per DTCN) |
| 6. | Class of Contractor | : | "D", "C", "B", Electrical MV/HT |
| 7. | Availability of bid document in the website | : | **10.00 A.M. of 05.01.2024 to 5.00 P.M. of 19.01.2024** |
| 8. | Date of Opening of Technical Bid (Cover-I) | : | 6.00 PM on Dt.19.01.2024 |
| 9. | The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

**Sd./- Executive Engineer, Jharsuguda (R&B) Division**
OIPR-34094/11/0017/2324



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୦୨ ତା:୦୨।୦୧।୨୪

### ବିଜ୍ଞାପନ

No. CAD-3562: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ଆଇଜି-୨-୭ (LIG-II-7) ଉନାପଦା, ଯାଜପୁର ଗୃହ ନିର୍ମାଣ ପ୍ରକଳ୍ପରେ ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ, (Mesco Kalinga Steel Ltd.) ପ୍ଲଟ ନଂ. ୩୧୧୫, ମେସ୍କୋ ଟାୱାର, ଲୁଇସ୍ ରୋଡ, କେଦାରଗୌରୀ ଛକ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା କମ୍ପାନୀ ଦ୍ୱାରା ନିଯୁକ୍ତ ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରଞ୍ଜିତ କୁମାର ବାରିକ (ଡିଜିଏମ୍, ଫାଇନାନ୍ସ, ଅଡ଼ିଟ, ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ.) ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଅଲେଖ ବେହେରା, ପିତା: କାମପାଳ ବେହେରା, ସା: ଭାଲିଆପାଟ, ପୋ: କାଶିପୁର, ଥାନା: ନିହାଲ ପ୍ରସାଦ, ଜିଲ୍ଲା: ଢେଙ୍କାନାଳଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0579/2324



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE
(Tel. Phone No.: 06782-262011 and e-mail: cdmo.balasore1@gmail.com)
Advt. No. 04/Balasore Date: 01.01.2024

### RE-ENGAGEMENT OF CONTRACTUAL RETIRED JUNIOR RADIOGRAPHERS/RETIRED JUNIOR LABORATORY TECHNICIANS

No. E-701: Applications are invited from eligible retire candidates for filling up the posts of Junior Radiographer/Junior Laboratory Technician of CDM&PHO, Balasore on temporary contractual basis for a period of 2 years only and can be extended for subsequent period of 2 years with the spells of 1 year each subject to satisfactory performance.

| Sl. No. | Name of the Posts | No. of Vacancy | Remarks |
|---|---|---|---|
| 1 | Junior Radiographer | 05 | Applications are invited through Regd. Posts only. |
| 2 | Junior Laboratory Technician | 05 | |

Eligible candidates are hereby informed to visit/login to the District Official website **www.baleswar.nic.in** to download the details terms, conditions & application format. The filled applications with required documents should reach at the O/o. the CDM&PHO, Balasore by 30.01.24 upto 5 P.M. on Regd. Post/Speed Post only.
The authority reserves the right to cancel/reject of any or all applications & modify the advertisement without assigning any reason thereof.

**Sd./- Chief District Medical & Public Health Officer, Balasore**
OIPR-10032/11/0019/2324



## Government of Odisha
No.TT-40
## Sports & Youth Services Department
Kalinga Stadium Sports Complex, Nayapalli, Bhubaneswar-751012
e-mail: deptsportsodisha@gmail.com
Date: 03/01/2024

### Request for Proposal

Sports & Youth Services Department, Government of Odisha invites bids from reputed agencies to the RfP for "**Engagement of Catering Agency for FIH Pro League 2023-24 at Kalinga Stadium, Bhubaneswar**."

| Sl. No. | RFP No. | Date |
|---|---|---|
| 1 | PT1-SYS-SEB-EVENTS-0013-2023/329 | 03/01/2024 |

The details of the documents are available at the below mentioned website.
Website: **https://sports.odisha.gov.in/**
Interested firms/ parties/ agencies are advised to study the RfP document carefully before submitting their bid.
**Important Dates and Information:**
**Date of Publication- 03-January-2024**
**Last date and time for sending Pre-bid queries - Date: 09-January-2024; Time: 02.00 P.M.**
**Pre-bid Meeting - Date: 09-January-2024; Time: 03.00 P.M.**
**Last date and time of submission of proposal - Date: 19-January-2024; Time: 03.00 P.M.**
**Opening of the Technical Bid - Date: 19-January-2024; Time: 5.00 P.M.**
**Sd/- Commissioner-cum-Secretary**

## Government of Odisha
## Sports & Youth Services Department
Kalinga Stadium Sports Complex, Nayapalli, Bhubaneswar-751012
e-mail: deptsportsodisha@gmail.com
Date: 03/01/2024

### Request for Proposal

Sports & Youth Services Department, Government of Odisha invites bids from reputed agencies to the RfP for "**Engagement of Catering Agency for FIH Pro League 2023-24 at Birsa Munda Hockey Stadium, Rourkela**."

| Sl. No. | RFP No. | Date |
|---|---|---|
| 1 | PT1-SYS-SEB-EVENTS-0013-2023/330 | 03/01/2024 |

The details of the documents are available at the below mentioned website.
Website: **https://sports.odisha.gov.in/**
Interested firms/ parties/ agencies are advised to study the RfP document carefully before submitting their bid.
**Important Dates and Information:**
**Date of Publication- 03-January-2024**
**Last date and time for sending Pre-bid queries - Date: 09-January-2024; Time: 02.00 P.M.**
**Pre-bid Meeting - Date: 09-January-2024; Time: 03.00 P.M.**
**Last date and time of submission of proposal - Date: 19-January-2024; Time: 03.00 P.M.**
**Opening of the Technical Bid - Date: 19-January-2024; Time: 5.00 P.M.**
OIPR-29001/11/0147/2324 **Sd/- Commissioner-cum-Secretary**



## OFFICE OF THE DIVISIONAL FOREST OFFICER, PHULBANI FOREST DIVISION
Phone: 06842-253617 (Off), Cell: 9437065299
Email: dfo.phulbani@odisha.gov.in

### SHORT TENDER NOTICE
**Bid Identification No. 07/DFO/PLB/CAMPA-2023-24, Dated: 04.01.2024**

No. MM-402: The Divisional Forest Officer, Phulbani Foest Division, Phulbani in the District of Kandhamal on behalf of Governor of Odisha invites Percentage Rate Bids to be received in online mode for following works from eligible & experienced contractors in similar nature of work registered with State Govt. & Contractor of equivalent Grant/Class registered with Central Govt./Railways. Short tender notice is invited owing to shortage of work days for completion of the infrastrcutre works.

| | | | |
|---|---|---|---|
| 1 | Nature of Work | : | Construction of Barrack at Ranipathar of Sundrukumpa Range |
| | | : | Construction of ACF Quarter at Phulbani |
| | | : | Construction of Ministerial Quarter at Phulbani |
| 2 | No. of Work | : | 03 (Three) |
| 3 | Period of Completion | : | 65 days for each work |
| 4 | Cost of Tender Paper | : | Rs.6000/- (Six thousands) only for each work |
| 5 | Estimated Cost (In Rs.) for above 3 works | : | Rs.21.05 lakh |
| | | : | Rs.16.95 lakh |
| | | : | Rs.10.86 lakh |
| 6 | Class of Contractor | : | D & C Only |
| 7 | Date & time of availability of bid document in portal | : | 11 A.M. of 06.01.2024 to 17.00 P.M. of 16.01.2024 |
| 8 | Receipt of Bid, Bid Cost, Bid Security documents etc. | : | Online Only |
| 9 | Date & Time of Opening of Technical Bid | : | 17.01.2024 at 11.00 A.M. |
| 10 | Other Details | : | As mentioned in DTCN |
| 11 | Online/Website details | : | **www.tendersodisha.gov.in www.odishaforest.in www.kandhamal.nic.in** |
| 12 | Any Addendum/ Corrigednum/ Cancellation | : | Shall be mentioned in above websites |
| 13 | Concession if any | : | 10% concession to SC/ST contractors over General Category contractors only on submission of Affidavit |
| 14 | Authority to accept/reject any tender | : | Divisional Forest Officer, Phulbani Forest Division |

**Sd./- Divisional Forest Officer**
**Phulbani Forest Division**
OIPR-08098/11/0009/2324



## OFFICE OF THE GENERAL MANAGER WATCO DIVISION, PURI, ODISHA
Phone:06752-223447/ e-Mail:eephpuri@gmail.com
No.C-2267 **INVITATIONS FOR BIDS (IFB)**
**Government of Odisha "e" Procurement Notice**
**Bid Identification No.39 of 2023-24, Dated 30.12.2023**

1. Name of the Work : Procurement, Installation, Testing and Commissioning of 30HP Stainless Steel Surface Aerator in Sewerage Treatment Plant Pond No.2 at Mangalaghat, Puri.
2. Estimated Cost : Rs.29.21 Lakhs
3. Period of Completion : 12 days
4. Date & time of availability of bid documents in the portal : 08.01.2024 (11.00 AM) to 17.01.2024 (5.00 PM)
5. Last date / time for receipt of bids in the portal : 5.00 PM of 17.01.2024
6. Date & Time of Opening of bids : 12.30 P.M. of 18.01.2024
7. Name and address of the Officer Inviting Bid :- General Manager, WATCO Division Puri, Phone:06752-223447 Fax:06752-223447 E-mail: eephpuri@gmail.com
8. The bidders have to participate in ONLINE bidding only.

**Sd./-General Manager, (WATCO, PURI)**
OIPR-13206/11/0007/2324



## GOVERNMENT OF ODISHA
No.i-573
## OFFICE OF THE PANCHAYAT SAMITI DANAGADI, JAJPUR
**'E' PROCUREMENT NOTICE NO. Tender Online 04 Danagadi of 2023-24**

1. Name of work : Construction of GPLF Training Centre, Dormitory with Toilet, Repair & renovation of CC road from Expressway to Tomka PHC and Repair & renovation of EMRS, Rampilo
2. Total No. of Work : 17 Nos. of work
3. Estimated Cost (Approx.) : 24,92,120.00 to 51,72,677.00 Lakhs
4. Period of completion : 1 month to 6 months
5. Class of contractors : A, B & C

**Other details as follows:**
a) Procurement Officer : Block Development Officer, Danagadi, Jajpur
b) Availability of tender online & submission of bid : 10.01.24 at 10.00 A.M. to 23.01.24 upto 5.00 PM
c) Last date & time of seeking of tender clarification : 22.01.24 upto 5.00 PM
d) Opening of Tender : 24.01.24 at 11.30 A.M.

Further details can be seen from the Govt. website **www.tendersodisha.gov.in**
**Sd./- Block Development Officer, Danagadi**
OIPR-19188/11/0003/2324



## WORKS DEPARTMENT
## OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA
No.B-1547: E-Mail Id - eepwdrkl@gmail.com
**Government of Orissa "e" Procurement Notice**
**Bid Identification No.:109/ 2023-24 Dated:28.12.2023**

1. Number of works : 1(One) number of Works
2. Estimated cost : Rs. 19.65 Lakhs
3. Period of completion : 3 (Three) calendar months
4. Date & Time of availability of bid document in the portal: : Dt. 05.01.2024 at 11.00 A.M.
5. Last date/ Time for receipt of bids in the portal: : Dt 19.01.2024 up to 05.00 P.M.
6. Date of opening of Bid : Dt.20.01.2024 at 11.00 A.M.
7. Name and Address of the Officer Inviting Bid : Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal **"http//tendersorissa.gov.in"**
**Sd./-Superintending Engineer**
**Rourkela (R&B) Division**
OIPR-34068/11/0031/2324



## OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
## GOVERNMENT OF ODISHA
## "e" PROCUREMENT NOTICE
## WORKS DEPARTMENT
E-mail: ceworldbankprojects@gmail.com
**2nd Corrigendum to Bid Identification No. CE-W.B.P.(O) - 37/2023-24**

No. B-1551: Following changes are made to the Invitation for the work "Construction of H.L. Bridge over river Brahmani at Talcher connecting Talcher to Khalpal in the District of Agnul under State Plan for the year 2023-24" vide Bid Identifcation No. CE-WBP(O)-37/2023-24.

- The last date of submission of tender is extended upto 5.00 P.M. of Dt. 11.01.2024.
- Bids received online shall be opened at 3.00 P.M. of 12.01.2024.

All other terms and conditions remain unchanged,
**Sd./- Chief Engineer**
**World Bank Project, Odisha**
OIPR-34003/11/0080/2324



## ZILLA PARISHAD OFFICE, BALANGIR
**Short Tender Call Notice No. / Date:**

No. CAD-3572: C.D.O.-cum-E.O., Zilla Parishad Office, Balangir invites sealed tenders in Double Covers (Technical & Financial) from reputed and experienced Printing Press/Firms based in Odisha for Printing of Leaflets & Booklets for Documentation.
Last date for purchase/download of Tender documents is 12.01.2024, Last date for submission of Tender documents is 12.01.2024 by 5.00 P.M. and Bid will be opened on 16.01.2024 at 11.00 A.M. Detailed tender papers terms and conditions can be downloaded from Govt. website between 04.01.2024 to 12.01.2024. For details of the tender & downloading the paper please visit the district website **www.balangir.nic.in**.
**Sd./- C.D.O.-cum-E.O., Zilla Parishad, Balangir**
OIPR-19367/11/0005/2324



## OFFICE OF THE SUPERINTENDENT GOVERNMENT MEDICAL COLLEGE & HOSPITAL, SUNDARGARH
At/P.O.: Sankara, Dist.: Sundargarh, PIN - 770020, Odisha
email: sundargarhmchsuperintendent@gmail.com
Letter No. 35/GMCH, SNG. Dated: 03.01.2024

### TENDER CALL NOTICE
### FOR SUPPLY OF HOSPITAL DIET (DRY, LIQUID, COOKED) FOR INDOOR PATIENTS OF GOVERNMENT MEDICAL COLLEGE & HOSPITAL, SUNDARGARH

No. E-697: Sealed tender is hereby invited from registered reputed Company/Firms/ Society/Proprietor for outsourcing of Hospital Diet Service (Dry, Liquid, Cooked) for indoor patients of Government Medical College & Hospital, Sundargarh. Interested Company/Firm/Society/Proprietor should submit their proposal through Speed Post/ Regd. Post/Courier directly to the Office of the Superintendent, Government Medical College & Hospital, Sundargarh, At/P.O.: Sankara, P.S.: Town, Sundargarh, Dist.: Sundargarh (Odisha) - 770020. The detail Tender Call Notice is available in the DMET, Odisha website **https://dmetodisha.gov.in/**, district website **sundergarh.nic.in** and GMCH, Sundargarh website **gmchsng.odisha.gov.in**.
The undersigned reserves the right to reject/cancel the Tender in full or part at any time without assigning any reason thereof.

| | | |
|---|---|---|
| Date of Publication of Tender | : | 03.01.2024 |
| Last Date of Receipt of Tender | : | 25.01.2024 |
| Pre-Bid Meeting | : | 10.01.2024 |
| Date of Opening of Technical Bid | : | 29.01.2024 |

**Sd./- Superintendent**
**Government Medical College & Hospital, Sundargarh**
OIPR-10227/11/0003/2324



## CHIEF DISTRICT MEDICAL & PUBLIC HEALTH OFFICER, BOUDH, PIN - 762014
### EXPRESSION OF INTEREST FOR HIRING OF VEHICLE
**No. 08** **Date: 03.01.2024**

No. E-700: Sealed tenders are invited from the interested Travel Agencies/Individual for immediate hiring of vehicle including Driver for engagement in the Office of the CDM & PHO-cum-DMD, Boudh for monitoring and implementation of different health programmes by the programme wing officers on monthly/daily hiring basis. Interested travel agencies/individuals may submit offers mentioning monthly hiring charges & per Liter DOL consumption in KM. The tender papers along with terms & conditions will be available at district portal '**https://boudh.nic.in**'. The tender containing technical & financial bid in separate sealed cover should reach to the "CDM & PHO-cum-District Mission Director, Boudh, PIN - 762014 on or before 25.01.2024 along with all the relevant documents through Speed Post/Registered Post/Courier service only. The tender will be opened on 29.01.2024 in the office chamber of the undersigned.
The undersigned reservers the right to reject any or all tender without any reason thereof.
**Sd./- CDM&PHO-cum-District Mission Director, Boudh**
OIPR-10107/11/0009/2324



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER:JAJPUR
### TENDER CALL NOTICE
**Ref.No.193** **Date:04.01.2024**

**No.E-702:** "It is for information to all the parties concerned to submit their bid for (Supply of Medicines & Consumables for the year 2023-2024) to the office of the CDM&PHO, Jajpur on or before 25.01.2024 at 4 PM by Speed Post, Courier Service, registered post only. For terms and conditions regarding Tender Call, please log on to the website www.jajpur.nic.in.
The interested parties with valid documents may participate in tender process himself or with their representatives with applicable terms and conditions."
**Sd./- Chief District Medical & Public Health Officer, Jajpur**
OIPR-10042/11/0013/2324



## OFFICE OF THE PANCHAYAT SAMITI, PALLAHARA
(E-Mail ID- ori-bangul@nic.in)
**NOTICE NO.- 15** **DATE- 03.01.2024**

No.i-572:- The Block Development Officer, Pallahara invites Short Sealed Tenders for selection of Printing Press/Firms for **PRINTING OF LEAFLETS & BOOKLETS.** The sale of bid documents will be available in website of Angul www.angul.nic.in **from 05.01.2024 to 10.01.2024**. Interested parties may visit the website for detail information.
**Sd./- Block Development Officer, Pallahara**
OIPR-19276/11/0002/2324



### TENDER CALL NOTICE FOR EMPANELMENT OF MEDICINE STORES FOR SUPPLY OF DRUGS, CONSUMABLES & OTHER ITEMS TO BHIMA BHOI MEDICAL COLLEGE & HOSPITAL, BALANGIR FOR THE YEAR 2023-24

**No.E-706:** Sealed Tender is invited from intending medicine store owner for supply of Drugs, Consumables & other items to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before Dt.29.01.2024 upto 5.00 PM in the office of the Superintendent, BBMC&H, Balangir. The details and terms & conditon can be downloaded from https://bbmchbalangir.nic.in, www.balangir.nic.in, www.dmetodisha.gov.in.
**Superintendent**
**Bhima Bhoi Medical College & Hospital, Balangir**
OIPR-10141/11/0024/2324



## GOVT. OF ODISHA
No. O-2096
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR
Tel.: 06766-258301 (O), email: se_nerwkjr@rediffmail.com
### e-Procurement Notice for Bridge Work under BSY
**No. 56** Identification No. - Bridge Online NCB No. 413 **Date: 03.01.24**

1. Name of the Work : Construction of Bridge Work under BSY in the District of Keonjhar.
2. No. of Work : 01 (One) No.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 413 | Dt.06.01.24 at 11.00 A.M. | Dt.20.01.24 upto 5.00 P.M. | Dt.19.01.24 upto 5.00 P.M. | Dt.22.01.24 at 11.00 A.M. | Will be intimated later |

- Further details can be seen from the website: **www.tendersorissa.gov.in**.

OIPR-25177/11/0055/2324 **Sd./- Chief Construction Engineer, R.W. Circle, Keonjhar**



## GOVERNMENT OF ODISHA
No. O-2092
## OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK
ee_rwbdk2@yahoo.co.in
### "e" Procurement Notice for Building Works
**Identification Online Tender 11/RWD/BDK-II/2023-24 Dtd.30.12.2023**

**1. Name of the Work:-** Building Works as per Annexure. **2. Total Number of Works:-** 2 Nos. **3. Approximate Estimated Cost:-** Rs 58.82 lakhs - Rs.64.74 lakhs. **4. Class of Contractor:-** As Per Annexure. **5. Period of Completion:-** As Per Annexure. **6. Other details:-** The details are as follows.

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking tender clarification | Date & Time of Opening of Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Bhadrak | 11 | 09.01.2024 At 11.30 A.M. | 19.01.2024 upto 5.00 P.M. | 18.01.2024 upto 3.00 P.M. | 20.01.2024 at 11.00 AM | Will be intimated later |

**7. Further details can be seen from the e-procurement portal "https://www.tendersorissa.gov.in".**
8. Any other changes/Corrigedum may be seen only in website www.tendersorissa.gov.in
OIPR-25090/11/0022/2324 **Sd./- Executive Engineer, R.W. Division-II, Bhadrak**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡ୍ଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡିର କାର୍ଯ୍ୟ, ଭାଜପାର ଭରସା ପଡ଼ୋଶୀ ହାୱା

## ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ

ମାଲକାନଗିରି,୫।୧ (ନୃସିଂହ ଚରଣ ମହାନ୍ତି)



ମାଲକାନଗିରି ଜିଲା ଛତିଶଗଡ଼କୁ ଲାଗିଛି। ନିକଟରେ ଶେଷ ହୋଇଥିବା ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପା ସଫଳତା ହାସଲ କରିବା ସହ ସରକାର ଗଠନ କରିପାରିଛି। ଆଉ କିଛି ମାସ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ତାହାର ପ୍ରଭାବ ପଡ଼ିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଯେହେତୁ ୨୦୧୯ରେ ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ି ବିଜୟୀ ହୋଇଥିଲେ ଓ ଏବେ ଛତିଶଗଡ଼ ପ୍ରଭାବ ପଡ଼ିବାର ସମ୍ଭାବନା ଅଛି ବୋଲି କୁହାଯାଉଛି, ସେହେତୁ ଶାସକ ଦଳ ପାଇଁ ଆସନ୍ତା ନିର୍ବାଚନ ଆହ୍ୱାନପୂର୍ଣ୍ଣ ବୋଲି ଆଲୋଚନା ହେଉଛି। କିନ୍ତୁ ଗତ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ହୋଇଥିବା ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ବିଜେଡି ଉତ୍ତମ ପ୍ରଦର୍ଶନ କରିଥିବାରୁ ଶାସକ ଦଳ ଠିକଣା ସମୟରେ ଆକ୍ରମଣାତ୍ମକ ପ୍ରଚାର ଚଳାଇ ଭାଜପାକୁ କଡ଼ା ଜବାବ ଦେଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଲାଣି। ୨୦୦୪ରେ ଶେଷ ଥର ପାଇଁ କଂଗ୍ରେସ ଏହି ନିର୍ବାଚନମଣ୍ଡଳୀ ଅକ୍ତିଆର କରିଥିଲା। ତେଣୁ ଦୀର୍ଘ ଦୁଇ ଦଶନ୍ଧି ପରେ ବିଜେଡି ଓ ଭାଜପାକୁ ଏହା କିଭଳି ମୁକାବିଲା କରିବ, ତାହାକୁ ନେଇ ଦଳୀୟ ନେତା ଓ କର୍ମୀ ବୈଠକ କରି ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି।

ଜିଲାରେ ଏବେ ବିଜେଡି, ଭାଜପା ଓ କଂଗ୍ରେସ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ହାତେଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳୁଛି। ପୁଣି ଦଳ ଭିତରେ ଏକାଧିକ ଆଶାୟୀ ଥିବାରୁ ସେମାନେ ନିଜ ସମର୍ଥକଙ୍କୁ ନେଇ ଟିକେଟ ପାଇବା ପାଇଁ ଲବି ଚଳାଇଛନ୍ତି। ତିନି ଦଳ ଭିତରୁ ବିଜେଡିରେ ଅଧିକ ଆଶାୟୀ। ସେମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମାନସ ମାଡକାମି, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, କାର୍ଯ୍ୟରତ ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମି, କୋରୁକୋଣ୍ଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୌରୀ କବାସୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଜିଲା ପରିଷଦ ସଭ୍ୟ ମୁକା ମାଡକାମିଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ଭାଜପାରେ ମଧ୍ୟ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନର ବିଧାୟକ ଆଦିତ୍ୟ ମାଢ଼ି, ଭାଜପା ଜିଲା ସାଧାରଣ ସମ୍ପାଦକ ଗଙ୍ଗା ସୋଢ଼ି, ଟିଗଲର ପୂର୍ବତନ ସରପଞ୍ଚ ବଜା ମାଡକାମି, ଏସ୍‌ଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ନରସିଂହ ମାଡକାମି, ପଡ଼ିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବା ପଡିଆମିଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ କଂଗ୍ରେସ ପକ୍ଷରୁ ଲଗାତର ମାଲା ମାଢ଼ି ପ୍ରାର୍ଥୀ ହୋଇଆସୁଥିବାରୁ ସେ ତୃତୀୟ ଥର ପାଇଁ ଆଗାମୀ ନିର୍ବାଚନ ଲଢ଼ିବେ ବୋଲି ସମର୍ଥକମାନେ କହୁଛନ୍ତି। ଏହି ଦଳରେ ଅନ୍ୟ ଆଶାୟୀ ଥିବା ନେଇ ଏଯାଏ ନାମ ଚର୍ଚ୍ଚାକୁ ଆସି ନାହିଁ।

ଗତ ବିଧାନସଭା ନିର୍ବାଚନରେ ବିଜେଡି ତୃତୀୟ ସ୍ଥାନରେ ରହିଥିଲା। ଦଳ ସେତେବେଳେ ବିଧାୟକ ଥିବା ମାନସ ମାଡକାମିଙ୍କୁ ବାଦ୍ ଦେଇ ପୂର୍ବତନ ବିଜେଡି ବିଧାୟକ ମୁକୁନ୍ଦ ସୋଢ଼ିଙ୍କ ଉପରେ ଭରସା କରିଥିବା ବେଳେ ତାଙ୍କୁ ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ି ପରାଜିତ କରି ବିଧାୟକ ହୋଇଥିଲେ। ମୁକୁନ୍ଦ ସୋଢ଼ି ମଧ୍ୟ ଚଳିତ ଥର ଟିକେଟ ପାଇବା ଆଶା ରଖି ତାଙ୍କର ଏକ ଗୋଷ୍ଠୀକୁ ଧରି ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ପ୍ରତିଥର ବିଜେଡି ପ୍ରାର୍ଥୀ ବଦଳାଉଥିବାରୁ ଏଥର ଦଳ ଭିତର ନେତାଙ୍କୁ ପ୍ରାର୍ଥୀ କରିବ ନା ଅନ୍ୟ କାହାକୁ ନିର୍ବାଚନ ରଣାଙ୍ଗନକୁ ଛାଡ଼ିବ, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଛି।

କଂଗ୍ରେସ ପକ୍ଷରୁ ମାଲା ମାଢ଼ିଙ୍କୁ ପ୍ରାର୍ଥୀ କରିବା ନେଇ ସବୁଜ ସଙ୍କେତ ମିଳିସାରିଛି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କଂଗ୍ରେସ ଛାଡ଼ି ଶାସକ ଦଳରେ ଯୋଗଦେଇଥିବା ବିଷୟ ସମସ୍ତଙ୍କୁ ଜଣା। ସେ ତାଙ୍କର ବହୁ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଥିଲେ ମଧ୍ୟ ତାହା କଂଗ୍ରେସ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ର ମତ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ଜିତିବା ପରେ ବିଜେଡି ଏଥର ନିଶ୍ଚିତ ଭାବେ ବିଜୟୀ ହେବ ବୋଲି ଦଳର ବରିଷ୍ଠ ନେତାମାନେ ଆଶା ବାନ୍ଧିଛନ୍ତି। ମାଲକାନଗିରି ଜିଲା ମୁଖ୍ୟମନ୍ତ୍ରୀଙ୍କ ଫୋକସ୍‌ରେ ରହିଛି ଓ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜରିଆରେ ଜିଲାବାସୀଙ୍କ ମଙ୍ଗଳ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି କହି ସେମାନେ ଭୋଟ ହାତେଇବାରେ ଲାଗିପଡ଼ିଛନ୍ତି। ତେବେ ନିର୍ବାଚନ ତାରିଖ ଓ ବିଭିନ୍ନ ଦଳର ପ୍ରାର୍ଥୀ ତାଲିକା ଘୋଷଣା ହୋଇ ନ ଥିବାରୁ ଆଗାମୀ ଦିନରେ ବିଜୁ ଜନତା ଦଳରେ ଗୋଷ୍ଠୀ କନ୍ଦଳ ଆଶଙ୍କାକରି ଦଳ ପକ୍ଷରୁ ଅଦ୍ୟାବଧି କୌଣସି ପ୍ରାର୍ଥୀଙ୍କ ନାମକୁ ଅଗ୍ରାଧିକାର ଦିଆଯାଇନାହିଁ। କାରଣ ବିଗତ ନିର୍ବାଚନରେ ବିଜେଡିରେ ପ୍ରମୁଖ ଦାବିଦାର ଥିବା ପ୍ରାର୍ଥୀଙ୍କୁ ଟିକେଟ ନ ମିଳିବାରୁ ଦଳ ଭିତରେ ଗୋଷ୍ଠୀ କନ୍ଦଳ ଦେଖାଦେଇଥିଲା, ଯେଉଁଥିପାଇଁ ଶାସକ ଦଳକୁ ପରାଜୟବରଣ କରିବାକୁ ପଡ଼ିଥିଲା।

ଭାଜପା ପକ୍ଷରୁ ଏହି ନିର୍ବାଚନମଣ୍ଡଳୀକୁ ପୁନଃ ଅକ୍ତିଆର କରିବା ଲାଗି ସମସ୍ତ ପ୍ରକାର ଅଭିଯାନ ଚାଲିଥିବା ଦଳ ସାଧାରଣ ସମ୍ପାଦକ ମାଣିକ ଚକ୍ରବର୍ତ୍ତୀ କହିଛନ୍ତି। ରାଜନୈତିକ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଅଧ୍ୟାପକ ସରୋଜ ଦାସ କହିଛନ୍ତି, ସୀମାନ୍ତ ଛତିଶଗଡ଼ରେ ଭାଜପା ସରକାର ଗଠନ କରିଥିବାରୁ ତା'ର ପ୍ରଭାବ କିଛିଟା ମାଲକାନଗିରି ନିର୍ବାଚନମଣ୍ଡଳୀରେ ପଡ଼ିପାରେ।

ବିଜେଡି ଜିଲା ଯୁବ ସଭାପତି ଆଡମା ରାବା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆମେ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଛୁ। ଆଶା କରୁଛୁ ଆଗାମୀ ଦିନରେ ମଧ୍ୟ ସେହିଭଳି ବିଜୟ ଲାଭ କରିବୁ। ତେବେ ପଡ଼ୋଶୀ ରାଜ୍ୟ ଭାଜପା ହାତେଇଥିବାରୁ ଏହାର ପ୍ରଭାବ କିଛିଟା ପଡ଼ିପାରେ, ତଥାପି ବିଜେଡି ଜିତିବା ବହୁ ଆଶା ରହିଛି ବୋଲି ସେ କହିଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ପ୍ରମୋଦ ରଥ ବିଜେଡିରୁ ବହିଷ୍କୃତ

## ଆଗାମୀ ରଣନୀତି ସମ୍ପର୍କରେ ଖୁବ୍‌ଶୀଘ୍ର ଜଣାଇବି: ପ୍ରମୋଦ

ସମ୍ବଲପୁର,୫।୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବିଜେଡି ଉପଦେଷ୍ଟା ପ୍ରମୋଦ ରଥଙ୍କୁ ଶୁକ୍ରବାର ଦଳରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ଗୁରୁବାର ସମ୍ବଲପୁରର ଏକ ହୋଟେଲରେ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ବିଜେଡି ସାଙ୍ଗଠନିକ ସମ୍ପାଦକ ଦାସ, ଜିଲା ବିଜେଡି ସଭାପତି ରୋହିତ ପୂଜାରୀ, ସମ୍ବଲପୁର ସଂସଦୀୟ କ୍ଷେତ୍ର ବିଜେଡି ପର୍ଯ୍ୟବେକ୍ଷକ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଜିଲାର ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଶୁକ୍ରବାର ସକାଳେ ବିଜେଡି ଜିଲା ଉପଦେଷ୍ଟା ପ୍ରମୋଦ ରଥଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଛି। ରଥ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡି ଜିଲା ସଭାପତି ରହିଥିବା ବେଳେ ୫ଥର ସମ୍ବଲପୁର ଜିଲା ଓକିଲ ସଂଘର ସଭାପତି ଥିଲେ।

ସୂଚନାକ୍ରମେ ଶୁକ୍ରବାର ପୂର୍ବାହ୍ନରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ରଥ ମହାନଦୀ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ନିକଟକୁ ରାଜ୍ୟ ସରକାର ଆଜିପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇ ନ ଥିବା ଅଭିଯୋଗ କରିଥିଲେ। ଏହାସହ ହାଇକୋର୍ଟଙ୍କ ମତାମତ ନେଇ


ପ୍ରମୋଦ ରଥ

ରାଜ୍ୟ ସରକାର କେବେ ବି ଚେଷ୍ଟା କରି ନ ଥିବା କହିଥିଲେ। ପୁଣି ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଆନ୍ଦୋଳନ କରୁଥିବା କେତେଜଣ ନିର୍ଦ୍ଦୋଷ ଓକିଲଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଥିବା ଅଭିଯୋଗ କରିଥିଲେ। ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର ଜଷ୍ଟିସ ପାଲ କମିଟି ଗଠନ କରିଥିବାବେଳେ ଆଜି ପର୍ଯ୍ୟନ୍ତ ତା'ର ରିପୋର୍ଟ ସାର୍ବଜନୀନ କରାଯାଇ ନ ଥିବା ନେଇ ଖବରଦାତା ସମ୍ମିଳନୀରେ କହିଥିଲେ। ଏହାସହ ବାହାର ଜିଲାରୁ ଆସି ସମ୍ବଲପୁରରେ ରାଜନୀତି କରୁଥିବା ନେତା ଓ ଓକିଲମାନେ ଜେଲ ଯିବା ସମୟରେ କାହିଁକି ମୁହଁ ଖୋଲି ନ ଥିଲେ ବୋଲି ପ୍ରଶ୍ନ କରିଥିଲେ। ଖବରଦାତା ସମ୍ମିଳନୀ ସମୟରେ ତାଙ୍କୁ ଦଳରୁ ବହିଷ୍କାର ନୋଟିସ ଦିଆଯାଇଥିବା ସୂଚନା ମିଳିଥିଲା। ହେଲେ ଏ ସମ୍ପର୍କରେ ତାଙ୍କ ପାଖକୁ ଦଳ ପକ୍ଷରୁ କୌଣସି ସୂଚନା ଆସି ନ ଥିବାବେଳେ ଗଣମାଧ୍ୟମରୁ ଜାଣିବାକୁ ପାଇଛନ୍ତି ବୋଲି ରଥ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ ଆହୁରି କହିଛନ୍ତି, ସମ୍ବଲପୁରବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ଯଦି ଦଳ ବିରୋଧୀ କାର୍ଯ୍ୟ ତା'ହେଲେ ସେ ଏଭଳି କାର୍ଯ୍ୟରେ ବାରମ୍ବାର ଜଡ଼ିତ ରହିବେ। ତେବେ ବିଜେଡି ପକ୍ଷରୁ ବହିଷ୍କାର କରାଯିବା ପରେ ତାଙ୍କର ଆଗାମୀ ରଣନୀତି ସମ୍ପର୍କରେ ଖୁବ୍‌ଶୀଘ୍ର ଜଣାଇବେ ବୋଲି କହିବା ସହ ଅନ୍ୟ କେଉଁ ଦଳରେ ଯୋଗଦେବେ କି ନାହିଁ ସେ ବିଷୟରେ କିଛି ସ୍ପଷ୍ଟ ନ କରି ଲୋକଙ୍କ ଦାବିଗୁଡିକୁ ପ୍ରଭାବଶାଳୀ ଢଙ୍ଗରେ ଉଠାଇବେ ବୋଲି କହିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



ହିମାଂଶୁ ଶେଖର (ଗୁଡ୍ଡୁ)

ଜନ୍ମଦିନରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶୁଭେଚ୍ଛା ସହ: ବାବା, ମା, ଭାଇ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୯୧

# ବନ୍ଧୁମିଳନରେ ନେତୃତ୍ୱ ପରିବର୍ତ୍ତନର ସ୍ୱର



ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୫।୧ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ବିରୋଧୀ ଗୋଷ୍ଠୀ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦୁପଦର ସରପଞ୍ଚ ଭବାନୀଶଙ୍କର ମଲିକ (ଟୁଟୁ), ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, କଳ୍ପନା ଭୋଳ, କୈଶଲ୍ୟା ସେଠୀ, କବିସୂର୍ଯ୍ୟନଗର ବ୍ଲକ ଉପାଧ୍ୟକ୍ଷା ବୀରେନ୍ଦ୍ର ଖଟେଇ, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ବରିଷ୍ଠ ଯୁବନେତା ଅଜିତ କୁମାର ଚୌଧୁରୀ, ବଂଶୀଧର ନାହାକ, ଅମୂଲ୍ୟ କୁମାର ଉପାଧ୍ୟାୟଙ୍କ ସମେତ ଗ୍ରାମାଞ୍ଚଳର ବିଜେଡି କର୍ମୀ ସାମିଲ ଥିଲେ । ସମସ୍ତେ ଆଗାମୀ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀଙ୍କ ବିଜୟ ଲାଗି ଦୀପ ଜାଳିଥିଲେ। ହେଲେ ଏହି ଗୋଷ୍ଠୀ ପକ୍ଷରୁ ଆସିକା ବିଧାୟିକା ଓ ତାଙ୍କ ପୁଅଙ୍କ ବିରୋଧରେ ଦୁର୍ନୀତି ଓ ଦଳୀୟ କର୍ମୀଙ୍କୁ ଅଣଦେଖା କରୁଥିବା ନେଇ ଗୁରୁତର ଅଭିଯୋଗ କରାଯାଇଥିଲା। ଏଭଳି ସ୍ଥିତିରେ ଦଳର ହାଇକମାଣ୍ଡ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀରୁ ଆଗାମୀ ନିର୍ବାଚନରେ ନୂଆ ପ୍ରାର୍ଥୀ ଦେବା ଲାଗି ଦାବି ଉପସ୍ଥାପନ କରାଯାଇଛି ।

# କେନ୍ଦ୍ର ଦେଇଥିବା ଟଙ୍କାର ହିସାବ ଦିଅନ୍ତୁ ରାଜ୍ୟ ସରକାର:ଭାଜପା

ଭୁବନେଶ୍ୱର(ସୁନିତ୍ ମିଶ୍ର)/ ରାଉରକେଲା (ସଙ୍ଗୀତା ଜେନା) ୫।୧

୨୪ ବର୍ଷ ବିଜେଡି ଶାସନରେ ବର୍ତ୍ତମାନ ରାଜ୍ୟର ମା, ଭଉଣୀ, ଛାତ୍ରୀଛାତ୍ର, ଯୁବକ, କୃଷକ ଅସୁରକ୍ଷିତ । ଜନବିରୋଧୀ ବିଜେଡି ସରକାର ସୋସିଆଲ କ୍ରାଇମରେ ବ୍ୟସ୍ତ। ରାଜ୍ୟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଯୋଜନା, କେନ୍ଦ୍ରୀୟ ଅନୁଦାନ, ଟିକସ ଅଂଶ, କେନ୍ଦ୍ରୀୟ ଉଦ୍ୟୋଗମାନଙ୍କ ବ୍ୟୟବରାଦ ବାବଦରେ ଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ଓ ସହାୟତା ଓଡ଼ିଶାକୁ ଦେଇଛନ୍ତି। ଏହି ଟଙ୍କାକୁ ରାଜ୍ୟ ସରକାର କ'ଣ ଖର୍ଚ୍ଚ କଲେ ତା'ର ହିସାବ ଦେଉନାହାନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରାଉରକେଲାଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଆନ୍ତରିକତାର ଅଭାବ ରହିଛି । ମହିଳା ସଶକ୍ତୀକରଣ ନାମରେ ସ୍ୱୟଂ ସହାୟକ ଗୋଷ୍ଠୀକୁ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରାଯାଉଛି । ଚିଟ୍‌ଫଣ୍ଡଧାରୀଙ୍କୁ ଟଙ୍କା ନ ଫେରାଇ ସେମାନଙ୍କ ସହ କେବଳ ପ୍ରତାରଣା କରାଯାଉଛି। ଖଣି, ଖାଦାନର 'ଭେଲୁଏଡିଶନ' ପରିବର୍ତ୍ତେ ହରିଲୁଟ


ମନମୋହନ ସାମଲ

କରାଗଲା। ରାଜ୍ୟରେ କୃଷିଭିତ୍ତିକ ଓ ପର୍ଯ୍ୟଟନ ଶିଳ୍ପର ଅଧୋଗତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ସ୍ୱାଭିମାନକୁ ଭୂଲୁଣ୍ଠିତ ହେବାକୁ ଦିଆଯିବ ନାହିଁ। ରାଉରକେଲାଠାରେ ରାଜ୍ୟ ଭାଜପାର ୨ ଦିନିଆ ଚିନ୍ତନ ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଙ୍ଗଠନ) ବି.ଏଲ୍.ସନ୍ତୋଷ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ପ୍ରମୁଖଙ୍କ ସମେତ ରାଜ୍ୟ ପଦାଧିକାରୀ ଏବଂ ବିଭିନ୍ନ ମୋର୍ଚ୍ଚାର ନେତୃବୃନ୍ଦ ଉପସ୍ଥିତ ଥିଲେ । ଆଗାମୀ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ 'ବିସ୍ତୃତ ଓ ସୁଦୃଢ଼ ରୋଡ୍‌ମ୍ୟାପ୍' ପ୍ରସ୍ତୁତ କରାଯାଇଛି । ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ନିଶ୍ଚିତ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ଗଠନ କରିବ ବୋଲି ମନମୋହନ କହିଛନ୍ତି ।

**Classified Everyday**
**0674-2580101, 2549949**


REAL ESTATE
SALE

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ readymade 2BHK flat, ଉତ୍ତରା ଛକ ଓ ରଙ୍ଗବଜାର ପାଖରେ ପାଚେରି ଘରବାଡ଼ି ପ୍ଲଟ୍ ଓ ପୁରୀ ମଙ୍ଗଳାଘାଟ ଛକ New Bus Stand ପାଖରେ 29Dcml. commercial plot ବିକ୍ରୟ ହେବ। Only genuine buyer please call: 9438220432, 8144658008. D-2187

LAND with HOUSE for sale, land 15 decimal with G+1 (6 BHK) at Balasore near Chandipur Patapole, 94776 54415. D-2178

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

Ready to move luxurious flat for sale at Acharya Vihar. Contact- 9437307086, 7978209277. D-2190

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Mesmerizing, energetic body, mind qualitative relaxing massage experienced therapists. 7325907905. D-67127

Ashirvaad Salon and SPA get good massage for your health tha best therapy. 7077181074. D-75081

Relax, refresh your body, mind by expert therapist. Contact: 8338800330. D-75181

Relax, Refresh your body, Mind at Saikrupa Spa with best therapies. 8984068077. D-2080

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75091

**AFFIDAVIT**

By virtue of an affidavit sworn before the Notary Public, Cuttack dated 28.11.23, I Rani Rajsri Swain, D/o Prasanta Kumar Swain, Vill- Charigharia, P.O-Daulatabad, P.S- Choudwar, Dist.-Cuttack, Odisha, declare that I have changed my name from Sonia Begum to Rani Rajsri Swain. Henceforth, I shall be known as Rani Rajsri Swain for all purposes.
Sd/- Rani Rajsri Swain
D-2186

ମୁଁ ସବିତା ବେହେରା, ୩୦ବର୍ଷ, ସ୍ୱାମୀ- ରବୀନ୍ଦ୍ର ବେହେରା, ଗ୍ରାମ- ଦରଡ଼ା ବାଙ୍କି ପୋଖରୀ, ପୋଷ୍ଟ- ପିପିଲି, ଜିଲ୍ଲା- ପୁରୀ ଘୋଷଣା କରୁଛି କି ମୋର ନାମ ଜସ୍ମିନ୍ କାଣ୍ଡି ପରିବର୍ତ୍ତେ ବିବାହ ପରେ ପିପିଲି ନୋଟାରୀ Affidavit No.- 20 ତାରିଖ ୦୩.୦୧.୨୦୨୪ ଅନୁଯାୟୀ ସବିତା ବେହେରା, ସ୍ୱାମୀ- ରବୀନ୍ଦ୍ର ବେହେରା ଘୋଷଣା କରାଗଲା। ମୋର ଆଧାର କାର୍ଡ ନଂ.- xxxxxxxx9048. ଆଜିଠାରୁ ସମସ୍ତ ସରକାରୀ ଏବଂ ବେସରକାରୀ ସ୍ତରରେ ଏହି ନାମ ବ୍ୟବହାର କରାଯିବ। ଧ-୨୧୮୩

This is to inform you all that by virtue of the adoption deed No-41132206228 dt 19.05.2022 executed before S.R.O., Khandagiri, Bhubaneswar, the name of the adopted son changed from Suvendu Padhi to Suvendu Acharya and Smt. Sujata Acharya and Janardan Acharya became the adoptive mother and father respectively. D-2189

**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**Admission Open**
Post Diploma in C.S.S.D TECHNIQUES (Hospital Sterilization Technology)
Eligibility : +3 Science | Duration : 1 Year
Advance Diploma in OPERATION THEATRE TECHNOLOGY (OT Techniques)
Eligibility : +2 (Any Stream) | Duration : 2 Years
RMTI, PALASUNI, RASULGARH BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
Only @89,000/-
IMMEDIATELY CONTACT
B.Ed COUNSELLING CENTER BHUBANESWAR
7606962458
8908210843
9124391142
8908210443

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜୁନ୍ ୯ରେ ଭାରତ-ପାକିସ୍ତାନ

**ନୂଆଦିଲ୍ଲୀ, ୫ା୧ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି୨୦ ବିଶ୍ୱକପ୍ ୨୦୨୪ର କାର୍ଯ୍ୟସୂଚୀ ଶୁକ୍ରବାର ଘୋଷଣା କରାଯାଇଛି। ଗ୍ରୁପ୍ 'ଏ'ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଜୁନ୍ ୯ରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚ ନ୍ୟୁୟର୍କରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ମ୍ୟାଚ ପାଇଁ ଗ୍ରୁପ୍ 'ଏ'ରେ ପାକିସ୍ତାନ, ଆୟର୍ଲାଣ୍ଡ, କାନାଡା ଏବଂ ୟୁଏସ୍ଏ ସହିତ ଭାରତ ସ୍ଥାନ ପାଇଛି। ଜୁନ୍ ୫ରେ ନ୍ୟୁୟର୍କଠାରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ପାକିସ୍ତାନ ବିପକ୍ଷ ମ୍ୟାଚ ପରେ ଦଳ ଜୁନ୍ ୧୨ରେ ଭାରତ ଟୁର୍ନାମେଣ୍ଟର ସହ ଆୟୋଜକ ୟୁଏସ୍ଏକୁ ଭେଟିବ। ପରେ ଜୁନ୍ ୧୫ରେ କାନାଡା ବିପକ୍ଷରେ ଗ୍ରୁପ୍‌ର ଶେଷ ମ୍ୟାଚ ଖେଳିବା ଲାଗି ଦଳ ଫ୍ଲୋରିଡା ଗସ୍ତ କରିବ। ୱେଷ୍ଟଇଣ୍ଡିଜ ଓ ୟୁଏସ୍ଏ ମିଳିତ ଭାବେ ଆୟୋଜନ କରିଥିବା ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏହା ସବୁଠାରୁ ବଡ଼ ଟି୨୦ ବିଶ୍ୱକପ୍ ବୋଲି କୁହାଯାଉଛି। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଗତ ୨୦୨୨ ସଂସ୍କରଣରେ ୧୬ଟି ଦଳ ଭାଗ ନେଇଥିଲେ। ଜୁନ୍ ୧ରେ ୟୁଏସଏ-କାନାଡା ମ୍ୟାଚ ସହ ଟୁର୍ନାମେଣ୍ଟ ଆରମ୍ଭ ହେବ। ସେମିଫାଇନାଲ ଜୁନ୍ ୨୬ରେ ଗୁୟାନା ଓ ଜୁନ୍ ୨୭ରେ ତ୍ରିନିଦାଦଠାରେ ଖେଳାଯିବାକୁ ଥିବା ବେଳେ ବାର୍ବାଡୋସରେ ଜୁନ୍ ୨୯ରେ ଫାଇନାଲ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଇଂଲଣ୍ଡ ହେଉଛି ଟୁର୍ନାମେଣ୍ଟର ଗତଥରର ବିଜେତା। ୨୦୨୨ ନଭେମ୍ବରରେ ମେଲବୋର୍ନଠାରେ ପାକିସ୍ତାନକୁ ପରାସ୍ତ କରି ଦଳ ଟାଇଟଲ ବିଜୟୀ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଜୁନ୍ ୧ରୁ ୧୮ ପର୍ଯ୍ୟନ୍ତ ଖେଳାଯିବାକୁଥିବା ବେଳେ ସୁପର-୮ ଗେମ୍ ଗୁଡ଼ିକ ଜୁନ୍ ୧୯ରୁ ୨୪ ପର୍ଯ୍ୟନ୍ତ ଖେଳାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮ରେ ପ୍ରବେଶ କରିବେ। ଏହି ପର୍ଯ୍ୟାୟରେ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିବେ। ସୁପର-୮ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଟୁର୍ନାମେଣ୍ଟରେ ମୋଟ ୫୫ଟି ୱେଷ୍ଟଇଣ୍ଡିଜର ୬ଟି ଭେନ୍ୟୁ ଯଥା କିଙ୍ଗଷ୍ଟନ ଓଭାଲ (ବାର୍ବାଡୋସ); ବ୍ରାଏନ ଲାରା କ୍ରିକେଟ ଏକାଡେମୀ (ତ୍ରିନିଦାଦ); ପ୍ରୋଭିନ୍ସ ଷ୍ଟାଡିୟମ (ଗୁୟାନା); ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମ (ଆଣ୍ଟିଗୁଆ), ଡାରେନ ସାମି କ୍ରିକେଟ ଷ୍ଟାଡିୟମ (ସେଣ୍ଟ ଲୁସିଆ); ଆର୍ନସ ଭାଲେ ଷ୍ଟାଡିୟମ (ସେଣ୍ଟଭିନ୍‌ସେଣ୍ଟ) ଏବଂ ୟୁଏସ୍‌ର ତିନୋଟି ଭେନ୍ୟୁ ଇଜେନ୍‌ହୋର୍ ପାର୍କ (ନ୍ୟୁୟର୍କ), ଲଡରହିଲ୍ (ଫ୍ଲୋରିଡା) ଏବଂ ଗ୍ରାଣ୍ଡ ପ୍ରାଇରି (ଟେକ୍ସାସ)।

## ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

**ଗ୍ରୁପ୍ 'ଏ':** ଭାରତ, ପାକିସ୍ତାନ, ଆୟର୍ଲାଣ୍ଡ , କାନାଡା, ୟୁଏସ୍ଏ।

**ଗ୍ରୁପ୍ 'ବି':** ଇଂଲଣ୍ଡ, ଅଷ୍ଟ୍ରେଲିଆ, ନାମ୍ବିଆ, ସ୍କଟଲାଣ୍ଡ, ଓମାନ।

**ଗ୍ରୁପ୍ 'ସି':** ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଆଫଗାନିସ୍ତାନ, ଉଗାଣ୍ଡା, ପପୁଆ ନ୍ୟୁ ଗିନି।

**ଗ୍ରୁପ୍ 'ଡି':** ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ, ନେଦରଲାଣ୍ଡ୍ସ, ନେପାଳ।

# ପାରୋଲରେ ଖଲାସ ହେଲେ ପିଷ୍ଟୋରିଅସ୍

**ପ୍ରିଟୋରିଆ, ୫ା୧ (ଏପି)**

ଦକ୍ଷିଣ ଆଫ୍ରିକୀୟ ଆଥଲେଟ ଓସ୍କାର ପିଷ୍ଟୋରିଅସ୍ ଜେଲ୍‌ରୁ ପାରୋଲରେ ଆସିଛନ୍ତି। ବର୍ତ୍ତମାନ ସେ ତାଙ୍କ ବାସଭବନରେ ଅଛନ୍ତି। ଦକ୍ଷିଣ ଆଫ୍ରିକାର ଡିପାର୍ଟମେଣ୍ଟ ଅଫ୍ କରେକସନ୍ସ ପକ୍ଷରୁ ଶୁକ୍ରବାର ଏ ବିଷୟ ସୂଚାଇ



ଦିଆଯାଇଛି। ବିଶ୍ୱ ପ୍ରସିଦ୍ଧ ଡବଲ ଆମ୍ପ୍ୟୁଟି ଅଲିମ୍ପିକ ଧାବକ ଦକ୍ଷିଣ ଆଫ୍ରିକୀୟ ରାଜଧାନୀ ପ୍ରିଟୋରିଆ ଅନ୍ତର୍ଗତ ଆଟରିଜ୍‌ଭିଲେ କରେକ୍ସନାଲ ସେଣ୍ଟରରେ ବନ୍ଦୀ ଜୀବନ ବିତାଉଥିଲେ। ୨୦୧୩ ଭାଲେଣ୍ଟାଇନ୍ସ ଡେ'ରେ ପ୍ରେମିକା ରିଭା ଷ୍ଟିନ୍‌କ୍ୟାମ୍ପଙ୍କୁ ହତ୍ୟା ଅଭିଯୋଗରେ ପିଷ୍ଟୋରିଅସଙ୍କୁ ୧୩ ବର୍ଷ ଓ ୫ ମାସ ଜେଲଦଣ୍ଡ ହୋଇଛି। ଇତିମଧ୍ୟରେ ସେ ପାଖାପାଖି ୯ବର୍ଷ ଜେଲଦଣ୍ଡ ଭୋଗି ସାରିଲେଣି। ନଭେମ୍ବରରେ ତାଙ୍କୁ ପାରୋଲରେ ଯିବା ଲାଗି ଅନୁମତି ମିଳିଥିଲା। ଦକ୍ଷିଣ ଆଫ୍ରିକାରେ ଜଣେ ବଡ଼ ଅପରାଧୀ ଅତିକମ୍‌ରେ ଅଧା ଜେଲଦଣ୍ଡ ଭୋଗିସାରିବା ପରେ ପାରୋଲରେ ଖଲାସ ହେବା ଲାଗି ଯୋଗ୍ୟ ବିବେଚିତ ହୋଇଥାନ୍ତି। ଜେଲରୁ ବାହାରିବା ପରେ ପିଷ୍ଟୋରିଅସ୍ ପ୍ରଥମେ ପ୍ରିଟୋରିଆ ଉପକଣ୍ଠ ଅନ୍ତର୍ଗତ ୱାଟରକେଲୁଫ୍‌ସ୍ଥିତ ତାଙ୍କ ମାମୁଙ୍କ ବାସ ଭବନରେ ଅବସ୍ଥାନ କରିବେ ବୋଲି ଆଶା କରାଯାଉଥିଲା। ଏହି ଘର ସମ୍ମୁଖରେ ଏକ ପୋଲିସ ଭ୍ୟାନ ପାର୍କିଂ କରିଥିଲା। ଡିପାର୍ଟମେଣ୍ଟ ଅଫ୍ କରେକ୍ସନ୍ସର ଅଫିସିଆଲମାନେ ପୂର୍ବରୁ ସୂଚନା ଦେଇଥିଲେ ଯେ ପିଷ୍ଟୋରିଅସ୍‌ଙ୍କୁ କେବେ ଖଲାସ କରାଯିବ ତାହା ଆଗୁଆ ଘୋଷଣା କରାଯିବ ନାହିଁ।

# ଅମୃତଜୟଙ୍କୁ ଟାଇଟଲ

**ଭୁବନେଶ୍ୱର, ୫ା୧(ତପନ ସ୍ୱାଇଁ):** ସିଲିଗୁଡ଼ିର ଜିମ୍‌ଖାନା କ୍ଲବରେ ଅନୁଷ୍ଠିତ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏଆଇଟିଏ (ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଅମୃତଜୟ ମହାନ୍ତି ସଫଳତା ଲାଭ କରିଛନ୍ତି। ସେ ଡବଲ୍ସରେ ଚାମ୍ପିୟନ ଓ ସିଙ୍ଗଲ୍ସରେ ରନରଅପ୍ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ଅମୃତଜୟ ତେଲଙ୍ଗାନାର ସୁନୀତ ଲଙ୍କା ରେଡ୍ଡୀଙ୍କଠାରୁ ୨-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ତେବେ ପଶ୍ଚିମବଙ୍ଗର ମହମ୍ମଦ ଫରଦିନଙ୍କୁ ସାଥୀକରି ଡବଲ୍ସ ଖେଳିଥିବା ଅମୃତଜୟ ଡବଲ୍ସ ଫାଇନାଲରେ ଓଡ଼ିଶାର ଚିନ୍ମୟ ପ୍ରଧାନ ଓ କର୍ଣ୍ଣାଟକର ପ୍ରକାଶ ସରନଙ୍କୁ ତୃତୀୟ ସେଟ୍ ସୁପର ଟାଇବ୍ରେକର ୩-୬, ୬-୧, ୧୦-୪ ସେଟ୍‌ରେ ପରାସ୍ତ କରିଥିଲେ। ଅମୃତଜୟ ସମ୍ପ୍ରତି ଗୁରୁକୁଳ ରିସର୍ଟର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଓ କେଟି ଗ୍ଲୋବାଲ ସ୍କୁଲ୍‌ରେ ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

# କିଟ୍ ପୁରୁଷ ଦଳ ଫାଇନାଲରେ

**ଭୁବନେଶ୍ୱର, ୫ା୧ (ତପନ ସ୍ୱାଇଁ):** ଜୟପୁରର ମନିପାଲ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟରେ କିଟ୍ ପୁରୁଷ ଦଳ ଫାଇନାଲରେ ପ୍ରବେଶ କରିଛି। ତୃତୀୟ ଦିବସରେ ଅନୁଷ୍ଠିତ ସେମିଫାଇନାଲରେ ଏହି ଦଳ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟକୁ ୩-୨ରେ ପରାସ୍ତ କରିଛି। କିଟ୍ ଦଳର କବିର ହଂସ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଦଳର ଅନ୍ୟ ସଦସ୍ୟମାନେ ହେଲେ ଅଥର୍ବ ଶର୍ମା, ଅଂଶୁମାନ ସିଂ ଓ ଆଶିଷ କୁମାର ପରିଡ଼ା। ଶନିବାର କିଟ୍ ଓ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

# କିଟ୍ ମହିଳା ଭଲିବଲ ଦଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୫ା୧ (ତପନ ସ୍ୱାଇଁ):** କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛି। କିଟ୍ ସମେତ ଆଡାମାସ ବିଶ୍ୱବିଦ୍ୟାଳୟ, ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ଓ ପଣ୍ଡିତ ରବି ଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ନିଜ ନିଜର କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଟପ୍-୪ ଦଳଭାବେ ଏଗୁଡ଼ିକ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା କିସ୍ ଆନୁକୂଲ୍ୟରେ ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଓଡ଼ିଶାର କୃତୀ ଆଥ୍‌ଲେଟଙ୍କୁ ଆର୍ଥିକ ପ୍ରୋତ୍ସାହନ

## ୩୨ ଆଥ୍‌ଲେଟଙ୍କୁ ୧,୧୨,୧୦,୦୦୦ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୫ା୧ (ତପନ ସ୍ୱାଇଁ)**

ଗତ ଡିସେମ୍ବରରେ ଅନୁଷ୍ଠିତ ବିଭିନ୍ନ ଇଭେଣ୍ଟରେ କୃତୀତ୍ୱ ଅର୍ଜନ କରିଥିବା ଓଡ଼ିଶାର ଆଥଲେଟ୍ ଓ ପାରା ଆଥଲେଟ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ୩୨ ଆଥଲେଟଙ୍କୁ ୧,୧୨,୧୦,୦୦୦ଟଙ୍କାର ପୁରସ୍କାର ରାଶି ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୃତୀ ଆଥଲେଟ୍‌ମାନଙ୍କୁ କ୍ରୀଡ଼ାମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ।

ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ଜାତୀୟ କାନୋଇ ସ୍ପ୍ରିଣ୍ଟ ଚାମ୍ପିୟନଶିପ୍‌ରେ ଓଭରଅଲ୍ ଚାମ୍ପିୟନ ହୋଇଥିବା ଓଡ଼ିଶା କାୟାକିଂ ଓ କାନୋଇଂ ଦଳକୁ କ୍ରୀଡ଼ାମନ୍ତ୍ରୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ଏକାଧିକ ପଦକ ବିଜେତା ସଚିମା କେର୍କେଟା, ରଶ୍ମିତା ସାହୁ ଓ ମୋଇରାଙ୍ଗଥେମ୍ ସୋଫିଆ ଦେବୀଙ୍କୁ ୯୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସଚିମା ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ, ରଶ୍ମିତା ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ଏବଂ ସୋଫିଆ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ପାଇଥିଲେ। ଓଇନାମ ବିଦ୍ୟା ଦେବୀ (୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୨ ବ୍ରୋଞ୍ଜ) ଓ ଫୁଲମଣି ଖାଖା (୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୨ ବ୍ରୋଞ୍ଜ)ଙ୍କୁ ୫୦,୦୦୦, ସଲାମ କିଶନ ସିଂ (୪ ରୌପ୍ୟ), ସାଗର କୁମାର (୩ ରୌପ୍ୟ, ୧ ବ୍ରୋଞ୍ଜ) ଓ ଅହୋଙ୍ଗଶାଙ୍ଗବାମ୍ ନାଓବି ସିଂ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ ବ୍ରୋଞ୍ଜ)ଙ୍କୁ ୪୦,୦୦୦ ଲେଖାଏ, ପୁଖରାମବାମ ରୋଜି ଦେବୀ (୧ ସ୍ୱର୍ଣ୍ଣ, ୨ ରୌପ୍ୟ) ଓ ଶ୍ରୁତି ଚୋଗୁଲେ (୧ ସ୍ୱର୍ଣ୍ଣ, ୨ ରୌପ୍ୟ)ଙ୍କୁ ୩୫,୦୦୦ ଟଙ୍କା ଲେଖାଏ ଦିଆ ଯାଇଥିଲା। ସେହିପରି ୩ ପଦକ ଜିତିଥିବା ଫଇରେମବାମ୍ ବୋରିଶ ସିଂଙ୍କୁ ୩୦,୦୦୦, ଥୋଙ୍ଗାମ୍, ମୋନୋତା ସିଂ, ସଲାମ ଅର୍ଶୀ ଦେବୀ ଓ ଲୈଶରାମ ବୋରିଶ ସିଂଙ୍କୁ ୨୫,୦୦୦ ଟଙ୍କା ଲେଖାଏ, ମଧୁସ୍ମିତା ନାୟକଙ୍କୁ ୧୫,୦୦୦, ଇଲିନ ଆଲରିକା ଟପ୍ପୋ ଓ ମୋଇରାଙ୍ଗଥେମ୍ ଜାବେଜ ମୋଇତେଇଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

ନିକଟରେ ଥାଇଲାଣ୍ଡରେ ଶେଷ ହୋଇଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ (ପୂର୍ବରୁ ଆଇଡବ୍ଲ୍ୟୁଏଏସ୍ ୱାର୍ଲ୍ଡ ଗେମ୍ସରେ ନାମରେ ପରିଚିତ ଥିଲା) ୨୦୨୩ରେ ପଦକ ଜିତିଥିବା ପାରା ଆଥଲେଟ୍ ସୁଚିତ୍ରା ପରିଡ଼ାଙ୍କୁ ୩୪ ଲକ୍ଷ, ଜୟନ୍ତି ବେହେରାଙ୍କୁ ୩୦ ଲକ୍ଷ ଓ ସ୍ୱାଧୀନ ମେହେରଙ୍କୁ ୧୪ ଲକ୍ଷ ଟଙ୍କା ଦିଆ ଯାଇଥିଲା। ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଦୀପ୍ ରଞ୍ଜନ ବିଶୋୟୀଙ୍କୁ ୧୮ ଲକ୍ଷ ଏବଂ ଶୁଭ୍ରଜିତ ମହାରଣାଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଜି. ଦିଲେଶ୍ୱର ରାଓ, ନୁରୁଲ ହୋସେନ ଖାଁ, ରାଖାଏ କୁମାର ସେଠି, ଭି. ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ପୂଜାସ୍ୱିନୀ ନାୟକ, ଶୀଲା ମନ୍ତ୍ରୀ, ପବିତ୍ର ସାହୁ ଓ ମାଳତୀ ପାନାଉରେଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯାଇଛି।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିଙ୍କ ସହ ଆର୍ଥିକ ପ୍ରୋତ୍ସାହନରେ ସମ୍ମାନିତ ଓଡ଼ିଶା ପାରା ଆଥଲେଟ୍।



ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ସେଥୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଅଷ୍ଟ୍ରେଲିଆ ନଂ.୧

**ଦୁବାଇ, ୫ା୧(ପି.ଟି.)**

କେପ୍‌ଟାଉନଠାରେ ୭ ଉଇକେଟରେ ବିଜୟ ଲାଭ କରି ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ଡ୍ର ରଖିଥିଲେ ସୁଦ୍ଧା ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତକୁ ହଟାଇ ଅଷ୍ଟ୍ରେଲିଆ ନମ୍ବର ୱାନ ସ୍ଥାନ ଦଖଲ କରିନେଇଛି। ନ୍ୟୁ ଲାଣ୍ଡ୍ସରେ ବିଜୟ ଦ୍ୱାରା ୪ଟି ଟେଷ୍ଟ ମ୍ୟାଚରୁ ଦୁଇ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର'ରୁ ୫୪.୧୬ ପ୍ରତିଶତ ପଏଣ୍ଟ ଅର୍ଜନ କରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି।

# ଓଡ଼ିଶା ଏଫ୍‌ସିର ଅପରାଜେୟ ଧାରା ଜାରି

**ଭୁବନେଶ୍ୱର, ୫ା୧ (ତପନ ସ୍ୱାଇଁ)**

**ଇଣ୍ଡିଆନ ଓମେନ୍ସ ଲିଗ୍**

ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଅପରାଜେୟ ଧାରା ଜାରିରହିଛି। ନୂଆବର୍ଷରେ ଶୁକ୍ରବାର ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଏହି ଦଳ ୧-୦ ଗୋଲରେ ସେଥୁ ଏଫ୍‌ସିକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସିର ଏହା କ୍ରମାଗତ ତୃତୀୟ ବିଜୟ। ୩ ମ୍ୟାଚରୁ ୯ ପଏଣ୍ଟ ପାଇ ଓଡ଼ିଶାଭିତ୍ତିକ ଏହି ଦଳ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନରେ ରହିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପର୍ଯ୍ୟନ୍ତ ୭ଟି ଗୋଲ ଦେଇଥିବାବେଳେ ଗୋଟିଏ ହେଲେ ବରଣ କରିନାହିଁ। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ହାତଛଡ଼ା କରିବାରୁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ୬୦ତମ ମିନିଟରେ ଅସ୍ତମଙ୍କ ଚମତ୍କାର କ୍ରସ୍ ପାସ୍‌କୁ ବକ୍ସ ମଧ୍ୟରେ ଥିବା ପ୍ୟାରୀ ଖାଖା ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ୬୬ତମ ମିନିଟରେ ଦଳକୁ ଏକ ପେନାଲ୍ଟି ସୁଯୋଗ ମିଳିଥିଲା। ଇନ୍ଦୁମତୀ କାଥିରେସନ ଧୈର୍ଯ୍ୟପୂର୍ଣ୍ଣଭାବେ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ୭୭ତମ ମିନିଟରେ ସେଥୁ ପକ୍ଷରୁ ଗୋଲ ପରିଶୋଧର ସୁଯୋଗ ଆସିଥିଲା। ମାତ୍ର ଶ୍ରେୟାଙ୍କ ଚମତ୍କାର ସେଭ୍ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଶେଷରେ ଇନ୍ଦୁମତୀଙ୍କ ଗୋଲ ହିଁ ନିର୍ଣ୍ଣାୟକ ହୋଇଥିଲା। ଆସନ୍ତା ୧୦ ତାରିଖରେ ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ହୋପ୍ସ ଏଫ୍‌ସି ବିପକ୍ଷରେ ଖେଳିବ। ଭୁବନେଶ୍ୱରରେ ଏହି ମ୍ୟାଚ ଅନୁଷ୍ଠିତ ହେବ।

# ମିତେଶ-ଅତୀତଙ୍କ ଭାଗୀଦାରିରେ ଓଡ଼ିଶା ନିରାଶ

**ଭୁବନେଶ୍ୱର, ୫ା୧ (ତପନ ସ୍ୱାଇଁ)**

**ରଣଜୀ ଟ୍ରଫି**

ଭଦୋଦରାର ମୋତିବାଗ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ମଧ୍ୟରେ ଚଳିତ ରଣଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚ ଶୁକ୍ରବାର ଆରମ୍ଭ ହୋଇଛି। ଜ୍ୟୋସ୍ନିଲ ସିଂଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ବରୋଦା ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ଅସମାପ୍ତ ୭ମ ଉଇକେଟରେ ଉଇକେଟ କିପର ମିତେଶ ପଟେଲ ଓ ଅତୀତ ଶେଠ୍‌ଙ୍କ ଶତକୀୟ ଭାଗୀଦାରି ଓଡ଼ିଶା ବୋଲରଙ୍କୁ ନିରାଶ କରିଛି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ବରୋଦା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୩୨୨ ରନ କରିଛି। ଏହି ମ୍ୟାଚରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି।

ଟସ୍ ଜିତି ଓଡ଼ିଶା ଅଧିନାୟକ ଶାନ୍ତନୁ ମିଶ୍ର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ନିଜର ପ୍ରଥମ ଏବଂ ମ୍ୟାଚର ଦ୍ୱିତୀୟ ଓଭରର ୫ମ ବଲ୍‌ରେ ଓପନର କିନିତ ପଟେଲଙ୍କୁ ଆଉଟ କରି ବରୋଦାକୁ ପ୍ରଥମ ଝଟ୍‌କା ଦେଇଥିଲେ ସୂର୍ଯ୍ୟକାନ୍ତ ପ୍ରଧାନ। ଅନ୍ୟତମ ଓପନର ଜ୍ୟୋସ୍ନିଲ ସିଂ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଅନ୍ୟପଟରେ ଶାଶ୍ୱତ ରାୱତ (୧୭), ଅଧିନାୟକ ବିଷ୍ଣୁ ସୋଲାଙ୍କି (୧୮) ଓ ଅଭିମନ୍ୟୁ ସିଂ ରାଜପୁତ (୯) ଶୀଘ୍ର ଆଉଟ ହୋଇ ଯାଇଥିଲେ। ଶାଶ୍ୱତଙ୍କୁ ରାଜେଶ ମହାନ୍ତି ଆଉଟ କରିଥିବାବେଳେ ଅଭିମନ୍ୟୁଙ୍କ ଉଇକେଟ ନେଇଥିଲେ ଦେବବ୍ରତ ପ୍ରଧାନ। ବିଷ୍ଣୁ ରନ୍‌ଆଉଟ ହୋଇଥିଲେ। ୬ ନମ୍ବର ବ୍ୟାଟର ନିନାଦ ରଥଭା ଅର୍ଦ୍ଧଶତକ ହାସଲଠାରୁ ୨ ରନ ଦୂରରେ ଥାଇ ୪୮ ରନକରି ଗୋବିନ୍ଦ ପୋଦ୍ଦାରଙ୍କ ଶିକାର ହୋଇଥିଲେ। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଶତକ ଆଡ଼କୁ ଅଗ୍ରସର ହେଉଥିବା ଜ୍ୟୋସ୍ନିଲଙ୍କୁ ଆଶୀର୍ବାଦଙ୍କ ହାତରେ କ୍ୟାଚ କରାଇ ଓଡ଼ିଶାକୁ ବଡ଼ ସଫଳତା ଦେଇଥିଲେ ଜୟନ୍ତ ବେହେରା। ଫଳରେ ବରୋଦା ସ୍କୋର ୬୪.୨ ଓଭର ବେଳକୁ ୨୧୦/୬ ହୋଇ ଯାଇଥିଲା। ଜ୍ୟୋସ୍ନିଲ ୧୪୩ ବଲ୍‌ରୁ ୭୩ (୯ ଚୌକା, ୧ ଛକା) ରନ କରିଥିଲେ। ଏପରି ସ୍ଥିତିରେ ଓଡ଼ିଶା ବୋଲରମାନେ ବରୋଦା ପ୍ରଥମ ଇନିଂସକୁ ୩୦୦ ରନ ମଧ୍ୟରେ ସୀମିତ ରଖିବେ ବୋଲି ଆକଳନ କରାଯାଉଥିଲା। ମାତ୍ର ଏହାକୁ ଭୁଲ ବୋଲି ପ୍ରମାଣିତ କରିଥିଲେ ମିତେଶ ଓ ଅତୀତ। ଦୁହେଁ ଦୃଢ଼ ବ୍ୟାଟିଂ ଜାରି ରଖି ଅସମାପ୍ତ ୭ମ ଉଇକେଟରେ ୧୧୨ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ହତାଶ କରିଥିଲେ। ମିତେଶ ୧୨୧ ବଲ୍‌ରୁ ୯୪ (୧୨ ଚୌକା, ୧ ଛକା) ରନରେ ଅପରାଜିତ ରହି ଶତକର ନିକଟତର ହୋଇଥିବାବେଳେ ଅତୀତ ୭୫ ବଲ୍‌ରୁ ୫୬ ରନରେ ନଟ୍‌ଆଉଟ ରହିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ଜୟନ୍ତ ବେହେରା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବରୋଦାର କିନିତ ପଟେଲ ମଧ୍ୟ ଏହି ମ୍ୟାଚରେ ପ୍ରଥମ ଶ୍ରେଣୀ କ୍ରିକେଟ ଡେବ୍ୟୁ କରିଥିଲେ।



ଆଶୀର୍ବାଦ ସ୍ୱାଇଁଙ୍କୁ କ୍ୟାପ ପ୍ରଦାନ କରୁଛନ୍ତି ଦୀନେଶ ମୋଙ୍ଗିଆ।

**ସଂକ୍ଷିପ୍ତ ସ୍କୋର**

ବରୋଦା ପ୍ରଥମ ଇନିଂସ (୮୮ ଓଭରରେ): ୩୨୨/୬ (ମିତେଶ ପଟେଲ-୯୪*, ଜ୍ୟୋସ୍ନିଲ ସିଂ-୭୩, ଅତୀତ ଶେଠ୍-୫୬*, ନିନାଦ ରଥଭା-୪୮, ରାଜେଶ ମହାନ୍ତି-୧/୫୬, ସୂର୍ଯ୍ୟକାନ୍ତ ପ୍ରଧାନ-୧/୭୫, ଦେବବ୍ରତ ପ୍ରଧାନ-୧/୪୮, ଜୟନ୍ତ ବେହେରା-୧/୮୮, ଗୋବିନ୍ଦ ପୋଦ୍ଦାର-୧/୫୦)।

# ମୁଣ୍ଡରେ ଆଘାତ ପରେ ହାର୍ପର ହସ୍ପିଟାଲରେ

**ମେଲବୋର୍ନ,୫ା୧(ପି.ଟି.):** ବିଗ୍ ବାଶ୍ ଲିଗ୍(ବିବିଏଲ୍) ଦଳର ଷ୍ଟାର ଉଇକେଟକିପର ସାମ୍ ହାର୍ପର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଏକ ଟ୍ରେନିଂ ସେସନ ବେଳେ ନେଟ୍ସରେ ବ୍ୟାଟିଂ କରୁଥିବା ବେଳେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ୨୭ବର୍ଷୀୟ କ୍ରିକେଟରଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆଗକୁ ତାଙ୍କ ଦଳର ସିଡ୍‌ନୀ ସିକ୍ସର୍ସ ବିପକ୍ଷ ମ୍ୟାଚ ପୂର୍ବରୁ ସେ ଅଭ୍ୟାସ କରୁଥିଲେ। ଏହି ଘଟଣା ପରେ ମେଲବୋର୍ନ ଷ୍ଟାର ତୁରନ୍ତ ଟ୍ରେନିଂ ସେସନକୁ ବନ୍ଦ କରିଦେଇଥିଲା। ସୂଚନାଯୋଗ୍ୟ, ହାର୍ପର ୨୦୨୦ ଜାନୁଆରୀରେ ବିବିଏଲ୍‌ର ଏକ ମ୍ୟାଚ ଖେଳୁଥିବା ସମୟରେ ହୋବାର୍ଟ ହରିକେନ୍ସର ନାଥାନ ଏଲିସଙ୍କ ସହ ଧକ୍କା ହେବାରୁ ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଥିଲା।

# ସେମିଫାଇନାଲରେ ତେଲୁଗୁ ଯୋଦ୍ଧାସ୍

**ଭୁବନେଶ୍ୱର, ୫ା୧ (ତପନ ସ୍ୱାଇଁ)**

**ଅଲ୍‌ଟିମେଟ ଖୋ ଖୋ**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ୩୮-୩୦ ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରିଛି। ଏଥିସହ ପ୍ରଥମ ଦଳଭାବେ ଯୋଦ୍ଧାସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦଳ ପକ୍ଷରୁ ରାହୁଲ ମଣ୍ଡଳ ସର୍ବାଧିକ ୧୦ ପଏଣ୍ଟ ହାସଲ କରିଥିଲେ। ଟର୍ନ ୩ରେ ଏକାଧିକ ଡ୍ରିମ୍ ରନ୍ ପଏଣ୍ଟ ପାଇଥିଲେ ହେଁ ଚେନ୍ନାଇ କୁଇକ୍ ଗନ୍ସ ଅନ୍ତିମ ଟର୍ନ ବେଳକୁ ୨୩ ପଏଣ୍ଟ ପଛରେ ରହିଥିଲା। ଏହି ପର୍ଯ୍ୟାୟରେ ତେଲୁଗୁ ଯୋଦ୍ଧାସ ଖେଳାଳି ଚମତ୍କାର ଡିଫେଣ୍ଡ କରି ମ୍ୟାଚ ଜିତିଥିଲା। ୮ ମ୍ୟାଚରୁ ୬ ବିଜୟ ସହ ତେଲୁଗୁ ଯୋଦ୍ଧାସ ୧୮ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଚେନ୍ନାଇ ୭ ମ୍ୟାଚରୁ ୧୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଶନିବାର ଗୁଜରାଟ ଜାଏଣ୍ଟ୍ସ ଓ ଓଡ଼ିଶା ଜଗରନଟ୍ସ ଏବଂ ଚେନ୍ନାଇ କୁଇକ୍ ଗନ୍ସ ଓ ମୁମ୍ବାଇ ଖିଲାଡିଜ୍ ମଧ୍ୟରେ ମୁକାବିଲା ହେବ।



ଶୁକ୍ରବାର ତେଲୁଗୁ ଯୋଦ୍ଧାସ୍ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ଖୋ ଖୋ ମ୍ୟାଚର ଏକ ରୋମାଞ୍ଚକ ମୁହୂର୍ତ୍ତ।



# କରିନାଙ୍କ କନ୍ନଡ ଡେବ୍ୟୁ

**ମୁମ୍ବାଇ:** କେଜିଏଫ୍ ଚାପ୍ଟର-୨ ପରେ ଏବେ ଯଶ୍‌ଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରକୁ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ନୂଆବର୍ଷ ଆରମ୍ଭ ପୂର୍ବରୁ ଯଶ୍ ତାଙ୍କର ପରବର୍ତ୍ତୀ ଫିଲ୍ମର ନାମ ଘୋଷଣା କରିଥିଲେ। ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଟକ୍ସିକ୍' କେଜିଏଫ୍ ଭଳି ବ୍ଲକବଷ୍ଟର ହେବ ବୋଲି ଆଲୋଚନା ହେଉଛି। ତେବେ ଏନେଇ ଆଉ ଏକ ଖବର ସାମ୍ନାକୁ ଆସିଛି। ଅଭିନେତ୍ରୀ କରିନା କପୁର ଖାନ୍ ଟକ୍ସିକ୍ ଜରିଆରେ କନ୍ନଡ ଫିଲ୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ତେବେ କରିନା ପ୍ରଥମ କରି ଯଶ୍‌ଙ୍କ ସହିତ ସ୍କ୍ରିନ ଶେୟାର କରିବେ। ତାଙ୍କୁ ମୁଭିରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହା ପୂର୍ବରୁ ସେ କୌଣସି ସାଉଥ୍ ଫିଲ୍ମରେ କାମ କରିନାହାନ୍ତି। ନିର୍ମାତା କରିନାଙ୍କୁ ଏହି ଫିଲ୍ମ ପାଇଁ ପ୍ରସ୍ତାବ ଦେଇଛନ୍ତି। କରିନା ୨୦୦୦ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମରେ ତାଙ୍କ ଅଭିନୟରେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଶେଷଥର ପାଇଁ ତାଙ୍କୁ 'ଦି ବକିଙ୍ଗହାମ୍ ମର୍ଡର୍ସ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ପାଖରେ ଦୁଇଟି ମୁଭି ରହିଛି।

## ନୂଆବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ବିରିୟାନି ଅର୍ଡର



**ନୂଆଦିଲ୍ଲୀ:** ଖାଦ୍ୟର ରୁଚି କାହାକୁ ବା ନ ଥାଏ। ଅଧିକାଂଶ ସମୟରେ ଲୋକେ ବାହାରୁ ଖାଦ୍ୟ ଅର୍ଡର କରିବାକୁ ପସନ୍ଦ କରିଥାନ୍ତି। ଫାଷ୍ଟଫୁଡ୍ ଭାବେ ଲୋକେ ପିଜ୍ଜା, ବର୍ଗର, ପାସ୍ତା, ନୁଡୁଲ୍ସ ଆଦି ଖାଦ୍ୟକୁ ବହୁ ମାତ୍ରାରେ ଖାଇଥାନ୍ତି। ଅନେକ ଲୋକଙ୍କ ମଧ୍ୟରେ ବିରିୟାନି ପ୍ରତି କ୍ରେଜ୍ ଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ନିକଟରେ ଫୁଡ୍ ଡେଲିଭରି ସଂସ୍ଥା ଜୋମାଟୋ ନୂଆବର୍ଷ ଅବସରରେ ଅର୍ଡର ହୋଇଥିବା ଖାଦ୍ୟର ଏକ ବିବରଣୀ ପ୍ରକାଶ କରିଛି। ଜୋମାଟୋ ଏନେଇ ଏକ ଗ୍ରାଫ୍ ଶେୟାର କରିଛି। ଯେଉଁଥିରେ ଦର୍ଶାଯାଇଛି ଯେ, ନୂଆବର୍ଷ ଅବସରରେ ସାରା ଦେଶରେ ଲୋକେ କିପରି ବିରିୟାନିକୁ ଅଧିକ ବରାଦ କରିଛନ୍ତି। ନୂଆବର୍ଷରେ ଜୋମାଟୋ ଏବଂ ସ୍ୱିଗିରୁ ମୋଟ ୫ ଲକ୍ଷରୁ ଊର୍ଦ୍ଧ୍ୱ 'ବିରିୟାନି' ଅର୍ଡର କରିଥିବା ଜଣାପଡ଼ିଛି।

# ସମୃଦ୍ଧ ପୃଥିବୀ ଲକ୍ଷ୍ୟ ଅପରିହାର୍ଯ୍ୟ

## ବିଶ୍ୱ ଯୁଦ୍ଧ ଅନାଥ ଦିବସ



ସମୃଦ୍ଧ ପୃଥିବୀ ପାଇଁ ଯୁଦ୍ଧ ନୁହେଁ ଶାନ୍ତି ହିଁ ଅପରିହାର୍ଯ୍ୟ। କାରଣ ଶାନ୍ତି ଏବଂ ସହନଶୀଳତା ଦ୍ୱାରା ବିକାଶର ଲକ୍ଷ୍ୟ ହାସଲ କରିବା ସହଜ ହୋଇଥାଏ। ବିଶ୍ୱ ଶାନ୍ତି ସମ୍ପର୍କରେ ସଚେତନତା ଏବଂ ଯୁଦ୍ଧ ଦ୍ୱାରା ସୃଷ୍ଟି ହେଉଥିବା ବିଭୀଷିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୬ରେ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳନ କରାଯାଇଥାଏ। ଯୁଦ୍ଧ ଅନାଥ ଅର୍ଥ ହେଉଛନ୍ତି ସୈନିକଙ୍କ ସନ୍ତାନ, ଯେଉଁମାନଙ୍କର ପିତାଙ୍କର ମୃତ୍ୟୁ ସଶସ୍ତ୍ର ବାହିନୀରେ ଡ୍ୟୁଟି ସମୟରେ ଘଟିଛି। ଯୁଦ୍ଧ ଯୋଗୁ ଅନାଥ ହୋଇଯାଇଥିବା ପିଲାମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି ଦିବସର ମୁଖ୍ୟ ଲକ୍ଷ୍ୟ ଧାର୍ଯ୍ୟ। ଯୁଦ୍ଧ ଅନାଥ ପିଲାମାନଙ୍କ ଜୀବନଧାରଣ ଅବସ୍ଥାକୁ ସ୍ୱାଭାବିକ ଭାବେ ସୁନିଶ୍ଚିତ କରିବା ଏବଂ ଏଭଳି ପିଲାମାନେ ସମ୍ମୁଖୀନ ହେଉଥିବା ଭାବପ୍ରବଣ, ସାମାଜିକ ଏବଂ ଶାରୀରିକ ଆହ୍ୱାନର ସମାଧାନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଯୁଦ୍ଧ ଅନାଥ ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ବୁଢ଼ାବାପା ବୁଢ଼ୀମା, ଜେଜେବାପା ଜେଜେମା ଅବା ପରିବାରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ପ୍ରାୟତଃ ପ୍ରତିପାଳିତ ହୋଇଥାନ୍ତି। ଏଭଳି ଅନାଥ ପିଲାଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ବୟସ ୧୮ ବର୍ଷରୁ କମ।

ଏହି ଦିବସ ଅବସରରେ ପୃଥିବୀରେ ଯୁଦ୍ଧ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ। ବିକଶିତ ଦେଶମାନଙ୍କରେ ଅନାଥମାନଙ୍କ ସଂଖ୍ୟା ଅପେକ୍ଷାକୃତ କମ ରହିଛି। ଜାତିସଂଘ ରିପୋର୍ଟ ଅନୁସାରେ ୨୦୧୫ରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ପ୍ରାୟ ୧୪୦ ନିୟୁତ ଥିଲା। ସେଥିମଧ୍ୟରେ ଏସିଆରେ ୬୧ ନିୟୁତ, ଆଫ୍ରିକାରେ ୫୨ ନିୟୁତ, ଲାଟିନ ଆମେରିକା ଏବଂ କାରିବିଆନରେ ୧୦ ନିୟୁତ, ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୭.୩ ନିୟୁତ ଯୁଦ୍ଧ ଅନାଥ ଥିଲେ। ୟୁନିସେଫ ଅନୁଯାୟୀ, ୧୯୯୦ଠାରୁ ଯୁଦ୍ଧ ଅନାଥ ପିଲାମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ୨୦୦୧ଠାରୁ ଏହା ୦.୭ ପ୍ରତିଶତ ହାରରେ କମିବାରେ ଲାଗିଛି। ରୁଷିଆ-ୟୁକ୍ରେନ ମଧ୍ୟରେ ଜାରି ରହିଥିବା ବିବାଦ ମଧ୍ୟରେ ଏଭଳି ଅନାଥଙ୍କ ସଂଖ୍ୟା ବୃଦ୍ଧି ହେବାର ଆଶଙ୍କା ବଢ଼ିବାରେ ଲାଗିଛି।

# ୨୩୧ ବର୍ଷର ପୁରୁଣା ଥିଏଟର

**ରୋମ୍:** ଇଟାଲିର ବୋନିସରେ ଅବସ୍ଥିତ ଟିଟ୍ରୋ ଲା ଫେନିସ୍ ଏକ ପ୍ରସିଦ୍ଧ ଥିଏଟର ଏବଂ ଅପେରା, ଯାହା ପ୍ରାୟ ୨୩୧ ବର୍ଷର ପୁରୁଣା। ଏହି ଥିଏଟର ଏତେ ସୁନ୍ଦର ଯେ ଏହା ଆଗରେ ସିନେମା ଘର ମଧ୍ୟ ଫିକା ପଡ଼ିଯିବ। ଯେତେବେଳେ ଲୋକେ ଏଠାକୁ ଶୋ' ଦେଖିବାକୁ ଆସନ୍ତି, ସେତେବେଳେ ସେମାନେ ନିଜକୁ ଏକ ଯାଦୁଘରେ ଥିବା ଅନୁଭବ କରନ୍ତି। କାରଣ ଲୋକେ ଏହାର ଭବ୍ୟତା ଏବଂ ସଙ୍ଗୀତରେ ମୁଗ୍ଧ ହୋଇଯାଆନ୍ତି। ରିପୋର୍ଟ ମୁତାବକ, ଏହି ଥିଏଟର ୧୭୯୦ରୁ ୧୭୯୨ ମଧ୍ୟରେ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଇଁ ଖୋଲାଯାଇଥିଲା। ୧୮୩୬ରେ ଏହି ଥିଏଟରରେ ନିଆଁ ଲାଗି ଯାଇଥିଲା। ପୁଣି ଏହାକୁ ତା'ର ନିଜ ଡିଜାଇନରେ ପ୍ରସ୍ତୁତ କରାଗଲା। ପରେ ୧୯୯୬ରେ ହୋଇଥିବା ଅଗ୍ନିକାଣ୍ଡରେ ଏହା ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା। କିନ୍ତୁ ପରେ ୨୦୦୩ ଡିସେମ୍ବର ୧୭ରେ ମରାମତି କରାଯାଇ ଲୋକଙ୍କ ପାଇଁ ଏହାକୁ ଖୋଲି ଦିଆଗଲା। ଥିଏଟର ଏହି ଇଟାଲିଆନ୍ ନାମର ଅର୍ଥ 'ଦି ଫିନିକ୍ସ ଥିଏଟର'; ଯାହା ପୌରାଣିକ ପକ୍ଷୀରୁ ଆସିଛି, ଯେଉଁମାନେ ନିଆଁରେ ଜଳି ମରିଯାଆନ୍ତି। ପରେ ସେମାନେ ପୁନର୍ଜନ୍ମ ନିଅନ୍ତି। ଏଥିପାଇଁ ଏହି ଥିଏଟର ୨ ଥର ଜଳି ମଧ୍ୟ ପୁନର୍ଜନ୍ମ ପାଇଥିବା କୁହାଯାଉଛି। ବର୍ତ୍ତମାନ ମଧ୍ୟ ଏହି ଥିଏଟର ଶାସ୍ତ୍ରୀୟ ସଙ୍ଗୀତ ଶୋ' ପାଇଁ ବିଶ୍ୱରେ ଶୀର୍ଷରେ ରହିଛି। ଥିଏଟରରେ ଇତିହାସର କିଛି ମହାନ୍ କଳାକାର ଏବଂ ସଙ୍ଗୀତକାର ନିଜ ଶୋ' କରିଛନ୍ତି। ଏଥିରେ ମୋଟ ୧,୧୨୬ ଲୋକ ବସିପାରିବେ। ପ୍ରତିବର୍ଷ ଏଥିରେ ଶହେରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।



N·S·D·C
RE IMAGINE FUTURE

**ସର୍ବସାଧାରଣ ବିଜ୍ଞପ୍ତି**

ଆମ ଜ୍ଞାତସାରକୁ ଏହା ଆସିଛି ଯେ କେତେକ ଅସାଧୁ ପ୍ରକୃତିର ବ୍ୟକ୍ତିବିଶେଷ ଏବଂ ସଙ୍ଗଠନ ଏନ୍‌ଏସ୍‌ଡିସି (ଜାତୀୟ କୌଶଳ ବିକାଶ ନିଗମ) ବା ଏନ୍‌ଏସ୍‌ଡିସି ଇଣ୍ଟରନ୍ୟାସନାଲ୍‌ର ପ୍ରତିନିଧିତ୍ୱ କରିବାର ମିଥ୍ୟା ଛଳନା କରି ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ଠକିବାର ପ୍ରଚେଷ୍ଟା କରୁଛନ୍ତି ଏବଂ ଇସ୍ରାଏଲରେ ଅନ୍ତର୍ଜାତୀୟ କର୍ମନିଯୁକ୍ତି ଦେବାର ଆଳ ଦେଖାଇ ସେମାନଙ୍କଠାରୁ ନିଯୁକ୍ତି ଦେୟ ଦାବି କରୁଛନ୍ତି।

ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଏନ୍‌ଏସ୍‌ଡିସି କିମ୍ବା ଏନ୍‌ଏସ୍‌ଡିସି ଇଣ୍ଟରନ୍ୟାସନାଲ୍ ଏହା ତରଫରୁ କୌଣସି ପ୍ରକାର ନିଯୁକ୍ତି ପାଇଁ କୌଣସି ପ୍ରକାର ଦେୟ ଆଦାୟ କରିବା ଲାଗି କାହାରିକୁ ଅଧିକୃତ କରିନାହିଁ। ଏନ୍‌ଏସ୍‌ଡିସି ଏବଂ ଏହାର ଅଧୀନସ୍ଥ ସଂସ୍ଥାଗୁଡ଼ିକ ପୂର୍ଣ୍ଣ ପାରଦର୍ଶିତା ସହ କାର୍ଯ୍ୟ କରିଥାନ୍ତି ଏବଂ ସମସ୍ତ ନୈତିକ କାର୍ଯ୍ୟାଭ୍ୟାସକୁ ଅନୁସରଣ କରିଥାନ୍ତି।

ସମସ୍ତ ଆଶାୟୀ ପ୍ରାର୍ଥୀ ଠକାମିପୂର୍ଣ୍ଣ ଯୋଜନା ସମ୍ପର୍କରେ ସଚେତନ ରହିବା, ସତର୍କତା ଅବଲମ୍ବନ କରିବା ଏବଂ ଏଭଳି ଠକାମିର ଶିକାର ହେବାରୁ ନିଜକୁ ସୁରକ୍ଷିତ ରଖିବା ଜରୁରୀ।

CBC 63113/12/0005/2324

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଡ୍ରାଇଭର/ପିଅନ
ଆବଶ୍ୟକ। ମାଗଣା ରହିବା ଖାଇବା ସହିତ ଦରମା।
ଯୋଗାଯୋଗ: 7008432414

ଭୁବନେଶ୍ୱର ସ୍ଥିତ
PETROL PUMP ରେ
ତେଲ ପକାଇବା ନିମନ୍ତେ
ପ୍ରାର୍ଥୀ ଆବଶ୍ୟକ।
ମାସିକ ଦରମା: ୧୩୦୦୦, ବୟସ: ୨୨ ରୁ ୪୫ ବର୍ଷ
ମୋବାଇଲ ନଂ-
9861925500

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli,
Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**NEEDS MEDICAL PROFESSIONALS**

**National Aluminium Company Limited (NALCO),** the Navratna PSU is one of the largest integrated Alumina-Aluminium complexes in Asia with its Corporate Office at Bhubaneswar, Odisha. The company is looking for Medical professionals for its production units / offices in different locations, as per the details below:

| Name of the Post / Grade | Total no. of Posts* |
|---|---|
| Specialist /E02 grade (Orthopedic:01, Pediatric:02, Radiology:01) | 04 (UR-01, OBC (NCL)01, EWS-01, SC-01) |
| Specialist/E03 grade (Orthopedic:01, Pediatric:02, Radiology:01, Medicine :01, Ophthalmology:01) | 06 (UR-03, OBC(NCL)-02, EWS-01) |

**Important Dates :**

| | |
|---|---|
| Opening of online Submission of application | 18/12/2023 (10:00 AM) |
| Last date of Submission of online application | 16/01/2024 (06:00 AM) |

For details and to apply online please visit the Career Section of Company's website at **www.nalcoindia.com**

**Advt. No. 10230401** **Date: 12/12/2023**

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

Advt. No. 11/2023 Date: 20/12/2023

Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise having Ispat General Hospital (IGH) with 600 beds and Health Centres at Rourkela, Occupation Health Centre inside the Plant and 03 Medical Units at different Mines at Bolani, Barsuan & Kalta under Odisha Group of Mines (OGoM). Rourkela Steel Plant, as a part of its continuous commitment and effort to improve the quality of life of its employees needs following professionals to strengthen the existing team in its Hospitals at Rourkela and OGoM.

| Post | Vacancy | SC | ST | OBC | EWS | UR | Disability Category to be considered |
|---|---|---|---|---|---|---|---|
| Medical Officer (E-1) | 05 (IGH-04 & OGoM-01) | 01 | -- | 01 | -- | 03 | OH-OA/OH-OL |
| Dy. Manager (Bio-Medical) | 01 | -- | -- | -- | -- | 01 | -- |

For full details of the Advertisement, please visit SAIL website www.sail.co.in at the link "Careers". Eligible and interested candidates would be required to apply online only through SAIL's website www.sail.co.in at the link "Careers" or www.sailcareers.com. No other mode of application shall be accepted.
• Starting date for submitting applications: **23/12/2023**
• Closing date for submitting applications: **20/01/2024**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ରାଜ୍ୟ ଖବର

# ୧୪୦୦ କୋଟିର କୃଷି ଯନ୍ତ୍ରପାତି ବିକ୍ରି ଆଶା ଅଛି: ମନ୍ତ୍ରୀ

**ଭୁବନେଶ୍ୱର, ୫।୧ (ସୁନିତ୍ ମିଶ୍ର)**

ଉପକରଣର ବହୁଳ ବ୍ୟବହାର ଦିଗରେ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ୨୦୨୨-୨୩ରେ ରାଜ୍ୟରେ ମୋଟ ୮୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇ ଏ ଦିଗରେ ୨୯୬.୬୮ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଥିଲା। ୨୦୨୩-୨୪ରେ ଚାଷୀଙ୍କ ଦ୍ୱାରା ଅଗ୍ରିମ ବୁକିଂ ଏବଂ ପରମିଟ୍ ପ୍ରଦାନ ଦୃଷ୍ଟିରୁ ୧୪୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ଓ ରିହାତି ରାଶି ୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବାର ଆଶା ରହିଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟ ସରକାର କୃଷକଙ୍କୁ ଉନ୍ନତ କୃଷି ଯନ୍ତ୍ରପାତି ଓ ଉପକରଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଆକର୍ଷଣୀୟ ରିହାତିର ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। କ୍ଷେତ୍ରସ୍ତରରେ କୃଷକମାନଙ୍କୁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ୨୦୨୨-୨୩ରେ ୪ ଗୋଟି ଆଞ୍ଚଳିକ କୃଷିମେଳା ସମେତ ୨୬ ଜିଲାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟ, ଜିଲାସ୍ତରୀୟ ମେଳାର ଆୟୋଜନ ପୂର୍ବରୁ ଯନ୍ତ୍ରପାତି କିଣିବା ବାବଦରେ କୃଷକ ହିତାଧିକାରୀଙ୍କୁ ମୋଟ ୧୦୦ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଥିଲା। କ୍ଷେତ୍ରସ୍ତରରେ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ଯୋଗୁ କୃଷକଙ୍କ ଉପରେ ସକାରାତ୍ମକ ପ୍ରଭାବରୁ ୨୦୨୨-୨୩ରେ ମୋଟ ୮୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ଓ ଉପକରଣ ବିକ୍ରି ହୋଇଥିଲା। ଏ ବାବଦରେ ଅଧିକ ୨୦୦ କୋଟି ଟଙ୍କାର ରିହାତି ରାଶି ସିଧାସଳଖ କୃଷକମାନଙ୍କୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା। ୨୦୨୨-୨୩ରେ ସମୁଦାୟ ୨୯୬ କୋଟି ୬୮ ଲକ୍ଷ ଟଙ୍କା ରିହାତି ରାଶି ପ୍ରଦାନ କରାଯାଇଥିବାବେଳେ ୨୦୨୩-୨୪ରେ ରାଜ୍ୟ ଯୋଜନାରେ ୪୧୨ କୋଟି ଟଙ୍କାର ରିହାତି ରାଶି ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ଛାତ୍ରାବାସରେ ଯୌନ ନିର୍ଯାତନା

## ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଥାନାରେ ଅଭିଯୋଗ

**କୁତ୍ରା, ୫।୧ (ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଗମାରଡିହୀ ଅଞ୍ଚଳରେ ଥିବା ଏକ ମିଶନ ବିଦ୍ୟାଳୟର ଛାତ୍ରାବାସରେ ଫାଦର ଯୌନ ନିର୍ଯାତନା ଦେଉଥିବା ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା କୁତ୍ରା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ କେସ୍ ନଂ ୨/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଛାତ୍ରାବାସରେ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ବିଶେଷ ସୂତ୍ରରୁ ଜିଲା ଶିଶୁ ମଙ୍ଗଳ କମିଟି ଖବର ପାଇ ଉକ୍ତ ଛାତ୍ରାବାସକୁ ଯାଇ ତଦନ୍ତ କରିଥିଲା। ଏନେଇ ସତ୍ୟାସତ୍ୟ ଜାଣିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲା। ଶୁକ୍ରବାର କୁତ୍ରା ଥାନାରେ ଡିସିପିଓଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ଛାତ୍ରାବାସର ୮ ଜଣ ଛାତ୍ରଙ୍କୁ ଡାକ୍ତରୀ ମାଇନା ପାଇଁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ଜଣାପଡିଛି। ଏନେଇ ଆଇଆଇସି ମନୋରଞ୍ଜନ ବିଶିଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ତଦନ୍ତ ଚାଲିଛି ବୋଲି ସେ କହିଥିଲେ।




ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ରେଳ ଲାଇନର
ନୂଆଗାଁ ରୋଡ୍-ଦଶପଲ୍ଲା ସେକ୍ସନ
ଓ
ଦଶପଲ୍ଲା ରେଳ ଷ୍ଟେସନ ଭବନର
ଉଦ୍‌ଘାଟନ
ଏବଂ
4ଟି ଟ୍ରେନ ସେବାକୁ ଦଶପଲ୍ଲା ପର୍ଯ୍ୟନ୍ତ ସଂପ୍ରସାରଣର
ଶୁଭାରମ୍ଭ

ସୁବିଧା
- ଦୁଇଟି ଲୁପ୍ ଲାଇନ୍ ସହିତ ତିନୋଟି ଲାଇନ ଷ୍ଟେସନ
- ପ୍ଲାଟଫର୍ମ ଆଶ୍ରୟସ୍ଥଳ ସହିତ ଦୁଇଟି ଉଚ୍ଚସ୍ତରୀୟ ପ୍ଲାଟଫର୍ମ
- ଉଭୟ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଫୁଟ୍ ଓଭର ବ୍ରିଜ
- ପାର୍କିଂ ସୁବିଧା ସହିତ ପରିଚଳନ କ୍ଷେତ୍ର
- ଏହି ଅଞ୍ଚଳର ଦୀର୍ଘ ଦିନର ସ୍ୱପ୍ନ ସାକାର ହେଲା
- ପୁରୀ, ଭୁବନେଶ୍ୱର ଏବଂ ଭଦ୍ରକ ସହିତ ସିଧାସଳଖ ଟ୍ରେନ୍ ସଂଯୋଗ
- ଦଶପଲ୍ଲା ସହିତ ସଂଯୋଗ ହେଉଥିବା ଉପାନ୍ତ ଅଞ୍ଚଳର ଲୋକମାନେ ଉପକୃତ ହେବେ
- ନିକଟସ୍ଥ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶକୁ ଗତି ପ୍ରଦାନ କରିବ

ଅଶ୍ୱିନୀ ବୈଷ୍ଣବ
ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଭାରତ ସରକାର
ଙ୍କ ଦ୍ୱାରା

ତାରିଖ : 6 ଜାନୁୟାରୀ, 2024 | ସମୟ : 0930 ଘଟିକା | ସ୍ଥାନ : ଦଶପଲ୍ଲା ରେଳ ଷ୍ଟେସନ
ସମସ୍ତଙ୍କୁ ସାଦର ଆମନ୍ତ୍ରଣ
D-20/23-24
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
Follow us on: www.facebook/@EASTCOASTRailway1 www.twitter.com/EastCoastRail www.instagram.com/cproecor

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


DSPL-512
ODISHA
INDIA'S BEST KEPT SECRET.
#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା
ନୂଆ- ଓ ଉତ୍ସବ, ବାଲେଶ୍ୱର
ସ୍ଥାନ : ପୋଲିସ୍ ପଡ଼ିଆ, ବାଲେଶ୍ୱର
ସମୟ : ପୂର୍ବାହ୍ନ ୧୦ ରୁ
୦୬ ଜାନୁଆରୀ, ୨୦୨୪
ଆମ ଓଡ଼ିଶା
ନବୀନ ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ
OIPR-29001/13/0149/2324


MARUTI SUZUKI ARENA
ନୂଆ ବର୍ଷର ଆରମ୍ଭ କରନ୍ତୁ,
ଗୋଟେ ଷ୍ଟାଇଲିଶ୍ ନୂଆ ଯାତ୍ରୀର ସହିତ!
ମାରୁତି ସୁଜୁକି ଏରିନା ଉପରେ ଆଜି ହିଁ ଆକର୍ଷଣୀୟ ଅଫର୍ସର ଆନନ୍ଦ ଉଠାନ୍ତୁ।
Happy New Year 2024
ବଡ ସଞ୍ଚୟ
ALTO K10 ₹49 000*
S-PRESSO ₹49 000*
WAGONR ₹39 000*
CELERIO ₹49 000*
100%** ON-ROAD FUNDING AVAILABLE
SCAN TO CHAT WITH US
ALTO K10 S-PRESSO WAGONR CELERIO
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
Black glass on the vehicle is due to lighting effect.
ORBIT MOTORS
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290. BONAIGARH: 6372903336.
SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.
ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.
APARNAA MOTORS
SAMBALPUR (PARDHIAPALI): 9237395001.
LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.
*Offer includes consumer offer, exchange bonus and institutional or rural offer. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31ST January 2024.